# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୮/୨୦୨୨ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 18/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୨୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-











## ସଂକ୍ଷେପରେ

### ମସ୍ତିଷ୍କ ସ୍କାନ୍ ପାଇଁ ଏସ୍‌ସିବିରେ ଜଗା

**କଟକ ଅଫିସ, ୧୭।୬:** କନ୍ଧମାଳ ଜିଲାର ଜଗା ଚିକିତ୍ସା ପାଇଁ ଗୁରୁବାର ରାତିରେ କଟକ ଏସ୍‌ସିବି ମେଡିକାଲକୁ ଆସିଛି। ତାଙ୍କ ମସ୍ତିଷ୍କ ସ୍କାନ୍ କରାଇବା ପାଇଁ ବାପା ଭୂୟାଁ କଅଁର ଏସ୍‌ସିବି ଆଣିଛନ୍ତି। ଜଗାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ତାଙ୍କୁ କାଜୁଆଲ୍‌ଟିର ଉପର ମହଲାରେ ରଖାଯାଇ ଚିକିତ୍ସା କରାଯାଉଥିବା ତାଙ୍କ ବାପା ସୂଚନା ଦେଇଛନ୍ତି। ୨୦୧୯ ସେପ୍ଟେମ୍ବର ୭ ତାରିଖରେ ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କୁ ଦିଲ୍ଲୀ ଏମ୍‌ସରୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ଚିକିତ୍ସା ଲାଗି ୧୪ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କାଳିଆଙ୍କ ମୃତ୍ୟୁ ଘଟିଥିଲା।

### ଗୁହାଳରେ ପୋତିଲେ ସ୍ତ୍ରୀଙ୍କ କଟାମୁଣ୍ଡ
#### ସ୍ୱାମୀଙ୍କ ବର୍ବରକାଣ୍ଡ

**ଠାକୁରମୁଣ୍ଡା,୧୭।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ହାତୀଗୋଡ଼ା ଗ୍ରାମରେ ଶୁକ୍ରବାର ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳହରୁ ଉତ୍‌କ୍ଷିପ୍ତ ସ୍ୱାମୀ ଏକ କଟୁରୀରେ ସ୍ତ୍ରୀଙ୍କ ବେକ କାଟି ଥାନାରେ ଆତ୍ମସମର୍ପଣ କରିଛନ୍ତି। ହତ୍ୟା ପରେ କଟାମୁଣ୍ଡକୁ ଛେଳି ଗୁହାଳରେ ପୋତି ଥିବା ବେଳେ ପୋଲିସ ପହଞ୍ଚି ତାହାକୁ ଜବତ କରିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୯ଟା ସମୟରେ ଗ୍ରାମର ରାଜେନ୍ଦ୍ର ମହାକୁଡ଼ ଓ ତାଙ୍କ ସ୍ତ୍ରୀ ପ୍ରତିମାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ରାଜେନ୍ଦ୍ର ଏକ କଟୁରୀରେ ପ୍ରତିମାଙ୍କ ବେକ କାଟି ଦେଇଥିଲେ। ପରେ କଟା ମୁଣ୍ଡକୁ ତାଙ୍କ ଛେଳି ଗୁହାଳରେ ମାଟି ଖୋଳି ପୋତି ଦେଇଥିଲେ। ଏହି ଘଟଣା ଦେଖି ତାଙ୍କର ଦୁଇ ଛୋଟ ଝିଅ ଭୟରେ ଘର ବାହାରକୁ ପଳାଇଥିଲେ। ଘର ଭିତରେ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ବେଳେ ରାଜେନ୍ଦ୍ର ଠାକୁରମୁଣ୍ଡା ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ପୋଲିସ ତାଙ୍କୁ ଅଟକ ରଖି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା (ନଂ.୫୫ /୨୨ ) ରୁଜୁ ହୋଇଛି।

### ପଣସ ଖାଇବାକୁ ଆସି ବୃଦ୍ଧଙ୍କୁ ଦଳି ଦେଲା ହାତୀ
#### ଘରୁ ୫୦ ମିଟର ଘୋଷାଡ଼ି ନେଲା

**ବିଶୋଇ/ରାଇରଙ୍ଗପୁର, ୧୭।୬ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମଣଦା ବନାଞ୍ଚଳ ଅଧୀନ ଖଡ଼ମବେଡ଼ା ପଞ୍ଚାୟତର ଦେଓପଟା ଗ୍ରାମରେ ପଣସ ଖାଇବାକୁ ଆସି ଏକ ହାତୀ ଜଣେ ବୃଦ୍ଧଙ୍କୁ ପାଦରେ ଦଳି ମାରି ଦେଇଛି। ମୃତ ବୃଦ୍ଧ ଜଣକ ହେଲେ ରତନ ସୋରେନ। ଗୁରୁବାର ରାତି ୯ଟା ସମୟରେ ଏକ ମାଈ ହାତୀ ଉକ୍ତ ଗ୍ରାମକୁ ପଣସ ଖାଇବାକୁ ଆସିଥିବାବେଳେ ରତନଙ୍କୁ ଆକ୍ରମଣ କରିଥିଲା। ଘରଠାରୁ ୫୦ ମିଟର ପର୍ଯ୍ୟନ୍ତ ତାଙ୍କୁ ଘୋଷାଡ଼ି ନେଇ ପାଦରେ ଦଳି ଦେଇଥିଲା। ରତନଙ୍କ ଚିତ୍କାର ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ଘଉଡ଼ାଇବାରୁ ହାତୀ ପଳାଇ ଯାଇଥିଲା। ପରେ ଗ୍ରାମବାସୀଙ୍କ ସହାୟତାରେ ରତନଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବିଶୋଇ ପୋଲିସ ଓ ବନବିଭାଗ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏନେଇ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୨) ରୁଜୁ ହୋଇଛି।

# ଅଗ୍ନିପଥକୁ ବିରୋଧ: ୬୦ କି.ମି. ଦୌଡ଼ିଲେ
## ଯୁବକଙ୍କ ଅଭିନବ ପ୍ରତିବାଦ

**ଉମରକୋଟ,୧୭।୬(ସ୍ୱ.ପ୍ର.)**

ସୈନ୍ୟବାହିନୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ଯୋଜନା ‘ଅଗ୍ନିପଥ’ ବିରୋଧରେ ଆନ୍ଦୋଳନ ବିଭିନ୍ନ ରାଜ୍ୟରେ ହିଂସାତ୍ମକ ରୂପ ନେଇଛି। ଏହି ଯୋଜନା ପ୍ରତ୍ୟାହାର ପାଇଁ ନିଯୁକ୍ତି ଆଶାୟୀଙ୍କ ମଧ୍ୟରେ ଦାବି ହେଉଛି। ନବରଙ୍ଗପୁର ଜିଲା ଉମରକୋଟ ସହରର ଜଣେ ଯୁବକ ଶୁକ୍ରବାର ଏହି ଯୋଜନାକୁ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ସନ୍ତୋଷୀ ନଗର ଅଞ୍ଚଳର ନରେଶ ବିଶ୍ୱାସ(୨୩) ନବରଙ୍ଗପୁରରୁ ଉମରକୋଟ ୬୦ କି.ମି. ଦୂର ଦୌଡ଼ି ନିଜ ଯୋଗ୍ୟତା ପ୍ରଦର୍ଶନ କରିଛନ୍ତି। ଅଗ୍ନିପଥ ଯୋଜନା ପ୍ରତ୍ୟାହାର ସହ ଆଶାୟୀ ଯୁବତୀଯୁବକଙ୍କୁ ସେନାରେ ୧୫ ବର୍ଷ ପାଇଁ ନିଯୁକ୍ତି ଏବଂ ସମସ୍ତ ସରକାରୀ ସୁବିଧା ଯୋଗାଇବାକୁ ସେ ଦାବି କରିଛନ୍ତି।

ସେନାରେ ଭର୍ତ୍ତି ପାଇଁ ଆଶାୟୀଙ୍କ ସମର୍ଥନରେ ଏବଂ ଅଗ୍ନିପଥ ଯୋଜନାର


ନରେଶ ବିଶ୍ୱାସ

ବିରୋଧରେ ସେ ୬୦ କି.ମି. ଦୌଡ଼ିଥିବା ନରେଶ କହିଛନ୍ତି। କେନ୍ଦ୍ର ସରକାର ଅଗ୍ନିପଥ ଯୋଜନାରେ ପ୍ରସ୍ତୁତ କରିଥିବା ନିୟମାବଳୀ ଆଶାୟୀଙ୍କ ମନରେ ଆଘାତ ଦେଇଛି ବୋଲି ନରେଶ କହିଛନ୍ତି। ଅବିଳମ୍ବେ ଏହାର ପ୍ରତ୍ୟାହାର ନିମନ୍ତେ ସେ ଦାବି କରିଛନ୍ତି।

ନିଜ ବିଷୟରେ ନରେଶ କହିଛନ୍ତି, ଦେଶସେବା ପାଇଁ ପ୍ରବଳ ଆଗ୍ରହ ରହିଛି। ହେଲେ ଯୁକ୍ତ ୨ ଶିକ୍ଷା ପରେ ୨ ଥର ସେନାରେ ଭର୍ତ୍ତି ପାଇଁ ପରୀକ୍ଷା ଦେଇ ବିଫଳ ହୋଇଥିଲେ। ଏବେ ବୟସ ଅତିକ୍ରାନ୍ତ ହୋଇଥିବାରୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ଯିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସୁଯୋଗକୁ ସେ ଅପେକ୍ଷା କରିଛନ୍ତି। ୭ ମାସ ତଳେ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ପରିବାରର ଦାୟିତ୍ୱ ତାଙ୍କ ଉପରେ। ଆର୍ଥିକ ସ୍ଥିତିଖରାପ ଯୋଗୁଅଧିକ ପଢ଼ିପାରିନାହାନ୍ତି। ରାଜ୍ୟ ସରକାର ସହାୟତା ଯୋଗାଇଲେ ଜଣେ ଆଥ୍‌ଲେଟ୍ ଭାବେ ରାଜ୍ୟ ପାଇଁ ଖେଳିବେ ବୋଲି ନରେଶ କହିଛନ୍ତି।

# ଗଭୀର ସମୁଦ୍ରରେ ବୁଡ଼ିଲା ଟ୍ରଲର



## ୧୨ ମତ୍ସ୍ୟଜୀବୀ ଉଦ୍ଧାର, ଜଣେ ନିଖୋଜ

**ରାଜନଗର,୧୭।୬(ଡି.ଏନ.ଏ.)**

ଗଭୀର ସମୁଦ୍ରରେ ମାଛ ମାରୁଥିବାବେଳେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ ଅଞ୍ଚଳର ଉପାସନା-୧ ନାମକ ଟ୍ରଲର ଉଚ୍ଚ ଢେଉ ମାଡ଼ରେ ଗୁରୁବାର ଅପରାହ୍ନରେ ବୁଡ଼ିଯାଇଥିଲା। ଟ୍ରଲରରେ ଥିବା ସମସ୍ତ ୧୩ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଥିଲେ। ଶୁକ୍ରବାର ସକାଳ ୧୦ଟାରେ ସେହି ଟ୍ରଲରକୁ ଠାବ କରାଯାଇଥିଲା। ୧୨ଜଣ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଳଚୁଆ ଅଞ୍ଚଳର ଏକ ଟ୍ରଲର ପଟ୍ଟାପାରିଆର ସପନ ପରମାଣିକ ଓ ସାରାଜେନ୍ଦ୍ରପୁରର ନିତାଇ ଦାସଙ୍କୁ ଉଦ୍ଧାର କରିଥିଲା। କଷାଫଳର ଏକ ଟ୍ରଲର ପଟ୍ଟାପାରିଆର ଅଞ୍ଜନ ମାଇତି, ମନି ମିସ୍ତ୍ରି, ସୁଶୀଲ ଓଝା, ଜଗନ୍ନାଥ ମଲ୍ଲିକ, ଦୀପକ ପରମାଣିକ, ଖଗେଶ୍ୱର ମଣ୍ଡଳ, ଅଭିମନ୍ୟୁ ଆଡ଼ି, ଜମ୍ବୁର ଅମୂଲ୍ୟ ଦାସ, ଦୋଳସାହିର ସୁବାସ କରଣ, ରଙ୍ଗଣୀର ଅଜୟ ଜେନାଙ୍କୁ ଉଦ୍ଧାର କରି ସନ୍ଧ୍ୟାରେ ତାଳଚୁଆରେ ପହଞ୍ଚିଛି। ୧୨ଜଣଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ଟ୍ରଲରରେ ଥିବା ପଟ୍ଟାପାରିଆ ଗାଁର ରାଧାନାଥ ଭୂୟାଁ (୬୦) ଏଯାଏ ନିଖୋଜ ଅଛନ୍ତି।

ସୂଚନା ଅନୁଯାୟୀ,ତାଳଚୁଆର ଉପାସନା-୧ (ନଂ.ଆଇଏନ୍‌ଡି ଓଆର ୦୧ ଏମଏମ ୪୬୧) ଟ୍ରଲର ଗତ ୧୪ ତାରିଖରେ ମାଛ ମାରିବାକୁ ଯାଇଥିଲା। ଗୁରୁବାର ତେନ୍ତୁଳିଆରୁ ଦକ୍ଷିଣ ସମୁଦ୍ରରେ ମତ୍ସ୍ୟଜୀବୀ ମାଛ ମାରୁଥିବା ବେଳେ ଲହଡି ମାଡ଼ରେ ଟ୍ରଲରର ତଳପଟେ ଫାଟ ସୃଷ୍ଟି ହୋଇ ବୁଡ଼ିଯାଇଥିଲା। ଟ୍ରଲର ସହ ଅନ୍ୟ ଟ୍ରଲର ଓ ମାଲିକଙ୍କ ଯୋଗାଯୋଗ ହୋଇପାରି ନ ଥିଲା। ସେମାନଙ୍କ ମୋବାଇଲ ଲାଗୁ ନ ଥିବା ବେଳେ ଭିଏଚ୍‌ଏଫ୍ ମଧ୍ୟ କାମ କରୁ ନ ଥିଲା। ମାଲିକ ଏ ସମ୍ପର୍କରେ ଟ୍ରଲର ଆସୋସିଏଶନକୁ ଜଣାଇ ନିଖୋଜ ଟ୍ରଲରକୁ ଖୋଜିବାକୁ ଅନୁରୋଧ କରିଥିଲେ। ଏଥିସହ ତାଳଚୁଆ



ଏବଂ ଧାମରା ସାମୁଦ୍ରିକ ଥାନା ଏବଂ କୋଷ୍ଟଗାର୍ଡକୁ ଏ ସମ୍ପର୍କରେ ଜଣାଇଥିଲେ। ଶୁକ୍ରବାର ସକାଳୁ ଟ୍ରଲରର ମାଲିକ ଅମଳ କୁମାର ପ୍ରଧାନ ତାଳଚୁଆ ସାମୁଦ୍ରିକ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପରେ ତାଳଚୁଆ ଅଞ୍ଚଳରୁ କେତୋଟି ଟ୍ରଲର ସମୁଦ୍ର ଭିତରକୁ ଯାଇ ମତ୍ସ୍ୟଜୀବୀ ଓ ଟ୍ରଲରକୁ ଖୋଜାଖୋଜି ଆରମ୍ଭ କରିଥିଲେ। କୋଷ୍ଟଗାର୍ଡ ମଧ୍ୟ ଗଭୀର ସମୁଦ୍ରରେ ନିଖୋଜ ଟ୍ରଲରକୁ ଖୋଜିବା ଜାରି ରଖିଥିଲା। ତାଳଚୁଆ ଓ ଧାମରା ସାମୁଦ୍ରିକ ଥାନା ପକ୍ଷରୁ ମତ୍ସ୍ୟଜୀବୀ ଓ ନିଖୋଜ ଟ୍ରଲରକୁ ଖୋଜିବାକୁ ପାଟ୍ରୋଲିଂ କରାଯାଇଥିଲା। ନିଖୋଜ ଟ୍ରଲର ମିଳିବାରେ ବିଳମ୍ବ ହେବାରୁ ସେମାନଙ୍କୁ ଠାବ କରିବା ପାଇଁ କୋଷ୍ଟଗାର୍ଡ ପକ୍ଷରୁ ହେଲିକପ୍ଟର ନିୟୋଜିତ କରାଯାଇଥିଲା।

# ପୋଖରୀରେ ଫସିରହିଛି ଆହତ ଦନ୍ତା

**ସମ୍ବଲପୁର/ପଡିଆବାହାଲ, ୧୭।୬(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ବନଖଣ୍ଡରେ ପ୍ରାୟ ୨୦ଦିନ ହେଲା ଆହତ ହୋଇ ବୁଲୁଥିବା ଏକ ଦନ୍ତାହାତୀ ଶୁକ୍ରବାର ପଡିଆବାହାଲ ରେଞ୍ଜ ଅନ୍ତର୍ଗତ ସାପଲହରା ଗ୍ରାମ ପୋଖରୀରେ ଫସିରହିଥିବା ଦେଖିବାକୁ ମିଳିଥିଲା। ଦନ୍ତାର ଗୋଡ଼ରେ କ୍ଷତ ରହିଥିବାରୁ ଏହା ଫୁଲିଯାଇଛି। କୌତୁହଳବଶତଃ ହାତୀ ଦେଖିବାକୁ ପୋଖରୀ କୂଳରେ ହଜାର ସଂଖ୍ୟାରେ ଲୋକଙ୍କ ଭିଡ଼ ଲାଗିରହିଥିଲା। ଖବର ପାଇ ବନ୍ୟପ୍ରାଣୀ ଚିକିତ୍ସକ ଡା. ସରିତ ପାତ୍ର ଓ ତାଙ୍କ ଟିମ୍ ପହଞ୍ଚି ଦନ୍ତାର ଚିକିତ୍ସା କରିଥିଲେ। ସମ୍ବଲପୁର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ବିଶ୍ୱନାଥ ନୀଳାମ୍ବର ଘଟଣାସ୍ଥଳରେ ପହଞ୍ଚି ଦନ୍ତାର ସ୍ୱାସ୍ଥ୍ୟାବସ୍ଥା ଦେଖିଥିଲେ। ଡିଏଫ୍‌ଓଙ୍କ କହିବା ଅନୁସାରେ ଦନ୍ତାକୁ ବନ ବିଭାଗ ପକ୍ଷରୁ ଟ୍ରାକ୍ କରାଯାଉଛି। କ୍ଷତ ସଫା କରି ପୂର୍ବରୁ ଚିକିତ୍ସା କରାଯାଇଥିଲା। ହାତୀଟି ଠିକ୍ ଭାବେ ଚାଲିପାରୁ ନାହିଁ। ପାଣି ପିଇବାକୁ ଜଳାଶୟକୁ ଚାଲି ଆସିଥିଲା। ଗହଳି କମିଲେ ଏହା ପୋଖରୀରୁ ବାହାରି ଜଙ୍ଗଲକୁ ଚାଲିଯିବ ବୋଲି ଆଶା କରାଯାଉଛି। ବନ ବିଭାଗ ଦନ୍ତା ଉପରେ ନଜର ରଖିଛି ବୋଲି ସେ କହିଥିଲେ। ଡାକ୍ତର ପାତ୍ର କହିଥିଲେ, ହାତୀକୁ ଚିକିତ୍ସା କରାଯାଇଛି। ପ୍ରଥମେ ପୋଖରୀରୁ ବାହାରି ଆସିଥିଲା। କିଛି ସମୟ ପରେ ପୁଣି ପାଣି ଭିତରକୁ ଚାଲିଯାଇଛି। ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ହାତୀର ଚିକିତ୍ସା କରାଯାଉଛି ବୋଲି କହିଥିଲେ। ସୂଚନାଯୋଗ୍ୟ ମେ’ ୨୯ ତାରିଖରେ ମୁର୍ଗାବାରି ଗ୍ରାମ୍ୟ ଜଙ୍ଗଲରେ ଆହତ ଦନ୍ତାକୁ ଠାବ କରାଯାଇଥିଲା। ପରେ ଓୟୁଏଟି ପ୍ରଫେସର ଇନ୍ଦ୍ରମଣୀ ନାଥ, ସମ୍ବଲପୁର ବୁର୍ଲା ଭିଏସ୍ ସତ୍ୟଜାତ ପଣ୍ଡା, ଯୁଯୁମୁରା ଭିଏସ୍ ଅମ୍ରିତି ସାହୁଙ୍କୁ ନେଇ ଗଠିତ ଟିମ୍ ଏହାର ଚିକିତ୍ସା କରିଥିଲେ। ଦନ୍ତାର ଗୋଡ଼ରେ ଗଭୀର କ୍ଷତ ରହିଥିଲା। ଟ୍ରାଙ୍କୁଲାଇଜ କରି କ୍ଷତ ସଫା କରିବା ପରେ ଆବଶ୍ୟକ ଇଞ୍ଜେକ୍‌ଶନ ଓ ଔଷଧ ଦିଆଯାଇଥିଲା।


ପୋଖରୀରେ ଫସିରହିଥିବା ଦନ୍ତାହାତୀ।

# ଆଗକୁ ବଢୁନି ମୌସୁମୀ: ୨୨ ଯାଏ ଝଡ଼ବର୍ଷା

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ଓଡ଼ିଶା ପ୍ରବେଶ କରିଛି। ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାର କେତେକ ଅଞ୍ଚଳକୁ ମୌସୁମୀ ଛୁଇଁଛି। ଶୁକ୍ରବାର ମୌସୁମୀର ଅଗ୍ରଗତି ହୋଇ ନାହିଁ। ତେବେ ଆସନ୍ତା ୨/୩ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ଭାଗକୁ ମୌସୁମୀ ପ୍ରବେଶ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଶନିବାର ସୁନ୍ଦରଗଡ଼,ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ବୌଦ୍ଧ, ସୋନପୁର, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ: ୨୦ରେ ବିଦେଶ ଯାତ୍ରା

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ଦିନିଆ ବିଦେଶ ଗସ୍ତରେ ଯିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ଶନିବାର ଅପରାହ୍ନ ୧ଟା ୩୦ ମିନିଟରେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିବେ। ସେଠାରୁ ୨୦ତାରିଖ ଅପରାହ୍ନ ୪ଟା ୧୫ ମିନିଟରେ ଇଟାଲୀର ରୋମ୍ ଅଭିମୁଖେ ଗସ୍ତ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟକ୍ତିଗତ ସଚିବ ଓ ଅନ୍ୟ କେତେଜଣ ଅଧିକାରୀ ରୋମ୍ ଗସ୍ତରେ ଯିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ରୋମ୍‌ସ୍ଥିତ ଜାତିସଂଘ ଖାଦ୍ୟ କାର୍ଯ୍ୟକ୍ରମ(ୱାର୍ଲଡ ଫୁଡ୍ ପ୍ରୋଗ୍ରାମ)ରେ ଓଡ଼ିଶାର ସଫଳତା କାହାଣୀ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଆସନ୍ତା ୨୬ତାରିଖ ଅପରାହ୍ନ ୩ଟା ୨୫ରେ ରୋମ୍‌ରୁ ଦୁବାଇ ଅଭିମୁଖେ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଦୁବାଇରେ ୨୯ତାରିଖରେ ଭାରତ ସରକାର ଓ ଫିକ୍କି ଦ୍ୱାରା ଆୟୋଜିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ। ୩୦ ତାରିଖ ଅପରାହ୍ନ ୩ଟା ୨୫ ମିନିଟରେ ଦୁବାଇରୁ ବାହାରି ରାତି ୮ଟା ୨୦ରେ ନୂଆଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ରାତି ୯ଟା ୩୦ମିନିଟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ। ରାତି ୧୧ଟା ୩୦ ମିନିଟରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ନିଜର ୨୨ ବର୍ଷର ରାଜନୈତିକ କାର୍ଯ୍ୟକାଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ଥର ପାଇଁ ବିଦେଶ ଗସ୍ତରେ ଯାଉଛନ୍ତି। ସେ ୨୦୧୨ ମେ’ ୨୪ ତାରିଖରେ ଲଣ୍ଡନ ଗସ୍ତରେ ଯାଇଥିଲେ। ଲଣ୍ଡନ ଗସ୍ତରେ ଥିବାବେଳେ ପ୍ୟାରୀମୋହନ ମହାପାତ୍ରଙ୍କ ଦ୍ୱାରା ବହୁଚର୍ଚ୍ଚିତ ମେ’ ୨୯ ମିଡ୍ ନାଇଟ୍ ଅପରେଶନ ଯୋଗୁ ସେ ନିଜର ଗସ୍ତ କାଟ୍‌ଛାଣ୍ଟ କରି ଓଡ଼ିଶା ଫେରିଥିଲେ।

# କିସ୍ ପକ୍ଷରୁ ପ୍ରତିଷ୍ଠିତ ସ୍କୁଲର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ





## ୧୨୦୦ ଜନଜାତି ପିଲା ପାଇବେ ମାଗଣା ଶିକ୍ଷା

**ଭୁବନେଶ୍ୱର, ୧୭।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନଫରେନ୍ସରେ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ କିସ୍ ପକ୍ଷରୁ ପ୍ରତିଷ୍ଠିତ ଏକ ସ୍କୁଲର ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟାଳୟରେ ୧୨୦୦ ଜନଜାତି ପିଲା ବିନା ମୂଲ୍ୟରେ ପାଠ ପଢିବାର ସୁଯୋଗ ପାଇବେ। ଜନଜାତି ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ କିସ୍‌ର ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, କଳାହାଣ୍ଡି ଏବେ ଶିକ୍ଷା କ୍ଷେତ୍ରରେ ଆଗକୁ ବଢୁଛି। ବିଶ୍ୱ ବିଦ୍ୟାଳୟ, ସରକାରୀ ଇଞ୍ଜିନିୟରିଂ କଲେଜ ଆଦି ଜିଲା ପାଇଁ ନୂଆ ପରିଚୟ ସୃଷ୍ଟି କରିଛି। ଶିକ୍ଷା ହିଁ ରୂପାନ୍ତରର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶିକ୍ଷା ଉପରେ ରାଜ୍ୟ ସରକାର ସବୁଠାରୁ ଅଧିକ ଗୁରୁତ୍ୱାରୋପ କରୁଛନ୍ତି। ୫-ଟି ଉପକ୍ରମରେ ସ୍କୁଲ ରୂପାନ୍ତରକୁ ହିଁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ୪୦୦ଟି ସ୍କୁଲର ରୂପାନ୍ତର କରାଯାଇଛି। କଳାହାଣ୍ଡି ଜିଲାରେ ୨ଟି ପର୍ଯ୍ୟାୟରେ ୧୨୯ଟି ସ୍କୁଲର ରୂପାନ୍ତରଣ ସରିଛି। ରୂପାନ୍ତର ପିଲାଙ୍କ ଭିତରେ ଆଗ୍ରହ, ଉତ୍ସାହ ଓ ଭବିଷ୍ୟତ ପ୍ରତି ଦୃଢ଼ ସଂକଳ୍ପ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ବସନ୍ତ ପଣ୍ଡା, ସୁଜିତ କୁମାର, ବିଧାୟକ ପ୍ରଦୀପ ଦିଶାରୀ ପ୍ରମୁଖ ଯୋଗଦେଇ ଜନଜାତି ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କ୍ଷେତ୍ରରେ କିସ୍‌ର ଉଦ୍ୟମ ପାଇଁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। କିସ୍ ପ୍ରତିଷ୍ଠାତା ଅଚ୍ୟୁତସାମନ୍ତସ୍ୱାଗତଭାଷଣଦେଇଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ବ୍ରହ୍ମପୁର ଅଫିସ,୧୭।୬**

ଗଞ୍ଜାମ ଜିଲା ପୋଲସରା ଥାନା ଅଞ୍ଚଳର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଶୁକ୍ରବାର ଅଭିଯୁକ୍ତ ଅରୁଣ ବେହେରାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୩୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୩ ବର୍ଷ ଜେଲ ଦଣ୍ଡ ଭୋଗିବା ଲାଗି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ଥଇଥାନ ସକାଶେ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ପୋକ୍‌ସୋ ଜଜଙ୍କ ନିର୍ଦ୍ଦେଶ ରହିଥିବା ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

୨୦୧୭ ନଭେମ୍ବର ୧୨ ରାତିରେ ନାବାଳିକା ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଅରୁଣ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ପାଟି କରିବାରୁ ଅରୁଣ ଛୁରୀ ଦେଖାଇ ତାଙ୍କୁ ଭୟଭୀତ କରିଥିଲେ। ଘରକୁ ଫେରିବା ପରେ ଝିଅଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ପୀଡ଼ିତାଙ୍କ ମା’ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ନଂ.୨୧୦/୧୭ରେ ମାମଲା ରୁଜୁ କରି ଅରୁଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଉମା ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

# ବିବାହ ପାଇଁ ଆସିଲେନି ବିଧାୟକ: ଅପେକ୍ଷା କରି ଫେରିଲେ ସୁମାଳିକା

**ଜଗତ୍‌ସିଂହପୁର ଅଫିସ, ୧୭।୬**

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ (୩୦) ଏବଂ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳି ଗ୍ରାମେଶ୍ୱର ଗ୍ରାମର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୁମାଳିକା ଦାଶ (୨୯) ପରସ୍ପରକୁ ବିବାହ କରିବାକୁ ଏକପ୍ରକାର ନିଷ୍ପତ୍ତି ନେଇଥିଲେ। ଏନେଇ ଉଭୟେ ଗତ ମେ’ ୧୭ରେ ଜଗତ୍‌ସିଂହପୁର ଜିଲା ସବ୍-ରେଜିଷ୍ଟ୍ରାର (ଡିଏସ୍‌ଆର୍)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆବେଦନ କରିଥିଲେ। ଏହି ଆବେଦନ ପରେ ଆଇନ ଅନୁଯାୟୀ, କାହାର କୌଣସି ଆପତ୍ତି ଅଭିଯୋଗର ଶୁଣାଣି ପାଇଁ ୩୦ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ। ଅଭିଯୋଗ ନ ଥିଲେ ୩୧ରୁ ୯୦ ଦିନ ମଧ୍ୟରେ ବିବାହ କରାଯାଇପାରିବ ବୋଲି ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟର ହେଲ୍ପଡେସ୍କ ପକ୍ଷରୁ ସୂଚନା ଦିଆଯାଇଥିଲା।

ଶୁକ୍ରବାର ୩୧ ଦିନ ହୋଇଥିବାରୁ ବିବାହ ପାଇଁ ସୁମାଳିକା ତାଙ୍କ ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସକାଳୁ ସେମାନେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଧାୟକ ଦାସଙ୍କୁ ଅପେକ୍ଷା କରି ନିରାଶ ହେଲା ପରେ ଫେରି ଯାଇଥିବା ସୁମାଳିକା ପ୍ରତିକ୍ରିୟାରେ କହିଛନ୍ତି। ତାଙ୍କ କହିବାନୁଯାୟୀ, କୋର୍ଟରେ ଆବେଦନ କରିବା ପରଠାରୁ ସେ ୪ରୁ ୫ ଥର ବିଧାୟକ ଦାସଙ୍କ ସହ କଥା ହୋଇଛନ୍ତି। ଏହାପରେ କୋର୍ଟରେ ବିବାହ ପାଇଁ ଶୁକ୍ରବାର ଦିନ ଧାର୍ଯ୍ୟ କରାଯାଇଥିଲା। ଗତ ୧୬ ତାରିଖରେ ମଧ୍ୟ ଏ ବାବଦରେ


ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସୁମାଳିକା ଦାଶ।

■ ଆଉ ୬୦ ଦିନ ଅଛି ବୋଲି କହିଲେ ବିଜୟ ଶଙ୍କର

■ ନ୍ୟାୟ ନ ପାଇଲେ ଆଇନର ଆଶ୍ରୟ ନେବେ ସୁମାଳିକା

ଦାସଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ଏହି ଦିନ ବିବାହ ପରେ ରାତିରେ ରିଙ୍ଗ ସେରିମନି ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ବିଧାୟକ ଦାସ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚି ନ ଥିଲେ। ଏପରି କି ତାଙ୍କ ସମ୍ପର୍କୀୟମାନଙ୍କ ସହ ମୋବାଇଲ ଯୋଗେ ଯୋଗାଯୋଗ କରିବାରୁ ସେମାନେ ଦୁର୍ବ୍ୟବହାର କରିଥିଲେ। ବିଧାୟକ ଦାସ ଫୋନ ଉଠାଉ ନ ଥିବାରୁ କେହି ତାଙ୍କୁ ଅପହରଣ କରି ଥାଇପାରନ୍ତି କିମ୍ବା ସେ ଜାଣିଶୁଣି ଠକିବାକୁ ଚେଷ୍ଟା କରୁଛନ୍ତି ବୋଲି ସୁମାଳିକା ଆଶଙ୍କା ପ୍ରକଟ କରିଛନ୍ତି। ଏପରି କି ଅନ୍ୟ କେଉଁଠି ଦାସଙ୍କ ପ୍ରେମସମ୍ପର୍କ ଥାଇପାରେ ବୋଲି ସେ ସନ୍ଦେହ କରୁଥିବା କହିଛନ୍ତି। ପୂର୍ବରୁ ସେ ବିଧାୟକଙ୍କ ନାଁରେ ଜଗତ୍‌ସିଂହପୁର ଥାନା ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏବେ ନ୍ୟାୟ ନ ମିଳିଲେ ପୁନର୍ବାର ଆଇନ୍‌ର ଆଶ୍ରୟ ନେବେ ବୋଲି ସୁମାଳିକା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବିଧାୟକ ଦାସ ପ୍ରତିକ୍ରିୟାରେ କହିଛନ୍ତି, ବିବାହ ପାଇଁ ୯୦ଦିନ ସମୟ ରହିଛି। ସେଥିମଧ୍ୟରୁ ୩୦ ଦିନ ଯାଇଛି। ଅବଶିଷ୍ଟ ୬୦ଦିନ ମଧ୍ୟରେ ବିବାହ ହେବ। ଜରୁରୀ କାମ ଯୋଗୁ ଶୁକ୍ରବାର ସେ ବିବାହ ଅଧିକାରୀଙ୍କ କୋର୍ଟରେ ପହଞ୍ଚ ପାରି ନ ଥିବା କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୮/୨୦୨୨ | Bhubaneswar, Saturday, June 18/2022 | ପୃଷ୍ଠା-୧





**ଚଳଚ୍ଚିତ୍ରକୁ ବିଭାଜୀକରଣ କରା ନ ଯାଉ**

ହିନ୍ଦୀ ଏବଂ ଦକ୍ଷିଣ ଭାରତୀୟ ଫିଲ୍ମ ମଧ୍ୟରେ ବିବାଦ ଥମୁ ନ ଥିବାବେଳେ ଭାରତୀୟ ଚଳଚ୍ଚିତ୍ର ଜଗତକୁ ବିଭାଜୀକରଣ କରା ନ ଯାଉ ବୋଲି ଅଭିନେତ୍ରୀ ଆଦିତୀ ରାଓ ହାଇଦରି କହିଛନ୍ତି। **୧୨**

**୧୪** **କୋଠାରୀଙ୍କୁ ଇଣ୍ଟରନ୍ୟାଶନାଲ ଟାଇଟଲ**

ଭାରତର ସୌରଭ କୋଠାରୀ ପ୍ୟାସିଫିକ୍ ଇଣ୍ଟରନ୍ୟାଶନାଲ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି।




# ବହିରୁ ଗୁଜରାଟ ଦଙ୍ଗା ବିଷୟ ହଟାଇଲା ଏନ୍‌ସିଇଆରଟି

**ନୂଆଦିଲ୍ଲୀ,୧୭।୬**

ନ୍ୟାଶନାଲ କାଉନସିଲ୍ ଅଫ୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ଦ୍ୱାଦଶ ଶ୍ରେଣୀର ବିଭିନ୍ନ ପାଠ୍ୟପୁସ୍ତକରୁ ୨୦୦୨ ଗୁଜରାଟ ଦଙ୍ଗା, ଶୀତଳ ଯୁଦ୍ଧ, ନକ୍ସଲ ଆନ୍ଦୋଳନ ଏବଂ ମୋଗଲ କୋର୍ଟ ବିଷୟକୁ ହଟାଇଦେଇଛି। ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ଗୁଜରାଟ ଦଙ୍ଗା ବିଷୟକୁ ବାଦ୍ ଦିଆଯାଇଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ପାଠ୍ୟପୁସ୍ତକ ସୁବ୍ୟବସ୍ଥୀକରଣ ପଦକ୍ଷେପ ସ୍ୱରୂପ ବିଭିନ୍ନ ପାଠ୍ୟପୁସ୍ତକରୁ କେତେକ ବିଷୟକୁ ବାଦ୍ ଦିଆଯାଇଥିବା କୁହାଯାଇଛି। ଗୁଜରାଟ ସାମ୍ପ୍ରଦାୟିକ ଦଙ୍ଗା ବେଳେ ସରକାରୀ କଳ ପ୍ରଭାବିତ ହୋଇଥିଲା। ଗଣତାନ୍ତ୍ରିକ ରାଜନୀତି ପାଇଁ ଏହା ବିପଦ ବୋଲି ଏକ ଫଟୋ ମାଧ୍ୟମରେ ଦର୍ଶାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ 'ରାଜ ଧର୍ମ' ପାଳନ କର ବୋଲି ନିର୍ଦ୍ଦେଶ ଦେଇଥିଲେ। ଧର୍ମ, ସମ୍ପ୍ରଦାୟ, ଜାତିକୁ ନେଇ ଜଣେ ଶାସକ କୌଣସି ପକ୍ଷପାତ କରିବା ଉଚିତ ନୁହେଁ ବୋଲି ବାଜପେୟୀ କହିଥିଲେ। ଏସମସ୍ତ ବିଷୟକୁ ବହିରୁ ହଟାଯାଇଛି। ଏହା ବ୍ୟତୀତ ଇତିହାସ ବହିରୁ 'ନକ୍ସଲ ଆନ୍ଦୋଳନ' ଏବଂ 'ଜରୁରୀ ସ୍ଥିତିକୁ ନେଇ ବିବାଦ' ବିଷୟକୁ ବାଦ୍ ଦିଆଯାଇଛି।

# ଜୀବନ ନେଉଛି 'ଅଗ୍ନିପଥ'

## ସିକନ୍ଦରାବାଦ ପୋଲିସ ଗୁଳିରେ ୧୯ ବର୍ଷୀୟଙ୍କ ମୃତ୍ୟୁ



'ଅଗ୍ନିପଥ' ଯୋଜନାକୁ ବିରୋଧ କରି ବିହାରର ଔରଙ୍ଗାବାଦରେ ଶୁକ୍ରବାର ବିକ୍ଷୋଭକାରୀମାନେ ବସ୍‌ରେ ନିଆଁ ଲଗାଇଦେଇଛନ୍ତି।

**ନୂଆଦିଲ୍ଲୀ/ହାଇଦ୍ରାବାଦ/ଭୁବନେଶ୍ୱର(ବ୍ୟୁରୋ),୧୭।୬**

ଭାରତୀୟ ସେନାରେ ଚୁକ୍ତିଭିତ୍ତିକ ନିଯୁକ୍ତି 'ଅଗ୍ନିପଥ' ଯୋଜନା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ମୁଣ୍ଡ ଟେକିଥିବା ଆନ୍ଦୋଳନ କ୍ରମଶଃ ହିଂସ୍ର ହେବାରେ ଲାଗିଛି। ତିନି ସଶସ୍ତ୍ର ବାହିନୀରେ ଏହି ସ୍ୱଳ୍ପକାଳୀନ ନିଯୁକ୍ତିକୁ ଦେଶବ୍ୟାପୀ ବିରୋଧ କରାଯାଇଛି। ଆଶାୟୀମାନେ ନିଯୁକ୍ତି ଆଶା ଛାଡ଼ି ଆଇନକୁ ହାତକୁ ନେବାକୁ ବାଧ୍ୟ ହେଉଛନ୍ତି। ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିୟାଣା, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ତେଲଙ୍ଗାନା, ଉତ୍ତରାଖଣ୍ଡ, ଦିଲ୍ଲୀ, ପଶ୍ଚିମବଙ୍ଗ, ଓଡ଼ିଶା ସମେତ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭକାରୀ ରାସ୍ତା ଅବରୋଧରୁ ନେଇ ରେଳ ଧାରଣା ଓ ଷ୍ଟେଶନଗୁଡ଼ିକରେ ଭଙ୍ଗାରୁଜା, ଅଫିସ ପୋଡ଼ି ଓ ଟ୍ରେନ୍ ଜାଳିବା ଭଳି ଚରମ ପଦକ୍ଷେପ ନେଉଛନ୍ତି। ପୋଲିସ ସେମାନଙ୍କୁ ☞ପୃଷ୍ଠା-୨

- **ସେନାରେ ନିଯୁକ୍ତି ଆଶାୟୀ ହତାଶ**
- **ବିକ୍ଷୋଭ ନିଆଁରେ ଜଳିଲାଣି ୧୨ ଟ୍ରେନ୍**
- **କୃଷି ଆଇନ ଭଳି 'ଅଗ୍ନିପଥ' ସ୍କିମ୍ ପ୍ରତ୍ୟାହାର ଦାବି**
- **ଜାତୀୟ ସୁରକ୍ଷା ବିପନ୍ନ ହେବ: ବାମଦଳ**



ବାଲିଯାତ୍ରା ପଡ଼ିଆ ରିଂରୋଡ୍‌ଠାରେ ଆଶାୟୀ ଯୁବକଙ୍କ ରାସ୍ତାରୋକୋ।

# କଟକରେ ବିକ୍ଷୋଭ, ଉତ୍ତେଜନା

## ଢେଲା, ଠେଙ୍ଗା ଧରି ରାସ୍ତାକୁ ଓହ୍ଲାଇଲେ ଆଶାୟୀ

**କଟକ ଅଫିସ, ୧୭।୬**

ସୈନ୍ୟବାହିନୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ଯୋଜନା 'ଅଗ୍ନିପଥ' ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ବିଶେଷକରି ଏହା ହିଂସାତ୍ମକ ରୂପ ଧାରଣ କରୁଛି। ଏହାର ପ୍ରଭାବ କଟକରେ ମଧ୍ୟ ଦେଖିବାକୁ ମିଳିଛି । ଶୁକ୍ରବାର ଶତାଧିକ ଆଶାୟୀ ସକାଳ ପ୍ରାୟ ୯.୪୦ ମିନିଟରେ କଟକ ଚଣ୍ଡୀ ଛକ ନିକଟରେ ହାତରେ ଢେଲା, ବାଡ଼ି, ଠେଙ୍ଗାଧରି ବିକ୍ଷୋଭ ପ୍ରଦର୍ଶନ କରି ରାସ୍ତାକୁ ଓହ୍ଲାଇଥିଲେ । ନିଜ ଭବିଷ୍ୟତ ଚିନ୍ତାରେ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରିଛନ୍ତି। ଏଥିସହ ୨୦୨୧ରେ ଦେଇଥିବା ପରୀକ୍ଷାର ☞ପୃଷ୍ଠା-୨

# ୨ ଲକ୍ଷ କୋଟିର ଚିଠା ବଜେଟ

## ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ଚିଠା ବଜେଟ ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଆସନ୍ତା ମୌସୁମୀ ଅଧିବେଶନରେ ଚିଠା ବଜେଟକୁ ଅନୁମୋଦନ କରାଯିବ। ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ ପରିମାଣ ୧.୭୦ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପରିମାଣ ୧୭.୬% ବୃଦ୍ଧିପାଇଛି । ଚିଠା ବଜେଟରେ ପ୍ରଶାସନିକ ବ୍ୟୟ ୮୯,୮୦୦କୋଟି ଟଙ୍କା, ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଣ୍ଠିରେ ୩୪୦୦କୋଟି ଟଙ୍କା, ୧ଲକ୍ଷ କୋଟି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | **ଲକ୍ଷ୍ୟପଥରେ ବାବୁ**





Walk the aisle,
And then the ramp.
A little extra
ବାହାଘର
Be the showstopper whatever the event. It's your wedding and you deserve to have a little more of everything. Come, celebrate it with Khimji Jewellers.
Widest range of BIS hallmarked jewellery
UP TO 50% OFF* ON MAKING CHARGES
ON GOLD JEWELLERY
Wedding Collection 2022
by
KHIMJI®
Jewellers since 1936
*T&C apply.
100% BIS Hallmarked
100% IGI Certified Diamonds
Lowest Gold Price In Odisha
Lifetime Buyback Guarantee*
STORES ONLY AT
BHUBANESWAR 621, Saheed Nagar, Janpath
BHUBANESWAR 309 District Centre, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbahal Road, Jharsuguda
ROURKELA Kesar Bhawan, Main Road
NOWHERE ELSE
Toll Free: 1800 3131 777
Follow Us:


MARUTI SUZUKI ARENA
ଏହି ରଥଯାତ୍ରାରେ,
ରଥ ସହିତ ଆପଣମାନେ ଆଗେଇ ଚାଲନ୍ତୁ ।
ଆପଣଙ୍କ ମନ ପସନ୍ଦର ମାରୁତି ସୁଜୁକୀ ଏରିନା କାର ଓ ଆକର୍ଷଣୀୟ ଅଫର୍ସ ଗୁଡ଼ିକ ସହିତ ପ୍ରତ୍ୟେକ ଡ୍ରାଇଭର ଆନନ୍ଦ ଉପଭୋଗ କରନ୍ତୁ ।
ERTIGA
BREZZA
DZIRE
SWIFT
BIG SAVINGS
VITARA BREZZA ₹28 500* DZIRE ₹22 100* SWIFT ₹33 100*
FINANCE OFFERS
100%^ ON-ROAD FUNDING AVAILABLE
EMI STARTING FROM ₹799^ -PER LAKH-
Low Rate of INTEREST Starting 7.25%^ from
GOLD VOUCHER
₹5 000 ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର#
ERTIGA VITARA BREZZA DZIRE SWIFT
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.
NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48.
SKY AUTOMOBILES
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 8093027882. NARSINGHPUR: 8093027882. KAMAKHYANAGAR: 8093027882. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.
ODYSSEY MOTORS
ANGUL: 7752076136, 9776901481. PALLAHARA: 7873565435, 9437831123.
TUSHI MOTORS
CUTTACK: 9078076450. PANIKOILI: 9078076450.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.
*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. #Gold voucher is applicable on select models/variants only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th June, 2022.

ସ୍ୱପ୍ନରେ ବି ଭାବ ନାହିଁ ଯେ, ଦାରିଦ୍ର୍ୟରୁ ମୁକ୍ତି ପାଇଲେ ମଣିଷ ସୁଖୀ ବା ତୃପ୍ତ ହୋଇଯିବ ଏବଂ ସମାଜ ମଧ୍ୟ ତା'ର ଯେତେ ବ୍ୟାଧି, ଦୁର୍ଭୋଗ ଆଉ ସମସ୍ୟାରୁ ମୁକ୍ତ ହୋଇଯିବ। ଏହାହେଲା ଅବଶ୍ୟ ସର୍ବପ୍ରଥମ ଓ ସର୍ବନିମ୍ନ ପ୍ରୟୋଜନ। କିନ୍ତୁ ଅନ୍ତରାତ୍ମାର ସଂଗଠନରେ ଯେତେ କିଛି ତ୍ରୁଟି ରହିବ– ସେତେଦିନ ପର୍ଯ୍ୟନ୍ତ ବାହାରେ ମଧ୍ୟ ସେମିତି ରହିଥିବ ଅଶାନ୍ତି, ବିଶୃଙ୍ଖଳା ଓ ବିପ୍ଳବ। **–ଶ୍ରୀଅରବିନ୍ଦ**



# ଲକ୍ଷ୍ୟପଥରେ ବାବୁ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ବହୁ ସମୟରେ ଆଇଏଏସ୍ ଅଧିକାରୀମାନେ ପ୍ରାପ୍ତ ସୁବିଧାସୁଯୋଗର ଦୁରୁପଯୋଗ କରିବା କିମ୍ବା ରାଜନୈତିକ ଗୁରୁଙ୍କ ଦ୍ୱାରା ନିୟନ୍ତ୍ରିତ ବା ପ୍ରଭାବିତ ହେଉଥିବା ଯୋଗୁ ତୀବ୍ର ସମାଲୋଚନାର ସମ୍ମୁଖୀନ ହେବା ଲକ୍ଷ୍ୟ କରାଯାଏ। ଅପରପକ୍ଷେ ନୀରବରେ କାମ କରି ପ୍ରଶଂସିତ ହେଉଥିବା ଅନେକ ଆଇଏଏସ୍ ଅଧିକାରୀ ମଧ୍ୟ ବହୁ ସମୟରେ ପ୍ରସିଦ୍ଧି ଲାଭ କରି ନ ଥାନ୍ତି। ଏଭଳି ସ୍ଥିତିରେ ବି ଆଇଏଏସ୍ ଅଧିକାରୀମାନେ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା ଲାଭ କରିବା ବିଷୟ କ୍ୱଚିତ ସାମ୍ନାକୁ ଆସେ। ଏମାନଙ୍କ ମଧ୍ୟରେ ରହିଛନ୍ତି ରାଜସ୍ଥାନ କ୍ୟାଡର ଆଇଏଏସ୍ ଅଧିକାରୀ ସନ୍ଦୀପ ବର୍ମା। ତାଙ୍କୁ ଡାଟା ଆନାଲିଟିକ୍ସ ଉପରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ 'ବେଷ୍ଟ ପେପର' ପୁରସ୍କାର ପାଇବାକୁ ଚୟନ କରାଯାଇଥିଲା। ଏହି ସମ୍ମିଳନୀ ଅରୁଣ ଜେଟଲୀ ନ୍ୟାଶ୍‌ନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫାଇନାନ୍ସିଆଲ ମ୍ୟାନେଜ୍‌ମେଣ୍ଟ ଦ୍ୱାରା ଆୟୋଜିତ ହୋଇଥିଲା। ରାଜସ୍ଥାନର ରାଜ୍ୟ ସଡ଼କ ପରିବହନ ନିଗମର ସିଏମ୍‌ଡି ଭାବେ ବର୍ମା ଏବେ କାର୍ଯ୍ୟରତ। ବାବୁ ପରିସରରେ ବର୍ମା ପବ୍ଲିକ ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍ ବା ସାର୍ବଜନୀନ କ୍ରୟ ପ୍ରକ୍ରିୟାର ଜଣେ ବିଶେଷଜ୍ଞ ଭାବେ ବେଶ୍ ଜଣାଶୁଣା। ତାଙ୍କ କ୍ୟାରିୟରରେ ବର୍ମା ପ୍ରତିରକ୍ଷା କ୍ରୟ, ସରକାରୀ ଚୁକ୍ତି ତଥା ପ୍ରୋଜେକ୍ଟ ମ୍ୟାନେଜମେଣ୍ଟର ବିଭିନ୍ନ ପ୍ରସଙ୍ଗରେ ପାଖାପାଖି ୨,୦୦୦ ବରିଷ୍ଠ ଆଇଏଏସ୍ ଅଧିକାରୀ ଓ ସେନା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ସେ ମଧ୍ୟ ସାମରିକ କ୍ରୟ ପ୍ରକ୍ରିୟାକୁ ପ୍ରଭାବିତ କରିଛନ୍ତି ଏବଂ ଆସାମ ସରକାରଙ୍କ ସମେତ ଅନ୍ୟମାନଙ୍କ ପାଇଁ ସାର୍ବଜନୀନ କ୍ରୟ ନିୟମାବଳୀର ଚିଠା ପ୍ରସ୍ତୁତିରେ ସାହାଯ୍ୟ କରିଛନ୍ତି। ରାଜସ୍ଥାନରେ ଗୃହ ସଚିବ ଭାବେ ତାଙ୍କ କାର୍ଯ୍ୟକାଳ ଏବଂ ଅନ୍ୟ ପଦବୀରେ ଥିବା ସମୟରେ ସରକାରୀ ବିଭାଗଗୁଡ଼ିକର ପ୍ରୋଜେକ୍ଟ ମ୍ୟାନେଜମେଣ୍ଟରେ ଦକ୍ଷତା ବୃଦ୍ଧି କରିବାରେ ତାଙ୍କର ପ୍ରମୁଖ ଯୋଗଦାନ ରହିଛି।

### ସ୍ୱଷ୍ଟ ସଙ୍କେତ

ଦୁର୍ନୀତିରେ ଅଭିଯୁକ୍ତ ଯେକୌଣସି ଆଇପିଏସ୍ ଅଧିକାରୀଙ୍କ ବିରୋଧରେ ପ୍ରାଥମିକ ତଦନ୍ତ ଏବଂ ବିଭାଗୀୟ ତଦନ୍ତଗୁଡ଼ିକ କରିବା ପାଇଁ ଲାଗି ଗୁଜରାଟ ଗୃହ ବିଭାଗ ଦୁଇ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଅନୁପ କୁମାର ସିଂ ଓ କେଶବ କୁମାରଙ୍କୁ ନିଯୁକ୍ତି ଦେଇଛି। ଗୃହ ବିଭାଗରେ ଅଧିକାରୀମାନଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା ଏଭଳି ସବୁ ତଦନ୍ତ କରାଯିବାର ପରମ୍ପରା ଥିବାରୁ ସରକାରଙ୍କ ଏହି ପଦକ୍ଷେପ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କିନ୍ତୁ ଏବେ କେତେକ ଘଟଣାରେ ଶୀର୍ଷ ପଦବୀରେ ଥିବା ଆଇପିଏସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟରତ ଅନ୍ୟ ଆଇପିଏସ୍ ଅଧିକାରୀମାନେ ତଦନ୍ତ କରିବାର କେତେକ ଦୃଷ୍ଟାନ୍ତ ରହିଛି। ନିକଟରେ ଦୁର୍ନୀତି ଅଭିଯୋଗର ଏକ ତଦନ୍ତ ରିପୋର୍ଟ ଆଧାରରେ ରାଜକୋଟର ପୂର୍ବତନ ପୋଲିସ କମିଶନର ମନୋଜ ଅଗ୍ରୱାଲଙ୍କୁ ଷ୍ଟେଟ୍ ରିଜର୍ଭ ପୋଲିସ ଟ୍ରେନିଂ ସ୍କୁଲର ଅଧକ୍ଷ ଭାବେ ବଦଳି କରାଯାଇଥିଲା। କାର୍ଯ୍ୟରତ ଆଇପିଏସ୍ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱରେ ବ୍ୟସ୍ତ ରହିବା ଯୋଗୁ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ଘଟୁଛି ଓ ଏହି କାରଣରୁ ପୂର୍ବତନ ଆଇପିଏସ୍ ଅଧିକାରୀଙ୍କୁ ଚୟନ କରାଯାଇଛି ବୋଲି କୁହାଯାଉଛି। ଅତିରିକ୍ତ ମୁଖ୍ୟ ସଚିବ( ଗୃହ) ରାଜ କୁମାର ସ୍ୱୀକାର କରିଛନ୍ତି ଯେ, ଅନ୍ୟ ଜଣେ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟରତ ଆଇପିଏସ୍ ଅଧିକାରୀମାନେ ପ୍ରାଥମିକ କିମ୍ବା ବିଭାଗୀୟ ତଦନ୍ତ କରିବା ଯୁକ୍ତିଯୁକ୍ତ ନୁହେଁ ଓ ଏହାଦ୍ୱାରା ତଦନ୍ତରେ କିଛି ବୁଝାମଣା ହୋଇପାରେ। ଏଣୁ ସରକାର ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ବିରୋଧରେ ତଦନ୍ତଗୁଡ଼ିକରେ ନିରପେକ୍ଷତା ଚାହାନ୍ତି ବୋଲି ସିଂ ଓ କୁମାରଙ୍କୁ ନିଯୁକ୍ତି ଦେଇ ଏକ ସ୍ୱଷ୍ଟ ସଙ୍କେତ ଦେଇଛନ୍ତି।

### କେନ୍ଦ୍ର ଓ କ୍ୟାଡର ରୁଲ୍

ସର୍ବଭାରତୀୟ ସେବା (ଏଆଇଏସ୍) ଅଧିକାରୀମାନଙ୍କ ଘୋର ଅଭାବ ଏବେ କେନ୍ଦ୍ର ସାମ୍ନା କରୁଛି ଓ ଆଗକୁ ଲମ୍ବା ସମୟ ଯାଏ ଏହା ଲାଗି ରହିବା ସମ୍ଭାବନା ରହିଛି। ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍ (ଭାରତୀୟ ବନସେବା ଅଧିକାରୀ)ମାନଙ୍କୁ ସେମାନଙ୍କ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କ ବିନା ଅନୁମୋଦନରେ କେନ୍ଦ୍ରୀୟ ଡେପୁଟେଶନରେ ନେବାର ପ୍ରସ୍ତାବ ବର୍ତ୍ତମାନ ପାଇଁ ସ୍ଥଗିତ ରହିଛି ବୋଲି ଜାଣିବାକୁ ମିଳିଛି। ୨୦୨୧ରେ ମଧ୍ୟମ ସ୍ତରର ୧୦ % ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ର ସରକାରରେ ଅବସ୍ଥାପିତ କରାଯାଇଥିଲା। ୨୦୧୪ରେ କିନ୍ତୁ ଏହା ଥିଲା ୧୪ %। ଏବେ ବିଭିନ୍ନ ମନ୍ତ୍ରଣାଳୟରେ ୨୩ ଜଣ ଯୁଗ୍ମ ସଚିବ ସ୍ତରୀୟ ଅଧକାରୀଙ୍କ ନିଯୁକ୍ତିରୁ ସଙ୍କଟର ଗମ୍ଭୀରତାକୁ ସୂଚିତ କରେ। ଏମାନଙ୍କ ମଧ୍ୟରେ ମାତ୍ର ୬ ଜଣ ଆଇଏଏସ୍ ଅଧିକାରୀ ଅଛନ୍ତି ଏବଂ ଜଣେ ଆସିଛନ୍ତି ଆଇପିଏସ୍‌ରୁ। ଅଧିକାଂଶ ଅଧିକାରୀ ହେଉଛନ୍ତି କେନ୍ଦ୍ରୀୟ ସେବାଗୁଡ଼ିକର। ଏବକାର ଅଭାବର କାରଣ ଏକ ଆର୍‌ଟିଆଇ ପ୍ରଶ୍ନରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)ଦେଇଥିବା ଉତ୍ତରରୁ ସ୍ୱଷ୍ଟ ହୋଇଛି। ଡିଓପିଟି କହିଛି ଯେ, ପ୍ରସ୍ତାବ ଉପରେ ଚୂଡାନ୍ତ ନିଷ୍ପତ୍ତି ନେବାକୁ ବାକି ରହିଛି। ଏଥିରୁ ଜଣାପଡୁଛି ଯେ, ରାଜ୍ୟରେ ଅଧିକାରୀମାନଙ୍କ ପକ୍ଷରୁ ତୀବ୍ର ପ୍ରତିରୋଧ ହେବା ଦ୍ୱାରା କେନ୍ଦ୍ର ପ୍ରସ୍ତାବକୁ ବନ୍ଦ ରଖିଛି। ଓଡ଼ିଶା, ମେଘାଳୟ, ଝାଡ଼ଖଣ୍ଡ, ରାଜସ୍ଥାନ, ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ ଏବଂ ତେଲଙ୍ଗାନା ଭଳି ୮ଟି ରାଜ୍ୟ କେନ୍ଦ୍ରର ଏହି ପଦକ୍ଷେପକୁ ବିରୋଧ କରିଛନ୍ତି। ରାଜନୈତିକ ତ୍ରୁଟି ମଧ୍ୟ ସ୍ୱଷ୍ଟ ହୋଇଛି। ବର୍ତ୍ତମାନ ପାଇଁ, ଆଉ ଆଗକୁ ନ ଯିବା ଲାଗି କେନ୍ଦ୍ର ଦୃଢ ନିଷ୍ପତ୍ତି ନେଇଛି। ପୁଣି ଥରେ ଯଦି ଏହି ସମସ୍ୟା ଉପରେ ଧ୍ୟାନ ଦେବ ,ତେବେ ଲଢେଇ ନିଶ୍ଚିତ ଭାବେ ଆରମ୍ଭ ହୋଇଯିବ।

Email: dilipcherian@gmail.com

# ଘୃଣା ମନ୍ତବ୍ୟ ରୋକିବା ଜରୁରୀ



**ଭାଲଚନ୍ଦ୍ର ଷଡ଼ଙ୍ଗୀ**

ନିକଟରେ ଏକ ଘରୋଇ ଟିଭି ଚ୍ୟାନେଲ୍‌ର ବିତର୍କରେ ଭାଗ ନେଇ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ନୂପୁର ଶର୍ମା ଇସ୍‌ଲାମ ଧର୍ମର ସଂସ୍ଥାପକ ପେଗମ୍ବର ମହମ୍ମଦଙ୍କ ସମ୍ପର୍କରେ ଯେଉଁ ଅସୂୟାସୂଚକ ମନ୍ତବ୍ୟ ଦେଲେ, ତାକୁ ନେଇ ଉଭୟ ଦେଶ ଭିତରେ ଓ ବିଦେଶରେ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ନୂପୁରଙ୍କ ଉତ୍ତେଜକ ମନ୍ତବ୍ୟକୁ ଦେଶ ଭିତରେ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଏବଂ ମୁସଲମାନ ସମ୍ପ୍ରଦାୟର ଅନେକ ପ୍ରମୁଖ ବ୍ୟକ୍ତି ନିନ୍ଦା କରିଥିଲେ। କାନପୁରରେ ଏହାକୁ ନେଇ ହିଂସ୍ର ପ୍ରତିବାଦ ଦେଖିବାକୁ ମିଳିଥିଲା। ଏହି ବକ୍ତବ୍ୟର ଭିଡିଓ କ୍ଲିପ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବିଦେଶରେ ବିଶେଷ କରି ମୁସଲମାନ ବହୁଳ ଆରବ ଦେଶଗୁଡ଼ିକରେ ଜୋରଦାର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆମ ସହ ଉତ୍ତମ ସମ୍ପର୍କ ରଖି ଆସିଥିବା କତାର, ସାଉଦି ଆରବ, ୟୁଏଇ, କୁଏଟ୍, ଇରାନ ପରି ଆରବ ଦେଶଗୁଡ଼ିକ ପକ୍ଷରୁ ଏହାର ଆନୁଷ୍ଠାନିକ ପ୍ରତିବାଦ କରାଯାଇଛି। ଉଦ୍‌ବେଗର କଥା, ସେସବୁ ଦେଶର ନାଗରିକମାନେ ବି ଭାରତ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଭାରତୀୟ ସାମଗ୍ରୀର ବର୍ଜନ ଲାଗି ଅଭିଯାନ ଫଳରେ ସେଠାକାର ବଜାରରେ ଭାରତୀୟ ସାମଗ୍ରୀ ବିକ୍ରି ନ ହୋଇ ପଡ଼ିରହିଛି।

ନୂପୁର ଶର୍ମାଙ୍କ ବକ୍ତବ୍ୟ ଲାଗି ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଦେଶର ସମ୍ମାନହାନି ହେବା ସହ ଆରବ ଦେଶଗୁଡ଼ିକରେ ଭାରତ ବିରୋଧୀ ମାନସିକତା ସୃଷ୍ଟି ହେବା ଚିନ୍ତାଜନକ। କାରଣ ଆମ ଦେଶର ଅର୍ଥନୈତିକ ବିକାଶରେ ଆରବ ଦେଶଗୁଡ଼ିକର ଭୂମିକା ରହିଛି। ଆଜିର ଦିନରେ ୩.୨ କୋଟି ପ୍ରବାସୀ ଭାରତୀୟଙ୍କ ମଧ୍ୟରୁ କେବଳ ଆରବ ଦେଶଗୁଡ଼ିକରେ ହିଁ ୧.୫ କୋଟିରୁ ଅଧିକ ବସବାସ କରୁଛନ୍ତି। ପ୍ରବାସୀଙ୍କ ଜରିଆରେ ଭାରତକୁ ଆସୁଥିବା ଭାରତର ମୋଟ ଆୟର ୫୫% କେବଳ ଆରବ ଦେଶଗୁଡ଼ିକରୁ ଆସୁଛି। ଏହାବ୍ୟତୀତ ଭାରତ ସେଠାକୁ ପ୍ରତିବର୍ଷ ୩ ଲକ୍ଷ କୋଟିର ରପ୍ତାନି କରୁଛି। ଆମର ମୋଟ ଅଶୋଧିତ ତେଲ ଆମଦାନୀର ୬୨ପ୍ରତିଶତ କେବଳ ଆରବ ଦେଶଗୁଡ଼ିକରୁ ହେଉଛି। ଏଭଳି ପରିସ୍ଥିତିରେ ଆରବ ଦେଶଗୁଡ଼ିକରେ ଦେଖାଯାଇଥିବା ପ୍ରତିକ୍ରିୟା ଭାରତର ଅର୍ଥନୀତି ଏବଂ ସେଠାରେ ରହୁଥିବା ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଭାରତୀୟଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି।

ନିଜର ପ୍ରବକ୍ତାଙ୍କ ଉତ୍ତେଜକ ବକ୍ତବ୍ୟକୁ ନେଇ ବିଦେଶରେ ତୀବ୍ର ପ୍ରତିକ୍ରିୟାକୁ ଦେଖି ସରକାର ଓ ଶାସକ ଦଳ ରକ୍ଷାତ୍ମକ ସ୍ଥିତିକୁ ଆସିବା ସ୍ୱାଭାବିକ। ହଠାତ୍ ଆମେ କୌଣସି ଧର୍ମ ପ୍ରତି ଘୃଣାରେ ବିଶ୍ୱାସ କରୁନାହୁଁ, ସବୁ ଧର୍ମକୁ ସମ୍ମାନ ଜଣାଉଛୁ ଏବଂ ସର୍ବଧର୍ମ ସମଭାବରେ ବିଶ୍ୱାସ କରୁଛୁ ବୋଲି ପ୍ରେସ୍ ବିବୃତି ଦେବାକୁ ପଡ଼ିଲା। ନୂପୁରଙ୍କ ଘୃଣାର ବକ୍ତବ୍ୟକୁ ସିଧାସଳଖ ଭାବେ ଅସ୍ୱୀକାର ଓ ନାପସନ୍ଦ କରି ଦୀର୍ଘ ଦଶ ଦିନ ପରେ ହେଲେ ବି ତାଙ୍କୁ ପାର୍ଟିରୁ ନିଲମ୍ବିତ କରିବାକୁ ଏବଂ ଦିଲ୍ଲୀ ଭାଜପାର ମିଡିଆ ପ୍ରମୁଖ ନବୀନ ଜିନ୍ଦଲଙ୍କୁ ଦଳରୁ ବହିଷ୍କାର କରିବାକୁ ପଡ଼ିଲା।



ତେବେ ବିଦେଶୀ ଚାପରେ ପଡ଼ି ଭାଜପା ନେତୃତ୍ୱ ନୂପୁରଙ୍କୁ ଦଳରୁ ନିଲମ୍ବିତ କରିଥିଲେ ମଧ୍ୟ ସରକାର ସେମାନଙ୍କୁ ଗିରଫ କରିବାକୁ ସାହସ ଦେଖାଇ ନାହାନ୍ତି। ଓଲଟା ତାଙ୍କର ଜୀବନକୁ ବିପଦ ରହିଛି ବୋଲି କହି ତାଙ୍କୁ ପୋଲିସ ସୁରକ୍ଷା ଯୋଗାଇଛନ୍ତି। ଅନ୍ୟପକ୍ଷରେ ନିକଟରେ ଜ୍ଞାନବାପି ମସଜିଦ୍ ବିବାଦରେ ଶିବଲିଙ୍ଗକୁ ନେଇ ସୋସିଆଲ ମିଡିଆରେ କଟାକ୍ଷ ମାତ୍ର କରିଥିବା ଦୁଇଜଣ ପ୍ରଫେସରଙ୍କ ବିରୋଧରେ ପୋଲିସ ୨୪ ଘଣ୍ଟା ମଧ୍ୟରେ ମାମଲା ଦାଏର କରିଛି। ପ୍ରଫେସର ରତନଲାଲଙ୍କୁ ତୁରନ୍ତ ଗିରଫ କରାଯାଇଥିବା ବେଳେ ଭାଜପାର ସମର୍ଥକମାନେ ପ୍ରଫେସର ରବିକାନ୍ତଙ୍କ ଉପରେ ଆକ୍ରମଣ କରିଛନ୍ତି। ଧର୍ମୀୟ ଭାବନାକୁ ଆହତ କରିଥିବା ଅଭିଯୋଗରେ ଦୁଇ ଦଳିତ ପ୍ରଫେସରଙ୍କ ବିରୋଧରେ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନେଇଥିବା ସରକାର ନୂପୁର ଓ ନବୀନଙ୍କ କ୍ଷେତ୍ରରେ ଚୁପ୍ ରହିବା ସେମାନଙ୍କ ଦୋମୁହାଁ ନୀତିକୁ ଦର୍ଶାଉଛି। ଧର୍ମୀୟ ଘୃଣା ସୃଷ୍ଟିକାରୀ ବିବୃତି ଦେବାରେ ନୂପୁର ଶର୍ମା ଦେଶରେ ପ୍ରଥମ କିମ୍ବା ଶେଷ ବ୍ୟକ୍ତି ନୁହନ୍ତି। ଗତ କିଛିବର୍ଷ ଧରି ଶାସକ ଦଳ ଓ ତା'ର ସମର୍ଥିତ ବ୍ୟକ୍ତି ଓ ସଙ୍ଗଠନମାନଙ୍କ ଦ୍ୱାରା ଦେଶରେ ଘୃଣା ସୃଷ୍ଟିକାରୀ ବିବୃତି ଦେବା ଜାରି ରହିଛି। ଆଜି ବିଦେଶୀ ଚାପରେ ସର୍ବଧର୍ମ ସମଭାବର କଥା କହୁଥିବା ପ୍ରଧାନମନ୍ତ୍ରୀଙ୍କ ସମେତ ଦଳର ରାଷ୍ଟ୍ରୀୟ ନେତୃତ୍ୱ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଅତୀତରେ ବାରମ୍ବାର ଧର୍ମୀୟ ବିଦ୍ୱେଷ ସୃଷ୍ଟିକାରୀ ମନ୍ତବ୍ୟ ଦେଇ ଆସିଛନ୍ତି। ବିଶେଷ କରି ଗୋଦି ମିଡିଆ ଦ୍ୱାରା ଆୟୋଜିତ ଟିଭି କାର୍ଯ୍ୟକ୍ରମଗୁଡ଼ିକ ଧର୍ମୀୟ ବିଦ୍ୱେଷ ସୃଷ୍ଟିର ଆଡ୍ଡାରେ ପରିଣତ ହୋଇଛି। ଜନଗଣଙ୍କ ଜ୍ୱଳନ୍ତ ପ୍ରସଙ୍ଗ ଉପରୁ ଧ୍ୟାନ ହଟାଇବା ପାଇଁ ଅତ୍ୟନ୍ତ ସୁନିୟୋଜିତ ଭାବେ ଏହାକୁ ଆୟୋଜିତ କରାଯାଉଛି।

ଗତ କିଛିମାସ ମଧ୍ୟରେ ଦେଶର ହରିଦ୍ୱାର, ବାରାଣସୀ ପରି ବିଭିନ୍ନ ସ୍ଥାନରେ ଧର୍ମ ସଂସଦ ନାଁରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଖୋଲାଖୋଲି ଭାବେ ଘୃଣା ଓ ହିଂସାର ଆହ୍ୱାନ ଦିଆଯିବା ଦେଖିବାକୁ ମିଳିଛି। ଏଭଳି ଘୃଣାର ଭାଷଣ ଦେବା, କେବଳ ଅପରାଧ ନୁହେଁ ବରଂ ସମ୍ବିଧାନ ବିରୋଧୀ। ଭାରତୀୟ ଫୌଜଦାରି ଆଇନର୧୫୩ (କ) ଓ ୫୦୫ (ଗ) ଧାରା ଅନୁଯାୟୀ ଏହା ଗୁରୁତର ଅପରାଧ। ପରିତାପର ବିଷୟ, ଏଭଳି ଧର୍ମୀୟ ଘୃଣା ଓ ବିଦ୍ୱେଷର ଖୋଲାଖୋଲି ପରିବେଷଣ ସତ୍ତ୍ୱେ ବି ଦେଶର ସରକାର ଚୁପ୍ ରହିଛନ୍ତି। ଅଥଚ ପ୍ରଧାନମନ୍ତ୍ରୀଙ୍କୁ ଗଡ୍‌ସେ ସମର୍ଥକ ବୋଲି କହି ନିଜର ଫେସ୍‌ବୁକ୍‌ରେ ପୋଷ୍ଟ କରିବା ଅଭିଯୋଗରେ ଗୁଜରାଟର ଦଳିତ ବିଧାୟକ ଜିଗ୍ନେସ୍ ମେୱାନୀଙ୍କୁ ନିକଟରେ ଆସାମର ଭାଜପା ସରକାରର ପୋଲିସ ଗୁଜରାଟ ଯାଇ ଗିରଫ କରିଛି। ସରକାରଙ୍କ ସହ ଭିନ୍ନମତ ରଖିଥିବା ଅନେକ ସାମାଜିକ କର୍ମୀ, ଖବରଦାତା ଓ ବୁଦ୍ଧିଜୀବୀଙ୍କ ବିରୋଧରେ ରାଜଦ୍ରୋହ ମାମଲା ଦାଏର କରିବା ସହ କେତେଜଣଙ୍କୁ ଗିରଫ ମଧ୍ୟ କରାଯାଇଛି।

ତେବେ ଆଶ୍ୱସ୍ତିର ବିଷୟ, ବିଦେଶୀ ପ୍ରତିକ୍ରିୟା ପରେ ଭାଜପା ନେତୃତ୍ୱ ଧର୍ମୀୟ ବିଦ୍ୱେଷ ଓ ଉତ୍ତେଜକ ଭାଷଣ ଦେଉଥିବା ନିଜର ୩୭ ଜଣ ନେତାଙ୍କୁ ଚିହ୍ନଟ କରି ସେମାନଙ୍କୁ କୌଣସି ମନ୍ତବ୍ୟ ନ ଦେବାକୁ ତାଗିଦ୍ କରିଥିବା ଜଣାପଡ଼ିଛି। ଅନ୍ୟପଟେ ମୁସ୍‌ଲିମ ପର୍ସନାଲ ଲ' ବୋର୍ଡ ମଧ୍ୟ ଗୋଦି ମିଡ଼ିଆରେ ଧର୍ମ ଉପରେ କୌଣସି ପ୍ରକାର ଆଲୋଚନାରେ ଭାଗ ନ ନେବା ପାଇଁ ନିଜ ସମ୍ପ୍ରଦାୟର ଧର୍ମଗୁରୁ ଓ ବିଦ୍ୱାନମାନଙ୍କୁ ପରାମର୍ଶ ଦେଇଛି। ଯଦି ଉଭୟ ପରାମର୍ଶ କାର୍ଯ୍ୟକାରୀ ହେବ, ତା'ହେଲେ ଦେଶରେ ଗଣମାଧ୍ୟମ ଜରିଆରେ ପ୍ରଚାରିତ ହେଉଥିବା ଘୃଣାର ପ୍ରଚାର ପ୍ରସାର ଅନେକ ପରିମାଣରେ କମିଯିବ।

ସାଧାରଣତଃ ଶାସକମାନେ ନିଜର ଅପାରଗତା, ଜନବିରୋଧୀ ନୀତି ଏବଂ ଦରବୃଦ୍ଧି, ବେରୋଜଗାର ଆଦି ଜ୍ୱଳନ୍ତ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟେଇବା ପାଇଁ ଏସବୁ ଧର୍ମୀୟ ପ୍ରସଙ୍ଗକୁ ଉଠାଇଥାନ୍ତି। ତେବେ ଦେଶରେ ସରକାରୀ ପ୍ରୋତ୍ସାହନରେ ଚାଲିଥିବା ଧର୍ମୀୟ ଘୃଣା ଓ ହିଂସାର ଭାଷଣକୁ ରୋକିବା ଜରୁରୀ। କାରଣ ଏହା ଆମ ସମାଜକୁ ବରବାଦ କରିଦେବ। ଆମର ବହୁଳତାବାଦୀ ସଂସ୍କୃତିକୁ ଧୂଳିସାତ୍ କରିବ। ରୋଜଗାର ଓ ବିକାଶ ପରିବର୍ତ୍ତେ ଆମର ଯୁବକମାନଙ୍କୁ ଦଙ୍ଗାକାରୀରେ ପରିଣତ କରିବ।

ମୋ–୯୪୩୭୧୬୬୩୯୧

# ଅଜଣା ରୋଗର ନିଦାନ



**ଡ.ସତ୍ୟନାରାୟଣ ମିଶ୍ର**

ରୋଗ ହେଉଛି ଏକ ଅବସ୍ଥା, ଯାହା ଶରୀରର ଗତାନୁଗତିକ କାର୍ଯ୍ୟରେ ବାଧା ସୃଷ୍ଟି କରି ପୀଡ଼ା ସହ ସ୍ୱାସ୍ଥ୍ୟକୁ ଆଘାତ ଦେଇଥାଏ। ଉଭୟ ଉଦ୍ଭିଦ ଓ ପ୍ରାଣୀ ରୋଗରେ ପୀଡ଼ିତ ହୋଇଥାନ୍ତି। ଉଦ୍ଭିଦଗୁଡ଼ିକର ରୋଗକୁ ମଣିଷ ଦେଖେ ଓ ତାହାର ଉପଚାର କରୁଥିବାବେଳେ, ପ୍ରାଣୀମାନଙ୍କ ମଧ୍ୟରେ ମଣିଷ କେବଳ କୌଣସି ରୋଗରେ ଆକ୍ରାନ୍ତ ହେଲେ ଶରୀରର ପୀଡ଼ା ହେତୁ ତାହାକୁ ବ୍ୟକ୍ତ କରିଥାଏ। ମାତ୍ର ଅନ୍ୟ ପ୍ରାଣୀମାନେ ରୋଗରେ ଆକ୍ରାନ୍ତ ହେଲେ ବ୍ୟକ୍ତ କରିପାରି ନ ଥାନ୍ତି। ମଣିଷ ଶରୀରରେ ରୋଗ ସୃଷ୍ଟି ହେଲେ ତାହାର ତୁରନ୍ତ ଉପଚାର କରି ସେଥିରୁ ଆରୋଗ୍ୟ ହେବା ଲାଗି ସେ ସଦା ସର୍ବଦା ଯତ୍ନବାନ ହୋଇଥାଏ। ମଣିଷ ଜାଣିଥାଏ ଯେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ମାତ୍ର ମଣିଷ କେତେକ କ୍ଷେତ୍ରରେ ଅଜ୍ଞତାରେ ବା ଅବହେଳା ହେତୁ ରୋଗରେ ଆକ୍ରାନ୍ତ ହୋଇଥାଏ ତ ପୁଣି କେତେବେଳେ ପରିବେଶ ଓ ଜଳବାୟୁ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ତେବେ ବର୍ତ୍ତମାନ ସଭ୍ୟତାର ଦ୍ରୁତ ଅଭିବୃଦ୍ଧି ସହିତ ମଣିଷର ନୂଆ ନୂଆ ରୋଗ ସୃଷ୍ଟି ହେଉଛି। କେତେବେଳେ ମଣିଷ ରୋଗ ସହ ଲଢ଼େଇ କରି ଜୟ ହେଉଛି ତ ପୁଣି କେତେବେଳେ ପରାଜୟ ବରଣ କରୁଛି। ରୋଗ ସାଧାରଣତଃ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ। ବର୍ତ୍ତମାନ ଶହ ଶହ ବିଭିନ୍ନ ରୋଗ ମଣିଷ ଶରୀରରେ ବିଦ୍ୟମାନ ଓ ପ୍ରତ୍ୟେକଙ୍କର ନିଜସ୍ୱ ଲକ୍ଷଣ ତଥା ଚିହ୍ନର ଏକ ନିର୍ଦ୍ଦିଷ୍ଟ ଅବସ୍ଥିତି ଅଛି, ଯାହା ଡାକ୍ତରଙ୍କୁ ସମସ୍ୟା ନିର୍ଣ୍ଣୟ କରିବାରେ ସକ୍ଷମ କରିଥାଏ। ସାଧାରଣତଃ ଜୀବାଣୁ ସଂକ୍ରମଣ, କୋଷିକା ଜୀବ, କବକ, ପରଜୀବୀ ଆଦି ଦ୍ୱାରା ରୋଗ ସୃଷ୍ଟି ହୋଇଥାଏ, ତାହା ପୁଣି ମଣିଷର ଅଜ୍ଞାତରେ ହୋଇଥାଏ। ଯେତେବେଳେ ମଣିଷକୁ ଅଜଣା ରୋଗ ଆକ୍ରାନ୍ତ କରିଥାଏ, ସେତେବେଳେ ରୋଗୀକୁ ଚିକିତ୍ସା କରିବା ଅତ୍ୟନ୍ତ କଷ୍ଟ ହୋଇଥାଏ। ଶରୀରକୁ ରୋଗ ହେଲେ ତାହା ଚିକିତ୍ସା ପଦ୍ଧତି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ, ମାତ୍ର ମଣିଷକୁ ଅଜଣା ରୋଗ ଯେତେବେଳେ ମାନସିକ ସ୍ତରରେ ଆକ୍ରାନ୍ତ କରିଥାଏ ତାହାକୁ ନିରୂପଣ କରିବା ଓ ତାହାର ଚିକିତ୍ସା କରି ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ବର୍ତ୍ତମାନର ମଣିଷ ଶାରୀରିକ ରୋଗ ଅପେକ୍ଷା ମାନସିକ ଓ ଅଜଣା ଅନ୍ତର୍ନିହିତ ରୋଗରେ ଅଧିକ ଆକ୍ରାନ୍ତ ହେଉଛି।

ଅଜଣା ରୋଗ ହେଉଛି ଏଭଳି ଏକ ରୋଗ, ତାହା କେବଳ ରୋଗୀଙ୍କୁ ଜଣାଥାଏ ଓ ତାହା ହେଉଛି ନିଜ ମଧ୍ୟରେ ଥିବା ମାନସିକ ବିଷାଦର ପରିପ୍ରକାଶ। ମାନସିକ ରୋଗକୁ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି ମଧ୍ୟ କୁହାଯାଏ, ଯାହା ମଣିଷର ମନୋବଳ, ଚିନ୍ତା ଓ ଆଚରଣ ଉପରେ ପ୍ରଭାବ ପକାଇଥାଏ। ଏହା ଉଦାସୀନତା, ଅସ୍ୱାଭାବିକ ଚିନ୍ତାଧାରା, ଧାରଣା, ଭାବନା, ଆଚରଣ ଏବଂ ଅନ୍ୟମାନଙ୍କ ସହିତ ସମ୍ପର୍କିତ। ବର୍ତ୍ତମାନ ମଣିଷ ଘୃଣା, ହିଂସା, ଅହଂକାର, ହୀନମନ୍ୟତା, ଅସୂୟାଭାବ ଆଦିର ଶିକାର ହୋଇ ଅଜଣା ରୋଗରେ ନିଜେ ଆକ୍ରାନ୍ତ ହେଉଛି। ଘୃଣା, ହିଂସା, ଅହଂକାର ଆଦି ମନୁଷ୍ୟର ହୃଦୟ, ପ୍ରାଣ ଓ ଶରୀରର ଏକ ଅଜଣା ରୋଗ। ଘୃଣା, ହୀନମନ୍ୟତା, ଅସହିଷ୍ଣୁତା ଆଦି ସାଧାରଣତଃ ଭୟ, ଅସୁରକ୍ଷିତତା କିମ୍ବା ଅବିଶ୍ୱାସରୁ ଆସିଥାଏ। ନିଜକୁ ଅନ୍ୟମାନଙ୍କ ସହିତ ନକାରାତ୍ମକ ଦୃଷ୍ଟିକୋଣରେ ତୁଳନା କରି ନିଜର କ୍ଷତି ମଣିଷ ନିଜେ ହିଁ କରିଥାଏ। ଉକ୍ତ ନକାରାତ୍ମକ ଶକ୍ତିଗୁଡ଼ିକ ମସ୍ତିଷ୍କର ରସାୟନ ବିଜ୍ଞାନକୁ ପରିବର୍ତ୍ତନ କରେ ଓ ମସ୍ତିଷ୍କରେ ଗତିର ଯୋଜନା ତଥା କାର୍ଯ୍ୟକାରିତା ପାଇଁ ଦାୟୀ କୋଷକୁ ଉତ୍ସାହିତ କରେ। ଅନେକ ସମୟରେ ମଣିଷ ପ୍ରାୟତଃ ଘୃଣାର ଭାବନାକୁ ଅଣଦେଖା କରନ୍ତି ବା ଅନ୍ୟମାନଙ୍କୁ ସେମାନଙ୍କର ଘୃଣା ପାଇଁ ଦୋଷ ଦିଅନ୍ତି। ଅସୂୟାଭାବ, ବିଦ୍ୱେଷ ଏକ ସଂକ୍ରାମକ ରୋଗ ଓ ଜରୁରିକାଳୀନ ସ୍ୱାସ୍ଥ୍ୟ ପରିସ୍ଥିତି ବୋଲି ମନେକରାଯାଇଥାଏ। ହିଂସାକୁ ଏକ ସଂକ୍ରାମକ ରୋଗ, ଜନସ୍ୱାସ୍ଥ୍ୟ ସମସ୍ୟା ଓ ସ୍ୱାସ୍ଥ୍ୟର ଏକ ବିଡ଼ମ୍ବନା ଭାବରେ ସ୍ୱୀକୃତି ଦିଆଯିବା ଉଚିତ।



ଏକ ଆକଳନ ଅନୁସାରେ ପ୍ରତିବର୍ଷ ବିଶ୍ୱରେ ୧.୬ ନିୟୁତରୁ ଉର୍ଦ୍ଧ୍ୱ ଲୋକଙ୍କର ହିଂସାରେ ପ୍ରାଣ ନାଶ ହେଉଛି। ମାନସିକ ବିଭେଦ, ଅସହିଷ୍ଣୁତା, ହିଂସା ଆଦି ଏକ ଏକ ବିଷ, ଯାହା ମଣିଷର ଆତ୍ମାକୁ ପ୍ରଦୂଷିତ କରିଥାଏ ଓ ମଣିଷର ଚତୁଃପାର୍ଶ୍ୱରେ ରହିଥିବା ସମସ୍ତ ସମ୍ପର୍କକୁ ପ୍ରବେଶ କରିପାରେ। ଏହାର ପ୍ରତିଫଳନ ହୋଇଥାଏ ଜଣେ ଅନ୍ୟକୁ ଘୃଣା କରିବା ଓ ଅବିଶ୍ୱାସ କରିବାରେ। ଯେଉଁ ହାତ ଆଘାତ ଦେଇଥାଏ, ସେହି ହାତ ମଧ୍ୟ ସାନ୍ତ୍ୱନା ଦେବାର ସାମର୍ଥ୍ୟ ବହନ କରିଥାଏ। ତାହା କେବଳ ସମ୍ଭବ ହୋଇଥାଏ ମାନସିକ ଭାରସାମ୍ୟ ଓ ସକାରାତ୍ମକ ଚିନ୍ତାଧାରାର ପ୍ରୟୋଗ ହେତୁ। ନିଜ ମଧ୍ୟରେ ଥିବା ଲୁକ୍କାୟିତ କୁଗୁଣଗୁଡ଼ିକ ଯୋଗୁ ମଣିଷ ସହଜରେ ନିଜର ଭୁଲ୍‌କୁ ସ୍ୱୀକାର କରିପାରେ ନାହିଁ। କାରଣ ମଣିଷ ସବୁବେଳେ ଭାବିଥାଏ ଭୁଲ୍ ସ୍ୱୀକାର କରିନେଲେ ନିଜର ସମ୍ମାନ ହାନି ହୋଇଯାଏ ବା କୌଣସି କ୍ଷେତ୍ରରେ ସମର୍ପଣ ବା ସୀକୃତି କରିନେଲେ ସମ୍ମାନରେ ଆଘାତ ଆସିଥାଏ। ମାତ୍ର ତାହା ତାକୁ ସଫଳ କରିବାକୁ ଚେଷ୍ଟା କରିଥାଏ ବୋଲି ମଣିଷ ହୃଦୟଙ୍ଗମ ନ କରି ବରଂ ଅଜଣା ରୋଗରେ ପୀଡ଼ିତ ହୋଇ ନିଜର ବହୁମୂଲ୍ୟ ଜୀବନକୁ ନିଜେ ଧ୍ୱଂସ କରିଥାଏ। ବର୍ତ୍ତମାନ ସମାଜରେ ମଣିଷ ନିକଟରେ ଅନେକ କିଛି ଉପଭୋଗ୍ୟ ବସ୍ତୁ ରହିଛି ଓ ସୁବିଧା ସୁଯୋଗ ମଧ୍ୟ ରହିଛି। ମଣିଷ ତାହାର ସଦ୍‌ବ୍ୟବହାର କରିବା ପାଇଁ ଅନିଚ୍ଛୁକ ଓ ଅସମର୍ଥ। ଫଳତଃ ମଣିଷ କାହାର ଉତ୍କର୍ଷ ବା ପ୍ରତିଷ୍ଠାରେ ଯେତିକି ଆନନ୍ଦ ବା ଖୁସି ନ ହୁଏ, କାହାର କ୍ଷତି ବା ଅସୁବିଧା ହେଲେ ଅଧିକ ଆନନ୍ଦିତ ହୋଇଥାଏ। କାରଣ ବର୍ତ୍ତମାନ ମାନବିକ ଦୃଷ୍ଟିକୋଣ, ମର୍ଯ୍ୟାଦା, ସହନଶୀଳତା, ଧୈର୍ଯ୍ୟ ଆଦି ଗୁଣଗୁଡ଼ିକର କ୍ରମଶଃ କମିବା ଜଣାପଡୁଛି। ମଣିଷକୁ ଯେତେବେଳେ କୌଣସି ଦୁରାରୋଗ୍ୟ ବ୍ୟାଧି ବା ଅଜଣା ରୋଗ ଆକ୍ରାନ୍ତ କରିଥାଏ, ସେତେବେଳେ ତା'ର ମାନସିକ ଅବସ୍ଥା ନିୟନ୍ତ୍ରିତ ନ ଥାଏ। ହେଲେ ବର୍ତ୍ତମାନ ମଣିଷ ନିଜେ ନିଜ ରୋଗ ସୃଷ୍ଟିର କର୍ତ୍ତା। ସନ୍ତୁଳିତ ଆହାର ସହିତ ସୁନିୟନ୍ତ୍ରିତ ଜୀବନଶୈଳୀ ତଥା ସକାରାତ୍ମକ ଦୃଷ୍ଟିକୋଣ ମଣିଷକୁ ଅନେକ କିଛି ପ୍ରଚ୍ଛନ୍ନରେ ପ୍ରଦାନ କରିଥାଏ, ହେଲେ ତାହାର ଗୁରୁତ୍ୱକୁ ଉପଲବ୍ଧି କରିପାରୁନାହିଁ। ତେଣୁ ମଣିଷ ସମାଜ ଶରୀର ରୋଗକୁ ନିୟନ୍ତ୍ରିତ କରିବା ପାଇଁ ଯେଉଁଭଳି ବ୍ୟଗ୍ର ଓ ସଚେତନ, ସେହିଭଳି ନିଜର ମନରୁ, ହୃଦୟରୁ ସୃଷ୍ଟି ହେଉଥିବା ଅଜଣା ରୋଗକୁ ପ୍ରତିହତ ନ କଲେ ସମୟ ଆସିବ ମଣିଷ ସମାଜ ସମ୍ପୂର୍ଣ୍ଣ ଅଜଣା ରୋଗରେ ଆକ୍ରାନ୍ତ ହୋଇଯିବ।

**ଅଭିଲେଖାଧିକାରୀ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମୋ:୯୯୩୭୩୪୫୯୦୦**

## ଏଇ ଭାରତରେ

ବୟସର ଅପରାହ୍ନରେ ଏକ ଦମ୍ପତି ଚାଷରୁ ବସିନା ହଟିଆସିଛନ୍ତି , ହେଲେ ହସ୍ତକଳାର କରିସ୍ମା ସେମାନଙ୍କୁ ଦେଇଛି ଏକ ନୂଆ ପରିଚୟ। କେରଳର କୋଟାଇରେ ରହୁଥିବା କେ. କୁଞ୍ଜାକୁଟ୍ଟି ଏବଂ ସି ଲକ୍ଷ୍ମୀ ଶଢ଼େଇରେ ବିଭିନ୍ନ ପ୍ରକାର ଜିନିଷ ତିଆରି କରୁଛନ୍ତି। ଏହାର ମାର୍କେଟରେ ଅଧିକ ଚାହିଦା ରହିଛି। ମୁଖ୍ୟତଃ ଶଢ଼େଇରୁ ସେମାନେ ଖେଳଣା, ଚାମଚ, ଚା କପ୍, ପ୍ଲେଟ, ଚାବି ରିଙ୍ଗ, ଫୁଲପାତ୍ର, ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି। କୁଞ୍ଜକୁଟ୍ଟିଙ୍କ ବୟସ ୭୨ ହୋଇଥିବାବେଳେ ଲକ୍ଷ୍ମୀଙ୍କୁ ଏବେ ୬୨। ଏହିସବୁ ଜିନିଷ ଉପରେ ସେମାନେ ବିଭିନ୍ନ କଳାକୃତିର ଛାପ ରଖୁଛନ୍ତି। ସେମାନେ ଏସବୁ ଜିନିଷକୁ ରାଜ୍ୟର ବିଭିନ୍ନ ମେଳାରେ ବିକ୍ରି କରୁଛନ୍ତି। ଏଗୁଡ଼ିକର ମୂଲ୍ୟ ସାମଗ୍ରୀର ଆକାର ଅନୁଯାୟୀ ୫୦ରୁ ୧,୦୦୦ ଟଙ୍କା ରଖାଯାଇଛି। ଉକ୍ତ ଦମ୍ପତି ଏବେ ସୁଦ୍ଧା ୨ କୁଇଣ୍ଟାଲ ଶଢ଼େଇରୁ ଏଭଳି ସାମଗ୍ରୀ ପ୍ରସ୍ତୁତ କରିସାରିଲେଣି। ଦୂରସ୍ଥାନରୁ ଅର୍ଡର ପାଇଲେ ସେମାନେ ଜିନିଷ ପ୍ୟାକ କରି ପୋଷ୍ଟାଲରେ ତାହାକୁ ପଠାଇ ଦେଉଛନ୍ତି। ଆଖପାଖ ଅଞ୍ଚଳରୁ ହେଉ କିମ୍ବା ବ୍ୟବସାୟୀଙ୍କ ପାଖରୁ ସେମାନେ ଶଢ଼େଇ ସଂଗ୍ରହ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୯୭

- ଇରାନ ରାଜଧାନୀର ପଶ୍ଚିମାଞ୍ଚଳରେ ଦୁଇଟି ବସ ମଧ୍ୟରେ ମୁହାଁମୁହିଁ ଧକ୍କା ଲାଗିବା ଫଳରେ ୩୫ ଯାତ୍ରୀ ମୃତ।
- ନାଇଜେରିଆର ଦକ୍ଷିଣ ତ୍ରିକୋଣଭୂମି ଅଞ୍ଚଳରେ ସାମ୍ପ୍ରଦାୟିକ ହିଂସା ଘଟି ୧୮ ନିହତ।
- ୯୫୦ କୋଟିର ଗୋଖାଦ୍ୟ ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ, କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଦେଓ ପ୍ରସାଦ ବର୍ମା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ଜଗନ୍ନାଥ ମିଶ୍ରଙ୍କ ସମେତ ୩ ବରିଷ୍ଠ ନେତାଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ ପାଇଁ ବିହାର ରାଜ୍ୟପାଳଙ୍କୁ ଅନୁମତି ପ୍ରଦାନ।
- ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ପୁତ୍ର ହରକିଷନ ଶାସ୍ତ୍ରୀଙ୍କ ୫୮ ବର୍ଷ ବୟସରେ ପରଲୋକ।

## su | do | ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 8 | 9 | | | 3 | | | 2 | |
| | | 7 | 9 | | | | | |
| | | | | 6 | 1 | | | |
| | 7 | | | | | 4 | | 3 |
| | | | | | | 5 | 8 | |
| | | 3 | | 8 | | 2 | 6 | |
| 3 | | | 8 | 4 | 2 | | | |
| | 5 | 6 | 3 | | | | | 8 |
| | | | | 1 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 7 | 8 | 3 | 9 | 4 | 2 | 5 |
| 4 | 8 | 3 | 7 | 5 | 2 | 9 | 1 | 6 |
| 9 | 2 | 5 | 6 | 4 | 1 | 8 | 3 | 7 |
| 7 | 6 | 2 | 9 | 8 | 4 | 1 | 5 | 3 |
| 8 | 3 | 1 | 5 | 6 | 7 | 2 | 4 | 9 |
| 5 | 4 | 9 | 2 | 1 | 3 | 7 | 6 | 8 |
| 1 | 7 | 4 | 3 | 9 | 5 | 6 | 8 | 2 |
| 2 | 5 | 8 | 4 | 7 | 6 | 3 | 9 | 1 |
| 3 | 9 | 6 | 1 | 2 | 8 | 5 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୋର୍‌ୱେଲ ମୁହଁ ବନ୍ଦ ରଖାଯାଉ

ମହାଶୟ,

ଛତିଶଗଡ଼ର ଜାଞ୍ଜଗିର–ଚମ୍ପା ଗ୍ରାମରେ ଖୋଲା ଏବଂ ପରିତ୍ୟକ୍ତ ୮୦ ଫୁଟ୍ ଗଭୀର ବୋରୱେଲ ଭିତରକୁ ୧୧ବର୍ଷର ବାଳକ ରାହୁଲ ଖସିପଡ଼ିବା ସହ ପାଞ୍ଚ ଦିନ ସଂଘର୍ଷ କରି ବଞ୍ଚିଛି। ଏଥିପାଇଁ ଛତିଶଗଡ଼ ସରକାର, ସ୍ଥାନୀୟ ଜିଲା ପ୍ରଶାସନ ଏବଂ ଓଡ୍ରାଫ ଟିମ୍‌ଙ୍କ ଏକାନ୍ତ ଐକ୍ୟ ଉଦ୍ୟମ,ଏକାଗ୍ରତା ସହ କର୍ତ୍ତବ୍ୟନିଷ୍ଠାର ପରିଚୟ ପ୍ରଦାନ କରିଛନ୍ତି ଉଦ୍ଧାରକାରୀ ଦଳ। 'ଅପରେଶନ ଜିନ୍ଦେଗୀ–ରାହୁଲ' ନିଶ୍ଚିତ ପ୍ରଶଂସନୀୟ। ଏଇ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିବା ଟିମ୍‌ର ସମସ୍ତ ସଦସ୍ୟଙ୍କୁ ପ୍ରୋତ୍ସାହନ ସ୍ୱରୂପ ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରିବା ସହ ମାନସିକ ସ୍ତରରେ ଅନଗ୍ରସର ରାହୁଲଙ୍କୁ ଉତ୍ତମ ଚିକିତ୍ସା ବନ୍ଦୋବସ୍ତ ସହ ମାଗଣା ଶିକ୍ଷା ବ୍ୟବସ୍ଥା କରାଯିବା ଆବଶ୍ୟକ। ଦେଶ ନିର୍ମାଣର ବିକାଶ ଓ ଅଗ୍ରଗତି ପାଇଁ ପ୍ରଶାସନ ପକ୍ଷରୁ ଅନେକ ବୋରୱେଲ ଆଉ କେଉଁଠି ବଡ଼ ବଡ଼ ଗାତ ଖୋଳାଯାଉଛି। ଦେଖାଯାଉଛି କର୍ମଚାରୀମାନଙ୍କ ଅସଚେତନତା, ଅସାବଧାନତା ଯୋଗୁ ଅନେକ ଖୋଲାମେଲା ଓ ପରିତ୍ୟକ୍ତ ଅବସ୍ଥାରେ ରହୁଛି। ଏଥିରେ ଶିଶୁ ଓ ଗୃହପାଳିତ ପଶୁ ପଡିବା ଦ୍ୱାରା ମୃତ୍ୟୁ ଘଟୁଛି। ରାହୁଲଙ୍କ ପିତା ବୋରୱେଲକୁ ଭୁଲ୍‌ବଶତଃ ବନ୍ଦ କରି ନ ଥିବା ହେତୁ ଏ ପ୍ରକାର ଅଘଟଣ ଘଟିଲା। ଏଭଳି ସମସ୍ୟାକୁ ଏଡାଇବାକୁ ହେଲେ ଖୋଳାଯାଉଥିବା ଗର୍ତ୍ତଗୁଡ଼ିକୁ ବନ୍ଦ କରିବା ଆବଶ୍ୟକ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଭୁଲିଯାଏଁ ମୋର ସ୍ୱପନ–ରାଇଜେ
ବିପୁଳ ସୁଖ ଶୋଚନା
ଦିବସ ନିଶାର ବିରାମ ବିହୀନ
ଉଜାଗର ଅରଚନା
ମୋର ନୟନର ଅଞ୍ଜନ ସମା
ଶୋଉ ଏ ପତାରେ ଆଗୋ ଉତ୍ତମା !
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୩୩,୨୮,୬୪୪ | ୬୩,୩୮,୫୩୯ | ୫୧,୮୫,୦୮,୫୩୨ |
| ଭାରତ | ୪,୩୨,୭୦,୫୭୭ | ୫,୨୪,୮୧୭ | ୪,୨୬,୮୨,୬୯୭ |
| ଓଡ଼ିଶା | ୧୨,୮୮,୭୬୨ | ୯୧୨୬(+୫୩) | ୧୨,୭୯,୪୧୯ |

ଶୁକ୍ରବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ସଞ୍ଜୟ ସିଂ ସୂଚନା ଓ ଲୋକ ସମ୍ପର୍କ ପ୍ରମୁଖ ସଚିବ

ଭୁବନେଶ୍ୱର,୧୭।୬(ବ୍ୟୁରୋ)



ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଥିବା ବେଳେ ଶୁକ୍ରବାର ଆଉ ୨ ଜଣ ଆଇଏଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ କମିଶନର ସହିତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ ସିଇଓ ଏବଂ କ୍ରୁଟ୍ ଏମ୍‌ଡି ଥିବା ୧୯୯୭ ବ୍ୟାଚ ଆଇଏଏସ୍ ଅଫିସର ସଞ୍ଜୟ କୁମାର ସିଂଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ସେ ବିଡିଏ ଉପାଧ୍ୟକ୍ଷ ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ୨୦୦୮ ବ୍ୟାଚ ଆଇଏଏସ୍ ଅଫିସର ତଥା ଓଡ଼ିଶା ରାଜ୍ୟ ଔଷଧ ନିଗମ ଏମ୍‌ଡି ଯାମିନୀ ଷଡ଼ଙ୍ଗୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଫିସର ଅନ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ବଦଳି କରାଯାଇଛି।

# ୬ ମାସର ପିଲାଙ୍କ ପାଇଁ କୋଭିଡ୍ ଟିକାକୁ ଆମେରିକାର ମଞ୍ଜୁରୀ

**ୱାଶିଂଟନ:** ଫାଇଜର ଏବଂ ମଡର୍ନା କମ୍ପାନୀ ୬ ମାସରୁ ୫ ବର୍ଷ ବୟସ ବର୍ଗର ପିଲାଙ୍କ ପାଇଁ କୋଭିଡ୍ ଟିକା ପ୍ରସ୍ତୁତ କରିଛନ୍ତି। ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ ଏହାକୁ ମଞ୍ଜୁରୀ ପ୍ରଦାନ କରିଛି। ମଡର୍ନା ଟିକା ଦୁଇ ଡୋଜ୍ ବିଶିଷ୍ଟ ହୋଇଥିବାବେଳେ ଫାଇଜର ଟିକା ୬ ମାସରୁ ୪ ବର୍ଷର ପିଲାଙ୍କୁ ୩ଟି ଡୋଜ୍‌ରେ ଦିଆଯିବ। ଛୋଟ ପିଲାଙ୍କୁ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ଦେବା ଲାଗି ଟିକାକୁ ଅଭିଭାବକମାନେ ଦୀର୍ଘଦିନ ହେଲା ପ୍ରତୀକ୍ଷା କରିଥିଲେ। ତେବେ ବ୍ୟବହାରିକ ମଞ୍ଜୁରୀ ପୂର୍ବରୁ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି)ର ଅନୁମୋଦନ ଆବଶ୍ୟକ। ଏଥିପାଇଁ ବିଶେଷଜ୍ଞ କମିଟି ବୈଠକ ଖୁବ୍‌ଶୀଘ୍ର ବସିବାକୁ ଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ରାଜ୍ୟର ୪୨୮୩ ମିଟର ନଦୀବନ୍ଧ ଦୁର୍ବଳ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୭।୬

- ୫ ଘାଇର ସ୍ଥାୟୀ ପ୍ରତିକାର ହେଲାନି
- ୩୯ ସ୍ଲୁଇସ୍ ଗେଟ୍‌ର ସ୍ଥିତି ସାଂଘାତିକ

ବର୍ଷାଋତୁ ଆସିଲେ ନଦୀକୂଳବାସୀଙ୍କୁ ବନ୍ୟା ଆତଙ୍କ ଚିନ୍ତାରେ ପକାଉଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ବନ୍ୟା ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୦୨୧ ମେ' ମାସରେ ୟାସ୍ ଏବଂ ସେପ୍ଟେମ୍ବର ବନ୍ୟାରେ ସୃଷ୍ଟି ହୋଇଥିବା ୧୫୮ ଘାଇ ମଧ୍ୟରୁ ଏଯାଏ ୫ ଘାଇର ସ୍ଥାୟୀ ପ୍ରତିକାର ହୋଇ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ରାଜ୍ୟର ୧୮ଟି ସ୍ଥାନରେ ୪୨୮୩ ମିଟର ଲମ୍ବ ଦୁର୍ବଳ ନଦୀବନ୍ଧ ରହିଥିବା ଚିହ୍ନଟ ହୋଇଛି। ଏହାବାଦ୍ ୨୨୨୮ ସ୍ଲୁଇସ୍ ଗେଟ୍ ମଧ୍ୟରୁ ୨୩ଟିରେ ମରାମତି ଆବଶ୍ୟକ ଥିବାବେଳେ ୩୯ଟିର ସ୍ଥିତି ସାଂଘାତିକ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ଜରୁରିକାଳୀନ ଘାଇ ମରାମତିପାଇଁ ଆବଶ୍ୟକ ପରିମାଣର ବାଲି, ଖାଲି ସିମେଣ୍ଟ ବସ୍ତା, ବହ୍ଲା, ବାଉଁଶ ଆଦିର ଅଭାବ ରହିଥିବାରୁ ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି।

ସୂଚନା ଅନୁଯାୟୀ, ରାଜ୍ୟର ୧୧ ନଦୀନାଳରେ ୭୪୭୩ କି.ମି. ଲମ୍ବ ନଦୀବନ୍ଧ ରହିଛି। ସେଥିମଧ୍ୟରୁ ୧୭୧୭ କି.ମି. କ୍ୟାପିଟାଲ ନଦୀବନ୍ଧ, ୨୪୯୬ କି.ମି. କୃଷିଭିତ୍ତିକ ନଦୀବନ୍ଧ, ୧୬୨୪ କି.ମି. ରିଲିଫ ନଦୀବନ୍ଧ ଏବଂ ୧୬୩୬ କି.ମି. ଲୁଣା ନଦୀବନ୍ଧ। ଜଳ ସମ୍ପଦ ବିଭାଗ ପକ୍ଷରୁ ସମସ୍ତ ନଦୀବନ୍ଧର ନିରୀକ୍ଷଣ କରାଯାଇଛି। ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଓ ତା'ର ଶାଖା ନଦୀରେ ବନ୍ୟା ପରିସ୍ଥିତି ଅଧିକ ଦେଖିବାକୁ ମିଳିଥାଏ। ଦୁର୍ବଳ ନଦୀବନ୍ଧରେ ସ୍ଥାୟୀ ପ୍ରତିକାର ଏବଂ ଆବଶ୍ୟକ ସ୍ଥଳେ ନଦୀବନ୍ଧ ନିର୍ମାଣରେ ଅବହେଳା ଏଥିପାଇଁ ଦାୟୀ ବୋଲି କୁହାଯାଇଛି। ୨୦୨୦ ଅଗଷ୍ଟରେ ହୋଇଥିବା ବନ୍ୟାରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀରେ ୩୫ରୁ ଊର୍ଦ୍ଧ୍ୱ ଘାଇ ସୃଷ୍ଟି ହୋଇଥିଲା। ଏହାବାଦ୍ ୨୦୨୧ ମେ ମାସ ୟାସ୍ ପ୍ରଭାବ ବନ୍ୟାରେ ଆଳି ନଦୀବନ୍ଧ ଡିଭିଜନ ଅଧୀନରେ ୯ଟି, ବାଲେଶ୍ୱର ଡିଭିଜନରେ ୧୧୬ଟି, ଯାଜପୁର ଡିଭିଜନରେ ଗୋଟିଏ ଘାଇ ସୃଷ୍ଟି ହୋଇଥିଲା। ସେହିପରି ୨୦୨୧ ସେପ୍ଟେମ୍ବର ବନ୍ୟାରେ ବାଲେଶ୍ୱର ଡିଭିଜନରେ ୪, ଖୋର୍ଦ୍ଧା ଡିଭିଜନରେ ୨, ଉତ୍ତର ମହାନଦୀ ଡିଭିଜନରେ ୧୦, ଜାରକା ଡିଭିଜନରେ ୭, ମୟୂରଭଞ୍ଜ ଡିଭିଜନରେ ୮ ଓ ବଲାଙ୍ଗୀର ଇରିଗେଶନ ଡିଭିଜନରେ ଗୋଟିଏ ଘାଇ ସୃଷ୍ଟି କରିଥିଲା। ଉପରୋକ୍ତ ୧୫୮ ଘାଇ ମଧ୍ୟରୁ ୧୫୩ଟିର ସ୍ଥାୟୀ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ଯାଜପୁର ଜିଲା ଜାରକା ଡିଭିଜନ ଅଧୀନରେ ରହିଥିବା ମାଟିଆପଡ଼ା ନିକଟସ୍ଥ ୫ ଘାଇ ଏଯାଏ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଥିପାଇଁ ସିଧାସଳଖ ଜମି କିଣିବାକୁ ଜିଲାସ୍ତରରେ ମଞ୍ଜୁରୀ ମିଳିସାରିଛି। କିନ୍ତୁ ଏହି ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଘାଇର ସ୍ଥାୟୀ ମରାମତି ହୋଇପାରୁନାହିଁ। ତେବେ ଅସ୍ଥାୟୀ ଘାଇର ମରାମତି କାମ ଚାଲିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଉତ୍ତର ମହାନଦୀ ଡିଭିଜନ ଜଗତପୁରଠାରେ ୨୦୮୦ ମିଟର ୨, ଆଳି ନଦୀବନ୍ଧ ଡିଭିଜନରେ ୧୨୭୫ ମିଟର ଲମ୍ବ ବିଶିଷ୍ଟ ୨, ଜାରକା ଡିଭିଜନରେ ୧୫୫ ମିଟର ୫, ବାଲେଶ୍ୱରରେ ୫୧୮ ମିଟର ୩, ମୟୂରଭଞ୍ଜ ଡିଭିଜନରେ ୬୦ ମିଟରର ଗୋଟିଏ, ସାଳନ୍ଦୀ କେନାଲ ଡିଭିଜନରେ ୫୦ ମିଟରର ୨ ଏବଂ ବୈତରଣୀ ସାଲପଡା ଡିଭିଜନରେ ୧୪୫ ମିଟର ଲମ୍ବର ୩ ଦୁର୍ବଳ ନଦୀବନ୍ଧ ଚିହ୍ନଟ ହୋଇଛି। ଏହାସହ ସ୍ଲୁଇସ ଗେଟ୍‌ଗୁଡ଼ିକର ମରାମତି କାର୍ଯ୍ୟ ଜୁନ୍ ୩୦ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ହୋଇଛି। ବନ୍ୟା ନିୟନ୍ତ୍ରଣ ପାଇଁ ଜୁନ୍ ୧ ତାରିଖ ସୁଦ୍ଧା ରାଜ୍ୟର ୨୪ ଡିଭିଜନରେ ୬୧୫୮୩ ଘନମିଟର ବାଲିର ଆବଶ୍ୟକତା ରହିଥିବାବେଳେ ମାତ୍ର ୩୭୬୪୭ ଘନମିଟର ବାଲି ମହଜୁଦ ରହିଛି। ଏହାସହ ୩୦,୪୦,୩୦୦ ଖାଲି ସିମେଣ୍ଟ ବସ୍ତାର ଆବଶ୍ୟକ ଥିବା ବେଳେ ୧୫,୮୩,୭୨୬, ୧୩୨୮୪ ବହ୍ଲା ଆବଶ୍ୟକ ସ୍ଥଳେ ୭୬୨୭, ୫୩୧୦ଟି ବାଉଁଶ ଆବଶ୍ୟକ ସ୍ଥଳେ ୩୧୦୦ ଏବଂ ବାଉଁଶ ତାଟି ୪୯୮୬ ବର୍ଗମିଟର ଆବଶ୍ୟକ ଥିବା ବେଳେ ୨୧୯୭ ବର୍ଗମିଟର ମହଜୁଦ ରହିଛି। ଏହିସବୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ସମ୍ଭାବ୍ୟ ଘାଇଗୁଡିକ ସ୍ଥାନରେ ମହଜୁଦ ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହାବାଦ୍ ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରସ୍ତୁତି ବୈଠକ, ଘାଇଗୁଡ଼ିକର ସ୍ଥାୟୀ ମରାମତି, ନିୟମିତ ନିରୀକ୍ଷଣ, ସ୍ଲୁଇସ୍ ମକ୍‌ଡ୍ରିଲ, ଡ୍ରେନେଜ୍ ସଫା, ବନ୍ୟା ନିୟନ୍ତ୍ରଣ କକ୍ଷ, ଜରୁରୀ ଯୋଗାଯୋଗ ବ୍ୟବସ୍ଥା, ସଚେତନତା ଆଦି ବ୍ୟବସ୍ଥା କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ବାଡ଼ିରେ ବଳଦ ପଶିବାରୁ ଭାଇଙ୍କୁ ହତ୍ୟା

କେନ୍ଦୁଝର, ୧୭।୬ (ସ୍ୱ.ପ୍ର.)

ବାଡ଼ିରେ ବଳଦ ପଶି ଫସଲ ନଷ୍ଟ କରିବାରୁ ଭାଇଙ୍କୁ ହତ୍ୟା କଲେ ଭାଇ। ଏପରି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ କୃଷପୁର ଗାଁରେ। ଅଭିଯୁକ୍ତ କୁନା ନାୟକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ,ଶୁକ୍ରବାର ଅପରାହ୍ନରେ ଗ୍ରାମର ଆରତ ନାୟକଙ୍କ ଏକ ବଳଦ ତାଙ୍କ ଭାଇ ମଧୁ ନାୟକଙ୍କ ବାଡ଼ିରେ ପଶି ଫସଲ ନଷ୍ଟ କରିଥିଲା। ଏହା ଦେଖି ମଧୁଙ୍କ ପୁଅ କୁନା ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିଥିଲେ। ଏହାକୁ ଆରତଙ୍କ ପୁଅ ରାଜନ ବିରୋଧ କରିବାରୁ ଦୁଇଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ କୁନା ଏକ ଟାଙ୍ଗିଆରେ ରାଜନ ମୁଣ୍ଡଙ୍କୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ରାଜନଙ୍କର ମୃତ୍ୟୁ ଘଟିଥିଲା। ତେଲକୋଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି।

**WANTED**
Sales Executive for Odisha experience in Pipe Industry Marketing Preferably- Government Organisations Working Experience.
Salary- negotiable
send your resume to:
eastcoastbbsr@yahoo.com
Mob: # 9434044160_9340655314

**ଆବଶ୍ୟକ**
Newly Open SPA ପାଇଁ Female Therapist ଆବଶ୍ୟକ ।
ଯୋଗାଯୋଗ:
7436957557,8249486011

**WANTED**
LADY OFFICE ASST.
Nakhara, Cuttack
Free accommodation
Free fooding, 10000 +
7809525452

**WANTED**
Girls Hostel ପାଇଁ ମହିଳା Warden ଆବଶ୍ୟକ। ରହିବା ଖାଇବା ସୁବିଧା ଅଛି। ସତ୍ୟନଗର, ଭୁବନେଶ୍ୱର।
Contact:
9556514837
7978508564

**Urgently required for Paradip College, Paradip**
Applications are invited for different posts of Women's Hostel & Boys Hostel of Paradip College, Paradip on part time basis and Guest Faculty in Education, Sanskrit & Odia for Paradip College, Paradip latest by 24.06.2022. For details refer to www.paradeepcollege.org.
Sd./- Principal-cum-Secretary
Paradip College, Paradip

# ସମ୍ଭାବ୍ୟ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ରୁହ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

**ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସରେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକରେ ଅଧ୍ୟକ୍ଷତା କରିସମସ୍ତ ସମ୍ଭାବ୍ୟ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମର ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ନୀତି ହେଉଛି ପ୍ରତ୍ୟେକ ଜୀବନ ମୂଲ୍ୟବାନ୍। ଏହି ନୀତି ଅନୁସରଣ କରି ଓଡ଼ିଶା ଭଳି ଗୋଟିଏ ବିପର୍ଯ୍ୟୟପ୍ରବଣ ରାଜ୍ୟରେ ଆମେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ କରି ଏ କ୍ଷେତ୍ରରେ ଏକ ଆଗୁଆ ରାଜ୍ୟ ହୋଇପାରିଛୁ। ପ୍ରତ୍ୟେକ ବର୍ଷର ଜୁନ୍ ମାସରୁ ଅକ୍ଟୋବର ଅତି ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ବନ୍ୟା, ବାତ୍ୟା, ମରୁଡ଼ି ପରି ଅନେକ ପ୍ରାକୃତିକ ବିପର୍ଯ୍ୟୟ ଆସେ। ତେଣୁ ଏହି ସମୟ ଭିତରେ ବାତ୍ୟା ଓ ବନ୍ୟା ଏକ ସମୟରେ ଆସିବାର ମଧ ସମ୍ଭାବନା ରହିଛି। ଏ ବାବଦରେ ଆମର ପ୍ରସ୍ତୁତିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ସମସ୍ତ ପ୍ରଶାସନିକ କଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆଗୁଆ ବିପର୍ଯ୍ୟୟ ସୂଚନା ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ କାର୍ଯ୍ୟ, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପ୍ରାଣୀସେବା ଆଦି ସମସ୍ତ ବ୍ୟବସ୍ଥାକୁ ପ୍ରସ୍ତୁତ କରି ରଖିବା ଜରୁରୀ। ଏହାସହ ସମସ୍ତ ଓଡ୍ରାଫ ଓ ଅଗ୍ନିସେବା ବାହିନୀ ପ୍ରସ୍ତୁତ ହୋଇ ରହିବା ଜରୁରୀ। ବିପର୍ଯ୍ୟୟପ୍ରବଣ ଓ ଦୁର୍ଗମ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ପଦାର୍ଥ ମହଜୁଦ ରଖିବା, ଜିଲାସ୍ତରୀୟ ଜରୁରିକାଳୀନ କେନ୍ଦ୍ରଗୁଡିକୁ ୨୪ ଘଣ୍ଟିଆ କାର୍ଯ୍ୟକାରୀ କରିବା, ପଶୁ ଖାଦ୍ୟ ମହଜୁଦ ରଖିବା ଓ ବିପର୍ଯ୍ୟୟ ସମୟରେ ପ୍ରାଣୀସେବା କ୍ୟାମ୍ପ ଖୋଲିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଗର୍ଭବତୀ ମହିଳା, ଶାରୀରିକ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତି, ଶିଶୁ, ବିଧବା ଏବଂ ବୟସ୍କ ଲୋକଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

**ଜୁନ୍‌ରୁ ଅକ୍ଟୋବର ଅତି ଗୁରୁତ୍ୱପୂର୍ଣ୍ଣ**

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ରାଜ୍ୟ ସରକାର ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯେଉଁସବୁ ପଦକ୍ଷେପ ନେଇଛନ୍ତି ସେନେଇ ସୂଚନା ଦେଇଥିଲେ। ସେ କହିଥିଲେ, ରାଜ୍ୟରେ ୮୭୯ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ବିନିଯୋଗ କରାଯାଇ ଆହୁରି ୫୫ ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷକରି ଉପକୂଳ ଅଞ୍ଚଳରେ ବିପର୍ଯ୍ୟୟ ପ୍ରତିରୋଧୀ ଗୃହ ନିର୍ମାଣ କରାଯାଉଛି। ଏହି ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ବକ୍ତବ୍ୟ ରଖି ନିଜ ଅଞ୍ଚଳରେ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ମତାମତ ରଖିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର ପି.କେ. ଜେନା ଧନ୍ୟବାଦ ଅର୍ପଣ କରିଛନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସମେତ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଜିଲାର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୬୩ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୧୭।୬(ବ୍ୟୁରୋ)

ରାଜ୍ୟରେ ଆଉ ୬୩ଟି ଆଦର୍ଶ ବିଦ୍ୟାଳୟ ଶୁକ୍ରବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ନିମାପଡ଼ା ଏବଂ ଗୋପ ବ୍ଲକ୍‌ରେ ଦୁଇଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିବାବେଳେ ଅବଶିଷ୍ଟ ୬୧ ଆଦର୍ଶ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ମନ୍ତ୍ରୀ ଓ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହାଦ୍ୱାରା ରାଜ୍ୟର ଗରିବ ମେଧାବୀ ଛାତ୍ରୀଛାତ୍ର ନିଜ ନିଜ ଅଞ୍ଚଳରେ ସୁବିଧାରେ ଗୁଣାତ୍ମକ ଶିକ୍ଷା ପାଇପାରିବେ ଏବଂ ରାଜ୍ୟର ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦାଶ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ବ୍ଲକ୍‌ରେ ଘୋଷଣା କରାଯାଇଥିବା ୩୧୪ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ଅଦ୍ୟାବଧି ୨୫୦ଟି ଉଦ୍‌ଘାଟିତ ହୋଇ କାର୍ଯ୍ୟକ୍ଷମ ହେଉଛି। ବାକି ୬୪ଟି ବିଦ୍ୟାଳୟ ଉଦ୍‌ଘାଟନ ହେବାର ଥିଲା। କିନ୍ତୁ ୬୩ଟି ଉଦ୍‌ଘାଟିତ ହୋଇଥିବାବେଳେ କୋରାପୁଟରେ ଏକ ଆଦର୍ଶ ବିଦ୍ୟାଳୟର ଉଦ୍‌ଘାଟନ ହୋଇପାରି ନ ଥିବା ଜଣାପଡ଼ିଛି।

**ଦ.ପୂ. ରେଳପଥ ଟେଣ୍ଡର**
**ଟେଣ୍ଡର ବିଜ୍ଞପ୍ତି ନଂ.:** ସିକେପି-ଇଷ୍ଟ-୨୨-୨୩-୦୮, **ତାରିଖ:** ୧୬।୦୬।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର/ଇଏନ୍‌ଜିଜି/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ସିନିୟର ଡିଇଏନ୍/ଇଷ୍ଟ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ସଲାମାଟିକ୍ ରୋବୋଟିକ୍ ୱେଲ୍‌ଡର ବ୍ୟବହାର କରି ସିଏମ୍‌ଏସ୍ କ୍ରସିଂର ଇନ୍-ସିଟୁ ରି-କଣ୍ଡିସନିଂ; **ଟେଣ୍ଡର ମୂଲ୍ୟ:** ₹୭୪,୯୭,୬୧୫.୦୦; **ଇଏମ୍‌ଡି:** ₹୧,୫୦,୦୦୦.୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦.୦୦ । **ଖୋଲାଯିବା ତାରିଖ:** ତା୧୪।୦୭।୨୦୨୨ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ପୂର୍ବରୁ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ ।
PR-228

**ପୂର୍ବ ମଧ୍ୟ ରେଳପଥ**
**ଶୁଦ୍ଧିପତ୍ର ସଂ.- ୧**
ଇ-ଟେଣ୍ଡର ନଂ. ୨୦୨୨/ଡବ୍ଲ୍ୟୁପି/ଇଏନ୍‌ଜିଜି/ସିଆରଡବ୍ଲ୍ୟୁ/ଏମ୍‌ସିଏସ୍/ଡବ୍ଲ୍ୟୁଟି-୦୩(ଓପେନ୍) । କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି: ଏଲ୍‌ଏଚ୍‌ବି କୋଚ୍, ପୂର୍ବତଟ ରେଳପଥର ପିଓଏଚ୍ ପାଇଁ ସିଆରଡବ୍ଲ୍ୟୁ ମଞ୍ଚେଶ୍ୱରଠାରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ), ଯେଉଁଥିରେ ପୁରୁଣା ଭିତ୍ତିଭୂମିର ଉନ୍ନୟନ, ପରିବର୍ଦ୍ଧନ ଏବଂ ପ୍ରତିବଦଳ, ବିଦ୍ୟୁତୀକରଣ ତଥା ଆଲୋକୀକରଣ କାର୍ଯ୍ୟ, ବିନିର୍ଦ୍ଦିଷ୍ଟ ମେକାନିକାଲ୍ ମେଶିନେରୀ ଓ ପ୍ଲାଣ୍ଟର ସଂଗ୍ରହଣ ତଥା କମିଶନିଂ କାର୍ଯ୍ୟ ଅନ୍ତର୍ଭୁକ୍ତ ।
**ପୂର୍ବରୁ ପ୍ରକାଶିତ ହୋଇଥିବା ଅନୁଯାୟୀ:** ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୦୫।୦୭।୨୦୨୨ରିଖ ୧୩.୦୦ ଘଟିକାରେ, **ସଂଶୋଧିତ ହୋଇଥିବା ଅନୁଯାୟୀ:** ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୦।୦୭।୨୦୨୨ରିଖ ୧୩.୦୦ ଘଟିକାରେ ।
ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ । ଶୁଦ୍ଧିପତ୍ର ଆଇଆରଇପିଏସ୍ ୱେବ୍‌ସାଇଟ୍: www.ireps.gov.inରେ ଦେଖାଯାଇପାରିବ।
ଚିଫ୍ ଇଞ୍ଜିନିୟର/ୱାର୍କଶପ୍ ପ୍ରୋଜେକ୍ଟ/ଇସିଆର/ପାଟନା
PR/0430/WPO/ENGG/C/22-23/28

**NARAYANI MOTORS Recruitment**
NARAYANI MOTORS (P) LTD | NEXA | MARUTI SUZUKI | MARUTI SUZUKI ARENA | NARAYANI MOTORS (P) LTD
We are hiring candidates for our all outlet *Rasulgarh, Jharpada, Puri, Nimapada, Paradeep, Jagatsinghpur, Khorda & NEXA - Raj Bhawan, Khandagiri (Upcoming-NEXA Service)*. Interested candidates please apply on given Contact details.
**Walk-in-Interview (11.00 A.M. – 4.00 P.M.) on Working Days**
**ARENA: (Rasulgarh, Paradeep, Jagatsinghpur, Puri, Nimapada, Nirgundi)**
1. SALES EXECUTIVES - 20 Nos. (Exp.: 0-3 Yrs.)
2. TEAM LEADERS - 2 Nos. (Exp.: 3-6 Yrs.)
3. TECHNICIANS - 10 Nos. (Exp.: 0-3 yrs.)
4. CUSTOMER CARE EXECUTIVES - 8-10 Nos. (Back-office Exp.: 0-3 yrs.)
(Any Graduate/BBA, Experienced in Automobile Sales, Salary: Negotiable)
**NEXA: Raj Bhaban (Bhubaneswar, Cuttack, Jagatsinghpur, Paradeep)**
1. RELATIONSHIP MANAGER - 5 Nos. (Exp.: 1-3 Yrs.)
2. RURAL RELATIONSHIP MANAGER - 2-3 Nos. (Exp.: 1-3 Yrs.)
3. QUALITY MANAGER - 1 No. (Exp- 5-8 yrs. In Customer Care)
(Any Graduate/MBA, Experienced in Automobile Sales, Salary: Negotiable)
**NEXA- SERVICE (New Outlet at KHANDAGIRI)**
1. SERVICE ADVISOR - 4 Nos. (1-3 Yrs. Exp.)
2. BODYSHOP ADVISOR - 2 Nos. (1-3 Yrs. Exp.)
3. WORKSHOP SUPERVISOR - 1 No. (Exp.: Above 4 Yrs.)
4. TECHNICIANS - 10 Nos. (Exp. 1-3 Yrs.)
5. DENTOR - 6 Nos. (Exp.: 2-5 Yrs.)
6. PAINTER - 6 Nos. (Exp.: 2-5 Yrs.)
7. CUSTOMER RELATIONSHIP EXECUTIVE - 4 Nos. (Exp.: 1-2 Yrs. Female)
8. WORKS MANAGER - 1 No. (Exp.: 8-10 Yrs.)
9. BODYSHOP MANAGER - 1 No. (Exp.: 8-10 Yrs.)
10. EDP EXECUTIVE - 1 No. (Exp.: 5 Yrs.)
11. ACCOUNTS EXECUTIVE - 1 No. (Exp: 2-5 Yrs.)
**Salary Negotiable, Diploma/ B-Tech Mechanical person required for technical profile.**
Contact Details: (HR) M: 8599002007, 9583022053
Mail id: narayani.bhb.hr@marutidealers.com

# ଡ୍ରେସ୍ ନ ଆଣିବାରୁ ମା'ଙ୍କୁ ହତ୍ୟାକଲା ୧୦ ବର୍ଷର ପୁଅ

କେନ୍ଦୁଝର, ୧୭।୬ (ସ୍ୱ.ପ୍ର.)

ରଜରେ ସମସ୍ତେ ନୂଆ ଡ୍ରେସ ପିନ୍ଧିଥିବା ଦେଖି ୧୦ ବର୍ଷର ପୁଅ ଆଉ ସମ୍ଭାଳି ପାରିଲା ନାହିଁ। ଡ୍ରେସ ପାଇଁ ମା' ସହିତ ଝଗଡ଼ା କଲା। ଗରିବ ମା' ତାର ଇଚ୍ଛା ପୂରଣ କରିବାକୁ ଅସାମର୍ଥ୍ୟ ପ୍ରକାଶ କରିବାରୁ ମା' ଓ ପୁଅ ମଧ୍ୟରେ ବଚସା ହେଲା। ଶେଷରେ ଉତ୍‌କ୍ଷିପ୍ତ ହୋଇ ପୁଅ ଏକ ଟାଙ୍ଗିଆରେ ହାଣି ମା'ଙ୍କୁ ହତ୍ୟା କଲେ। ପରେ ସବୁକଥା ଗ୍ରାମବାସୀଙ୍କୁ ଜଣାଇ ଅନୁତାପ କରିବା ବେଳକୁ ସବୁ କିଛି ଶେଷ ହୋଇଯାଇଥିଲା। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଗୁରୁବାର ସନ୍ଧ୍ୟାରେ ବାଂଶପାଳ ବ୍ଲକ ଉପରବରଡା ଗ୍ରାମରେ। ମୃତ ମହିଳା ହେଲେ ମୁଗ ସାଆନ୍ତ। ଗ୍ରାମବାସୀ ପୁଅକୁ ଧରି ପୋଲିସ ଜିମା ଦେଇଛନ୍ତି। ଶୁକ୍ରବାର ସକାଳେ ପୋଲିସ ମା'ଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଟାଙ୍ଗିଆ ଜବତ କରିଛି। ନାବାଳକଙ୍କୁ ଅଟକ ରଖି ପଚରାଉତୁରା କରୁଛି।

ଖବର ଅନୁଯାୟୀ ମୁଗ ପ୍ରଥମେ ଜଣଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଅଛି। ସେ ଏବେ ଅନ୍ୟ ଜିଲାରେ ରହୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ମଙ୍ଗୁଳି ସାଆନ୍ତଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ଦୁଇ ପୁଅ ଅଛନ୍ତି। ତେବେ ଦ୍ୱିତୀୟ ସ୍ୱାମୀ ୫ବର୍ଷ ପୂର୍ବେ ପ୍ରାଣ ହରାଇବା ପରେ ମୁଗ ଦୁଇ ପୁଅ ସହିତ ରହୁଥିଲେ। ଦୁଇ ପୁଅ ପାଠ ପଢୁଛନ୍ତି। ବଡ଼ ପୁଅ ପଞ୍ଚମ ଶ୍ରେଣୀରେ ଓ ସାନ ପୁଅ ତୃତୀୟ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ତେବେ ଏହି ଘଟଣା ପରେ ସାନପୁଅ ବେସାହାରା ହୋଇଯାଇଛନ୍ତି। ଏନେଇ ଏକ ହତ୍ୟା ମାମଲା(ନଂ.୪୮/ ୨୦୨୨) ରୁଜୁ କରାଯାଇ ତଦନ୍ତ ଚାଲୁଛି ବୋଲି ନୟାକୋଟ ଥାନା ଅଧିକାରିଣୀ ସ୍ୱର୍ଣ୍ଣମଣି ହେମ୍ବ୍ରମ କହିଛନ୍ତି।




**GHANASHYAM HEMALATA VIDYAMANDIR, PURI**
(Fully Residential School)
Affiliated to CBSE, New Delhi
R.J Vihar, Bhuan, Chhaitana, Puri-752002
Ph. No: - 7008243964 / 8018399102 / 7735629062 / 7008905242
E-mail: - puri.ghvm@gmail.com
**REQUIREMENT OF TEACHERS**

| POST | SUBJECTS |
|---|---|
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| LIBRARIAN & NTT | FEMALE |

- **Qualification :** - As Per CBSE norms.
- **Salary :** -
  **PGT-** Min. Rs.31,000/- (additional increment will be given per year experience basis)
  **TGT-** Min. Rs.20,000/- ((additional increment will be given per year experience basis)
  **PRT/PET-** Min. Rs.15,500/- (additional increment will be given per year experience basis)
  **LIBRARIAN & NTT-** Salary negotiable
- Competent & Experienced teachers having knowledge in Computer are preferable.
- Free Accommodation, Fooding & Laundry for all the above post.
- Interested candidate can apply by sending their resume (with photograph) through post to **The Principal, Ghanashyam Hemalata Vidyamandir, R.J.Vihar, At. Bhuan, Post. Chhaitana, Dist. Puri, Pin. 752002** or by mail to **puri.ghvm@gmail.com** within 07 days of the publication of advertisement.
PRINCIPAL




୧୭।୦୬।୨୦୨୨

| ୮୮,୧୫୪ ଟଙ୍କା | |
|---|---|
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶୀ ସଙ୍ଗୀତର ବିଶେଷ କାର୍ଯ୍ୟକ୍ରମ 'ଆଳାପ-୨୦୨୨', ଉତ୍କଳ ରଙ୍ଗ ମଞ୍ଚ, ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଦାବି ନେଇ ଅଖିଳ ଭାରତ ଛାତ୍ରସଂଘ ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ୍ ଛକ, ଅପରାହ୍ନ ୩ଟା ୪୫।
- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ରାଜ୍ୟ ପୁରସ୍କାର ସମ୍ମାନ ଉତ୍ସବ, ସୂଚନା ଭବନ, ଅପରାହ୍ନ ୪ଟା ୩୦।
- ବିଭୁକିଶୋର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଆ ପ୍ରସିଦ୍ଧ ଗାୟିକାଙ୍କୁ ଶ୍ରଦ୍ଧାଞ୍ଜଳି ଉତ୍ସବ 'ତପୁ ଓନ୍ଲି ତୁମେ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ପ୍ରଦକ୍ଷିଣ ସ୍କୁଲ ଅଫ୍ ଓଡ଼ିଶୀ ଡ୍ୟାନ୍ସର ବାର୍ଷିକ ନୃତ୍ୟ ପ୍ରଦର୍ଶନୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ରଜ ଉପଲକ୍ଷେ ଚଇତାଳି ଘୋଡ଼ାନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖୀ ପୀଠ, ପୂର୍ବାହ୍ନ ୧୦ଟା।

କଟକ

- ଦେଶ ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ସ୍ୱଚ୍ଛତା ରାଲି ଉଦ୍‌ଘାଟନ, ଡିଆର୍‌ଡିଏ କାର୍ଯ୍ୟାଳୟ, ସକାଳ ୭ଟା।
- ଇନ୍‌ଟାକ୍ କଟକ ଚାପ୍ଟର ଓ କଟକ କ୍ଲବର ମିଳିତ ଆନୁକୂଲ୍ୟରେ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ, କଟକ କ୍ଲବ ପରିସର, ପୂର୍ବାହ୍ନ ୧୦ଟା।
- ବିପର୍ଯ୍ୟୟ ପରିଚାଳନା ବୈଠକ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

# ପକ୍ଷୀ ଗ୍ୟାଲେରିରେ ତ୍ରୁଟିପୂର୍ଣ୍ଣ ତଥ୍ୟ

## ରାଜ୍ୟ ସଂଗ୍ରହାଳୟ

### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଚିଠି ଲେଖିଲେ ଶୁଭେନ୍ଦୁ

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଥିବା ପକ୍ଷୀ ଗ୍ୟାଲେରିରେ କେତେକ ତ୍ରୁଟି ଦେଖାଯାଇଛି। ଅନେକ ପକ୍ଷୀଙ୍କୁ ଭୁଲ୍ ଭାବରେ ଚିହ୍ନଟ କରାଯାଇଛି। ସେମାନଙ୍କ ତ୍ରୁଟିପୂର୍ଣ୍ଣ ନାମକୁ ଇଂଲିଶ ଓ ଓଡ଼ିଆରେ ଫଳକରେ ଲେଖାଯିବା ସହ ଭ୍ରମାତ୍ମକ ତଥ୍ୟ ଦିଆଯାଇଛି। ଉଦାହରଣ ସ୍ୱରୂପ Red-crested pochard ବା ରଙ୍ଗା-ଗେଣ୍ଡି ପକ୍ଷୀକୁ Pink-headed duck ବୋଲି ଦର୍ଶାଯାଇଛି। ରଙ୍ଗା-ଗେଣ୍ଡି ପକ୍ଷୀକୁ ବିଲୁପ୍ତପ୍ରାୟ ଲେଖିବା ଅନ୍ୟ ଏକ ଭୁଲ୍। ସବୁଠାରୁ ବଡ଼ କଥା ହେଲା Pink-headed duck ପ୍ରକୃତିରୁ ୧୯୩୫ ମସିହାରୁ ବିଲୁପ୍ତ ହୋଇଗଲେଣି। ସେହିପରି Red-whiskered ବୁଲ୍‌ବୁଲ୍‌କୁ Red-vented ବୁଲ୍‌ବୁଲ୍, Black-headed Jay ପକ୍ଷୀକୁ Striated Laughing Thrush, Red-breasted parakeet ପକ୍ଷୀକୁ Malabar Parakeet ବା Blue-winged parakeet, Plum-headed parakeetକୁ Blossom-headed Parakeet ଏବଂ Kori Bustard କୁ Great Indian Bustard ବୋଲି ଲେଖାଯାଇଛି। ତେବେ ଏସବୁ ତ୍ରୁଟିକୁ ନେଇ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ସେ ଲେଖିଛନ୍ତି ଯେ, ସଂଗ୍ରହାଳୟ ଯେ ଖାଲି ପର୍ଯ୍ୟଟକ ବା ପର୍ଯ୍ୟଟନ ପାଇଁ ଉଦ୍ଦିଷ୍ଟ ହୋଇଥାଏ ତାହା ନୁହେଁ, ବରଂ ଏହା ଜ୍ଞାନ ଓ ତଥ୍ୟ ପରିବେଷଣ ଓ ସମ୍ପ୍ରସାରଣ କରିବାର ଏକ ବଳିଷ୍ଠ ମାଧ୍ୟମ ହୋଇଥାଏ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଏହି ସଂଗ୍ରହାଳୟରେ ପକ୍ଷୀଙ୍କ ପ୍ରଜାତିକୁ ଭୁଲ୍ ଚିହ୍ନଟ କରାଯାଇ ନାମଗୁଡ଼ିକୁ ଭୁଲ୍ ଲେଖାଯିବା ଦ୍ୱାରା ପର୍ଯ୍ୟଟକ ବିଶେଷକରି ଛାତ୍ରୀଛାତ୍ର ସେମାନଙ୍କ ଅଜାଣତରେ ନିଶ୍ଚୟ ଭୁଲ୍‌ର ଶିକାର ହେଉଛନ୍ତି। ତେଣୁ ବିହିତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଏକ ବୈଷୟିକ କମିଟି ଗଠନ କରି ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପକ୍ଷୀ ଗ୍ୟାଲେରିରେ ଥିବା ତ୍ରୁଟିକୁ ସଂଶୋଧନ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଶୁଭେନ୍ଦୁ ଚିଠିରେ ଲେଖିଛନ୍ତି।




Red-crested pochard ବା ରଙ୍ଗା-ଗେଣ୍ଡି ପକ୍ଷୀ (ଡାହାଣ)କୁ ରାଜ୍ୟ ସଂଗ୍ରହାଳୟରେ Pink-headed duck ବା ଗୋଲାପି ମୁଣ୍ଡି ବତକ (ବାମ) ରୂପେ ଦର୍ଶାଯାଇଛି।

# ଚିଲିକା ମଝିରେ ଅଟକିଲା ଡଙ୍ଗା



କୃଷ୍ଣପ୍ରସାଦ, ୧୭।୬(ଡି.ଏନ୍.ଏ.)

ଚିଲିକା ମଝିରେ ଅଟକିଲା ଯାତ୍ରୀବାହୀ ଡଙ୍ଗା। ଶୁକ୍ରବାର ମଧ୍ୟାହ୍ନରେ ଦୁଇଚକିଆ ଯାନ ସହ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଏକ ଡଙ୍ଗା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଜହ୍ନିକୁଦା ଘାଟରୁ ସାତପଡ଼ା ଅଭିମୁଖେ ଯାଉଥିଲା। ପ୍ରାୟ ୫୦୦ମିଟର ଯିବା ପରେ ଡଙ୍ଗା ମେଶିନର ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ଚିଲିକା ମଝିରେ ୩୦ମିନିଟ୍ ଧରି ଯାତ୍ରୀମାନେ ଫସି ରହିବା ସହ ଭୟଭୀତ ହୋଇପଡ଼ିଥିଲେ। ଜହ୍ନିକୁଦା ଘାଟରୁ ଅନ୍ୟ ଏକ ଡଙ୍ଗା ଆସି ଅଟକି ରହିଥିବା ଡଙ୍ଗାରେ ରଶି ବନ୍ଧାଯିବା ପରେ ଟାଣି ଟାଣି ଘାଟକୁ ଆଣିଥିଲା। ସୂଚନାଥାଉ କି, ମେ'୨୭ରେ ଜହ୍ନିକୁଦାରୁ ସାତପଡ଼ା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଡଙ୍ଗା ମେଶିନର ଫ୍ୟାନ୍ ରଡ୍ ଭାଙ୍ଗିଯିବାରୁ ଚିଲିକା ମଝିରେ ପ୍ରାୟ ୧ଘଣ୍ଟା ଧରି ଯାତ୍ରୀମାନେ ଫସି ରହିଥିଲେ। ସେହିପରି ମେ' ୫ରେ ମା'କାଳିଜାଇ ପୀଠରୁ ଦର୍ଶନ ସାରି ବାଲୁଗାଁ କୂଳକୁ ଫେରୁଥିବା ଏକ ଯାତ୍ରୀବାହୀ ଡଙ୍ଗା କାଳବୈଶାଖୀ ଯୋଗୁ ଚିଲିକାରେ ବୁଡ଼ିଯାଇଥିଲା। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ଜଣଙ୍କୁ ଉଦ୍ଧାର କରାଯାଇଥିଲା। ପୂର୍ବରୁ ଅଧିକାଂଶ ସମୟରେ ବିଭିନ୍ନ କାରଣ ଯୋଗୁ ଭେସେଲ(ଭସାପୋଲ) ଓ ଡଙ୍ଗା ମଝି ଚିଲିକାରେ ଅଟକି ଯିବାର ମଧ୍ୟ ନଜିର ରହିଛି। ତେଣୁ ଚିଲିକାରେ ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଏକ ସ୍ଥାୟୀ ବ୍ରିଜ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

# ବ୍ରାଉନସୁଗାର ବେପାର କରୁଥିବା ଦମ୍ପତି ଗିରଫ

### ୬.୬ ଗ୍ରାମ୍ ବ୍ରାଉନସୁଗାର, କାର, ମୋବାଇଲ, ଟଙ୍କା ଜବତ

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

ବ୍ରାଉନସୁଗାର ବେପାର କରୁଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆ ସାହିରେ ରହୁଥିବା କେନ୍ଦ୍ରାପଡ଼ାର ଦିଲୀପ କୁମାର ବରାଳ ଓ ପୂର୍ଣ୍ଣିମା ବରାଳ। ଏମାନଙ୍କଠାରୁ ୬.୬ ଗ୍ରାମ୍ ବ୍ରାଉନସୁଗାର, ଟାଟା ଟିଗର କାର୍, ଗୋଟିଏ ମୋବାଇଲ ଫୋନ ଓ ନଗଦ ୫ ହଜାର ଟଙ୍କା ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୪୦୦/୨୨) ରୁଜୁ କରି ଅଭିଯୁକ୍ତ ଦିଲୀପ ଓ ପୂର୍ଣ୍ଣିମାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସାଲିଆସାହିସ୍ଥିତ ଏକ ଭେରାଇଟି ଦୋକାନରେ ବ୍ରାଉନସୁଗାର ବେପାର କରୁଥିବା ଖବର ପାଇ ନୟାପଲ୍ଲୀ ଥାନା ପୋଲିସ ସେଠାରେ ଚଢାଉ କରି ନୟାଗଡ଼ ରଣପୁର ଅଞ୍ଚଳର ସତ୍ୟଜିତ୍ ପ୍ରଧାନଙ୍କୁ ଗିରଫ କରିଥିଲା। ଯାଞ୍ଚବେଳେ ତାଙ୍କଠାରୁ ୬.୬ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ସେ ୨୦ ହଜାର ଟଙ୍କାରେ ବାଲେଶ୍ୱରରୁ ବ୍ରାଉନସୁଗାର କିଣି ୪୦ ହଜାରରେ ବିକ୍ରି କରୁଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱନାଥ



@ ଦେବାଶିଷ



@ ବିଶ୍ୱଜିତ୍



@ ପ୍ରିୟଚନ୍ଦନ



@ ମିଟୁ



@ ରାହୁଲ

# ତିନି ରଥର କନା ନିର୍ମାଣ କାର୍ଯ୍ୟ ଆରମ୍ଭ

ପୁରୀ ଅଫିସ, ୧୭।୬

ମହାପ୍ରଭୁଙ୍କ ରଥଯାତ୍ରାକୁ ଆଉ ଅଳ୍ପଦିନ ବାକିଥିବା ବେଳେ ରଥଖଳାରେ ଜୋର୍‌ସୋରରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ଶୁକ୍ରବାର ତିନିରଥ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଥକନା ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ଦରଜି ସେବକ ପ୍ରକାଶ ମହାପାତ୍ର ନୀତି ଅନୁଯାୟୀ ପ୍ରଥମେ ଧୂପ, ଦୀପ, ମାହାର୍ଦ୍ଦ ଏବଂ ଶ୍ରୀଫଳ ଭାଙ୍ଗି କନା କାଟିଥିଲେ। ତିନି ରଥରେ ମୋଟ୍ ୧୨୫୦ ମିଟର କନା ବ୍ୟବହୃତ ହୋଇଥାଏ। ସେଥିମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପାଇଁ ନାଲି ଏବଂ ହଳଦିଆ ରଙ୍ଗର ୪୨୫ ମିଟର କନା ଆବଶ୍ୟକ। ମା' ସୁଭଦ୍ରାଙ୍କ ଦେବଦଳନ ରଥ ଲାଗି ୪୦୦ ମିଟର ନାଲି ଏବଂ କଳାରଙ୍ଗର କନା ଆବଶ୍ୟକ ହେଉଥିବା ବେଳେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ନିମନ୍ତେ ୪୨୫ ମିଟର ନାଲି ଏବଂ ସବୁଜ ରଙ୍ଗର କନା ଆବଶ୍ୟକ। ଅନୁକୂଳ ନିୟମ ଅନୁଯାୟୀ ଦରଜି ସେବକ ପୂଜା ସାରି ତିନିରଥର ବତା ଏବଂ ବିଳାଶ ପଟି ପାଇଁ କନା କାଟିଛନ୍ତି। ରଥ କନାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ କନାଗୁଡ଼ିକରେ ବିଭିନ୍ନ ପ୍ରକାର ଲେସ୍ ଏବଂ ଚୁମୁକି ବ୍ୟବହାର କରାଯାଇଥାଏ। ସ୍ନାନପୂର୍ଣ୍ଣିମା ପରେ ରଥର କନା କାର୍ଯ୍ୟ ଆରମ୍ଭ ହୋଇଥାଏ ଏବଂ ରଥ ପୂର୍ବଦିନ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇଥାଏ। ଏହି ନିର୍ମାଣ କାର୍ଯ୍ୟରେ ୧୭ଜଣ ଦରଜି କାରିଗର ନିୟୋଜିତ ହୋଇଛନ୍ତି। ଦରଜି ସେବକ ପ୍ରକାଶ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥଯାତ୍ରା ପୂର୍ବଦିନ ରଥରେ କନା ଲାଗିଥାଏ।

## ଆଜି ଶେଷ ରଥ ସମନ୍ୱୟ ବୈଠକ: ମୁଖ୍ୟମନ୍ତ୍ରୀ କରିବେ ଚୂଡ଼ାନ୍ତ ସମୀକ୍ଷା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଶେଷ ରଥ ସମନ୍ୱୟ ବୈଠକ ହେବ। ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ରଥ ପ୍ରସ୍ତୁତିକୁ ନେଇ ଚୂଡ଼ାନ୍ତ ସମୀକ୍ଷା କରିବେ। ରଥଯାତ୍ରା ପୂର୍ବରୁ ରାସ୍ତାଘାଟ, ପରିମଳ, ଭିଡ଼ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ଓ ସ୍ୱାସ୍ଥ୍ୟ ସେବା ଭଳି କାର୍ଯ୍ୟର ସମୀକ୍ଷା କରାଯିବ। ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଓ ପରିଚାଳନା କମିଟି ସମେତ ସବୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ। ସେହିଭଳି ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ କୁହାଯିବ। ତିନି ରଥରେ ୨ୟ ଭୂଇଁ ଉଠିସାରିଥିବା ବେଳେ ୧୩ ପରସ୍ତ ପୋଟଳ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଚିତ୍ରକାର ସେବାୟତମାନେ ତିନି ରଥର ପାର୍ଶ୍ୱ ଦେବଦେବୀ, ସଖୀ, କୋଣଗୁଜଗୁଡ଼ିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଅନ୍ୟପଟେ ଶ୍ରୀମନ୍ଦିର ଅନବସର ପିଣ୍ଡିରେ ମହାପ୍ରଭୁଙ୍କ ଗୁପ୍ତନୀତି ଚାଲିଛି। ରଥକାର୍ଯ୍ୟ ସମୟଠାରୁ ଆଗୁଆ ଶେଷ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ରଥଯାତ୍ରା ପାଇଁ ପୂର୍ବରୁ ଆରଡିସି ଓ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇଟି ସମନ୍ୱୟ ବୈଠକ ସରିଛି। ଜିଲାପାଳ ସମର୍ଥ ବର୍ମା ଉକ୍ତ ବୈଠକ ସମ୍ପର୍କରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ରଥଯାତ୍ରା ପ୍ରସ୍ତୁତିର ଚୂଡ଼ାନ୍ତ ସମୀକ୍ଷା କରିବେ। ସବୁ ବିଭାଗୀୟ ମୁଖ୍ୟଙ୍କ ସମେତ ସେବାୟତ ଓ ପରିଚାଳନା କମିଟି ମଧ୍ୟ ଉପସ୍ଥିତ ରହିବେ। ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଯିବ ଓ ତାଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ ପରିଚାଳିତ ହେବ। ସେହିଭଳି କରୋନା ସଂକ୍ରମଣର ସ୍ଥିତି ଉପରେ ନଜର ରଖାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ଯାହା ନିର୍ଦ୍ଦେଶାବଳୀ ରହିବ ତାହାକୁ ଜିଲାରେ କାର୍ଯ୍ୟକାରୀ କରାଯିବ।

# ସାଇବର ଠକଙ୍କ ଟାର୍ଗେଟରେ ୩ ଆଇଏଏସ୍ ଅଧିକାରୀ

### ତାଲିକାରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା

ଭୁବନେଶ୍ୱର, ୧୭।୬ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଆର୍. ବାଲକ୍ରିଷ୍ଣନଙ୍କ ସମେତ ଏସ୍‌ଟି ଏବଂ ଏସ୍‌ସି ବିଭାଗର ସଚିବ ରଞ୍ଜନା ଚୋପ୍ରା ଏବଂ ଗୃହ ଓ ସହରାଞ୍ଚଳ ଉନ୍ନୟନ ବିଭାଗର ସଚିବ ଜି. ମାଥିଭାଥାନାନ୍‌ଙ୍କୁ ସାଇବର ଠକ ଟାର୍ଗେଟ କରିଛନ୍ତି। କେତେଜଣ ଦୁର୍ବୃତ୍ତ ଉପରୋକ୍ତ ଆଇଏଏସ୍ ଅଧିକାରୀଙ୍କ ଫଟୋକୁ ଅଲଗା ହ୍ୱାଟ୍ସଆପ୍ ନମ୍ବରରେ ବ୍ୟବହାର କରି ସେମାନଙ୍କ ସହକର୍ମୀ ଏବଂ ବନ୍ଧୁଙ୍କୁ ଟଙ୍କା ମାଗି ଠକିବାକୁ ଉଦ୍ୟମ କରିଛନ୍ତି। ଏନେଇ ଜଣାପଡ଼ିବା ପରେ ଅଧିକାରୀମାନେ ପୋଲିସ ଡିଜିଙ୍କୁ ଅବଗତ କରାଇଛନ୍ତି। ତେବେ ଏହି ଘଟଣାରେ କୌଣସି ମାମଲା ରୁଜୁ ହୋଇ ନ ଥିଲେ ବି କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଏକ ହ୍ୱାଟ୍ସଆପ୍ ଆକାଉଣ୍ଟରେ ବାଲକ୍ରିଷ୍ଣନ୍‌ଙ୍କ ଫଟୋ ଲାଗିଥିଲା। ସେହି ନମ୍ବରରୁ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କୁ ମେସେଜ୍ ଯାଇଥିଲା। ଉକ୍ତ ମେସେଜ୍‌ରେ ସାଇବର ଠକ ୧୦ହଜାର ଟଙ୍କା ମାଗିଥିଲେ। ଏହାପରେ ସମ୍ପୃକ୍ତ ଅଧିକାରୀ ଉକ୍ତ ହ୍ୱାଟ୍ସଆପ୍ ନମ୍ବରକୁ ଯାଞ୍ଚ କରିବାରୁ ତାହା ବାଲକ୍ରିଷ୍ଣନ୍‌ଙ୍କ ନ ଥିଲା। ତେଣୁ ସେ ତୁରନ୍ତ ଏସମ୍ପର୍କରେ ବାଲକ୍ରିଷ୍ଣନଙ୍କୁ ଅବଗତ କରାଇଥିଲେ। ଏଥିସହ ଏଭଳି ମେସେଜ୍ ଆସିଲେ ଅଣଦେଖା କରିବାକୁ ଅନ୍ୟ କର୍ମଚାରୀଙ୍କୁ ସତର୍କ କରାଇଥିଲେ। ସେହିପରି ଆଇଏଏସ୍ ଅଫିସର ରଞ୍ଜନା ଚୋପ୍ରା ଏବଂ ଜି ମାଥିଭାଥାନାନ୍‌ଙ୍କ ଫଟୋ ବ୍ୟବହାର କରାଯାଇ ହ୍ୱାଟ୍ସଆପ ଆକାଉଣ୍ଟ ଖୋଲାଯାଇଥିବା ଜଣାପଡ଼ିଛି। ୨୦୨୧ ନଭେମ୍ବରରେ ଓକାକ୍ ସିଇଓ ମନୋଜ ପଟ୍ଟନାୟକଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ହ୍ୟାକ୍ କରାଯାଇ ସେହି ନମ୍ବରରୁ ତାଙ୍କ ସମ୍ପର୍କୀୟଙ୍କ ଠାରୁ ସାଇବର ଠକମାନେ ଲକ୍ଷାଧିକ ଟଙ୍କା ଠକି ନେଇଯାଇଥିଲେ।



ମୌସୁମୀ ଛୁଇଁଲା ପରେ...ଭୁବନେଶ୍ୱରରେ ଶୁକ୍ରବାର ମଧ୍ୟାହ୍ନରେ ହୋଇଥିବା ବର୍ଷା ସମୟରେ ରାଜମହଲ ଛକର ଦୃଶ୍ୟ।



ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଦରଜି ସେବକ ପ୍ରକାଶ ମହାପାତ୍ରଙ୍କ ନେତୃତ୍ୱରେ ଶୁକ୍ରବାର ସେବକମାନେ ରଥ କନା ତିଆରି କରୁଛନ୍ତି।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଓଡ଼ିଶୀ ନୃତ୍ୟ ନାଟିକା ଉତ୍ସବ 'ଆଜାଦି'ର ଉଦ୍‌ଯାପନ ଅବସରରେ ଶୁକ୍ରବାର ପରିବେଷିତ ନାଟକ 'ଉତ୍କଳମଣି'ର ଏକ ଦୃଶ୍ୟ।

**ସଂକ୍ଷେପରେ**

## ସପ୍ତାହେ ହେବ 'ପ୍ରେମା' ଅସୁସ୍ଥ

ବାରଙ୍ଗ,୧୭।୬(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନର ହାତୀ ପ୍ରେମା ଏବେ ଅସୁସ୍ଥ ରହିଛି। ୭ ଦିନ ହେବ ପ୍ରେମାର ପଛପଟ ଡାହାଣ ଗୋଡରେ କ୍ଷତ ହୋଇଥିବାରୁ ସେ ଭଲରେ ଚଳାବୁଲା କରିପାରୁ ନ ଥିଲା। ନନ୍ଦନକାନନର ଡାକ୍ତରମାନେ ହାତୀ ସଫାରିରେ ତା'ର ଚିକିତ୍ସା କରୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସେ ସୁସ୍ଥ ହୋଇ ନ ଥିବା ଜଣାପଡିଛି। ପ୍ରେମା ୧୯୮୫ ମସିହା ଅକ୍ଟୋବର ୧୩ ତାରିଖରେ ମାଡ୍ରାସ ଭାଣ୍ଡାଲୁର ଚିଡିଆଖାନାରୁ ନନ୍ଦନକାନନକୁ ଆସିଥିଲା। ଏବେ ନନ୍ଦନକାନନରେ ପ୍ରେମା, ହୀରା, ବାସନ୍ତୀ ଓ ମାମାକୁ ନେଇ ସମୁଦାୟ ୪ଟି ହାତୀ ରହିଛନ୍ତି।

## ପ୍ରେମିକଙ୍କ ବାଇକ୍ ଜାଳିଦେଲେ ପ୍ରେମିକା

ଖୋର୍ଦ୍ଧା ଅଫିସ,୧୭।୬

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବାରୁ ଶୁକ୍ରବାର ରାତିରେ ପ୍ରେମିକା ଜଣଙ୍କ ପ୍ରେମିକଙ୍କ ବାଇକ୍‌ରେ ନିଆଁ ଲଗାଇଦେଇଥିବା ଜଣାପଡ଼ିଛି। ଏଭଳି ଘଟଣା ବାଘମାରୀ ଥାନା ଅନ୍ତର୍ଗତ ଗଁପୁର ଗ୍ରାମ ଛକରେ ଦେଖିବାକୁ ମିଳିଛି। ଖବରପାଇ ବାଘମାରୀ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକଙ୍କ ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ କଣ୍ଟାମଲିମ ଗ୍ରାମର ଜଣେ ଯୁବକ ଉକ୍ତ ଗ୍ରାମର ଜଣେ ଯୁବତୀଙ୍କୁ ଭଲପାଇ ଆସୁଥିଲେ। ଯୁବକ ଜଣକ ପୂର୍ବରୁ ବିବାହ କରିଥିବା ବେଳେ ଯୁବତୀ ଜଣଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଯୁବକ ଜଣକ ବିବାହ ନ କରିବାରୁ ଯୁବତୀ ଜଣକ ରାଗିଯାଇଥିଲେ। ଏହାପରେ ଗଁପୁର ବଜାରରେ ଯୁବକଙ୍କ ବାଇକରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ମଲିକ କହିଛନ୍ତି।

## ୧୧ ଗ୍ରାମ୍ ହେରୋଇନ ଜବତ, ମହିଳା ଗିରଫ

ଭୁବନେଶ୍ୱର, ୧୭।୬ (ବ୍ୟୁରୋ): ରାଜଧାନୀରେ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି। କେତେବେଳେ ବ୍ରାଉନସୁଗାର ତ ପୁଣି କେତେବେଳେ ଗଞ୍ଜେଇ, ହେରୋଇନ ଆଦି ନିଷିଦ୍ଧ ନିଶାଦ୍ରବ୍ୟ ଜବତ କରାଯାଉଛି। ପୁଣି ଏହି କାରବାରରେ ଶିଶୁ ଓ ମହିଳାଙ୍କୁ ସାମିଲ କରାଯାଉଛି। ଶୁକ୍ରବାର ଜଣେ ମହିଳାଙ୍କଠାରୁ ୧୧ ଗ୍ରାମ୍‌ର ହେରୋଇନ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ଉକ୍ତ ଅଞ୍ଚଳରେ ରହୁଥିବା ଐଶ୍ୱର୍ଯ୍ୟା ମହାପାତ୍ର। ମହିଳା ଜଣକ ଏୟାରପୋର୍ଟ ଥାନା ଅଧୀନ କାରଗିଲ ବସ୍ତିରେ ହେରୋଇନ ବିକ୍ରି କରୁଥିବା ଖବର ପାଇ ଅବକାରୀ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ହେରୋଇନ ମିଳିଥିଲା। ଏନେଇ ଅବକାରୀ ଟିମ୍ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଅଭିଯୁକ୍ତ ଐଶ୍ୱର୍ଯ୍ୟାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ରହସ୍ୟ ଘେରରେ ଦୈତ୍ୟରାଜଙ୍କ ମୃତ୍ୟୁ

- ବ୍ୟବଚ୍ଛେଦ ସରିଲା, ଭିସେରା ରିପୋର୍ଟ ପାଇଁ ନମୁନା ଗଲା
- ଘଟଣାସ୍ଥଳରୁ ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍
- ୨ ସନ୍ଦିଗ୍ଧ ଅଟକ ସୂଚନା, ପୋଲିସ ତଦନ୍ତରେ ଅବହେଳା ଅଭିଯୋଗ

ଭୁବନେଶ୍ୱର,୧୭।୬(ବ୍ୟୁରୋ)



ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତି ନିକଟ ଏକ ଖାଲ ସ୍ଥାନରୁ ଗୁରୁବାର ନାବାଳକ ଦୈତ୍ୟରାଜ ନାୟକଙ୍କ ମୃତଦେହ ମିଳିବା ଘଟଣାରେ ରହସ୍ୟ ବଢ଼ିବାରେ ଲାଗିଛି। ମୃତଦେହ ମିଳିଥିବା ସ୍ଥାନରୁ ସାଇଣ୍ଟିଫିକ୍ ଟିମ୍ ଶୁକ୍ରବାର ନମୁନା ସଂଗ୍ରହ କରିଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ସାଇଣ୍ଟିଫିକ ଟିମ୍‌କୁ ନେଇ ପୋଲିସ ସେଠାକୁ ଯାଇଥିଲା। ଉକ୍ତ ସ୍ଥାନରେ ବସ୍ତିବାସିନ୍ଦାଙ୍କ ଭିଡ଼ ଜମିଥିଲା। ସାଇଣ୍ଟିଫିକ୍ ଟିମ୍‌ର ସଦସ୍ୟମାନେ ସେଠାରେ କର୍ତ୍ତନ କରି ବିଭିନ୍ନ ଦିଗକୁ ଯାଞ୍ଚ କରିବା ସହ ନମୁନା ସଂଗ୍ରହ କରିଥିଲେ। ପୋଲିସ ମଧ୍ୟ ବସ୍ତିବାସିନ୍ଦାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଫେରିଛି। ଅନ୍ୟପକ୍ଷରେ ଦୈତ୍ୟରାଜଙ୍କୁ ବସ୍ତିର କେତେଜଣ ନିର୍ଦ୍ଦିଷ୍ଟ ଯୁବକ ହତ୍ୟା କରିଥିବା ପରିବାର ଲୋକ ଦୃଢ଼ ନିଶ୍ଚିତ ହୋଇଛନ୍ତି। ଏପଟେ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ପୋଲିସ ମୃତ୍ୟୁର କାରଣ ଜାଣିବାକୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଏଥିସହ ବିଷକ୍ରିୟାରୁ ମୃତ୍ୟୁ ହୋଇଛି କି ନାହିଁ ତାହା ଜାଣିବା ପାଇଁ ଭିସେରା ରିପୋର୍ଟ ନିମନ୍ତେ ରାଜ୍ୟ ଫୋରେନ୍‌ସିକ୍ ଲାବକୁ ନମୁନା ପଠାଯାଇଛି। ଦୈତ୍ୟରାଜ ନିଖୋଜ ପରେ ତାଙ୍କ ମୋବାଇଲକୁ ପରିବାରକୁ ଦେଇଥିବା ଗେଡୁ ଓ ପଡୋଶୀ ଦୀପକଙ୍କୁ ପୋଲିସ ଉଠାଇଆଣି ଅଟକ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିବାବେଳେ ଥାନାଧିକାରୀ ପ୍ରଦୀପ କୁମାର ରାଉତ କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଓ ଭିସେରା ରିପୋର୍ଟକୁ ଅପେକ୍ଷା କରାଯାଇଛି। କୌଣସି ବ୍ୟକ୍ତିଙ୍କୁ ଅଟକ ରଖାଯାଇନାହିଁ। ବସ୍ତିବାସିନ୍ଦାଙ୍କ କହିବା ଅନୁଯାୟୀ, ଦୀପକ ନିଶା କାରବାର କରନ୍ତି। ତେଣୁ ଏଥିପାଇଁ ବସ୍ତିରେ ନିଶାଡ଼ିଙ୍କ ଭିଡ଼ ଜମୁଥିଲା। ଏହି କାରଣ ପାଇଁ ତାଙ୍କ ଶାଳୀ ଓ ଦୈତ୍ୟରାଜଙ୍କ ଭଉଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉକ୍ତ ଘଟଣାର ଆପୋସ ସମାଧାନ ପାଇଁ କିଛିଦିନ ତଳେ ବୈଠକ ମଧ୍ୟ ହୋଇଥିଲା। ଏହାକୁ ନେଇ ଦୀପକ ଧମକ ଦେଇଥିଲେ ବୋଲି ଦୈତ୍ୟରାଜଙ୍କ ଭାଇ ଶିବଶଙ୍କର କହିଛନ୍ତି। ଦୀପକ ହିଁ ଦୈତ୍ୟରାଜଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ଦୈତ୍ୟରାଜ ବସ୍ତିରେ ବୁଲାବୁଲି କରୁଥିଲେ। ରାତି ପ୍ରାୟ ୧୦ଟା ୩୦ବେଳେ ଉକ୍ତ ବସ୍ତିରେ ରହୁଥିବା ଗେଡୁ ନାମକ ଜଣେ ଯୁବକ ଦୈତ୍ୟରାଜଙ୍କ ମୋବାଇଲ ଆଣି ପରିବାର ଲୋକଙ୍କୁ ଦେଇଥିଲେ। ପୁଅ କୁଆଡ଼େ ଗଲା ବୋଲି ପଚାରିବାରୁ ଗେଡୁ କିଛି ନ କହି ପଳାଇଯାଇଥିଲେ। ପୁଅକୁ ନ ପାଇ ପରିବାର ଲୋକେ ବହୁ ଖୋଜାଖୋଜି କରି ନୟାନ୍ତ ହୋଇପଡ଼ିଥିଲେ। ବାପା ଯୁଧିଷ୍ଠିର ମଙ୍ଗଳବାର ଅପରାହ୍ନରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପହରଣ ମାମଲା (ନଂ. ୨୦୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

## ଠିକା ଶିକ୍ଷକ ନିଯୁକ୍ତିରେ ଅନିୟମିତତା, ହେଡ୍ କ୍ଲର୍କ ନିଲମ୍ବିତ

କଟକ ଅଫିସ, ୧୭।୬

ବିଭିନ୍ନ ଅଭିଯୋଗ ଆଧାରରେ କଟକ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟର ହେଡ୍ କ୍ଲର୍କ ହୃଦୟ ବିହାରୀ ମହାପାତ୍ର ନିଲମ୍ବିତ ହୋଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକଙ୍କ ପେନ୍‌ସନ ଫାଇଲ ପାସ୍ କରିବା, ଶିକ୍ଷକ ଓ କର୍ମଚାରୀଙ୍କ ଭବିଷ୍ୟନିଧି ଟଙ୍କା ଉଠାଣ, ଠିକା ଶିକ୍ଷକ ନିଯୁକ୍ତିରେ ଅନିୟମିତତା, ଶିକ୍ଷକ ବଦଳି, ବିଜ୍ଞାନ ସାମଗ୍ରୀ ଯୋଗାଣ ଇତ୍ୟାଦିରେ ମହାପାତ୍ର ଅର୍ଥ ହେର୍‌ଫେର କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ ଗତ ୧୩ ତାରିଖରେ ଅଚାନକ ପରିଦର୍ଶନରେ ଆସି ଅନୁସନ୍ଧାନ କରିଥିଲେ। ଏ ସମ୍ପର୍କରେ ପ୍ରମାଣ ପାଇବା ପରେ ମହାପାତ୍ରଙ୍କୁ ସେ ଘଟଣାସ୍ଥଳରେ ନିଲମ୍ବିତ କରିଥିଲେ। ନିଲମ୍ବନ ଅବଧି ମଧ୍ୟରେ ତାଙ୍କୁ ବଡମ୍ବା ବିଇଓଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି।



ଗ୍ରୀଷ୍ମ ଛୁଟି ସରିବା ପରେ ଶୁକ୍ରବାର ଛାତ୍ରୀଛାତ୍ରମାନେ ସ୍କୁଲ୍ ଯାଇଛନ୍ତି। ଭୁବନେଶ୍ୱରର ଏକ ସରକାରୀ ସ୍କୁଲ୍‌ରୁ ଛାତ୍ରୀଛାତ୍ରମାନେ ପାଠପଢ଼ା ସାରି ଖୁସିରେ ଘରକୁ ଫେରୁଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଣାସ,୧୭।୬ (ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଦା ଥାନା ପରିସରଭୁକ୍ତ ବକୁ ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗଡିଶାଗୋଦା ଥାନା ପୋଲିସ ଜବତ କରିଛି। ସେ ହେଲେ ମିଲନ୍ ଶ୍ରୀଚନ୍ଦନ (୩୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (କେସ୍ ନଂ. ୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମିଲନ୍ ଗୁରୁବାର ରାତିରେ ଖାଇ ସାରି ଶୋଇଥିଲେ। ସକାଳୁ ସେ କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗିଥିଲେ। ମିଲନ୍ ବେକରେ ରଶି ଲଗିଥିବା ଦେଖି ସେ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ।

## 'ଥଣ୍ଡା, କାଶ, ଜ୍ୱର ହେଲେ ଆଇସୋଲେଟ ରହି ଟେଷ୍ଟିଂ କର'

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

- ୧୦ହଜାର ଟେଷ୍ଟ୍‌ରୁ ୨୫ ପଜିଟିଭ୍
- ସତର୍କ କଲା ସ୍ୱାସ୍ଥ୍ୟ ବିଭାଗ



ଦେଶରେ ଏବେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏବେ ଓଡ଼ିଶାରେ ମଧ୍ୟ କିଛି ମାତ୍ରାରେ ସଂକ୍ରମଣ ବଢୁଥିବା ପରିଲକ୍ଷିତ ହେଉଛି। ୧୦ ହଜାର ଟେଷ୍ଟରୁ ୨୫ ପଜିଟିଭ ବାହାରୁଛି। ପଜିଟିଭିଟି ହାର ୦.୦୫% ରହୁଛି। ଏହାକୁ ନେଇ ଆତଙ୍କ ହେବାର ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କରୋନା ସଂକ୍ରମଣ ଏଭଳି ତଳ ଉପର ହେବ। କେଉଁଠି ବଢ଼ିବ, କେଉଁଠି କମିବ। କଣ୍ଟାକ୍ଟ ଟ୍ରେସିଂ ପରେ ଆଇସୋଲେଟ କରି ଚିକିତ୍ସା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଥଣ୍ଡା, କାଶ ଓ ଜ୍ୱର ହେଲେ ତୁରନ୍ତ ଆଇସୋଲେଟ ସହ ଟେଷ୍ଟିଂ କରନ୍ତୁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସତର୍କ ସୂଚନା ଜାରି କରିଛନ୍ତି। ମେଡିକାଲ, ବସ୍‌ଷ୍ଟାଣ୍ଡ, ବିମାନବନ୍ଦର ଓ ରେଲ୍‌ୱେ ଷ୍ଟେଶନ ଭଳି ସମ୍ବେଦନଶୀଳ ସ୍ଥାନରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯିବା ସହ ଆଉ କେତେକ କଟକଣା ଲାଗୁ କରାଯାଇଛି। ବିମାନରେ ଯାତ୍ରାବେଳେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି।

# ପୋଷାକ ଉତ୍ପାଦନ କ୍ଷେତ୍ରରେ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ ହେବ

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସିଲେଇ ମେସିନ୍ ଅପରେଟର ଭାବରେ ଦକ୍ଷତାଭିତ୍ତିକ ତାଲିମ ଦିଆଯିବ। ଏନେଇ ଶୁକ୍ରବାର ମିଶନ ଶକ୍ତି ବିଭାଗ ଏବଂ ନୂଆଦିଲ୍ଲୀସ୍ଥିତ ଆପାରେଲ ମେଡ୍-ଅପ୍‌ସ ଆଣ୍ଡ ହୋମ୍ ଫର୍ନିସିଂ ସେକ୍ଟର ସ୍କିଲ୍ କାଉନ୍‌ସିଲ୍ (ଏଏମ୍‌ଏଚ୍ ଏସ୍‌ଏସ୍‌ସି)ଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ସ୍ୱୟଂ ସହାୟକ ସଦସ୍ୟାମାନେ ଆତ୍ମନିର୍ଭରଶୀଳ ହେବାକୁ ସୁଯୋଗ ପାଇବା ସହିତ ପୋଷାକ ଶିଳ୍ପ କ୍ଷେତ୍ରରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବାରେ ସକ୍ଷମ ହେବେ। ଜୀବନଜୀବିକା ସୃଷ୍ଟି ପାଇଁ ଅନନ୍ୟ ସହଭାଗିତା ମାଧ୍ୟମରେ ଏସ୍‌ଏଚ୍‌ଜି ଏବଂ ଉତ୍ପାଦକ ଗୋଷ୍ଠୀମାନେ ପ୍ରାକ୍-ବିଦ୍ୟାଳୟ ଓ ବିଦ୍ୟାଳୟ ୟୁନିଫର୍ମ ଯୋଗାଇ ଦେଉଛନ୍ତି। ଏବେ ଏହି ଚୁକ୍ତିନାମା ଦ୍ୱାରା ରାଜ୍ୟ ସରକାର ଏବଂ ଏଏମ୍‌ଏଚ୍ ଏସ୍‌ଏସ୍‌ସିଙ୍କ ସହଯୋଗରେ ୧୦ହଜାର ସଦସ୍ୟାଙ୍କ ବଜାରଭିମୁଖୀ ଦକ୍ଷତା ବୃଦ୍ଧି ସହ ପୋଷାକ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହନପୂର୍ବକ ଜୀବନଜୀବିକାକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଚୁକ୍ତିନାମା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଟେଲରିଂ ଦକ୍ଷତାର ବିକାଶ କରିବା ସହିତ ସେମାନଙ୍କର ଆତ୍ମନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହାୟକ ହେବ। ୧୮ ମାସ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ମାଧ୍ୟମରେ ତାଲିମପ୍ରାପ୍ତ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ଟେଲରିଂ ୟୁନିଟ୍ ପ୍ରତିଷ୍ଠା କରିବାରେ ଏଏମ୍‌ଏଚ୍ ଏସ୍‌ଏସ୍‌ସି ସାହାଯ୍ୟ କରିବ ଏବଂ ଆବଶ୍ୟକ ସହାୟତା ଯୋଗାଇଦେବ ବୋଲି ମିଶନ ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ମିଶନ ଶକ୍ତି ବିଭାଗ, ଏଏମ୍‌ଏଚ୍ ଏସ୍‌ଏସ୍‌ସି ମଧ୍ୟରେ ଚୁକ୍ତିନାମା**



## ଯୁବକଙ୍କୁ ତଣ୍ଟି କାଟି ହତ୍ୟା

### ପୋଖରୀରେ ପଡ଼ିଥିବା ଅଖାରୁ ମିଳିଲା ମୃତଦେହ

ଖୋର୍ଦ୍ଧା ଅଫିସ,୧୭।୬

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗଡ଼ ନିଆଳରେ ଜଣେ ଯୁବକଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଛି। ସ୍ଥାନୀୟ ଖଣି ପୋଖରୀରେ ପଡ଼ିଥିବା ଏକ ଅଖାରୁ ପୋଲିସ ଶୁକ୍ରବାର ରାତିରେ ଉକ୍ତ ଯୁବକଙ୍କ ମୃତଦେହ ଜବତ କରିଛି। ତେବେ ତାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ମୁତାବକ, ଶୁକ୍ରବାର ରାତିରେ ଖଣି ପୋଖରୀରେ ପଡ଼ିଥିବା ଏକ ଅଖାରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଖାରୁ ଯୁବକଙ୍କ ମୃତଦେହ ବାହାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ବେକରେ କଟା ଦାଗ ରହିଥିବା ବେଳେ ସେ ଜିନ୍ସ ପ୍ୟାଣ୍ଟ ଓ ଫୁଲ ଶାର୍ଟ ପରିଧାନ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଅଖାରେ ପୂରାଇ ଏଠାରେ ଫିଙ୍ଗି ଦେଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି।

# ଆହାନଙ୍କୁ ବିରଳ ସଫଳତା

ଭୁବନେଶ୍ୱର, ୧୭।୬ (କ୍ରୀଡ଼ା ପ୍ରତିନିଧି)-



ଓଡ଼ିଶାର ଟେନିସ ପ୍ରତିଭା ଆହାନ ଏକ ବିରଳ ସଫଳତାର ଅଧିକାରିଣୀ ହୋଇଛନ୍ତି। ସାଉଥ୍ ଏସିଆ ରିଜିଓନାଲ କ୍ୱାଲିଫାଇଙ୍ଗ ଇଭେଣ୍ଟ ପାଇଁ ନେପାଳର କାଠମାଣ୍ଡୁଠାରେ ଅନୁଷ୍ଠିତ ଆଇଟିଏଫ୍ ଏସିଆ ୧୨ ବର୍ଷରୁ କମ୍ ଟେନିସ ପ୍ରତିଯୋଗିତାରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଭାରତ ୨-୧ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ପୂର୍ବରୁ ସେମିଫାଇନାଲରେ ଭାରତ ୩-୦ରେ ବାଂଲାଦେଶ ଏବଂ ରାଉଣ୍ଡ ରବିନ ମ୍ୟାଚରେ ନେପାଳ, ମାଳଦ୍ୱୀପ ଓ ଭୁଟାନକୁ ୩-୦ ବ୍ୟବଧାନରେ ହରାଇଥିଲା। ରାଜ୍ୟର ଟେନିସ ପ୍ରତିଭା ଆହାନ ଏସ୍ ବେସ୍ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଠାରୁ ଟ୍ରେନିଂପ୍ରାପ୍ତ। ବାଳିକା ବିଭାଗରେ ଭାରତ ଓ ଶ୍ରୀଲଙ୍କା ଏବଂ ବାଳକରେ ଭାରତ ଓ ପାକିସ୍ତାନ ସାଉଥ୍ ଏସିଆ ରିଜିଓନାଲ କ୍ୱାଲିଫାଇଙ୍ଗ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା କାଜାଖସ୍ତାନରେ ଅନୁଷ୍ଠିତ ହେବ। ଆହାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ସେ ଛୋଟ ବୟସରୁ ତାହାର ପ୍ରମାଣ ଦେଇଛନ୍ତି। ଆଗକୁ ସେ ଆହୁରି ସଫଳତା ହାସଲ କରିବାନେଇ ମୁଁ ଦୃଢ଼ ନିଶ୍ଚିତ ବୋଲି ତାଙ୍କ କୋଚ୍ ଅଜୟ ନିଶଙ୍କ ପ୍ରକାଶ କରିଛନ୍ତି।

# ବିଲ୍ଡରର ସଂସ୍ଥାର ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୧୭।୬(ବ୍ୟୁରୋ)

**ଫ୍ଲାଟ ଦେବା ନାଁରେ ୧.୧୬ କୋଟି ଠକେଇ**

- ଅନ୍ୟ ୩ ଅଭିଯୁକ୍ତଙ୍କୁ ଖୋଜିଛୁ ଇଓଡବ୍ଲ୍ୟୁ
- 'ବସେରା ପ୍ରେସ୍‌କୋ' ପ୍ରୋଜେକ୍ଟରେ ହୋଇଥିଲା ଠକେଇ



ଅମ୍ରେଶ ଷଡ଼ଙ୍ଗୀ

ଫ୍ଲାଟ୍ ଦେବାକୁ କହି ଏକାଧିକ ଲୋକଙ୍କଠାରୁ ୧.୧୬ କୋଟି ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଧ୍ୟସ୍ଥ ସାଜିଥିବା ଜଣେ ବିଲ୍ଡରଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ନୂଆଗାଁ ଗ୍ରାମର ଅମ୍ରେଶ ଷଡ଼ଙ୍ଗୀ। ଇଓଡବ୍ଲ୍ୟୁ ତାଙ୍କୁ ଶୁକ୍ରବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଅମ୍ରେଶ ହେଉଛନ୍ତି ବିଲ୍ଡର ସଂସ୍ଥା 'କଟେଜ ପ୍ରାଇଭେଟ ଲିମିଟେଡ' ଓ 'ଏଲ୍‌ଏକ୍ସ ମାକ୍ସ ଡେଭ୍‌ଲପର୍ସ ପ୍ରାଇଭେଟ ଲିମିଟେଡ'ର ନିର୍ଦ୍ଦେଶକ ତଥା 'ଷଡଙ୍ଗୀ ଟ୍ରେଡର୍ସ'ର ମାଲିକ। ଇଓଡବ୍ଲ୍ୟୁ ଅଭିଯୁକ୍ତ ଅମ୍ରେଶ ଓ ଠକେଇ ସଂସ୍ଥା 'ବସେରା ଡିଜାଇନ୍‌ସ ପ୍ରାଇଭେଟ ଲିମିଟେଡ୍'ର ଏମ୍‌ଡିଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ଏଥିସହ ଅଭିଯୁକ୍ତଙ୍କଠାରୁ ବହୁ କାଗଜପତ୍ର ଜବତ କରାଯାଇଛି। ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଥିବା ଜଣାପଡିଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, 'ବସେରା ଡିଜାଇନ୍‌ସ ପ୍ରାଇଭେଟ ଲିମିଟେଡ' ସଂସ୍ଥା ଓ ତାଙ୍କ ସହଯୋଗୀମାନେ ଭୁବନେଶ୍ୱର ସିଜୁଆଠାରେ 'ବସେରା ପ୍ରେସ୍‌କୋ' ପ୍ରୋଜେକ୍ଟରେ ଫ୍ଲାଟ୍ ଦେବାକୁ କହି ବହୁ ଲୋକଙ୍କୁ ଜାଲରେ ଫସାଇଥିଲା। ଅଭିଯୁକ୍ତ ଅମ୍ରେଶ ଉକ୍ତ ସଂସ୍ଥାର ସହଯୋଗୀ କହି ଫ୍ଲାଟ କିଣିବାକୁ ଲୋକ ଯୋଗାଡ଼ କରୁଥିଲେ। ତାଙ୍କ କଥାରେ ପଡ଼ି ଜ୍ୟୋତିଶେଖର ପଣ୍ଡା ଓ ତାଙ୍କ ଭାଇ ଶୁଭଶଙ୍କର ଉକ୍ତ ପ୍ରୋଜେକ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍ ୪୧ ଲକ୍ଷ ୫୦ ହଜାର ଟଙ୍କାରେ କିଣିବାକୁ ନାମ ପଞ୍ଜୀକରଣ କରିଥିଲେ। ଏଥିପାଇଁ ୨୦୧୬ ଏପ୍ରିଲ ୨୫ରେ ମାଲିକାନା ଚୁକ୍ତିପତ୍ର ହୋଇଥିଲା। ୨୦୧୭ ଜୁନ ୩୦ରେ ଫ୍ଲାଟ୍ ନଂ.୩୦୬ ଦିଆଯିବାକୁ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଆଲାହାବାଦ୍ ବ୍ୟାଙ୍କର ଓଲ୍ଡ ଷ୍ଟେଶନ ସ୍କୋୟାର ବ୍ରାଞ୍ଚରେ ଉଭୟ ଭାଇ ୩୨ ଲକ୍ଷ ଟଙ୍କାର ଏକ ଗୃହଋଣ କରିଥିଲେ। ବ୍ୟାଙ୍କ, ବିଲ୍ଡର ଓ ଦୁଇ ଭାଇଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ହୋଇଥିଲା। ସେଥିରେ ଅଭିଯୁକ୍ତ ଅମ୍ରେଶ ମଧ୍ୟ ସାକ୍ଷୀ ଥିଲେ। ତେବେ ବ୍ୟାଙ୍କ ପକ୍ଷରୁ ଲୋନ୍ ବାବଦକୁ 'ବସେରା ଡିଜାଇନ୍‌ସ ପ୍ରାଇଭେଟ ଲିମିଟେଡ'ର ବ୍ୟାଙ୍କ ଆକାଉଣ୍ଟକୁ ୧୮ ଲକ୍ଷ ୫୦ ହଜାର ଟଙ୍କା ପଠାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସଂସ୍ଥା ପକ୍ଷରୁ ଅମ୍ରେଶଙ୍କୁ ଫ୍ଲାଟ୍ ଦିଆଯାଇ ନ ଥିଲା। ଏପରି କି ପଳାଶୁଣୀଠାରେ ଥିବା ଅଫିସ ବନ୍ଦ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ଇଓଡବ୍ଲ୍ୟୁ ୨୦୨୦ ଫେବୃୟାରୀ ୨ରେ ଏକ ମାମଲା (ନଂ.୨/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡିଛି ଯେ, ଉକ୍ତ ସଂସ୍ଥା ବିଭିନ୍ନ ପ୍ରୋଜେକ୍ଟରେ ଫ୍ଲାଟ ଦେବାକୁ କହି ଏକାଧିକ ଲୋକଙ୍କଠାରୁ ୧.୧୬ କୋଟି ଟଙ୍କା ଠକେଇ କରିଛି। ଏନେଇ ପୂର୍ବରୁ ମଧ୍ୟ ମାମଲା ରହିଛି। ଏପରି କି 'ବସେରା ଡିଜାଇନ୍‌ସ ପ୍ରାଇଭେଟ ଲିମିଟେଡ୍'ରୁ ବିପୁଳ ଟଙ୍କା 'ଷଡ଼ଙ୍ଗୀ ଟେଡର୍ସ' ଆକାଉଣ୍ଟକୁ ଯାଇଛି। ତେଣୁ ଅନ୍ୟମାନେ ଗିରଫ ହେଲେ ଏହି ଠକେଇ ରାକେଟର ଅନେକ ତଥ୍ୟ ଆସିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ୨୦ ଲକ୍ଷ ଫେରିପାଇଲେ ସମବାୟ ମିନିବ୍ୟାଙ୍କର ୨୦ ଜମାକାରୀ

**କଟକ ସଦର, ୧୭।୬(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତି ଦ୍ୱାରା ପରିଚାଳିତ ସମବାୟ ମିନିବ୍ୟାଙ୍କର ୨୦ ଜଣ ଜମାକାରୀ ଶୁକ୍ରବାର ପ୍ରାୟ ୨୦ ଲକ୍ଷ ଟଙ୍କା ଫେରି ପାଇଛନ୍ତି। ଅନ୍ୟ ଜମାକାରୀଙ୍କ ଅର୍ଥ ପର୍ଯ୍ୟାୟକ୍ରମେ ଫେରସ୍ତ କରିବା ପାଇଁ ରାଜ୍ୟ ସମବାୟ ନିବନ୍ଧକ ସୁଶାନ୍ତ କୁମାର ସେଠୀ ମିନିବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁମତି ଦେଇଛନ୍ତି। ଏହି ଅର୍ଥ ଜମାକାରୀଙ୍କ ଆକାଉଣ୍ଟରେ ରହିବ। ନିକଟରେ ସମବାୟ ଆଇନ ୧୯୬୨ର ଧାରା ୬୫ ଅନୁଯାୟୀ ଉକ୍ତ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ତୋସରପାତ ଘଟଣାର ଅଡିଟ୍ କରାଯାଇଥିଲା। ଏଥିରେ ୧୭୮ ଜଣ ଜମାକାରୀଙ୍କ ଆକାଉଣ୍ଟରୁ ୮୦ ଲକ୍ଷ ଟଙ୍କା ଚଞ୍ଚକତା କରି ଉଠାଇ ନିଆଯାଇଥିବା ଜଣାପଡିଥିଲା। ଅର୍ଥ ତୋସରପାତ ଘଟଣାକୁ ନେଇ ଜମାକାରୀମାନେ ଧାରଣା ଓ ପ୍ରତିବାଦ କରିବା ପରେ ସମବାୟ ବିଭାଗର ଚେତା ପଶିଥିଲା। ଶେଷରେ ମିନିବ୍ୟାଙ୍କର ଲାଭାଂଶରୁ ଜମା ଅର୍ଥ ଫେରାଇବା ପାଇଁ ନିଷ୍ପତ୍ତି ହୋଇଥିଲା ବୋଲି ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଧୀରେନ କୁମାର ଦାଶ କହିଛନ୍ତି। ଉକ୍ତ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ତୋସରପାତ ଘଟଣା ପ୍ରଥମେ ୨୦୨୧ ଅକ୍ଟୋବରରେ ପଦାକୁ ଆସିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବ୍ୟାଙ୍କର କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କ ନାମରେ କନ୍ଦରପୁର ଥାନାରେ ମାମଲା(ନଂ.୨୨୬/୨୧) ରୁଜୁ ହୋଇ ତଦନ୍ତ ଚାଲିଛି। ଇତିମଧ୍ୟରେ ପଟ୍ଟନାୟକ ହାଇକୋର୍ଟରୁ ଜାମିନରେ ଆସିଛନ୍ତି। ଅଡିଟ୍ ରିପୋର୍ଟ ଖୁବ୍‌ଶୀଘ୍ର ଥାନାରେ ଦାଖଲ କରାଯିବ ବୋଲି ଦାଶ ସୂଚନା ଦେଇଛନ୍ତି।

### ବେଆଇନ ମଦ ବିକ୍ରି, ଜଣେ ଗିରଫ

**ଭୁବନେଶ୍ୱର, ୧୭।୬ (ବ୍ୟୁରୋ):** ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ଏୟାରଫିଲ୍ଡ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲାର ସୁଶୀଲ କୁମାର ଚୌଧୁରୀ। ତାଙ୍କଠାରୁ ୪୮ ବିଦେଶୀ ମଦ ବୋତଲ ଜବତ କରାଯାଇଛି। ଏଥିସହ ପୋଲିସ ଏକ ମାମଲା (ନଂ.୧୫୩/୨୨) ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏଥିରେ ସଂପୃକ୍ତ ଅନ୍ୟମାନଙ୍କୁ ଧରିବା ଲାଗି ପୋଲିସ ତଦନ୍ତ ଜାରି ରଖିଛି।

### ରଜ ମଉଜରେ ସାମିଲ ହେଲେ ବସ୍ତି ପିଲା

**ବାଲିଅନ୍ତା, ୧୭।୬(ଡି.ଏନ୍.ଏ.):** ଅଭିକ୍ଷା ପାଠଶାଳା ପକ୍ଷରୁ ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୧୮ ନଂ. ୱାର୍ଡ ଅଧୀନ ନାଳବନ୍ଧ ମୁଣ୍ଡାବସ୍ତିରେ ରଜପର୍ବ ପାଳିତ ହୋଇଯାଇଛି। ଏଥିରେ ବସ୍ତିର ୫୦ରୁ ଊର୍ଦ୍ଧ୍ୱ ପିଲା ସାମିଲ ହୋଇ ରଜ ମଉଜର ମଜା ଉଠାଇଥିଲେ। ପିଲାମାନେ ଦୋଳି ଖେଳିବା ସହିତ ନାଚଗୀତ କରିଥିଲେ। ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା ଅତିଥି ରୂପେ ଯୋଗଦେଇ ବସ୍ତି ପିଲାଙ୍କ ସହିତ ନାଚିଥିଲେ। ଏହି ଅବସରରେ ପିଲାମାନଙ୍କୁ କର୍ପୋରେଟର ବେହେରା ପିଠା, ମିଠା, ଚକୋଲେଟ୍, ପାନ, ସିଙ୍ଗଡା ଆଦି ବଣ୍ଟନ କରିଥିଲେ। ଉତ୍ସବକୁ ମନୋରଞ୍ଜନ ମିଶ୍ର, ବନ୍ଦିତା ସାହୁ, ମାଳତୀ ମଣ୍ଡଳ ଓ ଅରୁଣ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ୩୪ ଅଟୋ, ବସ୍‌କୁ ଜରିମାନା: ୬ ଅଟୋ ସିଜ୍

**ପୁରୀ ଅଫିସ,୧୭।୬:** ପୁରୀ ସହରରେ ପରିବହନ ବିଭାଗର ୩ଟି ଟିମ୍ ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରିଥିଲେ। ଅଟୋ ଓ ବସ୍‌କୁ ମିଶାଇ ୨ଶହ ଯାନବାହନକୁ ଯାଞ୍ଚ କରାଯାଇଥିବା ବେଳେ ୧୪ଟି ଅଟୋକୁ ଫାଇନ୍ କରାଯାଇଛି। ସେହିଭଳି ୬ଟି ଅଟୋକୁ ଆଞ୍ଚଳିକ ପରିବହନ ବିଭାଗ ସିଜ୍ କରିଛି। କାଗଜପତ୍ର ଠିକ ନ କରିବା ପର୍ଯ୍ୟନ୍ତ ରାସ୍ତାରେ ଅଟୋ ଚାଲିପାରିବ ନାହିଁ ବୋଲି ପରିବହନ ବିଭାଗ ସ୍ପଷ୍ଟ କରିଛି। ସେହିଭଳି ୨୦ଟି ବସ୍‌କୁ ୫ଶହରୁ ଊର୍ଦ୍ଧ୍ୱ ଟଙ୍କା ଲେଖାଏ ଜରିମାନା ଦେବାକୁ ପଡ଼ିଛି। ଏମାନେ ବସ୍‌ରେ ଦରସାରଣୀ ଲଗାଇ ନ ଥିଲେ ଓ ଚଢ଼ା ଦରରେ ଯାତ୍ରୀଙ୍କଠାରୁ ଭଡ଼ା ନେଉଥିଲେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ ସ୍ପଷ୍ଟ କରିଛନ୍ତି। ଗାଡ଼ିର କାଗଜପତ୍ର ନ ଥିଲେ ପୁରୀ ସହରରେ ଗାଡ଼ି ଗଡ଼ିପାରିବ ନାହିଁ । ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଗମନାଗମନ ସେବା ଦେଉଥିବା ସବୁ ଗାଡ଼ିକୁ କ୍ରମାଗତ ଭାବେ ଚେକିଂ କରାଯିବ ବୋଲି ସେ କହିଛନ୍ତି।

# ବିପଦପୂର୍ଣ୍ଣ ସ୍ଥାନ ସମ୍ପର୍କରେ ଜଣାଇବେ କର୍ପୋରେଟର

**ଭୁବନେଶ୍ୱର, ୧୭।୬ (ବ୍ୟୁରୋ)**

**ମୌସୁମୀ ମୁକାବିଲା ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ**

- ୩୧ ଜଳବନ୍ଦୀ ଓ ୭୫ ବିପଦପୂର୍ଣ୍ଣ ସ୍ଥାନକୁ ନଜର ରଖିବାକୁ ନିର୍ଦ୍ଦେଶ
- ଟୋଲ୍ ଫ୍ରି ନଂ.୧୨୯୨ରେ ସମସ୍ୟା ଜଣାଇବେ ସହରବାସୀ

ଓଡ଼ିଶା ଛୁଇଁଛି ମୌସୁମୀ। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟରେ ବର୍ଷା ଆରମ୍ଭ ହୋଇଛି। ଆଗକୁ ପ୍ରବଳ ବର୍ଷିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେଣୁ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଚଳିତ ମୌସୁମୀରେ ଯେପରି ସହରରେ ଜଳବନ୍ଦୀ ଏବଂ ଡ୍ରେନେଜ ସମସ୍ୟା ନ ହେବ ସେଥିପାଇଁ ଏବେଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମୟ ପୂର୍ବରୁ ପଙ୍କ ଉଦ୍ଧାର ସରିଯାଇଥିଲେ ହେଁ, ହଠାତ୍ ପଙ୍କ ଜମୁଥିବା ସ୍ଥାନକୁ ଯାଇ ତୁରନ୍ତ ପଙ୍କ ଉଦ୍ଧାର କରିବା, ଜଳବନ୍ଦୀ ସାମ୍ଭାବ୍ୟ ସ୍ଥାନ ଉପରେ କଡ଼ା ନଜର ରଖି ଏହାର ପ୍ରତିକାର ବ୍ୟବସ୍ଥାରେ ଗୋଷ୍ଠୀ ସହଯୋଗ ଲୋଡ଼ିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ନଗର ଯନ୍ତ୍ରୀ ଅରୁଣ କୁମାର ନାୟକ ଏବଂ ଡ୍ରେନେଜ୍ ଅଧିକ୍ଷଣ ଯନ୍ତ୍ରୀ ଗୌତମ ଦାସଙ୍କ ଉପସ୍ଥିତିରେ ମେୟର ଦାସ ଗୋଷ୍ଠୀ ସହିତ ଜଡ଼ିତ ଥିବା ଅଭିଜ୍ଞ କର୍ପୋରେଟରଙ୍କୁ ନେଇ ବୈଠକରେ ଆଲୋଚନା କରିଥିଲେ। କର୍ପୋରେଟରମାନଙ୍କୁ ନିଜ ଅଞ୍ଚଳର ବିପଦପୂର୍ଣ୍ଣ ସ୍ଥାନ ଏବଂ ଆବଶ୍ୟକ ସୁରକ୍ଷା ବାବଦରେ ସୂଚନା ଦେବାକୁ କୁହାଯାଇଛି। ଏଥିସହ ଡ୍ରେନ୍‌ରେ ସ୍ଲାବ୍ ନ ଥିବା ବା ବ୍ୟାରିକେଡ଼ିଙ୍ଗ୍ ନ ଥିବା ଭଳି ସ୍ଥାନକୁ ଚିହ୍ନଟ କରି କର୍ପୋରେଟରମାନେ ସ୍ଥାନୀୟ ନାଗରିକଙ୍କୁ ଏ ବାବଦରେ ସୂଚନା ଦେବେ ଓ କାର୍ଯ୍ୟ ପୂରଣ କରିବାରେ ସହଯୋଗ କରିବାକୁ ମେୟର ଅନୁରୋଧ କରିଥିଲେ। ସେହିଭଳି ସଂଯୁକ୍ତ ବିଭାଗ ୱାଟ୍‌କୋ, ପୂର୍ତ୍ତ ବିଭାଗ, ଟାଟା ପାୱାର୍ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକ ବସି ବର୍ଷା ମୁକାବିଲା ରଣନୀତି ଆପଣାଯିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ବର୍ଷା ବିପ୍ରାତରେ କୌଣସି ସମସ୍ୟା ହେଲେ ନାଗରିକମାନେ ବିଏମ୍‌ସି ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ତରଫରୁ ଜାରି କରାଯାଇଥିବା ଟୋଲ୍ ଫ୍ରି ନମ୍ବର ୧୯୨୯ରେ ଫୋନ୍ କରି ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଏହି ନମ୍ବରରେ ଏକକାଳୀନ ଏକାଧିକ ଚୁକ୍ତି ଫୋନ୍ ଗ୍ରହଣ କରିବାର ବ୍ୟବସ୍ଥା (ୱାର୍କ ଷ୍ଟେସନ୍) ରହିଥିବାବେଳେ ଜରୁରୀକାଳୀନ ପରିସ୍ଥିତିରେ ଏହାକୁ ଅଧିକ ସଂଖ୍ୟାରେ କରାଯିବ। ଏଦ୍ୱାରା ବିଭିନ୍ନ ବ୍ୟକ୍ତିଙ୍କଠାରୁ ଆସୁଥିବା କଲ୍‌କୁ ରେକର୍ଡ଼ କରି ଜଳବନ୍ଦୀ ସ୍ଥାନଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରାଯାଇ ପାରିବ ବୋଲି କୁହାଯାଇଛି। ବିଏମ୍‌ସି ତରଫରୁ ୩୧ଟି ଜଳବନ୍ଦୀ ଓ ୭୫ଟି ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ କରାଯାଇଛି। ଏହା ଉପରେ କଡ଼ା ନଜର ରଖିପାରିଲେ ଆସନ୍ତା ମୌସୁମୀ ଜନିତ ଜଳବନ୍ଦୀ ସମସ୍ୟା ଲାଘବ ହୋଇ ପାରିବ। ତେବେ ଏ ଦିଗରେ କେବଳ ସରକାରୀ କଳ ନୁହେଁ ବରଂ ଗୋଷ୍ଠୀ ସହଯୋଗର ନିତାନ୍ତ ଏବଂ ସମୟ ଉପଯୋଗୀ ଆବଶ୍ୟକତା ରହିଛି ବୋଲି ମେୟର କହିଛନ୍ତି।



ବୈଠକରେ ବିଏମ୍‌ସି ମେୟର ସୁଲୋଚନା ଦାସ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଉତ୍କଳ ସମ୍ମିଳନୀର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଉତ୍କଳ ସମ୍ମିଳନୀର ନୂତନ କର୍ମକର୍ତ୍ତା ଚୟନ ସଭା ଶୁକ୍ରବାର ସମ୍ମିଳନୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ସ୍ତମ୍ଭକାର ନଟବର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ସଭାପତି ଭାବେ ଅଶୋକ ଦାସ, ଉପସଭାପତି ଭାବେ ନିରଞ୍ଜନ ପଣ୍ଡା ଓ ସଂଯୁକ୍ତା ମହାନ୍ତି, ସମ୍ପାଦକ ଭାବେ ଅଶୋକ ବେହେରା, ଯୁଗ୍ମ ସମ୍ପାଦକ ଭାବେ ସରୋଜିନୀ ମହାନ୍ତି, ସଙ୍ଗଠନ ସମ୍ପାଦକ ଭାବେ ଅଶୋକ ମଲ୍ଲିକ, କୋଷାଧ୍ୟକ୍ଷ ଭାବେ ଅମରଜ୍ୟୋତି ମିଶ୍ର, ଯୁବସେବକ ବାହିନୀର ଆବାହକ ଭାବେ ନରେନ୍ ସାହୁ ନିର୍ବାଚିତ ହୋଇଛନ୍ତି। ଏହି ସମ୍ମିଳନୀରେ ବରପୁତ୍ରମାନଙ୍କ ସୌନ୍ଦର୍ଯ୍ୟକରଣ କରିବା, ବେସରକାରୀ ତଥା ବ୍ୟବସାୟୀ ଅନୁଷ୍ଠାନର ନାମ ଓଡ଼ିଆ ଫଳକରେ ଲେଖିବା, କାର୍ଯ୍ୟାଳୟ, ନ୍ୟାୟାଳୟର ନାମ ଓଡ଼ିଆରେ କରାଇବା ଭଳି କାର୍ଯ୍ୟ କରାଯିବ ବୋଲି ଆଲୋଚନା କରାଯାଇଥିଲା।

## ବାତ୍ୟା ସତର୍କ ସମ୍ପର୍କିତ କର୍ମଶାଳା

**ବାଲିପାଟଣା,୧୭।୬(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ସଭାଗୃହରେ ବାତ୍ୟା ସମୟରେ ସତର୍କତା କିପରି ଅବଲମ୍ବନ କରାଯାଇପାରିବ ସେନେଇ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାତ୍ୟା କିମ୍ବା ବନ୍ୟା ଆସିବା ପୂର୍ବରୁ କିପରି ସଜାଗ ରହି ଲୋକଙ୍କ ଜୀବନ ବଞ୍ଚାଇହେବ, ସରକାରୀ ସହାୟତା ଠିକ୍ ସମୟରେ ଯୋଗାଇ ଦିଆଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ଜେନେରେଟର ଖରାପ ରହିଥିବା ବେଳେ ଗରିଆ ବାତ୍ୟା ଆଶ୍ରୟସ୍ଥଳର ଚଉହଦିରେ ମାଟି ନ ପଡ଼ିବାରୁ ଆଶ୍ରୟସ୍ଥଳକୁ ଯାଇ ନ ହେବା, ଆବଶ୍ୟକ ଅନୁଯାୟୀ ସହାୟତା ନ ଆସିବାରୁ ଲୋକଙ୍କ ରୋଶର ଶିକାର ହେଉଥିବା ଉପସ୍ଥିତ ଲାଇନ୍ ବିଭାଗ ଅଧିକାରୀମାନେ କହିଥିଲେ। ଏ ସମସ୍ତ ସମସ୍ୟାକୁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ସମାଧାନ ବ୍ୟବସ୍ଥା କରାଯିବ ବୋଲି ବିଡିଓ ଆଦିକନ୍ଦ ବେହେରା କହିଥିଲେ। ବିଶେଷକରି ବିପର୍ଯ୍ୟୟ ସମୟରେ ପାନୀୟଜଳ, ଖାଦ୍ୟ କିପରି ଠିକ୍ ଭାବେ ଦିଆଯିବ ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ତହସିଲଦାର ମୃତ୍ୟୁଞ୍ଜୟ ମହାପାତ୍ର, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା, ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ରୁ ଶହେ ଟଙ୍କା ଷ୍ଟାମ୍ପ ମୂଲ୍ୟ ନିଷ୍ପତ୍ତିକୁ ବିରୋଧ




ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଓକିଲ ସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

**ଭୁବନେଶ୍ୱର ଓକିଲ ସଂଘର ବିରୋଧ**

ଓକିଲାତି ନାମାରେ ଶହେ ଟଙ୍କାର ଷ୍ଟାମ୍ପ ଲଗାଇବାକୁ ରାଜ୍ୟ ବାର୍ କାଉନ୍‌ସିଲ ନେଇଥିବା ନିଷ୍ପତ୍ତିକୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଶୁକ୍ରବାର ସଂଘର ଲାଇବ୍ରେରି ହଲ୍‌ଠାରେ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ସଂଘ ପକ୍ଷରୁ କୁହାଯାଇଛି, ରାଜ୍ୟ ଆଇନଜୀବୀ ପରିଷଦ ଓକିଲାତି ନାମାରେ ଲାଗୁଥିବା ଷ୍ଟାମ୍ପର ପରିମାଣ ୧୫ଟଙ୍କାରୁ ଶହେ ଟଙ୍କାକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛି। ବର୍ଦ୍ଧିତ ଷ୍ଟାମ୍ପ ଫି’ ରାଜ୍ୟରେ ଓକିଲଙ୍କ କଲ୍ୟାଣ ପାଇଁ ବିନିଯୋଗ ହେବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ଦର୍ଶାଇଛି। ପୂର୍ବରୁ ବାର କାଉନ୍‌ସିଲ ଏହି ଷ୍ଟାମ୍ପ ବାବଦ ସଂଗୃହୀତ ଟଙ୍କାକୁ ଓକିଲଙ୍କ କଲ୍ୟାଣ ପାଇଁ ଲଗାଇନାହିଁ। ତେଣୁ ଅଧିକ ଟଙ୍କା ଲୋକଙ୍କଠାରୁ ନେଇ ତାହାକୁ ଓକିଲଙ୍କ କଲ୍ୟାଣ ପାଇଁ ବିନିଯୋଗ କରିବା ଯୁକ୍ତି ଆଦୌ ଗ୍ରହଣୀୟ ନୁହେଁ। ରାଜ୍ୟ ଆଇନଜୀବୀ ପରିଷଦରେ ଏବେ କେହି ନିର୍ବାଚିତ ପଦାଧିକାରୀ ନ ଥିବାରୁ ପରିଷଦ ଏଭଳି ନିଷ୍ପତ୍ତି ନେଇପାରିବ ନାହିଁ। ଏହାକୁ ବିରୋଧ କରାଯାଇ ସଂଘ ପକ୍ଷରୁ ଏକ ପ୍ରସ୍ତାବ ଗୃହୀତ ହୋଇଥିବା କୁହାଯାଇଛି। ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଓକଲି ସଂଘର ସଭାପତି ରବିନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, କୋଷାଧ୍ୟକ୍ଷ ଦିବାକର ମିଶ୍ର, ସହ ସମ୍ପାଦକ ରାଜେନ୍ଦ୍ର ଦାସ ଓ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଖଣି ଖନନ, ପ୍ଲାଷ୍ଟିକ୍ ଉତ୍ପାଦନ ବିଶ୍ୱ ପରିବେଶ ପ୍ରତି ବଡ଼ ବିପଦ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ବିରାଟ ସମସ୍ୟା ଭାବରେ ଉଭା ହୋଇଛି। ପରିବେଶ, ଜଳବାୟୁ ପରିବର୍ତ୍ତନ, ବର୍ଦ୍ଧିତ ପ୍ରଦୂଷଣର ମାତ୍ରା ଚଳିତ ଶତାବ୍ଦୀର ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇଛି। ଏହା ଜନସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଗଭୀର ପ୍ରଭାବ ପକାଉଛି। ଏଥିରୁ ମୁକୁଳିବା ପାଇଁ ସରକାର ଓ ବିଭିନ୍ନ ଆନ୍ତର୍ଜାତିକ ସଙ୍ଗଠନଗୁଡ଼ିକର ନୀତି ତଥା ପରାମର୍ଶକୁ ଅନୁସରଣ କରିବା ଉଚିତ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି। ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ରୁସା ପକ୍ଷରୁ ‘ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ଜନସ୍ୱାସ୍ଥ୍ୟ’ ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇ ପ୍ରଫେସର ଆଚାର୍ଯ୍ୟ ଏହା କହିଛନ୍ତି। ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ପାର୍ଥ ନାୟକ ଯୋଗଦେଇ ଖଣି ଖନନ ଏବଂ ପ୍ଲାଷ୍ଟିକ୍ ଉତ୍ପାଦନ ସମଗ୍ର ବିଶ୍ୱର ପରିବେଶ ପ୍ରତି ବଡ଼ ବିପଦ ବୋଲି କହିଥିଲେ। ଗୁଜରାଟର ମୁନ୍ଦ୍ରାଠାରେ ପ୍ରାୟ ୨୮୦୦ ହେକ୍ଟର ଜମିରେ ସର୍ବାଧିକ ଅଙ୍ଗାରକାମ୍ଳ ଆହରଣ କରିପାରୁଥିବା ହେନ୍ତାଳବଣ ସୃଷ୍ଟିର ପ୍ରୟାସ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଭୂମି, ସାମୁଦ୍ରିକ ପ୍ରାଣୀ, ସାମୁଦ୍ରିକ ପ୍ରଜାତି ପରି ପ୍ରାକୃତିକ ବାସସ୍ଥାନକୁ କିପରି ସଂରକ୍ଷଣ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଫେସର କବୀର ମୋହନ ସେଠୀଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ରରେ ଡ. ଇନ୍ଦ୍ରମଣି ଜେନା, ଭୁବନେଶ୍ୱର ଆଇଆଇଟିର ପ୍ରଫେସର ୟୁ.ସି. ମହାନ୍ତି, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ, କୁଳସଚିବ ଅଭୟ କୁମାର ନାୟକ, ପ୍ରଫେସର କେ.ସି.ସାହୁ, ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଡ.କାହ୍ନୁଚରଣ ଶତପଥୀ, ଡ.ଚିନ୍ମୟ ପ୍ରଧାନ, ଡ.ଗୁଣନିଧି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସମ୍ବର୍ଦ୍ଧିତ ହେଲେ ସ୍ୱଚ୍ଛତା କର୍ମୀ, ଖବରଦାତା

**ଭୁବନେଶ୍ୱର, ୧୭।୬ (ବ୍ୟୁରୋ)**

ସାମାଜିକ ଅନୁଷ୍ଠାନ ଉଇ ଫୋର୍ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ସମ୍ବର୍ଦ୍ଧନା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀଙ୍କୁ ନୂଆ ବସ୍ତ୍ର ବଣ୍ଟନ ସହ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ବରିଷ୍ଠ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ସାମାଜିକ କର୍ମୀ ବ୍ରଜ ଦାସ ଏବଂ କୈଳାସ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରମୁଖ ସଦସ୍ୟ ତଥା ପୂର୍ବତନ କର୍ପୋରେଟର ନରେନ ସାହୁ ଯୋଗଦେଇ କହିଲେ, ଭୁବନେଶ୍ୱରର କାୟା ବୃଦ୍ଧି ପାଇବା ସହ ସମସ୍ୟା ମଧ୍ୟ ବଢ଼ି ଚାଲିଛି। ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଆଗାମୀ ଦିନରେ ଅନୁଷ୍ଠାନ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରିବ ବୋଲି ବରିଷ୍ଠ ସଦସ୍ୟ ବଦ୍ରି ନାରାୟଣ ମିଶ୍ର ସୂଚନା ଦେଇଥିଲେ।



ଅତିଥିଙ୍କ ଗହଣରେ ସମ୍ମାନିତ ଖବରଦାତାମାନେ।

# ଲଣ୍ଡନରେ ଗାନ୍ଧିଜୀ ନିଜକୁ କୃଷକ ପରିଚୟ ଦେଇଥିଲେ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କୃଷକ ହେଉଛି ଅନ୍ନଦାତା। କୃଷକର ସମସ୍ୟା ଓ ବର୍ତ୍ତମାନର ସ୍ଥିତିକୁ ନେଇ ସୁବନ ଖୁଣ୍ଟିଆ ସ୍ମୃତି ପ୍ରତିଷ୍ଠାନ ଓ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ‘ସୁବନ ଖୁଣ୍ଟିଆ ପ୍ରଥମ ସ୍ମାରକ ବକ୍ତୃତା’ କାର୍ଯ୍ୟକ୍ରମ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ଗାନ୍ଧିଜୀଙ୍କ ଦୃଷ୍ଟିରେ କୃଷକ’ ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ. ସୁଜାତା ଚୌଧୁରୀ ଯୋଗଦେଇ କହିଛନ୍ତି, ଆଖି ବନ୍ଦ କଲେ ମହାତ୍ମା ଗାନ୍ଧୀ ଜଣେ କୃଷକ ହିସାବରେ ଦେଖାଯାଆନ୍ତି। ସେ ଯେତେବେଳେ ଲଣ୍ଡନରେ ଓକିଲାତି ପଢୁଥିଲେ ସେଠାରେ ମଧ୍ୟ ସେ କୃଷକର ପରିଚୟ ଦେଇଥିଲେ। ଯେଉଁମାନେ କୃଷକର ପରିଚୟ ଦେଇଥାନ୍ତି ସେମାନଙ୍କୁ ଲୋକମାନେ ଭିନ୍ନ ଦୃଷ୍ଟିରେ ଦେଖିଥାନ୍ତି। ସମ୍ମାନିତ ଅତିଥି ଭାବେ ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ଅଧ୍ୟକ୍ଷା କୃଷ୍ଣା ମହାନ୍ତି କହିଛନ୍ତି, ଚାଷୀଙ୍କ ମୂଲ୍ୟବୋଧକୁ ୩୫ବର୍ଷ ଧରି ସୁବନ ଖୁଣ୍ଟିଆ ବୁଝିପାରିଛନ୍ତି। କୃଷି ସହ କୃଷକଙ୍କୁ ସମାନ ଗୁରୁତ୍ୱ ଦେଇ ଯଥାର୍ଥ ଜୀବନ କ’ଣ ସେ ଉପଲବ୍ଧି କରିଛନ୍ତି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ‘ସମ୍ବାଦ’ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, ଗାନ୍ଧୀ ହେଉଛନ୍ତି ବିଚାର, ସହଜ ଓ ପ୍ରଣୟର ପନ୍ଥା। ଗାନ୍ଧୀଙ୍କ ସହ ସୁବନଙ୍କ ଅନେକ ସାମଞ୍ଜସ୍ୟ ରହିଛି। ଏହି ଅବସରରେ ୨ ଜଣ ଚାଷୀ ମୟୂରଭଞ୍ଜର ଲୋକନାଥ ଚୌଧୁରୀ ଓ ବାଲିମୁଣ୍ଡର ନରେନ୍ଦ୍ର ଭୂଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବପ୍ରସାଦ ଦାଶ ସଂଯୋଜନା କରିଥିଲେ। ସ୍ମୃତି ପ୍ରତିଷ୍ଠାନର ପୃଷ୍ଠପୋଷକ ନଟବର ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପ୍ରତିଷ୍ଠାନର ଅଧ୍ୟକ୍ଷ ଗୋବିନ୍ଦ ଭୂୟାଁ ସମ୍ପାଦକୀୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜଗଦୀଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଗୋପବନ୍ଧୁଙ୍କ ଉପରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ



**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧୋତ୍ସବ ଅବସରରେ ରାଜ୍ୟ ଗ୍ରନ୍ଥାଗାରରେ ଶୁକ୍ରବାର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଦର୍ଶକ ଭାବେ ପୂର୍ବତନ ବିଧାୟକ ଡ. ଅଲେଖ କୁମାର ଜେନା ଯୋଗଦେଇ କହିଥିଲେ, ଗୋପବନ୍ଧୁଙ୍କୁ ସକାଳୁ ସ୍ମରଣ କଲେ ଜଣେ ସେବା ପରାୟଣ ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ରୁଦ୍ରପ୍ରସାଦ ବେହେରା, ପଦ୍ମନାଭ ଜେନା, କଣ୍ଠମଣି ବିଶ୍ୱାଳ, ବିଦ୍ୟାଧର ପଣ୍ଡା, ସଲିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପେନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ‘ରେଳପଥ ପାଇଁ ଷ୍ଟାର୍ଟ ଅପ ଭାରତୀୟ ରେଳର ଅଭିନବୀକରଣ ନୀତି’

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଭାରତୀୟ ରେଳ ଷ୍ଟାର୍ଟ ଅପ୍ ନୀତି ଦ୍ୱାରା ବିଭିନ୍ନ ଷ୍ଟାର୍ଟ-ଅପ୍ ଅଂଶଗ୍ରହଣ ମାଧ୍ୟମରେ ରେଳପଥର ଅଭିନବୀକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଭିନ୍ନ ସଂସ୍ଥା ରେଳ କ୍ଷେତ୍ରରେ ସହ-ସୃଷ୍ଟି ଏବଂ ସହ-ନବସୃଜନ ପାଇଁ ଦେଶରେ ‘ଅଭିନବ ସଂସ୍କୃତି’କୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି ବୋଲି ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଖବରଦାତା ସମ୍ମିଳନୀରେ କହିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭିନ୍ନ ଷ୍ଟାର୍ଟଅପ୍‌ର ପ୍ରତିନିଧି, ଇଞ୍ଜିନିୟରିଂ ଏବଂ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟର ଶେଷବର୍ଷ ଛାତ୍ରୀଛାତ୍ର ପ୍ରତିନିଧି ଭାବେ ଯୋଗ ଦେଇ ରେଳପଥ ପାଇଁ ଷ୍ଟାର୍ଟଅପର ଉପକାରିତା ବିଷୟରେ ଆଲୋଚନା କରିଥିଲେ। ପୂର୍ବତଟ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀଙ୍କ ସହିତ ମୁଖ୍ୟ ଜନସମ୍ପର୍କ ଅଧିକାରୀ ବିଶ୍ୱଜିତ୍ ସାହୁ, ଉପ ମହାପ୍ରବନ୍ଧକ ଏ.କେ. ମିଶ୍ର ଏବଂ ମହାପ୍ରବନ୍ଧକଙ୍କ ସଚିବ ବିଶ୍ୱଜିତ ଭୋଇ ଏହି ଆଲୋଚନାରେ ଭାଗ ନେଇଥିଲେ। ଭାରତୀୟ ରେଳ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇ ଅଭିନବୀକରଣ କ୍ଷେତ୍ରରେ ଷ୍ଟାର୍ଟ ଅପ୍ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର ଅଂଶଗ୍ରହଣ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ଆଗେଇ ଆସିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ୧୩ତାରିଖରେ ନୂଆଦିଲ୍ଲୀର ରେଳଭବନରେ ରେଳପଥ ପାଇଁ ଷ୍ଟାର୍ଟ ଅପ୍ ନୀତିର ଶୁଭାରମ୍ଭ କରିଛନ୍ତି। ଭାରତୀୟ ରେଳପଥର ଗୁଣବତ୍ତା, ନିର୍ଭରଯୋଗ୍ୟତା ଏବଂ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଅଭିନବ ଉତ୍ପାଦ ବିକାଶ କରିବାକୁ ଏହି ନୀତିରେ ଲକ୍ଷ୍ୟ ରହିଛି ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ଷ୍ଟାର୍ଟଅପ୍‌ର ପ୍ରତିନିଧିମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ଜୁନ୍, ୨୦୨୨



# ଆସେଞ୍ଜଙ୍କ ପ୍ରତ୍ୟର୍ପଣକୁ ବ୍ରିଟେନର ମଞ୍ଜୁରୀ

**ଲଣ୍ଡନ,୧୭।୬**

ୱିକିଲିକ୍ସର ପ୍ରତିଷ୍ଠାତା ଜୁଲିଆନ ଆସେଞ୍ଜଙ୍କୁ ଆମେରିକା ପ୍ରତ୍ୟର୍ପଣ କରିବା ପ୍ରସ୍ତାବକୁ ବ୍ରିଟିଶ ସରକାର ଅନୁମୋଦନ କରିଛନ୍ତି। ସେ ଆମେରିକାରେ ଗୁପ୍ତଚର ବୃତ୍ତି ଅଭିଯୋଗରେ ବିଚାରର ସମ୍ମୁଖୀନ ହେବେ। ପ୍ରତ୍ୟର୍ପଣ ନିର୍ଦ୍ଦେଶନାମାରେ ବ୍ରିଟିଶ ଗୃହ ସଚିବ ପ୍ରୀତି ପଟେଲ ଶୁକ୍ରବାର ସ୍ୱାକ୍ଷର କରିଛନ୍ତି। ପୂର୍ବରୁ ବ୍ରିଟେନର ଏକ ଅଦାଲତ ଆସେଞ୍ଜଙ୍କୁ ଆମେରିକା


ଜୁଲିଆନ ଆସେଞ୍ଜ

ପଠାଯାଇପାରିବ ବୋଲି ରାୟ ଦେଇଥିଲେ। ଆସେଞ୍ଜ ପ୍ରତ୍ୟର୍ପଣ ନିର୍ଦ୍ଦେଶ ବିରୋଧରେ ୧୪ ଦିନ ମଧ୍ୟରେ ଅପିଲ କରିପାରିବେ। ଆଫଗାନିସ୍ତାନ ଓ ଇରାକ ଯୁଦ୍ଧ ସମ୍ପର୍କିତ ଆମେରିକାର କେତେକ ଗୁପ୍ତ ଦସ୍ତାବିଜ୍ ଆସେଞ୍ଜ ୨୦୧୦-୧୧ରେ ପ୍ରଘଟ କରିଥିଲେ। ତେଣୁ ଗୁପ୍ତଚର ବୃତ୍ତିରେ ସାମିଲ ଅଭିଯୋଗରେ ଆମେରିକା ଆସେଞ୍ଜଙ୍କୁ ୱେଣ୍ଟେଡ୍ ତାଲିକାରେ ରଖିଥିଲା। ଲଣ୍ଡନର ବେଲମାର୍ଶ ଜେଲରେ ଥିବା ଆସେଞ୍ଜ ପ୍ରତ୍ୟର୍ପଣରୁ ବର୍ତ୍ତିବା ଲାଗି ଦୀର୍ଘଦିନ ହେଲା ଉଦ୍ୟମ ଚଳାଇଥିଲେ। ତାଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ବ୍ରିଟିଶ ଗୃହ ସଚିବଙ୍କ ନିଷ୍ପତ୍ତି ବିରୋଧରେ ଅପିଲ କରାଯିବ ବୋଲି ୱିକିଲିକ୍ସ ପକ୍ଷରୁ କୁହାଯାଇଛି।

# ମକ୍କିଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପ୍ରସ୍ତାବ: ଚାଇନାର ବିରୋଧ

**ଜାତିସଂଘ,୧୭।୬**

ପାକିସ୍ତାନର ଶୀର୍ଷ ଲଶ୍କର-ଇ-ତୋଇବା ନେତା ଅବଦୁଲ ରେହମନ ମକ୍କିଙ୍କୁ ଜାତିସଂଘ ସୁରକ୍ଷା ପରିଷଦ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରିବା ପାଇଁ ଭାରତ ଓ ଆମେରିକା ପକ୍ଷରୁ ଦିଆଯାଇଥିବା ମିଳିତ ପ୍ରସ୍ତାବକୁ ଚାଇନା ବିରୋଧ କରିଛି। ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଆଇଏସ୍ଆଇଏଲ୍ (ଇସ୍‌ଲାମିକ ଷ୍ଟେଟ୍ ଅଫ୍ ଇରାକ ଆଣ୍ଡ ସିରିଆ' ଏବଂ ଅଲ୍ କାଏଦା ସାଙ୍କସନ୍ସ କମିଟିରେ ମକ୍କିଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲାଗି ନୂଆଦିଲ୍ଲୀ ଓ ୱାଶିଂଟନ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା। ଶେଷ ମୁହୂର୍ତ୍ତରେ ଚାଇନାର ବିରୋଧ ଯୋଗୁ ତାଙ୍କୁ ଉକ୍ତ ତାଲିକାରେ ସାମିଲ କରାଯାଇପାରି ନାହିଁ। ୭୪ ବର୍ଷୀୟ ମକ୍କିଙ୍କୁ ଆମେରିକା ପୂର୍ବରୁ ଆତଙ୍କବାଦୀ ଘୋଷଣା କରିଛି।



୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲଶ୍କର-ଇ-ତୋଇବା ନେତା ହାଫିଜ ସୟିଦଙ୍କର ସେ ଭିଣୋଇ। ପୂର୍ବରୁ କେତେଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଅନ୍ତର୍ଜାତୀୟ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଭାରତ ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକର ପ୍ରସ୍ତାବକୁ ବେଜିଂ ବିରୋଧ କରିଥିଲା।

**ରାଜୀବ ହତ୍ୟା ମାମଲା**

# ଜେଲରୁ ମୁକୁଳିବା ଲାଗି ନଳିନୀ, ରବିଚନ୍ଦ୍ରନଙ୍କ ଆବେଦନ ଖାରଜ

**ଚେନ୍ନାଇ,୧୭।୬(ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଜେଲରୁ ମୁକ୍ତି ପାଇଁ ନଳିନୀ ଶ୍ରୀହରନ ଏବଂ ରବିଚନ୍ଦ୍ରନ କରିଥିବା ଆବେଦନକୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ରାଜ୍ୟପାଳଙ୍କ ସ୍ୱୀକୃତି ବିନା ସେମାନଙ୍କୁ ଜେଲରୁ ଖଲାସ ଲାଗି ନିର୍ଦ୍ଦେଶ ଦେବାକୁ ଦୁଇ ଅପରାଧୀ ଆବେଦନ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୨୬ରେ ସୁପ୍ରିମକୋର୍ଟଙ୍କୁ ମିଳିଥିବା ସ୍ୱତନ୍ତ୍ର କ୍ଷମତା ହାଇକୋର୍ଟଗୁଡ଼ିକର ନାହିଁ ବୋଲି ମୁଖ୍ୟ ବିଚାରପତି ଏମ୍.ଏନ୍. ଭଣ୍ଡାରୀ ଓ ଜଷ୍ଟିସ ଏନ୍. ମାଳାଙ୍କ ଖଣ୍ଡପୀଠ ଦର୍ଶାଇଛନ୍ତି। ଅନ୍ୟତମ ଅପରାଧୀ ଏ.ଜି. ପେରାରିଭାଲାନଙ୍କୁ ମୁକ୍ତ କରି ଲାଗି ଗତମାସ ୧୮ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ସର୍ବୋଚ୍ଚ ଅଦାଲତକୁ କ୍ଷମତା ମିଳିଛି। ସେହି ମାନଦଣ୍ଡ ହାଇକୋର୍ଟଙ୍କ କ୍ଷେତ୍ରରେ ଲାଗୁ ହୋଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ତାମିଲନାଡୁର ଏଆଇଏଡିଏମ୍‌କେ କ୍ୟାବିନେଟ ୨୦୧୮ ସେପ୍ଟେମ୍ବରରେ ସମସ୍ତ ୭ ଅଭିଯୁକ୍ତଙ୍କୁ ଜେଲରୁ ମୁକ୍ତ କରିଦେବାକୁ ସୁପାରିସ କରିଥିଲେ। ଏହି ସୁପାରିସକୁ ତତ୍କାଳୀନ ରାଜ୍ୟପାଳ ବନୱାରିଲାଲ୍ ପୁରୋହିତଙ୍କ ନିକଟକୁ ପଠାଯାଇଥିଲା। ରାଜ୍ୟପାଳ କୌଣସି ପଦକ୍ଷେପ ନ ନେବାରୁ ଅଭିଯୁକ୍ତମାନେ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଆବେଦନ ଖାରଜ ହୋଇଯିବା ପରେ ରାଜ୍ୟପାଳଙ୍କ ବିନା ସହମତିରେ ସେମାନଙ୍କୁ ମୁକ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ସେମାନେ ପୁନର୍ବାର ରିଟ୍ ପିଟିଶନ ଦାଏର କରିଥିଲେ। ରାଜୀବ ହତ୍ୟା ମାମଲାରେ ପେରାରିଭାଲାନ, ମୁରୁଗାନ, ସନ୍ଥନ, ରବର୍ଟ ପାୟସ, ରବିଚନ୍ଦ୍ରନ, ଜୟକୁମାର ଏବଂ ନଳିନୀ ଦୋଷୀସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି।

# ତୈଳ ସଙ୍କଟ: ଶ୍ରୀଲଙ୍କାରେ ୨ ସପ୍ତାହ ସ୍କୁଲ ବନ୍ଦ

**କଲମ୍ବୋ,୧୭।୬:** ତେଲ ଆମଦାନି ପାଇଁ ଶ୍ରୀଲଙ୍କା ସରକାରଙ୍କ ପାଖରେ ବିଦେଶୀ ମୁଦ୍ରା ନ ଥିବାରୁ ଦୁଇ ସପ୍ତାହ ପାଇଁ ସ୍କୁଲ୍ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ଶୁକ୍ରବାର ଘୋଷଣା କରାଯାଇଛି। ପେଟ୍ରୋଲ ଓ ଡିଜେଲର ଘୋର ଅଭାବ ଦେଖାଦେଇଥିବାବେଳେ ସୋମବାରଠାରୁ ସବୁ ବିଭାଗ, ସରକାରୀ ସଂସ୍ଥା ଓ ସ୍ଥାନୀୟ ପରିଷଦ ସ୍ୱଳ୍ପ ସମୟ ଲାଗି ପରିବହନ ସେବା ବ୍ୟବହାର କରିବା ଲାଗି ସାଧାରଣ ପ୍ରଶାସନ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଫିସକୁ କମ୍ କର୍ମଚାରୀ ଆସିବା ପାଇଁ କୁହାଯାଇଛି।

# ଫିଲ୍ମ ହେବ ରାହୁଲ ରେସ୍କ୍ୟୁ ଅପରେଶନ

**ରାୟପୁର, ୧୭।୬:** ବୋର୍‌ୱେଲରେ ଖସିପଡ଼ିଥିବା ଛତିଶଗଡ଼ର ୧୧ ବର୍ଷୀୟ ବାଳକ ରାହୁଲ ସାହୁଙ୍କ ଉଦ୍ଧାର କାର୍ଯ୍ୟ ନେଇ ଏକ ଡକ୍ୟୁମେଣ୍ଟାରି ଫିଲ୍ମ ତିଆରି ହେବା ନେଇ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଛନ୍ତି। ରେସ୍କ୍ୟୁ ଅପରେଶନରେ ସାମିଲ ଥିବା ପ୍ରତ୍ୟେକ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବଘେଲ ରାୟପୁରସ୍ଥିତ ବାସଭବନରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ବଘେଲ କହିଥିଲେ ଯେ, ରାହୁଲ ରେସ୍କ୍ୟୁ ଅପରେଶନ୍ ଦେଶର ସବୁଠାରୁ ଦୀର୍ଘତମ ରେସ୍କ୍ୟୁ ଅପରେଶନ୍। ଏନ୍‌ଡିଆର୍‌ଏଫ୍ ଟିମ୍‌ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଏଥିରେ ସାମିଲ ଥିବାବେଳେ ଲୋକଙ୍କୁ ଏ ନେଇ ସଚେତନ କରିବା ଉଦ୍ଦେଶ୍ୟରେ ଉଦ୍ଧାର କାର୍ଯ୍ୟ ଉପରେ ଡକ୍ୟୁମେଣ୍ଟାରି ଫିଲ୍ମ ତିଆରି କରିବା ଉଚିତ୍ ହେବ। ଜାଞ୍ଜଗିର ଚାମ୍ପା ପିହରିଡ଼ ଗ୍ରାମର ରାହୁଲ ୧୦ ତାରିଖରେ ଖେଳୁଥିବା ସମୟରେ ବୋର୍‌ୱେଲ୍ ଗାତରେ ପଡ଼ିଯାଇଥିଲେ।


ଦିବ୍ୟାଙ୍ଗ ରାହୁଲଙ୍କୁ ୮୦ ଫୁଟ ବୋର୍‌ୱେଲରୁ ବାହାର କରିବା ବଡ଼ ଜଟିଳ ଥିଲା।

---

Email ID - exengerolickpt@gmail.com

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, KORAPUT**
**e- Tender Notice**

**Bid Identification No E.E. OLIC KORAPUT 01/2022-23, DT. 17.6. 2022**
**No.CAD-825:** Installation & Energisation of 6 no Packages of Lift Irrigation Project Works under Koraput District.
Execution of L.I.Project works - Under Koraput District
1. Cost of Projects : 17.91 to 21.517 Lakhs each
2. Class of Contractors : Valid Electrical H.T. License with Civil 'D' or above class (As per specified in DTCN.)
3. Availability of Bid in Portal : 28.6.2022 at 10.00 AM to 08.7.2022 up to 05.00 PM
4. Bid Clarification : On or before 05.7.2022 during office hours in the office of the Executive Engineer, L.I. Division, Koraput
5. Bid opening : 11.7.2022 at 11.00 AM on wards.

The bidders who have awarded similar nature of work previously but not satisfactory progress till date or the defaulter contractors need not apply. All other information will available in Govt. Portal www.tendersorissa.gov.in

**Sd./- Executive Engineer, L.I. Division, Koraput**
OIPR-32173/11/0002/2223

---

# OFFICE OF THE ROURKELA MUNICIPAL CORPORATION, ROURKELA
**INVITATION FOR BID**

**No. 7952** **Dated: 17.06.2022**
**Bid Identification No. MC/RMC/43/2022**

No. C-563: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/43/2022 for 01 No. different civil works with value of Rs.22.68 lakh.
1. Bid documents will be available in website **www. tendersorissa.gov.in** from 17.06.2022.
2. Bids must be submitted on "Online" on or before 24.06.2022 by 17.00 hours.
3. Bids shall be opened at 11.00 hours on 27.06.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa. gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0050/2223

---

GOVERNMENT OF ODISHA **No.A-327:**
DEPARTMENT OF WATER RESOURCES
**Office of the Additional Chief Engineer**
**Rushikulya Bahuda Basin, Berhampur-760004**
e-mail id: se_sicbam@yahoo.com
**e-Procurement Notice No. ACE, RBB-08/2022-23**

1. Type of Work : Flood Control Works
2. Total No. of Works : 03 (Three) Nos.
3. Amount put to tender : Rs.610.70 Lakh to 208.96 Lakhs
4. Period of completion : 11(Eleven) to 17 (Seventeen) Calendar Months

| Procurement Officer | Bid Identification No. | Bid Amount (Rs.in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE,RBB, (BEID) 09/2022-23 | 610.70 | From 21.06.2022 10.00 A.M. to 05.07.2022 5.00 P.M. |
| | ACE,RBB, (BEID) 10/2022-23 | 495.55 | |
| | ACE,RBB,(BEID) 11/2022-23 | 208.96 | |

Date of Opening of the Technical Bid: 06.07.2022 at 11.30 A.M. Further details can be seen from the Govt. website www.tendersodisha.gov.in.

**Sd./- Additional Chief Engineer**
**Rushikulya Bahuda Basin, Berhampur**
OIPR-32411/11/0012/2223

---

GOVERNMENT OF ODISHA
DEPARTMENT OF WATER RESOURCES, GOVT OF ODISHA
**OFFICE OF THE SUPERINTENDING ENGINEER, BURLA IRRIGATION DIVISION, BURLA**
(Email Address: sambalpurirrigation@rediffmail.com)
**TENDER CALL NOTICE No. 03/2022-23 Dated:10.06.2022**

**No.A-325:** Sealed quotations are invited from reputed registered and experienced manpower service provider for providing different category of through outsourcing Personnel to O/o the Superintending Engineer, Burla Irrigation Division, Burla and O/o the Additional Chief Engineer, Canal Circle, Burla on contract basis for day to day official work. The details of the Quotation Call Notice and Documents are available in the website **https:// dowrodisha.gov.in or https://sambalpur.nic.in.**
Date & time of availability / sale of Tender Document from **18.06.2022 (10.00AM) to 29.06.2022 (5.30PM).**
Last date & time of receipt of Tender Document is **30.06.2022 up to 02.00 PM.**
Date & Time of Opening of Technical Bid is **30.06.2022 at 03.30 PM**

**Sd./-Superintending Engineer,**
**Burla Irrigation Division, Burla**
OIPR-32436/11/0006/2223

---

**BHUBANESWAR MUNICIPAL CORPORATION**
No. C-554 e-Mail Id: ee1@bmc.gov.in
**e-Procurement Notice**

1. Bid Reference No. : BMC-DIV-1/07-2022-23 Dt.13.06.2022
2. Tender Call Notice No. : 29142 Dtd.13.06.2022
3. No. of Works : 4 (Four)
4. Bid Value : Rs.6,05,418/- to Rs.15,04,811/-
5. Period of Completion : 30 days

Date and time Schedule

| Start | End | Opening |
|---|---|---|
| 11.00 A.M. of 17.06.2022 | 5.00 P.M. of 29.06.2022 | 4.30 P.M. of 30.06.2022 |

6. Tender details can be seen in the e-Procurement portal **https://www.tendersodisha.gov.in.** & BMC Website **https://www.bmc.gov.in.**

**Sd./- Executive Engineer**
**BMC Division - 1**
OIPR-13002/11/0053/2223

---

# OFFICE OF THE ROURKELA MUNICIPAL CORPORATION, ROURKELA
**INVITATION FOR BID**

**No. 7937** **Dated: .06.2022**
**Bid Identification No. MC/RMC/38/2022**

No. C-558: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/38/2022 for 06 Nos. civil work with value of Rs.22.15 lakh to Rs.35.96 lakh.
1. Bid documents will be available in website **www. tendersorissa.gov.in** from 17.06.2022.
2. Bids must be submitted on "Online" on or before 29.06.2022 by 17.00 hours.
3. Bids shall be opened at 11.00 hours on 30.06.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa. gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0045/2223

---

**OFFICE OF THE SUPERINTENDING ENGINEER**
**RWS&S DIVISION, NABARANGPUR - 764059**
No.O-472: **Government of Odisha "e" Procurement Notice**
**Bid Identification No. 06 of 2022-23 Dated. 08.06.2022**

1. Name of the Work :- Procurement of MS pipes.
2. Estimated Cost :- Rs.49.95 Lakhs
3. Period of Completion :- 1 (One) Month
4. Date and time of availability of bid documents in the portal :- 22.06.2022 (5.00 P.M ) to 08.07.2022 ( 5.00P.M)
5. Last Date / Time for receipt of bids in the Portal :- 5.00 P.M. of 08.07.2022
6. Date and time of submission of technical bids :- 5.00 P.M of 08.07.2022
7. Date & time of opening of technical bids :- 12.30 P.M of 12.07.2022
8. Date and time of opening of financial bids : To be decided
9. Name & address of the Officer Inviting Bid :- Superintending Engineer, RWS&S Division,Nabarangpur.

Further details can be seen from the e-procurement portal **"https:// tendersodisha.gov.in"**

**Sd./-Superintending Engineer**
**RWS&S Division, Nabarangpur**
OIPR-25028/11/0008/2223

---

**GOVERNMENT OF ODISHA** **No. O-484**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KORAPUT**
Email: eerwkoraput@yahoo.com, P.H. & Fax: (06852) 251263
**No. 2851** **Dated: 08.06.2022**
**1st CORRIGENDUM TO e-TENDER CALL NOTICE NO. 01 & 02/2022-23**

1. Due to technical issue, the online tender No. 01 & 02/2022-23 of Rural Works Division, Koraput could not be uploaded in the website which was to be available from 31.05.2022.
2. Hence, Online Tender Notice No. 01 & 02/2022-23 have been revised and now will be available in the website from 19.06.2022 at 10.00 A.M. to 29.06.2022 at 5.00 P.M.
3. Bids recevied online shall be opened at 11.00 hours on Dt.30.06.2022 in the Office of the undersigned.

All other terms & conditions remain un-changed.

**Sd./- Superintending Engineer**
**R.W. Division, Koraput**
OIPR-25088/11/0005/2223

---

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Chief Construction Engineer**
**Deo Irrigation Project, Karanjia, Mayurbhanj**
**PIN: 757037, email: cce.dip.dowr@gmail.com**
**e-Procurement Notice No.01/CCEDIP of 2022-23**

**No.A-328:** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal (www.http://tenderodisha.gov.in).
1. Type of work : Electrical works
2. Total No. of works : 01 (One)
3. Class of Contractor : Electrical HT Contractor
4. Bid Identification No. : 01/CCEDIP of 2022-23
5. Estimated cost : Rs.177.00 lakh.
6. Period of completion : 03 (three) Calendar months
7. Date & time of availability of bid Documents in the portal : 18/06/2022 at 10.00 AM
8. Last date/time for receipt of bids in the Portal : 02/07/2022 up to 5.00 PM
9. Date of opening of Bid : 04/07/2022 at 11.00 AM
10. Name of the officer inviting Tender : Chief Construction Engineer, Deo Irrigation Project, Karanjia

(A) Any addendum/corrigendum/cancellation of tender can also be seen in the said website.
(B) Further details can be seen from Government Website (www.http:// tenderodisha.gov.in)
(C) The Bidders shall transfer the required amount of EMD / Bid declaration (Bid Security) and cost of Bid by online through electronics payment as per Government of Odisha WDOM NO-17254/WE Dated 05.12.2017 as mentioned in DTCN.

**Chief Construction Engineer**
**Deo Irrigation Project, Karanjia**
OIPR-32337/11/0002/2223

---

# ODISHA PUBLIC SERVICE COMMISSION, CUTTACK
**NOTICE**

**No. 5433/PSC Dt.17.06.2022**
**(2PE-08-22/23) (DR-I)**

No. D-70: It is for information of all concerned that, pursuant to Advt. No. 09 of 2021-22, 59 (Fifty-nine) candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (Chemistry)**. The Interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 on 04.07.2022, 05.07.2022, 06.07.2022 & 07.07.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of Candidates |
|---|---|---|
| 04.07.2022 | 10.30 A.M. | 00087490, 00076866, 00089480, 00112148, 00082112, 00088627, 00087712, 00088901, 00091288 = **09 Candidates** |
| | 02.45 P.M. | 00078499, 00094017, 00112036, 0086317, 0091658, 00091841 = **06 Candidates** |
| 05.07.2022 | 10.30 A.M. | 00092076, 00094540, 00101828, 00102467, 00055068, 00112692, 00070409, 00092132, 00072521 = **09 Candidates** |
| | 02.45 P.M. | 00089243, 00112353, 00059975, 00090059, 00101470, 00068128 = **06 Candidates** |
| 06.07.2022 | 10.30 A.M. | 00112185, 00058143, 00086678, 00086428, 00095060, 00028518, 00110980, 00078396, 00090300 = **09 Candidates** |
| | 02.45 P.M. | 00094179, 00103495, 00057903, 00101861, 00112315, 00111264 = **06 Candidates** |
| 07.07.2022 | 10.30 A.M. | 00091830, 00112443, 00093085, 00104107, 00095865, 00077613, 00031598, 00093634, 00112032 = **09 Candidates** |
| | 02.45 P.M. | 00111051, 00100305, 00097262, 00049444, 00097146 = **05 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.
The candidates are further advised to bring three sets of Xerox copies of published research papers as earlier produced during verification.
**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the comission for the purpose.

OIPR-12002/11/0086/2223 **Sd./- Secretary**

---

# ODISHA PUBLIC SERVICE COMMISSION, CUTTACK
**NOTICE**

**No. 5391/PSC Dt.16.06.2022**
**PF-1E-11-2021/22 (DR-III)**

No. D-71: It is for information of all concerned that, 111 (One hundred eleven) candidates bearing following PPSAN have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Mathematics,** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22. the document verification shall be held in office of the Commission at 19, DR, P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 23.06.2022 | 10.30 A.M. | 00100900, 00123646, 00020327, 00100599, 00100401, 00119342, 00103287, 00120121, 00053817, 00104161, 00122152, 00103961, 00121923, 00103772 & 00104529 = **15 Candidates** |
| | 02.30 P.M. | 00089229, 00115455, 00035161, 00104533, 00033928, 00121554, 00104489, 00128342, 00103332, 00083838, 00117760, 00116079 & 00114964 = **13 Candidates** |
| 24.06.2022 | 10.30 A.M. | 00104383, 00100430, 00115193, 00102977, 00123095, 00103316, 00050334, 00104242, 00103209, 00124248, 00119429, 00103881, 00122335, 00104520, 00124860 = **15 Candidates** |
| | 02.30 P.M. | 00121178, 00120388, 00123072, 00100532, 00129354, 00118214, 00118863, 00124004, 00080283, 00101803, 00114438, 00099956 & 00104442 = **13 Candidates** |
| 27.06.2022 | 10.30 A.M. | 00102821, 00115566, 00055452, 00118208, 00103924, 00084933, 00100250, 00122216, 00100435, 00111763, 00037640, 00104590, 00061301, 00033177 & 00075967 = **15 Candidates** |
| | 02.30 P.M. | 00039100, 00083739, 00116581, 00083470, 0025182, 00103079, 00103180, 00098923, 00046534, 00079550, 00018627, 00053630 & 00119299 = **13 Candidates** |
| 28.06.2022 | 10.30 A.M. | 00015923, 00086217, 00128130, 00101049, 00040051, 00103966, 00122747, 00046727, 00114878, 00102968, 00115357, 00103159, 00100897, 00116381 & 00121585 = **15 Candidates** |
| | 02.30 P.M. | 00102988, 00103333, 00041814, 00052267, 00049640, 00103434, 00100484, 00070120, 00122334, 00068340, 00103462 & 00102852 = **12 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:
1. Hard copy of online application form.
2. Three recent passport size photographs.
3. Duly filled in & attested "Attestation form" and duly filled in Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. B.Ed. Certificate.
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/ University.
8. Degree or Diploma Certificate in Computer Application in respect of educational qualification prescribed;
9. Odia Test Pass Certificate.
10. Caste Certificate claim as S.T./S.C./S.E.B.C. wherever applicable.
11. Permanent Disability Certificate (including percentage of permanent disability i.e. 40% and more).
12. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13. Sports Persons Certificate issued by the Director of Sports Odisha.
14. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0088/2223 **Sd./- Secretary**

**କୋଭିଡ୍ ଦୈନିକ ସଂକ୍ରମଣ ୧୨,୮୪୭**

କୋଭିଡ୍-୧୯ରେ ଦିନକରେ ୧୨,୮୪୭ ସଂକ୍ରମିତ ହେବା ସହ ୧୪ ଜଣଙ୍କ ଜୀବନ ଯାଇଛି। ଫଳରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୩୨,୭୦,୫୭୭ରେ ପହଞ୍ଚିବା ସହ ମୃତ୍ୟୁସଂଖ୍ୟା ୫,୨୪,୮୧୭ ହୋଇଛି। ୨୪ ଘଣ୍ଟାରେ ସକ୍ରିୟ ମାମଲା ୪,୮୪୮ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦୈନିକ ପଜିଟିଭିଟି ହାର ୨.୪୭କୁ ବୃଦ୍ଧି ପାଇଛି। କ୍ରମାଗତ ଦୁଇଦିନ ଧରି ସଂକ୍ରମଣ ୧୨ ହଜାରରୁ ଅଧିକ ରହିଛି। ଫଳରେ ସକ୍ରିୟ ମାମଲା ସଂଖ୍ୟା ୬୩ ହଜାର ଟପିଛି।


ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ୟୁପିର ବାଲିଆ ଷ୍ଟେଶନରେ ଥିବା ଏକ ଟ୍ରେନ୍‌ରେ ନିଆଁ ଲଗାଇଦେଇଛନ୍ତି ବିକ୍ଷୋଭକାରୀ।


ଅଗ୍ନିପଥ ଯୋଜନାରେ ଖୁବ୍‌ଶୀଘ୍ର ନିଯୁକ୍ତି ଆରମ୍ଭ ହେବ। ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ସାମିଲ ହେବା ସକାଶେ ଆଶାୟୀଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଆଶାୟୀମାନେ ଏଥିପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ। ସେନାରେ ଯୋଗଦେଇ ଦେଶ ସେବାରେ ନିଜକୁ ବ୍ରତୀ କରନ୍ତୁ।
**-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

# ତେଜିଲା ଆନ୍ଦୋଳନ

## ୨୪ରୁ ସେନାରେ ଠିକା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୧୭।୬**

ଭାରତୀୟ ସେନାରେ ଠିକା ନିଯୁକ୍ତିକୁ ନେଇ କେନ୍ଦ୍ର ସରକାରଙ୍କ ଘୋଷଣା ପରେ 'ଅଗ୍ନିପଥ' ଯୋଜନା ବିବାଦ ଘେରକୁ ଟାଣି ହୋଇଯାଇଛି। ଏହାର ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ମୁଣ୍ଡ ଟେକିଥିବା ଆନ୍ଦୋଳନ ଦିନକୁ ଦିନ ହିଂସ୍ର ହେବାରେ ଲାଗିଛି। ଏହା ସତ୍ତ୍ୱେ ସରକାର ଜୁନ୍ ୨୪ରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ଏନେଇ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ଭି.ଆର୍. ଚୌଧରୀ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବାୟୁସେନା ମୁଖ୍ୟ ଚୌଧରୀ କହିଛନ୍ତି, ସରକାର ଅଗ୍ନିପଥ ଯୋଜନାରେ ସର୍ବାଧିକ ବୟସ ସୀମା ୨୩କୁ ବୃଦ୍ଧି କରିଛନ୍ତି। ଫଳରେ ବହୁ ସଂଖ୍ୟକ ଅଗ୍ନିବୀର ଆଶାୟୀ ନୂଆ ନିଯୁକ୍ତିରେ ସାମିଲ ହୋଇପାରିବେ। ପୂର୍ବରୁ ଏହି ବୟସ ସୀମା ୧୭.୫ରୁ ୨୧ ଧାର୍ଯ୍ୟ କରାଯାଇଥିଲା। ତେବେ ଦେଶବ୍ୟାପୀ ବିରୋଧ ଓ ବିକ୍ଷୋଭକୁ ଦେଖି ସରକାର ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି। ସେନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦୁଇଦିନ ମଧ୍ୟରେ ଅଗ୍ନିପଥ ବିଜ୍ଞପ୍ତି ପ୍ରକାଶ ପାଇବ। ଖାଲି ପଦବୀ ଓ ନିଯୁକ୍ତି ପ୍ରକ୍ରିୟା, ପରୀକ୍ଷା କେନ୍ଦ୍ର ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଏଥିରେ ବିସ୍ତୃତ ବିବରଣୀ ଉଲ୍ଲେଖ ରହିବ। ଡିସେମ୍ବର ସୁଦ୍ଧା ଏହି ଯୋଜନାରେ ନବନିଯୁକ୍ତ ଅଗ୍ନିବୀରମାନଙ୍କୁ ତାଲିମ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ କହିଛନ୍ତି, ସରକାର ଉପର ବୟସ ସୀମା ୨୩କୁ ବୃଦ୍ଧି କରିଥିବାରୁ ଯୁବପିଢ଼ିଙ୍କ ପାଇଁ ଏଥିରେ ସାମିଲ ହେବା ସୁଯୋଗ ବଢ଼ିଛି। ଯେଉଁମାନେ କୋଭିଡ୍-୧୯ ଯୋଗୁ ଗତ ୨ ବର୍ଷ ହେଲା ପରୀକ୍ଷା ଦେଇପାରୁ ନ ଥିଲେ ସେମାନଙ୍କ ପାଇଁ ସୁବିଧା ହେବ। ଆଶାୟୀମାନେ ଏହି ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ ବୋଲି ସେନା ମୁଖ୍ୟ ପରାମର୍ଶ ଦେଇଛନ୍ତି।

> ଅଗ୍ନିପଥକୁ ଯୁବପିଢ଼ି ପ୍ରତ୍ୟାଖ୍ୟାନ କରିଛନ୍ତି। ପୂର୍ବରୁ କୃଷି ଆଇନକୁ କୃଷକମାନେ ପ୍ରତ୍ୟାଖ୍ୟାନ କରିଥିଲେ। ବିମୁଦ୍ରୀକରଣ ଅର୍ଥନୀତିଜ୍ଞଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲା। ଜିଏସ୍‌ଟିକୁ ବ୍ୟବସାୟୀମାନେ ଖାରଜ କରିସାରିଛନ୍ତି। ଦେଶବାସୀ କ'ଣ ଚାହୁଁଛନ୍ତି ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଝିପାରୁ ନାହାନ୍ତି। କାରଣ ସେ କେବଳ ନିଜ ଶିଳ୍ପପତି ବନ୍ଧୁମାନଙ୍କ କଥା ଶୁଣନ୍ତି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


ହାଇଦ୍ରାବାଦର ସିକନ୍ଦରାବାଦ୍ ଷ୍ଟେଶନରେ ଟ୍ରେନ୍ ବଗିରେ ନିଆଁ।

## ଅଗ୍ନିପଥ: ଆଜି ବିହାର ବନ୍ଦ

**ପାଟନା,୧୭।୬**

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ଉଚ୍ଛେଦ ଦାବିରେ ଶୁକ୍ରବାର ବିହାରର ବିଭିନ୍ନ ସହରରେ ବିକ୍ଷୋଭ ଦେଖିବାକୁ ମିଳିଛି। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଅନେକ ସହରରେ ଇଣ୍ଟରନେଟ୍ ସେବାକୁ ବାତିଲ କରାଯାଇଛି। ରାଜ୍ୟର ଛାତ୍ର ସଙ୍ଗଠନଗୁଡ଼ିକ ପକ୍ଷରୁ ଶନିବାର 'ବିହାର ବନ୍ଦ' ଡାକରା ଦିଆଯାଇଛି। ରାଜ୍ୟବ୍ୟାପୀ ଏହି ୨୪ ଘଣ୍ଟିଆ ବନ୍ଦ

**ଇଣ୍ଟରନେଟ୍ ସେବା ବାତିଲ**

ପାଳନକୁ ଲାଲୁପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମେତ ବାମଦଳଗୁଡ଼ିକ ସମର୍ଥନ କରିଛନ୍ତି।

ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଆସୋସିଏଶନ୍ (ଏଆଇଏସ୍ଏ) ନେତୃତ୍ୱରେ ବିହାର ବନ୍ଦ ଡାକରା ଦିଆଯାଇଛି। ଆର୍‌ଜେଡି ବିହାର ଶାଖା ସଭାପତି ଜଗଦାନନ୍ଦ ସିଂ କହିଛନ୍ତି, ସେନାରେ ସ୍ୱଳ୍ପମିଆଦୀ ନିଯୁକ୍ତି ଯୋଜନା ଅଗ୍ନିପଥ ଦେଶର ଯୁବପିଢ଼ିଙ୍କ ସ୍ୱାର୍ଥ ପାଇଁ ହାନିକାରକ। ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ସଭାପତି ଚିରାଗ ପାଶ୍ୱାନ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ଶନିବାର ରାଜ୍ୟପାଳ ଫଗୁ ଚୌହାନଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବେ। ଏହି ଯୋଜନା ଦେଶରେ ବେରୋଜଗାର ବୃଦ୍ଧି ସହ ଯୁବପିଢ଼ିଙ୍କଠାରେ ଅସନ୍ତୋଷ ବିସ୍ତାରର କାରଣ ପାଲଟିବ ବୋଲି ଚିରାଗ କହିଛନ୍ତି।


ବିହାରର ଦାନାପୁରରେ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଫାଙ୍କା ଗୁଳିଚାଳନା କରୁଛି।

## ସଂକ୍ଷେପରେ

### ସାର ଦୁର୍ନୀତି: ଗେହଲଟ୍‌ଙ୍କ ଭାଇ ଘରେ ସିବିଆଇ ଚଢ଼ାଉ

**ଜୟପୁର,୧୭।୬:** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଭାଇ ଅଗ୍ରସେନ ଗେହଲଟଙ୍କ ଯୋଧପୁର ଘରେ ସିବିଆଇ ଶୁକ୍ରବାର ଚଢ଼ାଉ କରିଛି। ସାର ବ୍ୟବସାୟୀ ଅଗ୍ରସେନଙ୍କୁ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସାର ଦୁର୍ନୀତି ଅଭିଯୋଗରେ ଜେରା କରିଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଇଡି ଜେରା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ଏବେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ଭାଇଙ୍କ ଘରେ ସିବିଆଇ ଚଢ଼ାଉ କରିଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରରେ ଉପା ସରକାର ସମୟରେ ୨୦୦୭ରୁ ୨୦୦୯ ମଧ୍ୟରେ ଅଗ୍ରସେନ ଭାରତୀୟ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସବ୍‌ସିଡିଯୁକ୍ତ ସାରକୁ ବିଦେଶକୁ ରପ୍ତାନି କରିଥିଲେ। ମ୍ୟୁରେଟ୍ ଅଫ୍ ପଟାସ (ଏମ୍‌ଓପି) ଗରିବ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଅଗ୍ରସେନ ଗେହଲଟ ତାଙ୍କ କମ୍ପାନୀ ଅନୁପମ କୃଷି ଜରିଆରେ ଉକ୍ତ ସାରକୁ ସବ୍‌ସିଡି ଦରରେ କିଣିନେଇ ମାଲେସିଆ ଓ ଭିଏତ୍‌ନାମ ଭଳି ଦେଶକୁ ଉଚ୍ଚା ଦରରେ ରପ୍ତାନି କରିଥିବା ତଦନ୍ତରୁ ଜଣାପଡ଼ିଥିଲା।

### ଜଷ୍ଟିସ୍ ରଞ୍ଜନା ଦେଶାଇ ପିସିଆଇ ମୁଖ୍ୟ

**ନିଯୁକ୍ତି ପାଇବାରେ ପ୍ରଥମ ମହିଳା**

**ନୂଆଦିଲ୍ଲୀ,୧୭।୬:** ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ପିସିଆଇ) ଅଧକ୍ଷା ନିଯୁକ୍ତ ହୋଇଛନ୍ତି। ଏନେଇ ଶୁକ୍ରବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ପିସିଆଇ ଅଧକ୍ଷ ଜଷ୍ଟିସ୍ ଚନ୍ଦ୍ରମଉଳି କୁମାର ପ୍ରସାଦ ଗତ ନଭେମ୍ବରରେ ଅବସର ନେବା ପରଠାରୁ ଏହି ପଦବୀ ଖାଲିପଡ଼ିଥିଲା। ପିସିଆଇ ଅଧକ୍ଷା ନିଯୁକ୍ତ ହେବାରେ ଜଷ୍ଟିସ୍ ଦେଶାଇ ହେଉଛନ୍ତି ପ୍ରଥମ ମହିଳା। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଜାରି ଏକ ଗେଜେଟ୍ ବିଜ୍ଞପ୍ତିରେ କୁହାଯାଇଛି, ୭୨ ବର୍ଷୀୟା ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କୁ ପିସିଆଇ ଅଧକ୍ଷା



ପଦରେ ନିଯୁକ୍ତି ପାଇଁ ଏକ କମିଟି ମଞ୍ଜୁରୀ ଦେଇଛି। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ପିସିଆଇ ସଦସ୍ୟ ପ୍ରକାଶ ଦୁବେ ସାମିଲ ଥିବା କମିଟି ତାଙ୍କ ନାମ ଚୂଡ଼ାନ୍ତ କରିଛି। ଜଷ୍ଟିସ୍ ଦେଶାଇ ସୁପ୍ରିମକୋର୍ଟ ବିଚାରପତି ରୂପେ ୨୦୧୧ ସେପ୍ଟେମ୍ବର ୧୩ରୁ ୨୦୧୪ ଅକ୍ଟୋବର ୨୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ବମ୍ବେ ହାଇକୋର୍ଟରେ ବିଚାରପତି ଦାୟିତ୍ୱ ତୁଲାଇଥିଲେ। ନିକଟରେ ଜମ୍ମୁ-କଶ୍ମୀର ସୀମା ପୁନଃ ନିର୍ଦ୍ଧାରଣ କମିଟିରେ ମଧ ଜଷ୍ଟିସ୍ ଦେଶାଇ ଅଧକ୍ଷତା କରିଥିଲେ।

### ନୁପୂରଙ୍କୁ ଖୋଜୁଛି ମୁମ୍ବାଇ ପୋଲିସ

**ନୂଆଦିଲ୍ଲୀ,୧୭।୬:** ନିଲମ୍ବିତ ଭାଜପା ମୁଖପାତ୍ର ନୁପୂର ଶର୍ମାଙ୍କୁ ମୁମ୍ବାଇ ପୋଲିସ ଖୋଜି ଖୋଜି ରାଜଧାନୀ ଦିଲ୍ଲୀରେ ଯାଇ ପହଞ୍ଚିଛି। ଇସଲାମ୍ ଧର୍ମ ପ୍ରବର୍ତ୍ତକ ପ୍ରଫେଟ ମହମ୍ମଦଙ୍କୁ ନେଇ ବିବାଦୀୟ ବୟାନ ଦେବା ପରେ ଏକାଧିକ ସ୍ଥାନରେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଛି। ତେବେ ମୁସଲମାନ ସଂଗଠନ ରାଜା ଏକାଡେମୀର ଯୁଗ୍ମ ସଚିବ ଇରଫାନ୍ ଶେଖ୍ ମୁମ୍ବାଇ ପୋଲିସ ଷ୍ଟେଶନରେ ଅଭିଯୋଗ କରିବା ପରେ ପୋଲିସ ନୁପୂରଙ୍କୁ ଖୋଜିବା ଆରମ୍ଭ କରିଛି। ଅନ୍ୟପଟେ ନୁପୂରଙ୍କ ଗିରଫ କରିବା ପାଇଁ ପୋଲିସ ପାଖରେ ଯଥେଷ୍ଟ ପ୍ରମାଣ ଥିବା ମହାରାଷ୍ଟ୍ର ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଲଗାତର ୫ ଦିନ ଧରି ରାଜଧାନୀରେ ମୁମ୍ବାଇ ପୋଲିସ ଡେରା ପକେଇ ରହିଛି।



## ଇୟୁ ସଦସ୍ୟ ହେବ ୟୁକ୍ରେନ୍

**ୟୁରୋପୀୟ କମିଶନ୍‌ର ସୁପାରିସ**

**ଲଣ୍ଡନ,୧୭।୬**

ୟୁକ୍ରେନ୍‌କୁ ୟୁରୋପୀୟ ୟୁନିୟନର ସଦସ୍ୟତା ପ୍ରଦାନ ଲାଗି ଏହାର କାର୍ଯ୍ୟନିର୍ବାହୀ ସଂଗଠନ ଶୁକ୍ରବାର ସୁପାରିସ କରିଛି। ରୁଷିଆ ଆକ୍ରମଣର ସମ୍ମୁଖୀନ ହୋଇଥିବା ୟୁକ୍ରେନ୍ ୨୭ ରାଷ୍ଟ୍ରବିଶିଷ୍ଟ ୟୁରୋପୀୟ ସଂଘରେ ସାମିଲ ହେଲେ ମହାଦେଶରେ ଶାନ୍ତି ରକ୍ଷା ହୋଇପାରିବ। ତେବେ ୟୁରୋପୀୟ କମିଶନ ସୁପାରିସ ଏ ଦିଗରେ ପ୍ରଥମ ପଦକ୍ଷେପ। ଇୟୁ ସଦସ୍ୟତା ପାଇବା ପାଇଁ ହୁଏତ ୧୦ ବର୍ଷ ଲାଗିଯାଇପାରେ ବୋଲି କୁହାଯାଉଛି। ୟୁରୋପୀୟ କମିଶନଙ୍କ ସୁପାରିସ ଉପରେ ଆସନ୍ତା ସପ୍ତାହରେ ବ୍ରସେଲ୍ସରେ ବସିବାକୁ ଥିବା ୨୭ ସଦସ୍ୟ ବିଶିଷ୍ଟ ୟୁରୋପୀୟ ୟୁନିୟନରେ ଆଲୋଚନା କରାଯିବ। ଏଥିପାଇଁ ସବୁ ସଦସ୍ୟ ରାଷ୍ଟ୍ରଙ୍କ ସମ୍ମିଳିତ ଅନୁମୋଦନ ଆବଶ୍ୟକ।

ଫେବୃୟାରୀ ୨୪ରୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବାବେଳେ କିଭ୍ ପ୍ରତିଆକ୍ରମଣରେ ପଛଘୁଞ୍ଚା ଦେଇନାହିଁ। ଏହି ଯୁଦ୍ଧରେ ବହୁ ଧନଜୀବନ କ୍ଷୟକ୍ଷତି ହେଲାଣି ଓ ଲକ୍ଷ ଲକ୍ଷ ଲୋକ ଦେଶ ଛାଡ଼ି ପଳାଇଗଲେଣି। ୟୁକ୍ରେନ୍‌ର ପୂର୍ବଭାଗରେ ଥିବା ଡୋନବାସ ଅଞ୍ଚଳରେ ରୁଷିଆ ସୈନ୍ୟ ଆକ୍ରମଣ ଚଳାଇଛନ୍ତି।

## ସୋନିଆଙ୍କ ଶ୍ୱାସନଳୀରେ ସଂକ୍ରମଣ

**ନୂଆଦିଲ୍ଲୀ,୧୭।୬**



କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଶ୍ୱାସନଳୀ ସଂକ୍ରମିତ ହେବା କାରଣରୁ ଚିକିତ୍ସା ଜାରିଥିବା ଶୁକ୍ରବାର ଦଳ ପକ୍ଷରୁ କୁହାଯାଉଛି। କୋଭିଡ୍ ସଂକ୍ରମିତ ସୋନିଆଙ୍କୁ ଜୁନ ୧୨ରେ ଦିଲ୍ଲୀସ୍ଥିତ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୋନିଆଙ୍କୁ ସମନ ଜାରି ହୋଇଥିବାବେଳେ କଂଗ୍ରେସ ଦଳ ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କୁ ଏ ସଂକ୍ରାନ୍ତରେ ଇଡି ପଚରାଉଚରା ଜାରି ରଖିଛି।

## ୭ ବର୍ଷର ବାଳକ ନାଁରେ ହତ୍ୟା ମାମଲା

**୧୪ ବର୍ଷ ବାଳକ ଦେହରେ ନିଆଁ ଲଗାଇଦେଇଥିଲେ**

**ମାସେ ଚିକିତ୍ସା ପରେ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା**

**ଜୟପୁର,୧୭।୬**

ରାଜସ୍ଥାନ କୋଟାରେ ଜଣେ ୧୪ ବର୍ଷୀୟ ବାଳକଙ୍କ ମୃତ୍ୟୁ ନେଇ ଆଉଜଣେ ୭ ବର୍ଷୀୟ ନାବାଳକଙ୍କ ବିରୋଧରେ ମାମଲା ଦାଏର କରାଯାଇଛି। ବାଳକଙ୍କୁ ବର୍ତ୍ତମାନ ସୁଦ୍ଧା ଗିରଫ କରାଯାଇ ନାହିଁ। ତେବେ ତାଙ୍କ ଠିକ୍ ବୟସ ଜାଣିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ ପାଇଁ ସ୍ଥାନୀୟ ପୋଲିସ କୋର୍ଟରେ ଅବେଦନ କରିଛି। ୧୪ ବର୍ଷୀୟ ବାଳକଙ୍କ ଶରୀରର ୬୦ ଭାଗ ନିଆଁରେ ପୋଡ଼ିଯାଇଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌ବିଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ୧ ମାସର ଚିକିତ୍ସା ପରେ ବୁଧବାର ତାଙ୍କ ମୃତ୍ୟୁ ହୋଇଥିବା ସର୍କଲ ଇନ୍‌ସ୍ପେକ୍ଟର ମନୋଜ ସିଂ ସିକାରୱାଲ କହିଛନ୍ତି। ତେବେ ମୃତ୍ୟୁ ପୂର୍ବରୁ ବାଳକଙ୍କ ବୟାନ ରେକର୍ଡ କରିଛି ପୋଲିସ। ମେ ୧୩ ରେ ଦୁଇ ନାବାଳକ କୌଣସି କାରଣରୁ ମାଡ଼ଗୋଳ ହୋଇଥିଲେ। ୭ ବର୍ଷୀୟ ବାଳକ ବୋତଲରେ ତାଙ୍କ ବାପାଙ୍କ ଅଟୋରୁ ଡିଜେଲ ଆଣି ନାବାଳକଙ୍କ ଉପରେ ପକାଇବା ସହ ଏକ ଦିଆସିଲିରେ ନିଆଁ ଲଗାଇ ଦେଇଥିବା ପୋଲିସ କହିଛି। ମୃତ ବାଳକଙ୍କ ବୟାନ ଆଧାରରେ ପୋଲିସ ଭାରତୀୟ ଦଣ୍ଡ ସଂହିତା ଧାରା ୩୦୭ ଅର୍ନ୍ତଗତ ମାମଲା ରୁଜୁ କରିଛି।

## ଭାରତରେ ୫୦ ଲକ୍ଷ ବିସ୍ଥାପିତ

**■ଜଳବାୟୁ ପରିବର୍ତ୍ତନର ପ୍ରଭାବ**

**■ବିଶ୍ୱରେ ୧୦ କୋଟି ଘର ଛାଡ଼ିଛନ୍ତି**

**ଜାତିସଂଘ,୧୭।୬(ପି.ଟି.)**

ଗତବର୍ଷ ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ କାରଣରୁ ଭାରତରେ ପାଖାପାଖି ୫୦ ଲକ୍ଷ ଲୋକ ବିସ୍ଥାପିତ ହୋଇଥିବା ଜାତିସଂଘ ରିପୋର୍ଟରେ କୁହାଯାଇଛି। ଜାତିସଂଘ ଶରଣାର୍ଥୀ ସଂସ୍ଥା (ୟୁଏନ୍‌ଏଚ୍‌ସିଆର୍) ଦ୍ୱାରା ପ୍ରକାଶିତ ଗ୍ଲୋବାଲ ଟ୍ରେଣ୍ଡ୍ସ ରିପୋର୍ଟ ଅନୁଯାୟୀ ଗତବର୍ଷ ହିଂସା, ମାନବାଧିକାର ଉଲ୍ଲଂଘନ, ଖାଦ୍ୟାଭାବ, ଜଳବାୟୁ ସଙ୍କଟ, ୟୁକ୍ରେନ୍ ଯୁଦ୍ଧ ଏବଂ ଆଫ୍ରିକାରୁ ଆଫଗାନିସ୍ତାନ ଜରୁରୀ ସ୍ଥିତି ଯୋଗୁ ସାରା ବିଶ୍ୱରେ ୧୦ କୋଟି ଲୋକ ସେମାନଙ୍କ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏହା ବାଦ୍ ବିପର୍ଯ୍ୟୟ କାରଣରୁ ୨.୩୭ କୋଟି ଲୋକ ଦେଶ ଭିତରେ ସ୍ଥାନାନ୍ତର ହୋଇଥିବା



ଇଣ୍ଟରନାଲ ଡିସ୍‌ପ୍ଲେସମେଣ୍ଟ ମନିଟରିଂ ସେଣ୍ଟର (ଆଇଡିଏମ୍‌ସି) ରିପୋର୍ଟରେ ଦର୍ଶାଯାଇଛି। ପୂର୍ବ ବର୍ଷ ତୁଳନାରେ ଏହା ୭ ନିୟୁତ ବା ୨୩ ପ୍ରତିଶତ କମ୍ ବୋଲି କୁହାଯାଉଛି।

ବିପର୍ଯ୍ୟୟ ଯୋଗୁ ଗତବର୍ଷ ଚାଇନାରେ ସର୍ବାଧିକ ୬ ନିୟୁତ ଲୋକ ସ୍ଥାନାନ୍ତର ହୋଇଥିବାବେଳେ ଏହା ପଛକୁ ଫିଲିପାଇନ୍ସ (୫.୭ ନିୟୁତ), ଭାରତ (୪.୯ ନିୟୁତ) ରହିଛି। ତେବେ ଅଧିକାଂଶ ସ୍ଥାନାନ୍ତର ଅସ୍ଥାୟୀ ବୋଲି ରିପୋର୍ଟରେ କୁହାଯାଇଛି। ଗତ କିଛିବର୍ଷ ହେଲା ପ୍ରତିବର୍ଷ ବାଧବାଧକତାରେ ଘର ଛାଡୁଥିବା ଲୋକଙ୍କ ସଂଖ୍ୟା ବଢ଼ିଚାଲିଛି। ୨୦୨୧ ଶେଷ ସୁଦ୍ଧା ୮.୯୩ କୋଟି ଲୋକ ଯୁଦ୍ଧ, ହିଂସା, ମାଲିମକଦ୍ଦମା, ମାନବାଧିକାର ଉଲ୍ଲଂଘନ ଆଦି କାରଣରୁ ସ୍ଥାନାନ୍ତର ହୋଇଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୮ ପ୍ରତିଶତ ଅଧିକ। ୧୦ ବର୍ଷ ପୂର୍ବର ବିସ୍ଥାପିତ ସଂଖ୍ୟା ତୁଳନାରେ ଏହା ଦୁଇଗୁଣ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହା ବ୍ୟତୀତ ଚଳିତ ବର୍ଷ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଯୋଗୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସର୍ବାଧିକ ବିସ୍ଥାପିତ ହୋଇଛନ୍ତି। ମୋଟ ବିସ୍ଥାପିତଙ୍କ ମଧ୍ୟରୁ ୨.୭୧ କୋଟି ଶରଣାର୍ଥୀ, ୨.୧୩ କୋଟି ୟୁଏନ୍‌ଏଚ୍‌ସିଆର୍ ରିଫ୍ୟୁଜି, ୫୮ ଲକ୍ଷ ପାଲେଷ୍ଟାଇନ ଶରଣାର୍ଥୀ ଅଛନ୍ତି। ୫.୩୨ କୋଟି ଦେଶ ଭିତରେ ବିସ୍ଥାପିତ ହୋଇଛନ୍ତି। ୪୬ ଲକ୍ଷ ଶରଣାର୍ଥୀ ହେବା ଲାଗି ଆବେଦନ କରିଛନ୍ତି। ଶରଣାର୍ଥୀ ପାଇଁ ଆମେରିକାକୁ ସର୍ବାଧିକ ୧,୮୮,୯୦୦ ଆବେଦନ କରାଯାଇଥିବାବେଳେ ଜର୍ମାନୀକୁ ୧,୪୮,୨୦୦, ମେକ୍ସିକୋକୁ ୧,୩୨,୭୦୦, କୋଷ୍ଟାରିକାକୁ ୧,୦୮,୫୦୦ ଓ ଫ୍ରାନ୍ସକୁ ୯୦,୨୦୦ ଆବେଦନ ହୋଇଛି।

**ଭାରତୀୟ ମୁଦ୍ରାରେ ବୃଦ୍ଧି**

**ନୂଆଦିଲ୍ଲୀ:** ବିଦେଶୀ ମୁଦ୍ରା ବିନିମୟ ବଜାରରେ ଆମେରିକୀୟ ମୁଦ୍ରା ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ଶୁକ୍ରବାର ୫ ପଇସା ବୃଦ୍ଧି ହୋଇଛି। ଫଳରେ ଭାରତୀୟ ମୁଦ୍ରା ଡଲାର ପିଛା ୭୮.୫ ସ୍ତରରେ ବନ୍ଦ ହୋଇଛି। ଘରୋଇ ବଜାରରେ ମାନ୍ଦାବସ୍ଥା ଏବଂ ପୁଞ୍ଜିବଜାରରେ ନିବେଶକଙ୍କ ଅର୍ଥ ଉଠାଣ ସତ୍ତ୍ୱେ ଭାରତୀୟ ମୁଦ୍ରା ସ୍ଥିର ରହିଥିଲା। ତେବେ ଡଲାରର ଉତ୍ତମ ପ୍ରଦର୍ଶନ ଏବଂ ଅଶୋଧିତ ତୈଳ ଦର ବୃଦ୍ଧି ଭାରତୀୟ ମୁଦ୍ରା ଉପରେ ଅଙ୍କୁଶ ଲଗାଇଥିଲା। ଇଣ୍ଟରବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୭୮.୩ ସ୍ତରରେ ଖୋଲିଥିଲା। କାରବାର ସମୟରେ ଏହା ୭୮.୨ (ଦିନର ସର୍ବୋଚ୍ଚ ସ୍ତର) ଏବଂ ୭୮.୧୦ (ଦିନର ସର୍ବନିମ୍ନ) ସ୍ତର ଛୁଇଁଥିଲା।

## ସଂକ୍ଷେପରେ

### ପୁଞ୍ଜିବଜାରରେ ହ୍ରାସ ଜାରି

**ମୁମ୍ବାଇ, ୧୭।୬:** ଚଳିତ ସପ୍ତାହରେ ଭାରତୀୟ ପୁଞ୍ଜିବଜାରରେ ଲାଗି ରହିଥିବା ହ୍ରାସ ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ମଧ ଜାରି ରହିଛି। ଗୁରୁବାରର ଭାରି ହ୍ରାସ ପରେ ଶୁକ୍ରବାର ଦିନର ଟ୍ରେଡିଂ ସେସନରେ ସେନ୍ସେକ୍ସରେ ୧୩୫ (୦.୨୬%) ଏବଂ ନିଫ୍ଟିରେ ୬୭ (୦.୪୪%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍ସେକ୍ସ ୫୧,୩୬୦ ଏବଂ ନିଫ୍ଟି ୧୫,୨୯୪ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୧୦୮୯ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୨୩୬ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ଶୁକ୍ରବାରର ଟପ୍ ଗେନର୍ସ ତାଲିକାରେ ଭିଆଇପି ଇଣ୍ଡ, ମିଣ୍ଡା ଇଣ୍ଡ, ଓ୍ୱାନ୍ସ କମ୍ୟୁନିକେଶନ, ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଆର୍‌ବିଏଲ୍ ବ୍ୟାଙ୍କ, ମାସ୍‌ଟେକ୍, ଏମ୍ଆର୍‌ପିଏଲ୍, ଆଞ୍ଜେଲ୍ ଓ୍ୱାନ୍ ରହିଛନ୍ତି।

### ଆମେରିକାରୁ ୟୁରିଆ ଆମଦାନୀ କରିବ ଭାରତ

**ନୂଆଦିଲ୍ଲୀ, ୧୭।୬:** ଭାରତ ପ୍ରଥମ ଥର ପାଇଁ ଆମେରିକାରୁ ୪୭,୦୦୦ ଟନ୍ ୟୁରିଆ ସାର ଆମଦାନୀ କରିବାକୁ ଯାଉଛି। ଟେକ୍ନିକ୍ ଜିଆଣ୍ଟ ସାମ୍‌ସଙ୍ଗ ନ୍ୟୁ ମାଙ୍ଗାଲୋରକୁ ରପ୍ତାନି ପାଇଁ ଓରଲିୟନ୍ସ ବନ୍ଦରଠାରେ ମାଲ୍ ବୋଝେଇ କରିବାକୁ ଯାଉଛି। ଗଣମାଧ୍ୟମ ସୂଚନା ଅନୁସାରେ, ଏହି ସପ୍ତାହ ଶେଷ ସୁଦ୍ଧା ମାଲ୍ ବୋଝେଇ ହେବାର ଆଶା ରହିଛି। ଟନ୍ ପିଛା ୭୧୬.୫ ଡଲାରରେ କାର୍ଗୋରେ ମାଲ୍ ରପ୍ତାନି ହେବ। ତଥ୍ୟ ଅନୁସାରେ, ଆମେରିକାରୁ ମାଲ୍ ପରିବହନ ମୂଲ୍ୟ ପ୍ରାୟ ୬୫ ଡଲାର ସ୍ଥିର କରାଯାଇଛି। ତେବେ ବ୍ୟାରେଜ୍ ଲୋଡିଂ ପାଇଁ ଅତିରିକ୍ତ ୧୦-୧୫ ଡଲାର ଥିବା ବେଳେ ସାମଗ୍ରିକ ମାଗଣା ଅନ୍‌ବୋର୍ଡ କିମ୍ବା ଏଫ୍‌ଓବିର ମୂଳ ମୂଲ୍ୟ ଟନ୍ ପିଛା ୬୩୫-୬୪୦ ଡଲାର ମଧ୍ୟରେ ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ବାଣିଜ୍ୟ ମନ୍ତ୍ରଣାଳୟର ସୂଚନା ଅନୁସାରେ, ୨୦୧୯-୨୦ରେ ଓ୍ୱାଶିଂଟନ୍‌ଠାରୁ ଭାରତ ୧.୪୭ ଟନ୍ ୟୁରିଆ ଆମଦାନୀ କରିଥିବା ବେଳେ ୨୦୨୦-୨୧ ଏବଂ ୨୦୨୧-୨୨ରେ ଯଥାକ୍ରମେ ୨.୧୯ ଟନ୍ ଏବଂ ୪୩.୭୧ ଟନ୍ ୟୁରିଆ ସାର ଆମଦାନୀ କରିଥିଲା।

# ଚିନି ରପ୍ତାନି ଉପରେ ଲାଗିବ କଟକଣା

**ନୂଆଦିଲ୍ଲୀ, ୧୭।୬**



- ୬-୭ ମିଲିୟନରେ ସୀମିତ ରହିପାରେ ରପ୍ତାନି
- ସ୍ଥାନୀୟ ଦର ନିୟନ୍ତ୍ରଣ ସହ ଘରୋଇ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ନିଆଯାଇପାରେ ପଦକ୍ଷେପ

ଅକ୍ଟୋବରଠାରୁ ଆରମ୍ଭ ହେଉଥିବା ଆଗାମୀ ଫସଲ ଋତୁଠାରୁ ଭାରତ ଚିନି ରପ୍ତାନି ଉପରେ କଟକଣା ଲଗାଇପାରେ। ସରକାରୀ ଏବଂ ବ୍ୟବସାୟିକ ସୂତ୍ରରୁ ଶୁକ୍ରବାର ଏହି ସୂଚନା ମିଳିଛି। ସ୍ଥାନୀୟ ଦର ନିୟନ୍ତ୍ରଣ ସହିତ ଘରୋଇ ଯୋଗାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ଏହି ପଦକ୍ଷେପ ଗ୍ରହଣ କରିପାରନ୍ତି। ବିଶ୍ୱର ୨ୟ ଅଗ୍ରଣୀ ଚିନି ରପ୍ତାନିକାରୀ ଭାରତ ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର ୨୦୨୨ଠାରୁ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ଚିନି ରପ୍ତାନିକୁ ୬-୭ ମିଲିୟନ ମଧ୍ୟରେ ସୀମିତ ରଖିପାରେ। ଏହି ରପ୍ତାନି ପରିମାଣ ଚଳିତ ଫସଲ ପରିମାଣଠାରୁ ପ୍ରାୟ ଏକତୃତୀୟାଂଶ କମ୍ ରହିବ ବୋଲି ସରକାରୀ ସୂଚନାରୁ ଜଣାଯାଇଛି। ଏହାଦ୍ୱାରା ବୈଶ୍ୱିକ ବଜାରରେ ଚିନି ଦର ବହୁମାତ୍ରାରେ ବୃଦ୍ଧି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଚିନି ଦର ଗତ ସାଢେ ୫ ବର୍ଷ ମଧ୍ୟରେ ସର୍ବାଧିକ ରହିଛି। ବର୍ତ୍ତମାନର ଏହି ଦର ବୃଦ୍ଧି କରୁଥିବା କାରକଗୁଡ଼ିକ ମଧ୍ୟରେ ବିଶ୍ୱର ଅଗ୍ରଣୀ ଚିନି ଉତ୍ପାଦନକାରୀ ଦେଶ ବ୍ରାଜିଲରେ ଉତ୍ପାଦନ ହ୍ରାସ ଅନ୍ୟତମ। ଏହାଛଡ଼ା ଅଶୋଧିତ ତୈଳ ଦର ବୃଦ୍ଧି ମଧ୍ୟ ଏହାର ଅନ୍ୟତମ ପ୍ରମୁଖ କାରଣ। ଏହି ଦର ବୃଦ୍ଧି ସୁଗାର ମିଲ୍‌ଗୁଡ଼ିକୁ ଗ୍ୟାସୋଲିନ୍‌ରେ ସମ୍ମିଶ୍ରଣ ପାଇଁ ଇଥାନଲ୍ ଉତ୍ପାଦନ ଲାଗି ଅଧିକ ଆଖୁ ବ୍ୟବହାର କରିବାକୁ ପଡ଼ିଥାଏ। ଏହାର ପ୍ରଭାବରେ ଚିନି ଉତ୍ପାଦନ କମ୍ ହୋଇଥାଏ। ଆଗାମୀ ଫସଲ ଋତୁରେ ବ୍ରାଜିଲ୍ ଚିନି ଉତ୍ପାଦନ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନେଉଥିବା ବେଳେ ଭାରତ ପକ୍ଷରୁ ଚିନି ରପ୍ତାନି ଉପରେ ରୋକ୍ ଲଗାଯିବା ଦ୍ୱାରା ଦରରେ ହ୍ରାସ ହେବା ନେଇ କୌଣସି ଆଶା କରାଯାଇ ହେବନାହିଁ। ରପ୍ତାନି କୋଟା ସ୍ଥିର କରିବା ପୂର୍ବରୁ ସରକାର ମୌସୁମୀ ବର୍ଷାକୁ ଧ୍ୟାନରେ ରଖିବେ। ଭାରତୀୟ ସୁଗାର ମିଲ୍ ସଂଘ ଅଧ୍ୟକ୍ଷ ଆଦିତ୍ୟ ଝୁନ୍‌ଝୁନ୍‌ୱାଲା ସରକାରଙ୍କୁ ଅନୁରୋଧକରି କହିଛନ୍ତି, ସରକାର ୮ ମିଲିୟନ ଟନ୍ ଚିନି ରପ୍ତାନି ପାଇଁ ଅନୁମତି ଦେବା ଆବଶ୍ୟକ। କାରଣ ଚଳିତ ବର୍ଷ ଚିନି ଉତ୍ପାଦନ ୩୬ ମିଲିୟନ ଟନ୍‌ର ରେକର୍ଡ ଛୁଇଁବା ସମ୍ଭାବନା ରହିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଭାରତ ମୁଖ୍ୟତଃ ଇଣ୍ଡୋନେସିଆ, ବାଂଲାଦେଶ, ସୁଦାନ, ୟୁଏଇ, ନେପାଳ ଏବଂ ଚାଇନାକୁ ଚିନି ରପ୍ତାନି କରିଥାଏ।

# ୨ୟ ଜେନେରେଶନ 'ଭେନ୍ୟୁ'ର ବଜାର ପ୍ରବେଶ




**କଟକ, ୧୭।୬**

ବହୁ ପ୍ରତୀକ୍ଷିତ ସବ୍‌କମ୍ପାକ୍ଟ ହୁଣ୍ଡାଇ ଭେନ୍ୟୁ ଗାଡ଼ିର ଭାରତୀୟ ବଜାରକୁ ପ୍ରବେଶ ହୋଇଛି। ଦକ୍ଷିଣ କୋରିଆଭିତ୍ତିକ ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ପକ୍ଷରୁ ବଜାରର ଆବଶ୍ୟକତା ପୂରଣକରି ଅତି ଉନ୍ନତମାନର ଟେକ୍ନୋଲୋଜି ସହିତ ପ୍ରସ୍ତୁତ କରାଯାଇଛି। ଓଏସ୍‌ଏଲ୍ ହୁଣ୍ଡାଇର ମୁଖ୍ୟ ଶୋରୁମ୍ କଟକଠାରେ ଶୁକ୍ରବାର ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚନ ଏବଂ ଅନାବରଣ କରାଯାଇଛି। ଗ୍ରାହକଙ୍କ ଚାହିଦା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ୧.୦ ଟର୍ବୋ ପେଟ୍ରୋଲ, ୧.୨ ପେଟ୍ରୋଲ କାପ୍ପା ଏବଂ ୧.୫ ସିସି ଡିଜେଲ ଇଞ୍ଜିନର ମଡେଲ ପ୍ରଦତ୍ତ କରାଯାଇଛି। ଏଥିସହ ପେଟ୍ରୋଲ ଇଞ୍ଜିନ୍‌ରେ ଆଇଏମ୍‌ଟି ଏବଂ ଡିସିଟି ଟ୍ରାନ୍ସମିଶନ ଉପଲବ୍ଧ କରାଯାଇଛି। ନୂତନ ଜ୍ଞାନକୌଶଳରେ ନିର୍ମିତ ଏହାର ସମସ୍ତ ମଡେଲରେ କନେକ୍ଟିଂ ଏଲ୍‌ଇଡି ଟଲ୍ ଲ୍ୟାମ୍ପ୍ ସହିତ ୭ଟି ରଙ୍ଗରେ ଉପଲବ୍ଧ। ଏହି କାର୍ଯ୍ୟକ୍ରମରେ ଓଏସ୍‌ଏଲ୍ ଜେନେରାଲ ମ୍ୟାନେଜର ପ୍ରଶାନ୍ତ କୁମାର ରାୟଙ୍କ ସମେତ ସେଲ୍ସ ଓ ସର୍ଭିସ୍‌ର ସମସ୍ତ ମୁଖ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିଥିଲେ।

# ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷାକୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୧୭।୬**

**୧୨ତମ ଡବ୍ଲ୍ୟୁଟିଓ ମିନିଷ୍ଟେରିଆଲ କନ୍‌ଫରେନ୍ସ**




ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲୁଟିଓ)ର ୧୬୪ ସଦସ୍ୟ ଦେଶ ଫିସିଂ, ହେଲ୍‌ଥ ଏବଂ ଫୁଡ୍ ସିକ୍ୟୁରିଟି ସହ ଜଡ଼ିତ ବୁଝାମଣାକୁ ମଞ୍ଜୁରୀ ଦେଇଛନ୍ତି। ଏନେଇ ଶୁକ୍ରବାର ଘୋଷଣା କରାଯାଇଛି। କ୍ରମାଗତ ୫ ଦିନର ଆଲୋଚନା ପରେ ଏହି ବୁଝାମଣାକୁ ମଞ୍ଜୁରୀ ମିଳିଛି। ଚଳିତ ସପ୍ତାହ ଆରମ୍ଭରେ ଡବ୍ଲୁଟିଓର ବୈଠକ ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଦେଶର ବାଣିଜ୍ୟ ମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ବର୍ତ୍ତମାନ ଭୂ-ରାଜନୈତିକ ସ୍ଥିତି ଖରାପ ଥିବା ସମୟରେ ଏହି ବୈଠକକୁ ବହୁପକ୍ଷୀୟ ବ୍ୟବସାୟିକ ବୁଝାମଣା କରିବା ପାଇଁ ଦେଶଗୁଡ଼ିକର ଏକ କ୍ଷମତା ଭାବରେ ବିବେଚନା କରାଯାଉଛି। ବୈଠକରେ ବୁଝାମଣାକୁ ମଞ୍ଜୁରୀ ମିଳିବା ପରେ ସାମିଲ୍ ନେତାମାନେ ଖୁସି ପ୍ରକଟ କରିଥିଲେ। ଡବ୍ଲୁଟିଓ ଡାଇରେକ୍ଟର-ଜେନେରାଲ୍ ନଗୋଜି ଅଙ୍କୋଜୋ ଇବେଲା କହିଛନ୍ତି, ବିଶ୍ୱସ୍ତରରେ ଲୋକଙ୍କ ସୁବିଧା ପାଇଁ ଏହି ବୁଝାମଣାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ବୈଠକରେ ଭାରତ ନିଜକୁ ଗରିବ ଚାଷୀ, ମତ୍ସ୍ୟଜୀବୀ ଏବଂ ବିକାଶଶୀଳ ଦେଶ ଭାବରେ ପ୍ରଦର୍ଶିତ କରିଥିଲା। ବୁଝାମଣାରେ ଫିସିଂ ସବ୍‌ସିଡି କମ୍ କରିବା ନେଇ ସହମତି ପ୍ରକାଶ କରାଯାଇଥିଲା। ଡବ୍ଲୁଟିଓର ୨୭ ବର୍ଷର ଇତିହାସରେ ଫିସିଂ ସବ୍‌ସିଡିକୁ ନେଇ ହୋଇଥିବା ବୁଝାମଣା ୨ୟ ବହୁପାକ୍ଷିକ ବୁଝାମଣା ଅଟେ। ଏହି ବୁଝାମଣା ଦ୍ୱାରା ମାଛ ଷ୍ଟକ୍‌ରେ ଅଭାବ ସମସ୍ୟା ଦୂର ହେବ। ସେହିପରି ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି ଉପରେ ହୋଇଥିବା ବୁଝାମଣାରେ ବିକାଶଶୀଳ ଦେଶଗୁଡ଼ିକୁ କୋଭିଡ୍ ଟୀକା ପ୍ରସ୍ତୁତ କରିବା ଏବଂ ରପ୍ତାନୀ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି।

# ସାଧାରଣ ଗାଡ଼ି ସହ ସମାନ ହେବ ଇଭି ଦର

**ନୂଆଦିଲ୍ଲୀ, ୧୭।୬**

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଶୁକ୍ରବାର କହିଛନ୍ତି, ଆଗାମୀ ଏକ ବର୍ଷ ମଧ୍ୟରେ ଇଲେକ୍ଟ୍ରିକ୍ ଯାନ (ଇଭି) ଗୁଡ଼ିକର ଦର ପେଟ୍ରୋଲ-ଡିଜେଲ ଗାଡ଼ି ଦର ସହିତ ପ୍ରାୟ ସମାନ ହୋଇଯିବ। ଏଥି ସହିତ ସରକାର ପେଟ୍ରୋଲ ଏବଂ ଡିଜେଲ ବଦଳରେ ଫସଲ ଅବଶେଷ (ଗ୍ରୀନ୍ ଫୁଏଲ୍) ଦ୍ୱାରା ସ୍ଥାନୀୟ ଉତ୍ପାଦନକୁ ଅଗ୍ରାଧିକାର ଦେଉଥିବା ଗଡ଼କରୀ କହିଛନ୍ତି। 'ଭାରତ ଆଜ କ୍ୟା ସୋଚ୍‌ତା ହୈ' ବିଷୟ ଉପରେ ଆୟୋଜିତ ଏକ ବୈଶ୍ୱିକ ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ଏହାଫଳରେ ପେଟ୍ରୋଲ ଏବଂ ଡିଜେଲ ପାଇଁ ଖର୍ଚ୍ଚ ହେଉଥିବା ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ। କେନ୍ଦ୍ର ସରକାର ବ୍ୟାପକ ଭାବରେ ହରିତ ଇନ୍ଧନକୁ ଅଗ୍ରାଧିକାର ଦେଉଥିବା ଗଡ଼କରୀ କହିଛନ୍ତି।

# ପ୍ରତ୍ୟକ୍ଷ କର ସଂଗ୍ରହରେ ୪୫% ବୃଦ୍ଧି

**ନୂଆଦିଲ୍ଲୀ, ୧୭।୬**

ଆୟକର ବିଭାଗ ଦ୍ୱାରା ଶୁକ୍ରବାର ଦିଆଯାଇଥିବା ତଥ୍ୟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷର ଜୁନ୍ ମଧ୍ୟଭାଗ ସୁଦ୍ଧା ପ୍ରତ୍ୟକ୍ଷ କର ସଂଗ୍ରହରେ ୪୫% ବୃଦ୍ଧି ଘଟି ୩.୩୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବିଭାଗୀୟ ସୂଚନା ଅନୁସାରେ, ୩.୩୯ ଲକ୍ଷ କୋଟି ଟଙ୍କାର ନେଟ୍ ସଂଗ୍ରହ ମଧ୍ୟରୁ ପ୍ରାୟ ୧.୭୦ ଲକ୍ଷ କୋଟି ଟଙ୍କାର କର୍ପୋରେଟ୍ ଟ୍ୟାକ୍ସ (ସିଆଇଟି) ଏବଂ ପର୍ସନାଲ୍ ଇନ୍‌କମ୍ ଟ୍ୟାକ୍ସ (ପିଆଇଟି) ସଂଗ୍ରହ ହୋଇଛି। ଏହି ସଂଗ୍ରହ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍‌ଟିଟି) ଜରିଆରେ କରାଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି) ବୟାନ ଅନୁସାରେ, ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ମୋଟ୍ ଟିକସ ସଂଗ୍ରହରେ ବୃଦ୍ଧି ଘଟି ୩,୩୯,୨୨୫ କୋଟିରେ ପହଞ୍ଚିଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ଏହା ୨,୩୩,୬୫୧ କୋଟି ରହିଥିଲା। ଚଳିତ ଆର୍ଥିକ ବର୍ଷରେ ଅଗ୍ରିମ ଟିକସ ସଂଗ୍ରହ ୧.୦୧ ଲକ୍ଷ କୋଟି ଟଙ୍କା ରହିଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ଏହି ପରିମାଣ ୭୫,୭୮୩ କୋଟି ରହିଥିଲା। ଫଳରେ ଏଥିରେ ୩୩% ବୃଦ୍ଧି ହୋଇଛି।

## ଫୁରସତ୍

# ଇମ୍ରାନ୍‌ଙ୍କଠାରୁ ଧନୀ ବୁଶାରା



**ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀଙ୍କ ପାଖରେ ୨ ଲକ୍ଷର ୪ ଛେଳି**

**ଇସ୍‌ଲାମାବାଦ:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପୂର୍ବତନ ସ୍ତ୍ରୀ ବୁଶାରା ବିବି ଇମ୍ରାନଙ୍କ ତୁଳନାରେ ଅଧିକ ସମ୍ପତ୍ତିର ମାଲିକାଣୀ। ପାକିସ୍ତାନ ନିର୍ବାଚନ କମିଶନରଙ୍କ ପକ୍ଷରୁ ଜାରି ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ଇମ୍ରାନ୍‌ଙ୍କ ପାଖରେ ୨ ଲକ୍ଷ ମୂଲ୍ୟର ୪ଟି ଛେଳି ରହିଛି। ଏହା ବ୍ୟତୀତ ପାକିସ୍ତାନର ୬ଟି ବିଭିନ୍ନ ସ୍ଥାନରେ ତାଙ୍କ ସମ୍ପତ୍ତି ଥିବାବେଳେ ଲାହୋର ଜମାନ ପାର୍କରେ ୬୦୦ ଏକର ପରିମିତ ଜମିରେ ତାଙ୍କର ଏକ ଫାର୍ମହାଉସ୍ ରହିଛି। ୨୦୧୮ରେ ଯେତେବେଳେ ସେ ପ୍ରଧାନମନ୍ତ୍ରୀ ଆସନରେ ବସିଥିଲେ ସେ ସମୟରେ ନିଜ ସମ୍ପତ୍ତି ତାଲିକାରେ ଇମ୍ରାନ ୨ ଲକ୍ଷ ଟଙ୍କାର ୪ ଛେଳିଙ୍କ ନାମ ପଞ୍ଜୀକରଣ କରିଥିଲେ। ସେହିପରି ଇମ୍ରାନ୍‌ଙ୍କ ପାଖରେ କୌଣସି ଗାଡ଼ି ନ ଥିବାବେଳେ ପାକିସ୍ତାନ ଛଡ଼ା ଅନ୍ୟତ୍ର ତାଙ୍କର କୌଣସି ସମ୍ପତ୍ତି ନାହିଁ। ତାଙ୍କ ବ୍ୟାଙ୍କ ଖାତାରେ ୬କୋଟି ଟଙ୍କା ରହିଛି। ସେହିପରି ଫରେନ୍ କରେନ୍ସି ଆକାଉଣ୍ଟରେ ୨,୫୭,୦୨,୫୫୩.୭୯ ଏବଂ ୪୯,୪୮୧.୭୯ ଟଙ୍କା ରହିଛି। ଅନ୍ୟପଟେ ବୁଶାରା ବିବିଙ୍କ ପାଖରେ ୧୪୨,୧୧ ମିଲିୟନ ଡଲାର ସମ୍ପତ୍ତି ଅଛି। ଏହି ଧନୀ ତାଲିକାରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ପ୍ରଥମ ସ୍ତ୍ରୀ ନୁଶରତ ଶେହବାଜଙ୍କ ନାମ ସାମିଲ ଅଛି। ତାଙ୍କ ପାଖରେ ମୋଟ ୨୩୦.୨୯ ମିଲିୟନ ଡଲାର ପରିମାଣର ସମ୍ପତ୍ତି ରହିଛି, ଯାହା ଶେହବାଜଙ୍କ ପାଖରେ ଥିବା ସମ୍ପତ୍ତି ତୁଳନାରେ ଅଧିକ।

# ମୂଷା ଗାତରେ ୫ ଲକ୍ଷ ଟଙ୍କାର ସୁନା

**ମୁମ୍ବାଇ:** ମୁମ୍ବାଇର ଗୋକୁଲଧାମ କଲୋନୀରେ ଏକ ମୂଷା ଗାତରୁ ପୋଲିସ ସୁନା ଜବତ କରିଛି। ଜବତ ସୁନାର ପରିମାଣ ପାଖାପାଖି ୧୦୦ ଗ୍ରାମ ହୋଇଥିବାବେଳେ ଏହାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ସୁନ୍ଦରୀ ନାମକ ଜଣେ ମହିଳା ସୁନା ବ୍ୟାଙ୍କରେ ରଖିବା ପାଇଁ ଯାଉଥିବାବେଳେ ଜଣେ ମହିଳାଙ୍କୁ ବ୍ରେଡ୍ ପ୍ୟାକେଟ ଦେବା ବଦଳରେ ସୁନାଥିବା ପର୍ସ ଦେଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ମହିଳା ଜଣଙ୍କ ପର୍ସଟିକୁ ଡଷ୍ଟବିନ୍‌ରେ ଫୋପାଡ଼ି ଦେଇଥିଲେ। ତେବେ ଅଳିଆ ଗଦାରେ ଥିବା ସୁନା ପର୍ସଟିକୁ ମୂଷା ଅଣି ନର୍ଦ୍ଦମା ପାଖରେ ଥିବା ତା' ଗାତରେ ରଖିଥିଲା। ଏହି ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଥିଲା, ଯାହା ଆଧାରରେ ପୋଲିସ ମୂଷା ଗାତରୁ ସୁନା ଥିବା ପର୍ସ ଜବତ କରିଛି।

# ଚଳଚ୍ଚିତ୍ରକୁ ବିଭାଜୀକରଣ କରା ନ ଯାଉ



ଆଦିତୀ ରାଓ ହାଇଦରି

**ମୁମ୍ବାଇ:** ଭାରତୀୟ ଚଳଚ୍ଚିତ୍ର ଜଗତକୁ ବିଭାଜୀକରଣ ନ କରାଯାଉ। ଯେଉଁ ସବୁ ଫିଲ୍ମ ଆଞ୍ଚଳିକ ଭାଷାରେ ତିଆରି କରାଯାଉଛି ସେଥିରେ କୌଣସି ପାର୍ଥକ୍ୟ ନାହିଁ ବୋଲି କହିଛନ୍ତି ଅଭିନେତ୍ରୀ ଆଦିତୀ ରାଓ ହାଇଦରି। ବରଂ ସ୍ଥାନୀୟ ଲୋକେ କିପରି ଭାବେ ମନୋରଞ୍ଜନର ଖୋରାକ ପାଇବେ ସେ ପ୍ରୟାସରେ ବିଭିନ୍ନ ଆଞ୍ଚଳିକ ଭାଷାରେ ଫିଲ୍ମ ତିଆରି କରାଯାଉଛି। ବର୍ତ୍ତମାନ ସମୟରେ ହିନ୍ଦୀ ଏବଂ ସାଉଥ୍ ଫିଲ୍ମକୁ ନେଇ ବହୁ ବିବାଦ ମୁଣ୍ଡ ଟେକିଥିବାବେଳେ ଏହା ମୂଲ୍ୟହିନ ବୋଲି ସେ କହିଛନ୍ତି। ଉଭୟ ହିନ୍ଦୀ ଓ ସାଉଥ୍ ଫିଲ୍ମରେ ଆଦିତୀ କାମ କରୁଛନ୍ତି। ସବୁ କଳାକାର ଭାରତୀୟ ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ହୋଇଥିବା ନିଜର ଏକ ସାକ୍ଷାତ୍‌କାରରେ ଆଦିତୀ କହିଛନ୍ତି। ଆଞ୍ଚଳିକ ଚଳଚ୍ଚିତ୍ର ସବୁ ପରସ୍ପର ସହିତ ପ୍ରତିଯୋଗିତା ନ କରି ଏକାଠି କାମ କରିବା ସହ ବିଶ୍ୱରେ ଏକ ଉଦାହରଣ ତିଆରି କରିବା ଉଚିତ୍ ବୋଲି ଆଦିତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଶେଷଥର ପାଇଁ ସେ 'ହେଇ ସିନାମିକା'ରେ ନଜରକୁ ଆସିଥିଲେ, ଯେଉଁଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ କନ୍ନଡ଼ ଅଭିନେତା ଦୁଲକର ସଲମାନ ଏବଂ କାଜଲ ଅଗ୍ରୱାଲ।

# ଅବସର ବିନୋଦନ ପାଇଁ ପିକ୍‌ନିକ୍ ଗୁରୁତ୍ୱପୂର୍ଣ୍ଣ

**ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ**

**ବ୍ୟ**ସ୍ତ ବହୁଳ ଜୀବନରେ ଅବସର ବିନୋଦନ ଅପରିହାର୍ଯ୍ୟ । ଏହା ଦ୍ୱାରା କର୍ମକ୍ଷେତ୍ରରେ ଭଲଭାବେ କାମ କରିବା ସମ୍ଭବ ହୋଇପାରିଥାଏ। ତେଣୁ ଲୋକେ ଅବସର ବିନୋଦନକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ଏହା ଶ୍ରମକ୍ଳାନ୍ତ ମନ ଓ ଶରୀରକୁ ପୁଣି ସତେଜ କରିଥାଏ। ଅବସର ବିନୋଦନ ପାଇଁ ପିକ୍‌ନିକ ଏକ ଉପଯୋଗୀ ମାଧ୍ୟମ । ପିକ୍‌ନିକ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧୮ରେ ଅନ୍ତର୍ଜାତୀୟ ପିକ୍‌ନିକ ଦିବସ ପାଳନ କରାଯାଇଥାଏ । ଅବସର ସମୟକୁ ସହଜରେ ବିତାଇବା ଲାଗି ପିକ୍‌ନିକ ଏକ ଉତ୍ତମ ମାଧ୍ୟମ । ପିକ୍‌ନିକ ବର୍ଷ ବର୍ଷ ଧରି ଅଧିକାଂଶ ସଂସ୍କୃତିର ଏକ ମୁଖ୍ୟ ଅଙ୍ଗ ପାଲଟିଛି। ପିକ୍‌ନିକର ସଂଜ୍ଞା ଭିନ୍ନ ହୋଇପାରେ, କିନ୍ତୁ ଏକ ଉପଭୋଗ୍ୟ ଦିନ ପାଇଁ ଲୋକଙ୍କୁ ଏକାଠି କରିବାର ଏହା ଏକ ଭଲ ଉପାୟ । ଅବଶ୍ୟ ପିକ୍‌ନିକ ଫରାସୀ ବିପ୍ଳବ ପର୍ଯ୍ୟନ୍ତ ବିଦ୍ୟମାନ ନ ଥିଲା। ଏହାପରେ ଶିଳ୍ପ ବିପ୍ଳବ ଯୋଗୁ ସର୍ବସାଧାରଣ ପାର୍କଗୁଡ଼ିକ ବହୁ ସଂଖ୍ୟାରେ ଉପଲବ୍ଧ ହେଲା। ତେଣୁ ଫରାସୀମାନେ ଆଧୁନିକ ପିକ୍‌ନିକ ସୃଷ୍ଟିର ମାନ୍ୟତା ପାଇଛନ୍ତି। ଜଗତୀକରଣ ଏବଂ ବ୍ୟକ୍ତିଗତ ସଂସ୍କୃତିର ବିକାଶ ସେମାନଙ୍କ ଯୋଗୁ ସମ୍ଭବ ହୋଇ ପାରିଛି। ହି ଦିବସ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ପିକ୍‌ନିକ ସମ୍ପର୍କରେ ସଚେତନତା ସୃଷ୍ଟି ସହିତ ମନ ଓ ଶରୀର ଉପରେ ଅନୁଭୂତ ହେଉଥିବା ଏହାର ସକାରାତ୍ମକ ପ୍ରଭାବ ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ ବିଶ୍ୱସ୍ତରରେ ଆୟୋଜିତ ହୋଇଥାଏ।

# ଷ୍ଟୁଡିଓ ବଦଳରେ ରାସ୍ତାକଡ଼ରେ କଟୁଛି ସମୟ





**କାବୁଲ:** ଏକଛତ୍ରବାଦୀ ତାଲିବାନ୍ ଶାସନ କ୍ଷମତାକୁ ଆସିବା ପରେ ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି। ଲୋକେ ଖାଦ୍ୟାଭାବ ଦେଇ ଗତି କରୁଥିବାବେଳେ ଅନେକଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଛି। ଏମିତି ଅବସ୍ଥା ଦେଇ ଗତି କରୁଛନ୍ତି ଆଫଗାନିସ୍ତାନ ନ୍ୟୁଜ୍ ଚ୍ୟାନେଲର ଆଙ୍କର ମୋସା ମୋହମ୍ମଦୀ। ମୁହଁରେ ମେକ୍‌ଅପ୍ ଲଗାଇ ଯେ, ଦିନେ କ୍ୟାମେରା ସାମ୍ନାରେ ଖବର ପରିବେଷଣ କରୁଥିଲେ ଆଜି ସେ ଶ୍ରମିକ ସାଜିଛନ୍ତି। ମୋସା ରାସ୍ତାକଡ଼ରେ ବସି ଖାଉଥିବାର ଫଟୋ ଆଫଗାନିସ୍ତାନ ଖବରଦାତା ତଥା ସମାଜିକ କର୍ମୀ ନିଲୋଫର ଆୟୋବି ମୋସାଙ୍କ ଫଟୋ ଟୁଇଟରରେ ଶେୟାର କରିଥିଲେ। ତାଲିବାନ ସରକାର କ୍ଷମତାକୁ ଆସିବା ପରେ ଦେଶରେ ଅରାଜକତା ଛାଇଯାଇଛି। ଅନେକ ମିଡିଆ ହାଉସ୍ ବନ୍ଦ ହୋଇଯିବା କାରଣରୁ କିଛି ଗଣମାଧ୍ୟମ ତାଲିବାନ କରଗତ ହୋଇ ରହିଥିଲେ। ଏ ପ୍ରକାର ଘଡ଼ିସନ୍ଧି ମୁହୂର୍ତ୍ତରେ ମୋସା ଚାକିରି ଛାଡ଼ିବାକୁ ବାଧ ହୋଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟ ନ୍ୟୁଜ୍ ଚ୍ୟାନେଲ ସାଙ୍ଗକୁ ବହୁ ଏନ୍‌ଜିଓରେ କାମ କରିବା ପାଇଁ ଆବେଦନ କରିଥିଲେ ସୁଦ୍ଧା କୌଣସି ପ୍ରକାର ଉତ୍ତର କମ୍ପାନୀ କି ସଂଗଠନଗୁଡ଼ିକ ତରଫରୁ ମିଳି ନ ଥିବା ମୋସା କହିଛନ୍ତି। ପରିବାରର ଭରଣପୋଷଣ ପାଇଁ ମୋସା ଶ୍ରମିକ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିବା କହିଛନ୍ତି। ୨୦୧୧ରୁ ମୋସା ନ୍ୟୁଜ୍ ଆଙ୍କର ଭାବେ ଏକାଧିକ ଚ୍ୟାନେଲରେ କାମ କରି ଆସୁଥିଲେ। ଆଫଗାନିସ୍ତାନର ପପୁଲାର ଆରିଆନା ନ୍ୟୁଜ୍ ଚ୍ୟାନେଲରେ ମୋସା କାମ କରୁଥିବାବେଳେ ତାଲବାନ୍ ଶାସନ କ୍ଷମତାକୁ ଆସିବା ପରେ ଚ୍ୟାନେଲଟି ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରିଥିଲା। ଫଳରେ ଚ୍ୟାନେଲକୁ ବନ୍ଦ କରିବାକୁ ପଡ଼ିଥିଲା। ମୋସାଙ୍କ ଫଟୋ ଭାଇରାଲ ହେବାପରେ ଆଫଗାନିସ୍ତାନ ନ୍ୟାଶନାଲ ରେଡିଓ ଏଜେନ୍ସିରେ ତାଙ୍କୁ ଖବରଦାତା ଭାବେ ଚାକିରି ମିଳିଛି।

# ମିସେସ୍ ଇଣ୍ଡିଆ ଓ୍ୱାର୍ଲ୍ଡ ସରଗମ



**ମୁମ୍ବାଇ:** ସରଗମ କୌଶାଲ ଚଳିତବର୍ଷ ମିସେସ୍ ଇଣ୍ଡିଆ ଓ୍ୱାର୍ଲ୍ଡର ବିଜୟ ମୁକୁଟ ପିନ୍ଧିଛନ୍ତି। ମିସେସ୍ ଇଣ୍ଡିଆ ଆଇଏନ୍‌ସି ପକ୍ଷରୁ ଏ ନେଇ ଏକ ଭିଡିଓ ଶେୟାର କରାଯାଇଛି। ଇଂଲିଶରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ସରଗମ ପେସାରେ ଜଣେ ସ୍କୁଲ ଶିକ୍ଷୟିତ୍ରୀ। ଭାଇଜାଗ୍‌ର ଏକ ସ୍କୁଲରେ ସେ କାର୍ଯ୍ୟ କରୁଥିବାବେଳେ ତାଙ୍କ ସ୍ୱାମୀ ନୌସେନାରେ ଚାକିରି କରନ୍ତି। ବିଜେତା ଘୋଷଣା ହେବା ପରେ ସରଗମଙ୍କର ଏକ ଭିଡିଓ ମଧ୍ୟ ଦେଖିବାକୁ ମିଳିଛି। ମିସେସ୍ ଇଣ୍ଡିଆ ଓ୍ୱାର୍ଲ୍ଡ କ୍ରାଉନ୍ ପିନ୍ଧିବା ନେଇ ଖୁବ୍ ଖୁସିଥିବା ସହ ଏ ନେଇ ତାଙ୍କୁ ସପୋର୍ଟ କରିଥିବା ପରିବାର, ତାଙ୍କ ସ୍ୱାମୀ ଏବଂ ବନ୍ଧୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ମହିଳାମାନଙ୍କ ପାଇଁ ମିସେସ୍ ଓ୍ୱାର୍ଲ୍ଡ ପ୍ରଥମ ସୁନ୍ଦରୀ ପ୍ରତିଯୋଗୀ ଥିଲା। ୧୯୮୪ରେ ଆରମ୍ଭ ହୋଇଥିବା ମିସେସ୍ ଆମେରିକାକୁ ଅନୁକରଣ କରି ୧୯୮୮ରେ ସିସେସ୍ ଓ୍ୱାର୍ଲ୍ଡର ଆୟୋଜନ କରାଯାଇଥିଲା।

# ଏସ୍‌ପି ଅଫିସ ପରିସରରେ ମା'ଙ୍କ ଆତ୍ମାହୁତି ଉଦ୍ୟମ

## ଅପହୃତ ଝିଅଙ୍କୁ ଉଦ୍ଧାରରେ ବିଳମ୍ବ

**କେନ୍ଦୁଝର,୧୭ା୬(ସ୍ୱ.ପ୍ର.)**

ଅପହୃତ ନାବାଳିକା ଝିଅକୁ ଉଦ୍ଧାର କରିବାରେ ପୋଲିସ ବିଳମ୍ବ କରୁଛି। ଏହାର ପ୍ରତିବାଦରେ ନାବାଳିକାଙ୍କ ମା' ଶୁକ୍ରବାର ମଧ୍ୟାହ୍ନରେ କେନ୍ଦୁଝର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛି। ପରେ ପୋଲିସ ତାଙ୍କୁ ଜିପ୍‌ରେ ନେଇ ଯାଉଥିବା ବେଳେ ସେ ପ୍ରତିବାଦ କରିବା ସହ ଏସ୍‌ପିଙ୍କୁ ଭେଟିବା ପାଇଁ ଜିଦ୍ ଧରିଥିଲେ। ଏହାପରେ ସେ ଏସ୍‌ପିଙ୍କୁ ଭେଟି ତୁରନ୍ତ ତାଙ୍କ ଝିଅକୁ ଉଦ୍ଧାର କରାଯାଉ ବୋଲି ନିବେଦନ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଛନ୍ତି, ଉକ୍ତ ନାବାଳିକାଙ୍କୁ ପୂର୍ବରୁ ଅପହରଣ ନେଇ ଅଭିଯୋଗ ହୋଇଥିଲା। ସେତେବେଳେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଥିଲା।



ଆତ୍ମାହୁତି ଉଦ୍ୟମ କରୁଥିବା ମହିଳାଙ୍କୁ ପୋଲିସ ଅଟକାଉଛି।

ସେଠାରୁ ପରିବାର ଲୋକେ ତାଙ୍କୁ ଘରକୁ ନେଇଯାଇଥିଲେ। ପୁଣି ଥରେ ଜଣେକ ଯୁବକ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନେବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରି ତାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯିବାକୁ କୁହାଯାଇଛି।

ପ୍ରକାଶ ଯେ, କେନ୍ଦୁଝର ଟାଉନ ଥାନା ଅଧୀନ କାଶିପୁର ଗ୍ରାମର ପ୍ରକାଶ କୁମାର ଜେନା ୨୦୨୧ ଅକ୍ଟୋବର ୨୨ରେ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ପ୍ରକାଶଙ୍କୁ ଗିରଫ କରିଥିଲା। ଜାମିନରେ ଆସିବା ପରେ ପ୍ରକାଶ ଗତ ମେ' ଶେଷ ସପ୍ତାହରେ ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଜୁନ୍ ୨ରେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ ମାମଲା (ନଂ.୨୦୩/୨୨) ରୁଜୁ କରାଯାଇଛି। ହେଲେ ଟାଉନ ଥାନା ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ୬ ତାରିଖରେ ନାବାଳିକାଙ୍କ ମା' ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ଝିଅକୁ ଉଦ୍ଧାର କରାଯାଉ ନ ଥିବାରୁ ସେ ଏଭଳି ଆତ୍ମାହୁତି ଉଦ୍ୟମ କରିଥିବା କହିଛନ୍ତି।

# ଦୁର୍ଘଟଣାରେ ମହିଳା ମୃତ, ୬ ଗୁରୁତର

## ଅଧା ରହିଗଲା ଜଗା ଦର୍ଶନ

**ଛତିଆ,୧୭ା୬(ଡି.ଏନ.ଏ.)**

ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ କୋଲକାତାରୁ ପୁରୀ ଯାଉଥିବା ଏକ ପରିବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬ଜଣ ଗୁରୁତର ହୋଇଛନ୍ତି। ଫଳରେ ସେମାନଙ୍କ ଜଗା ଦର୍ଶନ ଅଧୁରା ରହିଛି। ଯାଜପୁର ଜିଲା ବୈରୀ ଥାନା ଛତିଆ ବିଟ୍ ହାଉସ ଅଧୀନ ୧୬ନଂ. ଜାତୀୟ ରାଜପଥର ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି।

ସୂଚନା ଅନୁସାରେ, ଉକ୍ତ ପରିବାର ଏକ ସ୍କର୍ପିଓରେ ପୁରୀ ଯାଉଥିଲେ। ଏହି ସମୟରେ ଛତିଆ ନିକଟରେ ଛିଡ଼ା ହୋଇଥିବା ଏକ ୪୦୭ ଟ୍ରକ୍ ପଛରେ ସ୍କର୍ପିଓଟି ଧକ୍କା ହୋଇଥିଲା। ଫଳରେ ସ୍କର୍ପିଓରେ ଥିବା ସମସ୍ତ ୭ ଜଣ ଗୁରୁତର



ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓ।

ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ କଟକ ଟାଙ୍ଗୀସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜଣେ ମହିଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟମାନେ ଚିକିତ୍ସାଧୀନ ଅଛନ୍ତି। ମୃତକ ଓ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ଘଟାଇଥିବା ଗାଡ଼ି ୨ଟିକୁ ଛତିଆ ବିଟ୍ ହାଉସ ଅଧିକାରୀ ଗୋବର୍ଦ୍ଧନ ନାୟକ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ସମୁଦ୍ରରେ ଭାସିଯାଇ ବଙ୍ଗୀୟ ଛାତ୍ର ମୃତ

**ଭୋଗରାଇ, ୧୭ା୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର ସମୁଦ୍ରକୂଳରେ ଶୁକ୍ରବାର ଗାଧୋଉଥିବା ବେଳେ ଭାସିଯାଇ ପଶ୍ଚିମବଙ୍ଗ ନଦୀଆ ଜିଲା କଲ୍ୟାଣୀ ଅଞ୍ଚଳର ଦଶମ ଶ୍ରେଣୀର ଛାତ୍ର ସାଗ ଧାଲି (୧୬) ମୃତ୍ୟୁବରଣ କରିଛନ୍ତି। ସେ ତାଙ୍କ ମାଇଁମାମୁଙ୍କ ସହିତ ବୁଲିବାକୁ ଆସିଥିଲେ। ମାମୁ ଜନୀଗୋପାଳ ଘୋଷଙ୍କ ସହିତ ଭଣଜା ଗାଧୋଇବା ପାଇଁ ସମୁଦ୍ରରେ ପଶିଥିଲେ। ସମୁଦ୍ର ଉତ୍ତାଳ ଥିବା ବେଳେ ଭଣଜା ଭାସିଯାଉଥିବା ବେଳେ ଅନ୍ୟ ପର୍ଯ୍ୟଟକମାନେ କୂଳରେ ଥିବା ତାଳସାରୀ ମେରାଇନ୍ ଥାନା ପୋଲିସକୁ ଉଦ୍ଧାର ନିମନ୍ତେ ନିବେଦନ କରିଥିଲେ। ହେଲେ ପୋଲିସ ନୀରବଦ୍ରଷ୍ଟା ସାଜିବାରୁ ତୁରନ୍ତ ଦୀଘା ପୋଲିସକୁ ଖବର ଦିଆଯାଇଥିଲା। ସେଠାରୁ ନୋଳିଆମାନେ ଆସି ଭାସିଯାଇଥିବା ଛାତ୍ରଙ୍କୁ ଉଦ୍ଧାର କରି ଦୀଘା ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କାନ୍ଥି ଦାରୁହା ହସ୍‌ପିଟାଲକୁ ନିଆଯାଇଛି।

### ଭିଜିଲାନ୍ସ ଜାଲରେ ବିଇଓ ଅଫିସ କିରାଣି

**ବାରିପଦା ଅଫିସ,୧୭ା୬:** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟର କିରାଣି ବିକ୍ରମ ବେହେରା ଶୁକ୍ରବାର ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ତାଙ୍କଠାରୁ କେମିକାଲ ରଙ୍ଗ ବୋଳା ୧୫ହଜାର ଟଙ୍କା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଟିକରପଡ଼ା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବିଶିକେଶନ ଗୋଚ୍ଛାୟତଙ୍କ ପେନସନ କାଗଜପତ୍ର ବାବଦରେ ବିକ୍ରମ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶିକ୍ଷକ ଜଣକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବଯୋଜନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ କାଗଜପତ୍ର ନେଇ ଆସିଥିବା ବେଳେ କିରାଣି ବେହେରା ଶିକ୍ଷକ ଗୋଚ୍ଛାୟତଙ୍କଠାରୁ ଲାଞ୍ଚଟଙ୍କା ନେଇଥିଲେ। ଏହି ସମୟରେ ସେଠାରେ ଜଗି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀ ତାଙ୍କୁ କାବୁ କରିଥିଲେ। ପରେ ବିଇଓ ଅଫିସ ଓ ବଡ଼ସାହି ଥାନା ଅଧୀନ ଛେଳିଆ(ବି) ଗ୍ରାମସ୍ଥିତ କିରାଣିଙ୍କ ପୈତୃକ ଘରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

### ଦୁର୍ଘଟଣାରେ ବାପା ମୃତ, ପୁଅ ଗୁରୁତର

**ମଙ୍ଗୁଳି/ଚୌଦ୍ୱାର, ୧୭ା୬(ଡି.ଏନ୍.ଏ.):** ୫୫ ନଂ. ଜାତୀୟ ରାଜପଥର ଧୂମାବତୀ ମନ୍ଦିର ନିକଟ ଭାରତ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେଇଛି। ଫଳରେ ଟାଙ୍ଗୀ ଥାନା ନାରପଡ଼ା ଗ୍ରାମର ପ୍ରସନ୍ନ ବିଶ୍ୱାଳ(୪୪)ଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ଲିପୁନ ବିଶ୍ୱାଳ(୧୩) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ପ୍ରସନ୍ନ ଶ୍ୱଶୁର ଘର ଚୌଦ୍ୱାର ଥାନା ଦେବୀନଗର ଗ୍ରାମ ନିକଟସ୍ଥ ଏକ ସ'ମିଲରେ ମ୍ୟାନେଜର ଭାବେ କାମ କରୁଥିଲେ। ଶୁକ୍ରବାର ସକାଳେ ପ୍ରସନ୍ନ ପୁଅଙ୍କୁ ନେଇ ବାଇକ୍‌ରେ ଦେବୀନଗର ଯାଉଥିଲେ। ଏହି ସମୟରେ ପେଟ୍ରୋଲ ପମ୍ପରେ ତେଲ ପକାଇ ଆସୁଥିବା ଏକ ଟ୍ରକ(ନଂ.ଏମ୍‌ପି୦୯ଏଚ୍‌ଏଚ୍-୫୫୭୦) ସେମାନଙ୍କୁ ଧକ୍କା ଦେଇ ପ୍ରସନ୍ନଙ୍କ ପେଟ ଉପରେ ଚଢ଼ି ଯାଇଥିଲା। ଲିପୁନ ଦୁଇ ଚକା ମଧ୍ୟରେ ଚାପି ହୋଇ ପାଖାପାଖି ୧୦ ଫୁଟ ଘୋଷାରି ହୋଇଯାଇଥିଲେ। ଚୌଦ୍ୱାର ପୋଲିସ ପହଞ୍ଚି ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ସେଠାରେ ପ୍ରସନ୍ନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲିପୁନ୍‌ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୩୫୯/୨୨) ରୁଜୁ କରିଛି।

### ଜଳିଗଲା ୧୦ ବଖରା

**ଏରସମା,୧୭ା୬(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ଏରସମା ତହସିଲ କିଆଦା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ୫ ପରିବାରର ୧୦ ବଖରା ଘର ପୋଡ଼ିଯାଇଛି। ଏଥିରେ ଚନ୍ଦ୍ରମଣି ବହିରା, ଆଶିଷ ବହିରା, ନୀଳୁ ବହିରା, ବିଶ୍ୱଜିତ୍ ବହିରା ଓ କୃପାସିନ୍ଧୁ ବହିରାଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରତ୍ୟେକ ପରିବାରର ୨ଟି ଲେଖାଏଁ ବଖରା ପୋଡ଼ିଯାଇଛି। ଏଥିରେ ଧାନଚାଉଳ ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ବିଳମ୍ବିତ ରାତିରେ ଚନ୍ଦ୍ରମଣିଙ୍କ ଘରେ ପ୍ରଥମେ ନିଆଁ ଲାଗିଯାଇଥିଲା। ଏରସମା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇଥିଲା।

# ୧୦ ମାସର ଶିଶୁକୁ ଏକ୍ସପାଏରି ଭାକ୍ସିନ

**କୁଚିଣ୍ଡା,୧୭ା୬(ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ସହରର ଏକ କ୍ଲିନିକରେ ୧୦ ମାସର ଶିଶୁକନ୍ୟାକୁ ୬ବର୍ଷ ତଳର ଏକ୍ସପାଏରି ଭାକ୍ସିନ ଦେଇ ମୂଲ୍ୟଠାରୁ ପାଞ୍ଚଗୁଣ ଟଙ୍କା ଠକି ନିଆଯାଇଛି। ଏ ନେଇ ଶିଶୁକନ୍ୟାଙ୍କ ବାପା କୁଚିଣ୍ଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଭାକ୍ସିନ ନେଇଥିବା ଶିଶୁକନ୍ୟାକୁ ଚିକିତ୍ସା ପାଇଁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଅଭିଯୋଗ ଅନୁଯାୟୀ, ଦେବଗଡ଼ ଜିଲା ବାରକୋଟର ରାଜେଶ କୁମାର ସାହୁ ତାଙ୍କ ୧୦ ମାସର ଶିଶୁ କନ୍ୟାଙ୍କୁ କୁଚିଣ୍ଡାରେ ଥିବା ଏକ କ୍ଲିନିକକୁ ଭାକ୍ସିନ ଦେବା ପାଇଁ ଦୁଇଥର ଆଣିଥିଲେ। ଗୁରୁବାର ତୃତୀୟ ଡୋଜ୍ ଦେବା ପାଇଁ ଉକ୍ତ କ୍ଲିନିକକୁ ଆସିଥିବା ବେଳେ ସେଠାରେ ଥିବା ଡାକ୍ତର ରାଜେଶଙ୍କୁ ଏକ କାଗଜ ଦେଇ ଜେରକ୍ସ କରିବା ପାଇଁ ପଠାଇ ଦେଇଥିଲେ। ରାଜେଶ ଫେରିବା ବେଳେ ଡାକ୍ତର ଶିଶୁଙ୍କୁ ଭାକ୍ସିନ ଦେଇସାରିଥିଲେ ଓ ଏ ବାବଦକୁ ୨୧ଶହ ଟଙ୍କା ମାଗିଥିଲେ। ରାଜେଶ ଡାକ୍ତରଙ୍କୁ ଟଙ୍କା ପଇଠ କରି ସନ୍ଦେହ ହେବାରୁ କେଉଁ ଭାକ୍ସିନ ଦେଇଛ ଦେଖିବି କହିବାରୁ ଡାକ୍ତର ତାଙ୍କୁ ଏକ ଲେବୁଲ ନ ଥିବା ଭାକ୍ସିନ ଶିଶି ଡଷ୍ଟବିନରୁ ଆଣି ଦେଖାଇଥିଲେ। ରାଜେଶ ଏକ୍ସପାଏରି ଲେବୁଲ ଓ ମୂଲ୍ୟ ଉଲ୍ଲେଖ ଥିବା ଖୋଳ ଦେଖିବାପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଭାକ୍ସିନ ଶିଶିରେ ୨୦୧୭ ଜୁଲାଇରୁ ଏକ୍ସପାଏରି ହୋଇଯାଇଥିବା ଓ ଏହାର ମୂଲ୍ୟ ୪୨୯ ଟଙ୍କା ଉଲ୍ଲେଖ ଥିବା ଜାଣିଥିଲେ। ରାଜେଶ ସଂଗେ ସଂଗେ ଶିଶୁ କନ୍ୟାକୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରି କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଚିକିତ୍ସା ପରେ ଶିଶୁଟିର ଅବସ୍ଥା ଭଲ ଥିବା ଜଣାଯାଇଛି। କୁଚିଣ୍ଡା ଥାନାରେ ମାମଲା (ନଂ୧୦୬/୨୨) ରୁଜୁ କରି ପୋଲିସ ଆରମ୍ଭ କରିଛି।

## ଭୁଲ୍ ଔଷଧ ଖାଇ ବାଳକ ଅସୁସ୍ଥ: ଫାଣ୍ଡିରେ ଅଭିଯୋଗ

**ବାଲେଶ୍ୱର ଅଫିସ, ୧୭ା୬:** ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ମଙ୍ଗଳା ମେଡିଶିନ ଷ୍ଟୋରର ଜଣେ ଯୁବକ ଡାକ୍ତରଙ୍କ ପ୍ରେସକ୍ରିପସନ ଅନୁସାରେ ନ ଦେଇ ଭୁଲ୍ ଔଷଧ ଦେଇଦେବାରୁ ତାହାକୁ ଖାଇ ଜଣେ ସାଢ଼େ ୪ବର୍ଷର ବାଳକ ଶୁକ୍ରବାର ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାଳକଙ୍କ ପରିବାର ପକ୍ଷରୁ ଚିକିତ୍ସାଳୟ ପରିସରରେ ଥିବା ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ସଦର ଥାନା ଖାନନଗର ଅଞ୍ଚଳର ପ୍ରଭାକର ଲେଙ୍କାଙ୍କ ପୁଅଙ୍କ ଦେହଖରାପ ହେବାରୁ ତାଙ୍କୁ ଏକ ଘରୋଇ କ୍ଲିନିକ୍‌ରେ ଡାକ୍ତରଙ୍କୁ ଦେଖାଇ ପ୍ରେସକ୍ରିପସନ୍ ଆଣିଥିଲେ। ପ୍ରେସକ୍ରିପସନ୍ ଦେଖାଇ ମଙ୍ଗଳା ମେଡିଶିନ ଷ୍ଟୋରରୁ ଔଷଧ ଆଣି ପୁଅକୁ ଖାଇବାକୁ ଦେଇଥିଲେ। ହଠାତ୍ ପୁଅର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ପୁଣି ଡାକ୍ତରଙ୍କ ପାଖକୁ ଯାଇଥିଲେ। ଦୋକାନୀ ଭୁଲ୍ ଔଷଧ ଦେଇଥିବା ଡାକ୍ତର କହିଥିଲେ। ଅଭିଯୋଗ ପରେ ପୋଲିସ ଔଷଧ ଦୋକାନ ମାଲିକଙ୍କୁ ଆଣି ପଚରାଉଚରା କରୁଛି।



ପୁରୀର ଚିତ୍ରକର ସେବକ ରଥର ସଖୀ କଣ୍ଢେଇକୁ ରଙ୍ଗ ଦେଉଛନ୍ତି।

# ହାତୀ ଆକ୍ରମଣରେ ଜୀବନ ଗଲା

## ୪ ମାସରେ ଗଲାଣି ୩ ଜୀବନ

**ଗୁଣପୁର,୧୭ା୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଟଲଣା ପଞ୍ଚାୟତ ରେଗିଡ଼ିଗର୍ଜାଂ ଗ୍ରାମର ଇରିଣ୍ଡ ଶବର(୩୦)।

ଇରିଣ୍ଡ ସ୍ତ୍ରୀଙ୍କ ସହ ଜଙ୍ଗଲକୁ ଯାଇଥିଲେ। ସେଠାରୁ ଫେରିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ହାତୀ ଇରିଣ୍ଡଙ୍କୁ ଦଳି ମାରିଦେଇଥିଲା। ଏ ନେଇ ତାଙ୍କ ସ୍ତ୍ରୀ ମିନତି ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଖବର ପାଇ ଗୁଣପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି, ଡେପୁଟି ରେଞ୍ଜର ନୀଳମାଧବ ପାଢ଼ୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ମୃତଦେହ ଶୁକ୍ରବାର ଗାଁରେ ରଖାଯାଇଥିଲା। ଶନିବାର ଗୁଣପୁର ଅଣାଯାଇ ବ୍ୟବଚ୍ଛେଦ କରାଯିବ ବୋଲି ଡେପୁଟି ରେଞ୍ଜର କହିଛନ୍ତି।

ସୂଚନାଯୋଗ୍ୟ, ଗୁଣପୁର ଅଞ୍ଚଳରେ ୪ ମାସ ମଧ୍ୟରେ ହାତୀ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ଘଟିଲାଣି। ଏପ୍ରିଲ ୫ରେ ଗୁଣପୁର ସହର ନିକଟ ଇରିଗେଶନ କଲୋନିର ରମେଶ ଗୌଡ଼(୪୫)ଙ୍କର ମଇଁଷି ଚରାଇବାକୁ ଯାଇଥିବାବେଳେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ମାର୍ଚ୍ଚ ୨୩ରେ ରୁପାପଦରରେ ଚାଲକମ୍ବା ଗ୍ରାମର ଗଦାଧର ସେନାପତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା

**ଠାକୁରମୁଣ୍ଡା,୧୭ା୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ପୁଡାଗଡ଼ ଗାଁରେ ଡାହାଣୀ ସନ୍ଦେହରେ ଜଣେ ବୃଦ୍ଧାଙ୍କୁ ଗୁରୁବାର ବିଳମ୍ବିତ ରାତିରେ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଚମ୍ପା ହେମ୍ବ୍ରମ(୭୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଚମ୍ପା ତାଙ୍କ ଘରେ ଶୋଇଥିବା ବେଳେ କେହି ତାଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଶୁକ୍ରବାର ସକାଳେ ଘଟଣା ଜଣା ପଡ଼ିବା ପରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ଡାହାଣୀ ସନ୍ଦେହରେ ଯୋଜନାବଦ୍ଧ ଭାବେ ଚମ୍ପାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି।

# ୧୭ ମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସଚିବ

## ୪ ମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସଚିବ ଦିଆଯାଇନାହିଁ

**ଭୁବନେଶ୍ୱର, ୧୭ା୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ୫ମ ପାଳି ସରକାରର ଦ୍ୱିତୀୟ ମନ୍ତ୍ରୀମଣ୍ଡଳ ଗଠନ ହେବାର ୧୨ଦିନ ବିତିଯାଇଛି। ତେବେ ମନ୍ତ୍ରୀମଣ୍ଡଳ ଗଠନ ହେବାର ୧୨ ଦିନ ପରେ ଶୁକ୍ରବାର ମନ୍ତ୍ରୀମାନଙ୍କୁ ବ୍ୟକ୍ତିଗତ ସଚିବ ଦିଆଯାଇଛି। ୧୩ କ୍ୟାବିନେଟ୍ ମନ୍ତ୍ରୀ ଏବଂ ୪ ରାଷ୍ଟ୍ରମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସଚିବ ଦିଆଯାଇଥିବା ବେଳେ ୪ ଜଣ ମନ୍ତ୍ରୀଙ୍କୁ ଏପର୍ଯ୍ୟନ୍ତ ବ୍ୟକ୍ତିଗତ ସଚିବ ମିଳିନାହିଁ। ଗ୍ରାମ୍ୟ ଉନ୍ନୟନ, ଉଚ୍ଚଶିକ୍ଷା, ଶ୍ରମ ଓ ନିଯୁକ୍ତି, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗରେ ନୂଆ ମନ୍ତ୍ରୀ ଥିବାବେଳେ ସେମାନଙ୍କ ପାଖରେ କେଉଁ ଅଫିସରଙ୍କୁ ବ୍ୟକ୍ତିଗତ ସଚିବ ଭାବେ ଅବସ୍ଥାପିତ କରାଯିବ ତାହା ଏ ପର୍ଯ୍ୟନ୍ତ ସ୍ଥିର କରାଯାଇନାହିଁ। ସେହିପରି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ପାଖରେ ମଧ୍ୟ କେହି ବ୍ୟକ୍ତିଗତ ସଚିବ ନାହାନ୍ତି। ତେବେ ମନ୍ତ୍ରୀମାନଙ୍କୁ ମିଳିଥିବା ବ୍ୟକ୍ତିଗତ ସଚିବ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମନ୍ତ୍ରୀମଣ୍ଡଳରେ ସାମିଲ ଥିବା ୭ ପୁରୁଣା ମନ୍ତ୍ରୀଙ୍କ ମଧ୍ୟରୁ ମନ୍ତ୍ରୀ ଟୁକୁନି ସାହୁଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ନିଜର ପୁରୁଣା ବ୍ୟକ୍ତିଗତ ସଚିବଙ୍କୁ ପାଖରେ ରଖିଛନ୍ତି। ତେବେ ୪ ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପ୍ରୀତିରଞ୍ଜନ ଘଡାଇ, ରୋହିତ ପୂଜାରୀ ଏବଂ ରୀତା ସାହୁଙ୍କୁ ଏପର୍ଯ୍ୟନ୍ତ ବ୍ୟକ୍ତିଗତ ସଚିବ ଦିଆଯାଇନାହିଁ।

ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ବ୍ୟକ୍ତିଗତ ସଚିବ ବାବେ ଅରୂପ କୁମାର ସାହୁ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଅଞ୍ଜନ କୁମାର ଦାସ, କୃଷି ମନ୍ତ୍ରୀଙ୍କୁ ସରୋଜ କୁମାର ରାଉତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ପ୍ରଦୀପ କୁମାର ରାଉତ, ରାଜସ୍ୱମନ୍ତ୍ରୀଙ୍କୁ ପ୍ରତାପ ଚନ୍ଦ୍ର ହୋତା, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କୁ ସେକ୍ ଜମିରୁଦ୍ଦିନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କୁ କାଳିପ୍ରସାଦ ମହାପାତ୍ର, ଶିଳ୍ପ ମନ୍ତ୍ରୀଙ୍କୁ ବିଜୟ କୁମାର ସ୍ୱାଇଁ, ଯୋଗାଣ ମନ୍ତ୍ରୀଙ୍କୁ ସୁରଞ୍ଜନ ପ୍ରଧାନ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିନ୍ମୟ କୁମାର ଆଚାର୍ଯ୍ୟ, ଜଳସମ୍ପଦ ମନ୍ତ୍ରୀଙ୍କୁ ସୁକାନ୍ତ କୁମାର ପ୍ରଧାନ, ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀଙ୍କୁ ରଶ୍ମୀରଞ୍ଜନ ସାହୁ, ଯୋଜନା ଓ ସଂଯୋଜନା ମନ୍ତ୍ରୀଙ୍କୁ ମନମୋହନ ବାରିକଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପ୍ରଶାନ୍ତ କିଶୋର ମହାପାତ୍ର, ପର୍ଯ୍ୟଟନ ମନ୍ତ୍ରୀଙ୍କୁ ମାନସ ରଞ୍ଜନ ପାଢୀ, କ୍ରୀଡା ମନ୍ତ୍ରୀଙ୍କୁ କୈଳାଶ ଚନ୍ଦ୍ର ଦାସ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ଗୌରହରି ବେହେରାଙ୍କୁ ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

# ସ୍କୁଲ ବାରଣ୍ଡାରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ/ଦଶପଲ୍ଲା,୧୭ା୬**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଘୋଳାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗ୍ରୀଷ୍ମ ଅବକାଶ ଛୁଟି ପରେ ଶୁକ୍ରବାର ସ୍କୁଲକୁ ଆସି ନ ଥିଲେ। ଏଣୁ ସ୍କୁଲରେ ପଡିଥିବା ତାଲା ଖୋଲିଲା ନାହିଁ। ଛାତ୍ରୀଛାତ୍ରମାନେ ବାରଣ୍ଡାରେ ପରୀକ୍ଷା ଦେଲେ। ମଧ୍ୟାହ୍ନଭୋଜନ ବଦଳରେ ଖାଇଲେ ବିସ୍କୁଟ। ସ୍କୁଲରୁ ତାଲା ଖୋଲିବା ନେଇ ସହକାରୀ ଶିକ୍ଷକମାନେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ପରବର୍ତ୍ତୀ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ପରିଡ଼ାଙ୍କ ହସ୍ତକ୍ଷେପ ପରେ ସ୍ଥାନୀୟ ସିଆରସିସି ପାଖ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ହାତରେ ପ୍ରଶ୍ନ ପତ୍ର ପଠାଇଥିଲେ। ଶ୍ରେଣୀ ଗୃହ ଓ କାର୍ଯ୍ୟାଳୟରୁ ତାଲା ନ ଖୋଲିବାରୁ ଛାତ୍ରୀଛାତ୍ର ବିଦ୍ୟାଳୟ ବାରଣ୍ଡାରେ ପରୀକ୍ଷା ଦେଇଥିଲେ। ମଧ୍ୟାହ୍ନ ଭୋଜନ ରୋଷେଇ ନ ହେବାରୁ ଶିକ୍ଷକ ଓ ପରିଚାଳନା କମିଟି ସଭାପତି ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ବଦଳରେ ବିସ୍କୁଟ ଖାଇବାକୁ ଦେଇଥିଲେ। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।



ଛାତ୍ରୀଛାତ୍ରମାନେ ସ୍କୁଲ୍ ବାରଣ୍ଡାରେ ପରୀକ୍ଷା ଦେଉଛନ୍ତି।

# 'ଏସ୍‌ଆଇଟିରେ ନିରପେକ୍ଷ ବିଶେଷଜ୍ଞଙ୍କୁ ସାମିଲ କରାଯାଉ'

## ହାତୀ ମୃତ୍ୟୁ ଘଟଣାର ତଦନ୍ତ ପ୍ରସଙ୍ଗ



- ବିଭାଗୀୟ ସଚିବଙ୍କୁ ଚିଠି ଲେଖିଲେ ବନ୍ୟପ୍ରାଣୀ ବିଶେଷଜ୍ଞ
- ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ

**ଭୁବନେଶ୍ୱର, ୧୭ା୬(ବ୍ୟୁରୋ)**

ଆଠଗଡ଼ ବନଖଣ୍ଡରେ ମାଟିତଳୁ ଏକାଧିକ ହାତୀ କଙ୍କାଳ ଉଦ୍ଧାର ଓ ଗୁଳିବିଦ୍ଧ ଦନ୍ତା ମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଗୁରୁବାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି) ଗଠନ କରିଛନ୍ତି। ଏଥିରେ ବନ ବିଭାଗର ଦୁଇଜଣ ଅଧିକାରୀ ଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଜଣେ ଅଧିକାରୀ ରହିଛନ୍ତି। ସିସିଏଫ୍ ମନୋଜ ନାୟାରଙ୍କ ନେତୃତ୍ୱରେ ଏହି ଟିମ୍ ତଦନ୍ତ କରିବ। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ସ୍ୱାଗତ କରିଥିବାବେଳେ ବେସରକାରୀ ବିଶେଷଜ୍ଞଙ୍କୁ ରଖାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ନିରପେକ୍ଷ ତଦନ୍ତ ପାଇଁ ଅତି କମ୍‌ରେ ଜଣେ ସ୍ୱାଧୀନ ବିଶେଷଜ୍ଞ(independent expert)ଙ୍କୁ ଏହି ଟିମ୍‌ରେ ସାମିଲ କରିବା ପାଇଁ ଦାବି ହେଉଛି। ଏ ନେଇ ଓଡ଼ିଶା ବନ୍ୟପ୍ରାଣୀ ସମିତି ସମ୍ପାଦକ ବିଶ୍ୱଜିତ ମହାନ୍ତି ଏବଂ ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ରର ସମ୍ପାଦକ ପୂରବୀ ପାତ୍ର ମିଳିତ ଭାବେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ବନ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ଘଟୁଛି। ପୁଣି ସମାନ ବିଭାଗର ଅଧିକାରୀଙ୍କୁ ସାମିଲ କରାଯାଇଥିବାରୁ ତଦନ୍ତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ତେଣୁ ଏଥିରେ ଜଣେ ବିଶେଷଜ୍ଞଙ୍କୁ ସାମିଲ କରାଯାଉ, ଯିଏ କି ଅତୀତରେ ସରକାରଙ୍କଠାରୁ କୌଣସି ଆର୍ଥିକ ସହାୟତା ପାଇ ନ ଥିବେ। ଏହାଦ୍ୱାରା ତଦନ୍ତରେ ସ୍ୱଚ୍ଛତା ରହିବ। ଯଦି ସରକାର ଚାହିଁବେ ତେବେ ସମିତି ପକ୍ଷରୁ ଉପଯୁକ୍ତ ବିଶେଷଜ୍ଞଙ୍କ ନାମ ସୁପାରିସ କରିପାରିବ ବୋଲି ବିଶ୍ୱଜିତ କହିଛନ୍ତି। ଏହି ଚିଠିର ନକଲ ପିସିସିଏଫ୍(ବନ୍ୟପ୍ରାଣୀ) ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ମଧ୍ୟ ପଠାଇଛନ୍ତି।

ଅପରପକ୍ଷେ ଶୁକ୍ରବାର ଏ ନେଇ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଏସ୍‌ଆଇଟି ଏହାର ତଦନ୍ତ କରିବ। ମାସକ ଭିତରେ ରିପୋର୍ଟ ଦେବା ପାଇଁ କୁହାଯାଇଛି। ଏସ୍‌ଆଇଟି ରିପୋର୍ଟରେ ଯେଉଁମାନେ ଦୋଷୀ ବାହାରିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ମାସ ଆଠଗଡ଼ ବନଖଣ୍ଡରେ ତିନୋଟି ହାତୀ କଙ୍କାଳ ମାଟି ତଳୁ ମିଳିଥିଲା। ସେହିଭଳି ଏକ ଗୁଳିବିଦ୍ଧ ହାତୀଟିର ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଥିଲା। ଏସବୁ ଘଟଣା ଆଠଗଡ଼ ବନଖଣ୍ଡର ଦାୟିତ୍ୱହୀନତାକୁ ପଦାରେ ପକାଇଥିଲା। ବିଭିନ୍ନ ଘଟଣା ପାଇଁ ଆଠଗଡ଼ର ୫ଜଣ ରେଞ୍ଜରଙ୍କ ମଧ୍ୟରୁ ୪ଜଣଙ୍କୁ ନିଲମ୍ବନର କରାଯାଇଛି। ଗୋଟିଏ ବନଖଣ୍ଡରେ ୪ଜଣ ରେଞ୍ଜର ନିଲମ୍ବନ ହେବା ନିଶ୍ଚିତ ଭାବେ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ଏ ସମସ୍ତ ଘଟଣାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ସମାଲୋଚନା କରିବା ପରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଗୋଚର କରାଯାଇଥିଲା। ଏହାପରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଚିଠି ଲେଖାଯାଇଥିଲା। କେନ୍ଦ୍ରର ତାଗିଦ ପରେ ରାଜ୍ୟ ସରକାର ତତ୍ପରତା ଦେଖାଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି।

# ସିରିଜ ବରାବର କଲା ଭାରତ

**ରାଜକୋଟ, ୧୭।୬**



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଦୀନେଶ କାର୍ତ୍ତିକ।

ଦୀନେଶ କାର୍ତ୍ତିକଙ୍କ ଦ୍ରୁତ ଅର୍ଦ୍ଧଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୮୨ ରନରେ ପରାସ୍ତ କରିଛି। ବୃହତ୍ ବିଜୟ ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୨ରେ ପହଞ୍ଚାଇ ବରାବର ସ୍ଥିତିକୁ ଆଣିଛି ଟିମ୍ ଇଣ୍ଡିଆ। ଏକଦା ୦-୨ରେ ପଛୁଆ ରହିଥିବା ଭାରତ କ୍ରମାଗତ ୨ଟି ମ୍ୟାଚ ଜିତି ସିରିଜକୁ ଉଜ୍ଜୀବିତ ରଖିବାରେ ସକ୍ଷମ ହୋଇଛି। ୫ମ ତଥା ଅନ୍ତିମ ଟି୨୦ ମ୍ୟାଚ ଆସନ୍ତା ରବିବାର ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୯ ରନ କରିଥିଲା। ଦକ୍ଷିଣ ଆଫ୍ରିକା ୧୬.୫ ଉଇକେଟରେ ମାତ୍ର ୮୭ ରନକରି ଅଲ୍ଆଉଟ ହୋଇଯାଇଥିଲା। ଟି୨୦ରେ ଦକ୍ଷିଣ ଆଫ୍ରିକାର ଏହା ଥିଲା ସର୍ବନିମ୍ନ ସ୍କୋର। ଭାରତୀୟ ବୋଲରମାନେ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାପଚୁପ ବୋଲିଂ କରି ଭ୍ରମଣକାରୀ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବ୍ୟାକ୍ଫୁଟକୁ ଚାଲିଯାଇଥିଲା ଦକ୍ଷିଣ ଆଫ୍ରିକା। ଅଧିନାୟକ ଟେମ୍ବା ବଭୁମା ୮ ରନ କରି ରିଟାୟର୍ଡ ହର୍ଟ ହୋଇଥିବାବେଳେ ରସି ଭାନ୍ ଡର୍ ଡୁସେନ ସର୍ବାଧିକ ୨୦ ରନ କରିବାକୁ ସକ୍ଷମ ହୋଇଥିଲେ। ପୂର୍ବ ୩ଟି ମ୍ୟାଚରେ ମହଙ୍ଗା ସାବ୍ୟସ୍ତ ହୋଇଥିବା ଭାରତୀୟ ଦ୍ରୁତ ବୋଲର ଆଭେଶ୍ ଖାଁ ଏଠାରେ ନିଜ ଦମ୍ ଦେଖାଇଥିଲେ। ସେ ୪ ଓଭରରେ ମାତ୍ର ୧୮ ରନ ଦେଇ ୪ଟି ଉଇକେଟ ନେଇଥିଲେ। ୟୁଜବେନ୍ଦ୍ର ଚହଲ ୨ଟି ଏବଂ ହର୍ଷଲ ପଟେଲ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୫ ମ୍ୟାଚ ବିଶିଷ୍ଟ ସିରିଜରେ କ୍ରମାଗତ ୪ର୍ଥ ଥର ପାଇଁ ଟସ୍ ହାରିଥିଲେ ରିଷଭ ପନ୍ତ ଏବଂ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଟିମ୍ ଇଣ୍ଡିଆ। ପୂର୍ବ ମ୍ୟାଚରେ ଆକର୍ଷଣୀୟ ବ୍ୟାଟିଂ କରିଥିବା ଋତୁରାଜ ଗାଏକ୍ୱାଡ ମାତ୍ର ୫, ଶ୍ରେୟାସ ଆୟାର ୪ ରନରେ ଆଉଟ ହେବାରୁ ୨୪ ରନରେ ଭାରତ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭଲ ଆରମ୍ଭ କରିଥିଲେ ହେଁ ଇଶାନ କିଶନ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ୨୬ ବଲ୍ରୁ ସେ ୩ ଚୌକା ଓ ୧ ଛକା ସହାୟତାରେ ୨୭ ରନକରି ପ୍ୟାଭିଲିୟନ ଫେରିଥିଲେ। ରିଷଭ ପନ୍ତ (୧୭ ରନ)ଙ୍କ ଖରାପ ପ୍ରଦର୍ଶନ ଏଠାରେ ମଧ୍ୟ ଜାରି ରହିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଓ ଦୀନେଶ କାର୍ତ୍ତିକ ଦ୍ରୁତ ହାରରେ ରନ ସଂଗ୍ରହ କରିବାସହ ୬ଷ୍ଠ ଉଇକେଟରେ ୩୩ ବଲ୍ରୁ ୬୫ ରନ ଯୋଗ କରିଥିଲେ। ହାର୍ଦ୍ଦିକ ୩୧ ବଲ୍ରୁ ୩ଟି ଲେଖାଏ ଚୌକା ଓ ଛକା ମାରି ୪୬ ରନ କରିଥିବାବେଳେ ଲୁନ୍ଗି ଏନ୍ଗିଡଙ୍କ ବଲ୍ରେ ଆଉଟ ହୋଇ ଯାଇଥିଲେ। ଅନ୍ୟପକ୍ଷରେ ୨୭ଟି ବଲ୍ର ସମ୍ମୁଖୀନ ହୋଇଥିବା କାର୍ତ୍ତିକ ୯ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୫୫ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍ଗି ଏନ୍ଗିଡ ୨ଟି ଏବଂ ମାର୍କୋ ଜାନସେନ, ଡ୍ୱେନ ପ୍ରିଟୋରିଅସ, ଏନରିଚ୍ ନର୍ଜେ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୯/୬ (ଦୀନେଶ କାର୍ତ୍ତିକ-୫୫, ହାର୍ଦ୍ଦିକ ପାଣ୍ଡ୍ୟା-୪୬, ଇଶାନ କିଶନ-୨୭, ଲୁନ୍ଗି ଏନ୍ଗିଡ-୨/୨୦, ମାର୍କୋ ଜାନସେନ-୧/୩୮, ଡ୍ୱେନ ପ୍ରିଟୋରିଅସ-୧/୪୧, ଏନରିଚ୍ ନର୍ଜେ-୧/୨୧, କେଶବ ମହାରାଜ-୧/୨୯)। ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ୮୭/ଅଲ୍ଆଉଟ (ରସି ଭାନ୍ ଡର୍ ଡୁସେନ-୨୦, ଆଭେଶ ଖାଁ-୪/୧୮, ୟୁଜବେନ୍ଦ୍ର ଚହଲ-୨/୨୧, ହର୍ଷଲ ପଟେଲ-୧/୩, ଅକ୍ଷର ପଟେଲ-୧/୧୯)।

# ଫିଫା ନିକଟରେ ପ୍ରତିବାଦ କଲା ତାଇୱାନ

**ତାଇପେ, ୧୭।୬**

**କାତାର ଫୁଟ୍ବଲ ବିଶ୍ୱକପ୍**

କାତାରରେ ହେବାକୁଥିବା ଫିଫା ବିଶ୍ୱକପ୍ ୨୦୨୨ ଦେଖିବା ଲାଗି ଯିବାକୁ ହେଲେ ତାଇୱାନ ନାଗରିକମାନଙ୍କୁ ଚାଇନିଜ ନାଗରିକ ଭାବେ ନିଜକୁ ପଞ୍ଜୀକୃତ କରିବା ଆବଶ୍ୟକ ବୋଲି କୁହାଯିବା ପରେ ଦେଶର ଫୁଟବଲ ଆସୋସିଏଶନ ଏନେଇ ଫେଡେରେଶନ ଇଣ୍ଟରନ୍ୟାଶନାଲ ଡି' ଫୁଟବଲ ଆସୋସିଏଶନ (ଫିଫା) ନିକଟରେ ପ୍ରତିବାଦ କରିଛି। ଜଣେ ନାଗରିକ ସୋମବାର ଅନ୍ଲାଇନ୍ରେ ଆସୋସିଏଶନ ନିକଟକୁ ଏକ ଚିଠି କରିଛନ୍ତି। ସେ କାତାର ଫୁଟବଲ ବିଶ୍ୱକପ୍ ମ୍ୟାଚ୍ ଦେଖିବା ଲାଗି ଆଗ୍ରହୀ। ମାତ୍ର କାତାର କର୍ତ୍ତୃପକ୍ଷ କୁଆଡେ କହିଥିଲେ ନିୟମାନୁସାରେ ତାଙ୍କୁ ଆବେଦନ ପତ୍ରରେ ଜଣେ ଚାଇନା ନାଗରିକ ଭାବେ ଦର୍ଶାଇବାକୁ ହେବ। ଦ୍ୱିତୀୟତଃ ଚାଇନାଭିତ୍ତିକ ଏକ ଫୋନ୍ ନମ୍ବର ଦେବାକୁ ହେବ। ତା' ନ ହେଲେ ତାଙ୍କୁ ପାସ୍ ମିଳିବ ନାହିଁ। ଏହି ପାସ୍ ଏକ ଭିଜା ଭାବେ କାର୍ଯ୍ୟକରିବ, ଯଦ୍ଦ୍ୱାରା ଜଣେ କାତାରସ୍ଥିତ ବିଭିନ୍ନ ଭେନ୍ୟୁରେ ମ୍ୟାଚ ଦେଖିହେବ। ତାଇୱାନ ଫୁଟ୍ବଲ ଆସୋସିଏଶନର ଡେପୁଟି ଜେନେରାଲ ସେକ୍ରେଟାରି ଚିଆଓ ଚିଆ ହଙ୍ଗ୍ ଗଣମାଧ୍ୟମକୁ ଏକଥା କହିଛନ୍ତି। ପ୍ରତିବାଦ ପରେ ଏ ବିଷୟରେ ଯାଞ୍ଚ କରାଯିବ ବୋଲି ଫିଫା ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

# ପ୍ରଥମ ଦିବସରେ ଓଡ଼ିଶାକୁ ୮ ପଦକ



ଅଫିସିଆଲଙ୍କ ସହ ପଦକ ହାସଲକାରୀ ଓଡ଼ିଶା କରାଟେକା।

**ଜାତୀୟ କରାଟେ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୭।୬ (କ୍ରୀଡ଼ା ପ୍ରତିନିଧି):** ପୁଣେଠାରେ ଜାତୀୟ କରାଟେ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ବିଶ୍ୱ କରାଟେ ସଂଘ ଓ ଏସୀୟ କରାଟେ ସଂଘ ସହ ଅନୁବନ୍ଧିତ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ ଭାଗ ନେଇଥିବା ଓଡ଼ିଶା ପ୍ରତିଯୋଗୀମାନେ ପ୍ରଥମ ଦିବସରୁ ହିଁ ଚମକ ଦେଖାଇବା ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ ସହ ମୋଟ ୮ ପଦକ ମିଳିଛି। ମହିଳା ବିଭାଗ କ୍ୟାଡେଟ୍ କାଟାରେ ମଧୁପ୍ରିୟା ବାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜୁନିୟର ମହିଳା କାଟାରେ ସୁରୋମିତ ସିହ୍ନା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ୧୪-୧୫ ବର୍ଷ ଜୁନିୟର କାଟାରେ ବେଦାନ୍ତ ଦାସ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହା ବ୍ୟତୀତ ଜୁନିୟର କାଟାରେ ଜ୍ୟୋତିରଞ୍ଜନ ରାଉତ ରୌପ୍ୟ ପଦକ ପାଇଥିବାବେଳେ ଜୁନିୟର ମହିଳା ଟିମ୍ କାଟାରେ ଅଂଶିତା ସାହୁ, ସାଲୋନୀ ପାତ୍ର ଓ ସୁସ୍ମିତା ବିଶ୍ୱାଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୫୭ କେଜି କ୍ୟାଡେଟ୍ ଫାଇଟ୍ରେ ରିତେଶ ମହାନ୍ତିଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ୫୩ କେଜି ଜୁନିୟା ମହିଳା କୁମିତେରେ ପ୍ରିୟଦର୍ଶିନୀ ଦାସ ବ୍ରୋଞ୍ଜ ଓ ଜୁନିୟର ପୁରୁଷ ଟିମ୍ କାଟାରେ ବେଦାନ୍ତ ଦାସ, ରୁଦ୍ର ପ୍ରସାଦ ଓ ଜ୍ୟୋତିରଞ୍ଜନ ରାଉତ ରୌପ୍ୟ ପଦକ ଅର୍ଜନ କରଛନ୍ତି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଦଳ ସହ ରାଜୀବ କୁମାର ସିଂ, ଖାରବେଳ ମଲିକ, ଦୀପକ କୁମାର ସାମନ୍ତରା, ସୌମ୍ୟ ରଞ୍ଜନ ଦାସ ଓ ଦୁର୍ଗା ପ୍ରସାଦ ରଥଙ୍କ ସହ ଓଡ଼ିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି ପୁଣେ ଯାତ୍ରା କରିଛନ୍ତି।

# ଓଡ଼ିଶାର ୪ ରେଫରି ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୧୭।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାର ୪ଜଣ ରେଫରି ସଫଳତାର ସହିତ କାଟେଗୋରି-୨ ରେଫରି ଅପ୍-ଗ୍ରେଡେଶନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବର୍ତ୍ତମାନ ସେମାନେ ନ୍ୟାଶନାଲ ଲେଭଲ କାଟେଗୋରି-୨ ରେଫରି ହୋଇ ପାରିଛନ୍ତି। ଏହି ଅପ୍-ଗ୍ରେଡେଶନ ପ୍ରୋଗ୍ରାମ୍ ସର୍ବଭାରତୀୟ ଫୁଟ୍ବଲ ମହାସଂଘ (ଏଆଇଏଫ୍ଏଫ୍) ଦ୍ୱାରା ପରିଚାଳିତ ହୋଇଥିଲା। ଫୁଟ୍ବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ରେଫରିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

# କୋଠାରିଙ୍କୁ ପ୍ୟାସିଫିକ୍ ଇଣ୍ଟରନ୍ୟାଶନାଲ ସ୍ନୁକର ଟାଇଟଲ

**ମେଲବୋର୍ନ, ୧୭।୬ (ପି.ଟି.)**

ପୂର୍ବତନ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନ ସୌରଭ କୋଠାରିଙ୍କୁ ବିରଳ ଡବଲ ସଫଳତା ମିଳିଛି। ଶୁକ୍ରବାର ସେ ପ୍ୟାସିଫିକ୍ ଇଣ୍ଟରନ୍ୟାଶନାଲ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ୪ ଦିନ ପୂର୍ବେ ସେ ଇଭେଣ୍ଟର ସ୍ନୁକର ଟାଇଟଲ ଜିତିଥିଲେ। ଲେଭଲ-୫ ସର୍ବୋଚ୍ଚ ବିଶ୍ୱ ବିଲିୟାର୍ଡ୍ସ ର୍ୟାଙ୍କିଙ୍ଗ ଇଭେଣ୍ଟ ଫାଇନାଲରେ ୩୭ ବର୍ଷୀୟ କୋଠାରି ଏକାଧିକ ଥର ଇଂଲିଶ ଚାମ୍ପିୟନ ଇଂଲଣ୍ଡର ରବ୍ ହଲ୍ଙ୍କୁ ୧୫୦୦-୧୩୨୧ ବ୍ୟବଧାନରେ ପରାସ୍ତ କରିଛନ୍ତି। ପ୍ୟାସିଫିକ୍ ଇଣ୍ଟରନ୍ୟାଶନାଲରେ ଡବଲ ଟାଇଟଲ ସଫଳତା ହାସଲ କରିବାରେ ଅଷ୍ଟ୍ରେଲିଆର ମାଥ୍ୟୁ ବୋଲ୍ଟନଙ୍କ ପଛକୁ ୨୦୧୮ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନ କୋଠାରି ହେଉଛନ୍ତି ଦ୍ୱିତୀୟ କ୍ୱିଇଷ୍ଟ। ପୂର୍ବରୁ ହଲ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନ ସିଙ୍ଗାପୁରର ପିଟର ଗିଲକ୍ରିଷ୍ଟଙ୍କୁ ଏବଂ କୋଠାରି ନିଜ ଦେଶର ଧ୍ରୁବ ସିତ୍ୱାଲାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

# କଳିଙ୍ଗ ଓପନ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆରମ୍ଭ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୧୭।୬ (କ୍ରୀଡ଼ା ପ୍ରତିନିଧି)**

ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କଳିଙ୍ଗ ଓପନ ଜାତୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଆମନ୍ତ୍ରଣୀୟ ପ୍ରତିଯୋଗିତା ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ତିନିଦିନଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୧ ରାଜ୍ୟର ୩୦ ଜିମ୍ନାଷ୍ଟିକ୍ କ୍ଲବରୁ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାର ୩୦ ପ୍ରତିଯୋଗୀ ସାମିଲ। ଜିମ୍ନାଷ୍ଟିକରେ ଜାତୀୟ ସ୍ତରରେ ବିଚାରପତି ଦାୟିତ୍ୱ ତୁଲାଇଥିବା ମୀରାରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି। ପ୍ରଥମ ଦିବସରେ ବାଲନସିଂ ବିମ, ଫ୍ଲୋର ଏକ୍ସରସାଇଜ୍, ଅନ ଇଭେନ ବାର୍ସ, ବଲଟିଂ ଟେବୁଲ, ଫ୍ଲୋର ଏକ୍ସରସାଇଜ୍, ରୋମାନ ରିଙ୍ଗସ ଭଳି ଅନେକ ଇଭେଣ୍ଟ ଅନୁଷ୍ଠିତ ହୋଇଛି। କୃତୀ ପ୍ରତିଯୋଗୀଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାରରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଭଳି ଚାମ୍ପିୟନଶିପ ଦ୍ୱାରା ଜିମ୍ନାଷ୍ଟିକର ଲୋକପ୍ରିୟତା ବଢ଼ିବା ସହିତ ତୃଣମୂଳ ସ୍ତରରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ପାଇଁ ପିଲାମାନେ ସୁଯୋଗ ପାଇବେ। ଅଲିମ୍ପିକ୍ସରେ ଖେଳିବାକୁ ଲକ୍ଷ୍ୟ ରଖିଥିବାରୁ ଏଭଳି ପ୍ଲାଟଫର୍ମ ଆମର ସ୍ୱପ୍ନକୁ ସାକାର କରିବା ପାଇଁ ସହାୟକ ହେବ ବୋଲି ମୀରାରାଣୀ ପ୍ରକାଶ କରିଛନ୍ତି।

# ମୀନା ଶାନ୍ତାଙ୍କୁ ସ୍ୱର୍ଣ୍ଣ ପଦକ

**ନାଗ୍ରୋଟା ବାଗ୍ୱାନ (ହିମାଚଳ ପ୍ରଦେଶ), ୧୭।୬ (ପି.ଟି.)**



ମୀନା ଶାନ୍ତା

ଏଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ର୍ୟାଙ୍କିଙ୍ଗ୍ ଭାରୋତ୍ତୋଳନ ଲିଗ୍ର ପ୍ରଥମ ସଂସ୍କରଣରେ ଓଡ଼ିଶାର ମୀନା ଶାନ୍ତା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଥିବା ମୀନା ମହିଳା ୫୫ କେଜି ବର୍ଗରେ ମୋଟ ୧୪୫ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଏହି ପ୍ରତିଯୋଗିତାରେ ଓଡ଼ିଶାର ଝିଲି ଦଳବେହେରା ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଓଡ଼ିଶା ଆଜି ଚଣ୍ଡିଗଡ଼କୁ ଭେଟିବ

**ଭୁବନେଶ୍ୱର, ୧୭।୬(ସ୍ପୋର୍ଟ୍ସ ବ୍ୟୁରୋ)**

୧୭ବର୍ଷରୁ କମ୍ ଜାତୀୟ ଜୁନିୟର ମହିଳା ଫୁଟ୍ବଲରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ୨୦ ଜଣିଆ ଫୁଟ୍ବଲ ଦଳ ଆସାମର ଗୁଆହାଟୀଠାରେ ପହଞ୍ଚିଛନ୍ତି। ଦଳ ସହିତ ୩ଜଣ ସପୋର୍ଟ ଷ୍ଟାଫ୍ ଗାୟତ୍ରୀ ମଲିକ (ମୁଖ୍ୟ କୋଚ୍), ମହାବୀର ନାଥ (ସହକାରୀ କୋଚ୍) ଓ ସୁଲ୍ତାନ ପର୍ବିନ (ଟିମ୍ ମ୍ୟାନେଜର) ଯାଇଛନ୍ତି। ଦଳ ଏହାର ପ୍ରଥମ ମ୍ୟାଚ ଶନିବାର ଚଣ୍ଡିଗଡ଼ ବିପକ୍ଷରେ ଖେଳିବ। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସାକ୍ରୋ ହେମ୍ବ୍ରମ, ମିଲି ମାଝି, ଜେମା ସଏ, ସୁହାସିନୀ ମହାକୁଲ, ସୁନୀତା ସୋରେନ, ପ୍ରତୀମା ନାୟକ, ସଞ୍ଜନା ଓରାମ, ଆଞ୍ଜେଲା ମୁଣ୍ଡାରୀ, ସୁନୀତା ସ୍ୱାଇଁ, ପାର୍ବତୀ ଯାଦବ, ଅଙ୍କିତା ନାୟକ, ଜ୍ୟୋତ୍ସ୍ନା ମୁଣ୍ଡାରୀ, ରୁକ୍ମଣୀ ମୁଣ୍ଡାରୀ, ପ୍ରଭାତୀ ବାର୍ଲା, ଗାୟତ୍ରୀ ଦାସ, ଅଙ୍କିତା ସିଂ, ଅନୀଷା ଖୁମ୍ବାର, ମନୀଷା ବେହେରା, ଏମ୍. ରୋଶନୀ ଓ ପ୍ରଣତୀ ପତି।

# ଦିନିକିଆ କ୍ରିକେଟରେ ଇଂଲଣ୍ଡର ବିଶ୍ୱ ରେକର୍ଡ

**ଆମଷ୍ଟେଲଭିନ (ନେଦରଲାଣ୍ଡ୍ସ), ୧୭।୬ (ଏପି)**



ଜୋଶ୍ ବଟଲର

ଦିନିକିଆ କ୍ରିକେଟ ଇତିହାସରେ ଗୋଟିଏ ଇନିଂସରେ ସର୍ବାଧିକ ସ୍କୋର କରି ଇଂଲଣ୍ଡ ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ଶୁକ୍ରବାର ଅନୁଷ୍ଠିତ ନେଦରଲାଣ୍ଡ୍ସ ବିପକ୍ଷ ଦିନିକିଆରେ ଇଂଲଣ୍ଡ ୪ ଉଇକେଟ ହରାଇ ୪୯୮ ରନକରି ଏହି କୀର୍ତ୍ତିମାନ ସ୍ଥାପନ କରିଛି। ଏ କ୍ଷେତ୍ରରେ ଇଂଲଣ୍ଡ ନିଜ ରେକର୍ଡ ଭାଙ୍ଗିଛି। ୨୦୧୮ ଜୁନ୍ରେ ଟ୍ରେଣ୍ଟବ୍ରିଜଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୪୮୧/୬ ସ୍କୋର କରି ରେକର୍ଡର ଅଧିକାରୀ ଥିଲା। ନେଦରଲାଣ୍ଡ୍ସ ବିପକ୍ଷରେ ଜୋସ୍ ବଟଲର, ଦାଉଦ ମଲନ ଓ ଫିଲ୍ ସଲ୍ଟ ଶତକ ହାସଲ କରି ଦଳର ବୃହତ୍ ସ୍କୋରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ବଟଲର ୪୭ ବଲ୍ରୁ ଶତକ ପୂରଣ କରିଥିଲେ। ଇଂଲଣ୍ଡ ପାଇଁ ଏହା ଦ୍ୱିତୀୟ ଦ୍ରୁତତମ ଶତକ। ସେ ୧୬୨ ରନକରି ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ସେ ୭ ଚୌକା ଓ ୧୪ ଛକା ମାରିଥିଲେ। ଏହାକୁ ମିଶାଇ ବଟଲର ୩ ଥର ଦ୍ରୁତ ଶତକ ହାସଲ କରିଛନ୍ତି। ପୂର୍ବରୁ ସେ ୪୬ ବଲ୍ରେ ଓ ୫୦ ବଲ୍ରେ ଶତକ ପୂରଣ କରିଥିଲେ। ସଲ୍ଟ ୯୩ ବଲ୍ରୁ ୧୪ ଚୌକା ଓ ୩ ଛକା ସହାୟତାରେ ୧୨୨ ଓ ମଲନ ୧୦୯ ବଲ୍ରୁ ୯ ଚୌକା ଓ ୩ ଛକା ସହ ୧୨୫ ରନ କରିଥିଲେ। ଲିଆମ ଲିଭିଂଷ୍ଟୋନ ୨୨ଟି ବଲ୍ର ସମ୍ମୁଖୀନ ହୋଇ ୬ଟି ଲେଖାଏ ଚୌକା ଓ ଛକା ସହାୟତାରେ ୬୬ ରନକରି ଅପରାଜିତ ରହିଥିଲେ। ବିଶ୍ୱକପ୍କୁ ଛାଡ଼ିଦେଲେ ଇଂଲଣ୍ଡ ବିପକ୍ଷରେ ନେଦରଲାଣ୍ଡ୍ସର ଏହାଥିଲା ପ୍ରଥମ ଦିନିକିଆ ମ୍ୟାଚ। ଘରୋଇ ବୋଲରଙ୍କ ପାଇଁ ଏହି ମ୍ୟାଚ ଦୁଃସ୍ୱପ୍ନ ସଦୃଶ ଥିଲା। ଇଂଲଣ୍ଡ ବ୍ୟାଟରମାନେ ଅଧିକାଂଶ ବଲ୍କୁ ଷ୍ଟାଡିୟମ ବାହାରେ ପକାଇ ଦେଇଥିଲେ। ସେଥିରୁ କେତେକ ବଲ୍ ହଜି ଯାଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ପିଟର ସିଲାର ୨ଟି ଉଇକେଟ ନେଇଥିଲେ।

# ଇଟାଲୀ, ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ ଭାରତ

**ନୂଆଦିଲ୍ଲୀ, ୧୭।୬ (ପି.ଟି.)**

**୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପାଇଁ ପ୍ରସ୍ତୁତି**

ଆଗାମୀ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଲାଗି ପ୍ରସ୍ତୁତିର ଏକ ଅଂଶବିଶେଷ ଭାରତର ୧୭ ବର୍ଷରୁ କମ୍ ମହିଳା ଫୁଟ୍ବଲ ଦଳ ଦୁଇଟି ଟୁର୍ନାମେଣ୍ଟରେ ଭାଗ ନେବାଲାଗି ଇଟାଲୀ ଓ ନରୱେ ଗସ୍ତ କରିବ। ଭାରତ ଅକ୍ଟୋବର-ନଭେମ୍ବରରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବ। ଦକ୍ଷତା ବୃଦ୍ଧି ପାଇଁ ବିଦେଶ ଟୁର୍ ଅବସରରେ ଭାରତୀୟ ମହିଳା ଦଳ ଦୁଇଟି ଟୁର୍ନାମେଣ୍ଟରେ ଭାଗ ନେବ। ଦଳ ଜୁନ୍ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଇଟାଲୀରେ ୬ଷ୍ଠ ଟର୍ନିଓ ଫିମେଲ ଫୁଟ୍ବଲ ଟୁର୍ନାମେଣ୍ଟ ଏବଂ ନରୱେରେ ଜୁଲାଇ ୧ରୁ ୭ ଓପନ ନୋର୍ଡିକ ଟୁର୍ନାମେଣ୍ଟ ଡବ୍ଲ୍ୟୁ-୧୬ ଅନୁଷ୍ଠିତ ହେବ। ଦଳ ପ୍ରଥମ ଥର ନୋର୍ଡିକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଭାରତ ଜୁନ୍ ୨୨ରେ ଗ୍ରାଡିସ୍କା ଡି' ସୋଞ୍ଜୋ ଷ୍ଟାଡିୟମରେ ଇଟାଲୀକୁ ଭେଟିବ। ଇଭେଣ୍ଟରେ ଭାରତ ଓ ଇଟାଲୀ ବ୍ୟତୀତ ମେକ୍ସିକୋ ଓ ଚିଲି ଭାଗ ନେବେ। ସର୍ବଭାରତୀୟ ଫୁଟ୍ବଲ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଏକଥା କୁହାଯାଇଛି। ନରୱେରେ ହେବାକୁଥିବା ଓପନ ନୋର୍ଡିକ ଟୁର୍ନାମେଣ୍ଟ ଡବ୍ଲ୍ୟୁରେ ଭାଗ ନେଉଥିବା ୮ଟି ଦଳ ଭାରତ, ନରୱେ, ଆଇସଲାଣ୍ଡ, ଡେନମାର୍କ, ଫାରୋଇ ଆଇଲାଣ୍ଡ, ଫିନ୍ଲାଣ୍ଡ ଓ ସୁଇଡେନ ଅଂଶଗ୍ରହଣ କରିବେ। ଭାରତ ଜୁଲାଇ ୧ରେ ଷ୍ଟ୍ରୋମେନ୍ ଆରେନାରେ ନେଦରଲାଣ୍ଡ୍ସକୁ ଭେଟିବ। ମୁଖ୍ୟ କୋଚ୍ ଥୋମାସ ଡେନର୍ବି ଏହି ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକ ଖେଳିବା ଲାଗି ୨୩ ଜଣ ଖେଳାଳି ମନୋନୀତ କରିଛନ୍ତି।

**ମନୋନୀତ ଖେଳାଳି ତାଲିକା**

ଗୋଲକିପର: ମୋନାଲିସା ଦେବୀ, ହେମପ୍ରିୟା ସେରମ କିଶାମ ମେଲୋଡି ଚାନୁ। ଡିଫେଣ୍ଡର: ଅସ୍ତାମ ଓରାଓଁ, କାଜଲ, ଭୂମିକା ମାନେ, ନାକେତା, ପୂର୍ଣ୍ଣିମା କୁମାରୀ, ଶୁଭାଙ୍ଗୀ ସିଂ, ସୁଧା ଅଙ୍କିତା ତିର୍କୀ ଓ ବର୍ଷିକା। ମିଡଫିଲ୍ଡର: ରବିନା ଦେବୀ, ଗ୍ଲାଡିସ୍ ଜୋନୁନ୍ସାଙ୍ଗୀ ମିଶା ଭଣ୍ଡାରୀ, ପିଙ୍କୁ ଦେବୀ, ନୀତୁ ଲିଣ୍ଡା, ଶୈଳଜା। ଫରୱାର୍ଡ: ଅନୀତା କୁମାରୀ, କାଜୋଲ ଡି'ସୋଜା, ନେହା ରେଜିୟା ଦେବୀ ଲାଇଶ୍ରାମ, ଶିଳା ଦେବୀ, ଲିଣ୍ଡା କୋମ୍ ସେର୍ଟୋ।



୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳ।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ରାଜଲକ୍ଷ୍ମୀ ରଥ
ରାଜଲକ୍ଷ୍ମୀଭବନ, ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୬।୧୯୪୪
ତିରୋଧାନ: ୧୦।୦୬।୨୦୨୦
ବୋଉ, ଚାହୁଁଚାହୁଁ ଦୁଇବର୍ଷ ବିତିଗଲା। ପ୍ରତି ମୁହୂର୍ତ୍ତରେ ଲାଗୁଛି ତୁ ଆମ ପାଖରେ ଅଛୁ। ମାୟା ସଂସାରରେ ଲୀଳାଖେଳା କରି ଆଷାଢ଼ କୃଷ୍ଣପକ୍ଷ ପଞ୍ଚମୀରେ ତୁ ଆରପାରିକୁ ଚାଲିଗଲୁ। ଆଜିର ଏ ଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋ ଅମର ଆତ୍ମାର ସଦ୍ଗତି ପ୍ରଦାନ କରନ୍ତୁ। ତୁ ଯେଉଁଠି ଥା ଆମକୁ କରୁଣା ଦୃଷ୍ଟିରେ ଚାହିଁଥା।
ଇତି ତୋର ହତଭାଗ୍ୟ: ଟୁନୁ, ମୁନୁ, ରୁନୁ, ବେବି, ସିଲୁ, ବର୍ଷା, ମଞ୍ଜୁ, ସଞ୍ଜୁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୬୮

ପ୍ରଥମ ଶ୍ରାଦ୍ଧବାର୍ଷିକୀର ଶ୍ରଦ୍ଧାଞ୍ଜଳି



୰ସଞ୍ଜୀବ କୁମାର ସାହାନୀ
ପଧାନପଡ଼ା, ଆଡିସୀପଡ଼ା, ଫୁଲବାଣୀ
ଜନ୍ମ: ୦୬।୦୫।୧୯୭୯
ତିରୋଧାନ: ୨୮।୦୬।୨୦୨୧
ତୁମେ ପୁଣ୍ୟାତ୍ମା ବୋଲି ସଂସାର ମୋହମାୟା ତୁଟାଇ ପ୍ରଭୁଙ୍କ ନିକଟକୁ ଚାଲିଗଲ, କିନ୍ତୁ ତୁମ ଅନୁପସ୍ଥିତି ଆମ ସମସ୍ତଙ୍କୁ ମର୍ମାହତ କରିଛି। ଚାହୁଁଚାହୁଁ ବର୍ଷେ ପୂରିଗଲା ତଥାପି ଲାଗୁଛି ତୁମେ ଆମ ଚାରିପାଖରେ ରହିଛ। ତୁମ ଆଶୀର୍ବାଦ ଆମ ମୁଣ୍ଡରେ ଥାଉ। ଯୋଉଠି ଅଛ ଶାନ୍ତିରେ ଥାଅ, ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ, ପୁଅମାନେ, ବାପା, ମାଆ, ଶାଶୁ, ଶଶୁର, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଭାଣିଜୀ, ଭଣଜା, ବନ୍ଧୁବାନ୍ଧବ।
ଧ-୭୬୪

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଅଙ୍ଗୁରବାଳା ପରିଡ଼ା
HIG-146,Lumbuni Vihar,C.S.PUR
Bhubaneswar
ଆବିର୍ଭାବ - ୦୨.୦୪.୧୯୭୦
ତିରୋଧାନ - ୦୮.୦୬.୨୦୨୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ସ୍ୱାମୀ - ବିଜୟକେତନ ଭଞ୍ଜ
ଝିଅ - ଅଭିପ୍ସା ଭଞ୍ଜ
ବନ୍ଧୁ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୭୩୬୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୌଦାମିନୀ ମଙ୍ଗରାଜ
ଆବିର୍ଭାବ: ୨୧।୦୯।୧୯୫୮
ତିରୋଧାନ: ୦୮।୦୬।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆମକୁ ଛାଡ଼ି ଚାଲିଗଲ। ତୁମ କର୍ତ୍ତବ୍ୟ ନିଷ୍ଠା, ସ୍ନେହ, ଭଲପାଇବା ଆଉ ମଧୁର କଥା ସବୁ ଦିନପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୬୬

# ବିକଳ୍ପ

ଗଳ୍ପ

ବିପିନ ବିହାରୀ ମହାନ୍ତି

କାର୍ଯ୍ୟାଳୟ ଛାଡ଼ିବା ପୂର୍ବରୁ ବାପାଙ୍କଠାରୁ ଫୋନ୍‌ଟିଏ ପାଇଲେ ଆକାଶ- ମାମାର ଦେହ ବହୁତ ଖରାପ। ତୋର ଉପସ୍ଥିତି ନିହାତି ଦରକାର। ତୁ ଆସିଲେ ତାକୁ ତତ୍‌କ୍ଷଣାତ୍ ହସ୍ପିଟାଲ ନେବାକୁ ହେବ। ଏଣୁ ଯେଉଁ ଅବସ୍ଥାରେ ଅଛୁ, ସେହି ଅବସ୍ଥାରେ ଚାଲିଆସ।

ଆକାଶ ଦୁଇଦିନ ଛୁଟି ପାଇଁ ଉପରିସ୍ଥ କର୍ମକର୍ତ୍ତାଙ୍କୁ ଦରଖାସ୍ତଟିଏ ଦେଲେ। ଏଟିଏମ୍‌ରୁ କିଛି ଟଙ୍କା ଉଠାଇଲେ। ଗାଡ଼ିମୋଟରକୁ ଭରସା କଲେ କାଳେ ଯଥେଷ୍ଟ ବିଳମ୍ବ ହୋଇଯିବ, ଏନେଇ ନିଜର ଦୁଇଚକିଆ ଯାନଟିକୁ ବାହାର କଲେ। ଘରେ ପହଞ୍ଚିବାକୁ ଅତିକମ୍‌ରେ ତାଙ୍କୁ ଦୁଇଶହ କିଲୋମିଟର ବାଟ ଅତିକ୍ରମ କରିବାକୁ ହେବ। ଗାଡ଼ିକୁ ଯେତେ ଦଉଡ଼ାଇଲେ ବି ତିନି ଚାରିଘଣ୍ଟାରୁ କମ୍ ଲାଗିବ ନାହିଁ।

ସେ ଯାତ୍ରା ଆରମ୍ଭ କଲେ। ଇତିମଧ୍ୟରେ ପାଖାପାଖି ଶହେ କି.ମି. ଅତିକ୍ରମ କରିସାରିଲେଣି। ସେ ଅନୁଭବ କଲେ, ସତେଯେମିତି ତାଙ୍କୁ କିଏ ଦୁଇଜଣ ଗୋଟେ ଗାଡ଼ିରେ ଅନୁଗମନ କରୁଛନ୍ତି। ତାଙ୍କଠି ଭୟ ପଶିଲା। ଚଙ୍ଗଚଙ୍ଗ ଲାଗିଲା। ପାଖରେ ଟଙ୍କା। ଏପଟେ ସନ୍ଧ୍ୟା ନଇଁ ଆସୁଛି। ଆଉ କିଛି ସମୟ ପରେ ଅନ୍ଧକାର ଚାରିଆଡ଼ ଆଚ୍ଛନ୍ନ କରିବ। ରାସ୍ତା ଖାଁ ଖାଁ ଲାଗିବ। ଯେତେ ଗାଡ଼ିମୋଟର ଯିବାଆସିବା କଲେ ବି ଏଠି କେହି କାହାର ନୁହେଁ।

ଆଗରେ ରେଳଲାଇନ୍ ଲେଭଲ୍ କ୍ରସିଂ। ସେ ତାକୁ ଅତିକ୍ରମ କରୁକରୁ ଗେଟ୍‌ଟି ପଡ଼ିଗଲା। ତାଙ୍କୁ ଅନୁସରଣ କରୁଥିବା ଲୋକ ଦି'ଟା ଗେଟ୍ ସେପଟେ ରହିଗଲେ। ସେ ଏଥିରେ ଦମ୍ଭ ସମ୍ଭାଳି ଜୋର୍‌ରେ ଗାଡ଼ି ଛାଡ଼ିଲେ।

କି ଦୁର୍ଭାଗ୍ୟ! ଆଗରେ ଗୋଟାଏ ଦୁର୍ଘଟଣା। ରାସ୍ତା ବନ୍ଦ। ଦୁଇପଟେ ଲମ୍ବା ହୋଇ ଗାଡ଼ିମୋଟର ଛିଡ଼ା ହୋଇଛନ୍ତି। ଗୋଟେ ଦି'ଟା ପୋଲିସ୍ ଗାଡ଼ି। ରାସ୍ତା ମଝିରେ ଗୋଟାଏ ଟ୍ରକ୍ ଛିଡ଼ା ହୋଇଛି। କାହା ଉପରେ ମାଡ଼ିଯାଇଛି। ଆକାଶ କିଛି ସମୟ ସେଠି ଅଟକିଲେ। ବିଶ୍ୱାସ ଥିଲା ଯେ ତାଙ୍କୁ ଅନୁସରଣ କରୁଥିବା ଲୋକ ଦି'ଟା ବୋଧେ ସେଇଠି ରହିଗଲେ କିମ୍ବା ଆଉ କୁଆଡ଼େ ବାଟ ଭାଙ୍ଗି ଖସିଗଲେ। ଏଇ ଭାବନାରେ ଟିକିଏ ଆଶ୍ୱସ୍ତ ହେଲାବେଳକୁ ସେମାନେ ପଛରୁ ଆସି ପହଞ୍ଚିଗଲେ ଏବଂ ଆକାଶଙ୍କୁ ଦେଖି ଖୁସି ଥିଲା ପରି ଜଣାପଡୁଥିଲେ ଅଥଚ ଆକାଶଙ୍କର ଏପଟେ ହାଲୁକ ଶୁଖିଯାଉଥିଲା। ଏ ଭିତରେ କିଛି ଲୋକ ବାଟଭାଙ୍ଗି ଗଲେଣି। ଆକାଶ ତାଙ୍କ ପଛେପଛେ ଚାଲିଲେ। ପଛରୁ ଏବେ ଗାଡ଼ି ପିଁ ପାଁ। କିଛି ତାଙ୍କୁ ଅତିକ୍ରମ କଲେଣି। ଆଗରୁ ଗାଡ଼ିଗୁଡ଼ିକ ଧାଇଁଛନ୍ତି। ମୁହଁ ଝଲସିଯାଉଛି ସେଗୁଡ଼ାଙ୍କର



ଆଲୋକରେ। ହଠାତ୍ ପଛରୁ କିଛି ଆଘାତ ସେ ଅଣ୍ଟା ଉପରକୁ ଅନୁଭବ କଲେ। ଗୋଟାଏ ଗାଡ଼ି ଅତିକ୍ରମ କଲା। ସେ ଦେଖିଲେ ତାଙ୍କ ଦେହଟା ରକ୍ତରେ ଜୁଡୁବୁଡୁ ହୋଇଯାଉଛି। ସେ ଅଟକି ଯିବେକି? କାହାର ସହାୟତା ଲୋଡ଼ିବେ କି? ନା, ସେମାନେ... ହଁ ସେମାନେ ବୋଧହୁଏ ପାଖାପାଖି ଅଛନ୍ତି। ପୁଣି ଫେରିବେ। ଗୋଟିଏ ପୋଲିସ୍ ଗାଡ଼ି ଅତିକ୍ରମ କଲା। ସେ ଅଟକାଇବାକୁ ଚେଷ୍ଟା କରି ପାରିଲେ ନାହିଁ। ବାମପଟେ ଗୋଟାଏ ମାଟିରାସ୍ତା ପଡ଼ିଲା। ବୋଧହୁଏ ପାଖରେ ଗାଁ। ବତି ଜଳୁଛି। ସେ ବାଟଭାଙ୍ଗି ଗାଁ ଭିତରେ ପଶିଲେ। ଉଠିଲେ ଗୋଟେ ବାରଣ୍ଡାକୁ। ମା' ମା' ଡାକି କବାଟ ବାଡ଼େଇଲେ। ଜଣେ ବୟସ୍କା ବ୍ୟକ୍ତି ଆସି କବାଟ ଖୋଲିଲେ ଏବଂ ପଚାରିଲେ- କ'ଣ ହେଲା ବାପା?

ଆକାଶ ତାଙ୍କର ଅନୁମତି ଅପେକ୍ଷା ନ କରି ଘରେ ପଶିଲେ। ଦାଣ୍ଡଘର ଦୁଆରଟି ନିଜେ ଆଉଜାଇ ଆଲୁଅରେ ନିଜ ଅବସ୍ଥା ଦେଖାଇ କହିଲେ ମୋତେ ବଞ୍ଚାଅ ମା'। ସେମାନେ ମୋ' ପଛରେ ଗୋଡ଼ାଉଛନ୍ତି। ମୋତେ ମାରିଦେବେ। ତୁମ ଗୋଡ଼ ଧରୁଛି। ତୁମେ ମୋତେ ବଞ୍ଚାଅ। ତୁମେ ମୋ' ମା'।

- 'କୋଉମାନେ ବାପା?'

- 'ସେମାନେ। ମୁଁ ସେମାନଙ୍କୁ ଚିହ୍ନେନା। ମୋତେ ଭାରି ଡର ଲାଗୁଛି। କାଳେ ତୁମ ଘରକୁ ମୁଁ ଆସିବାର ସେମାନେ ଦେଖିଥିବେ।'

ବୟସ୍କା ଜଣକ କିଛି ଭାବି କହିଲେ- ଯୋଉ ଘରକୁ ସମସ୍ତେ ଡରନ୍ତି, ସେଠି ତୋର ଡରିବାର ନାହିଁ। ତୁ ମୋ' ଗୋଡ଼ ଧରି ପ୍ରାଣଭିକ୍ଷା କରିଛୁ। ମୋତେ ମା' ବୋଲି କହିଛୁ। ମୁଁ ତୋର ମା', ମୁଁ ତୋର ରକ୍ଷାକର୍ତ୍ତ୍ରୀ। ତୁ ଡରନା, ମା' ଥିଲେ ପିଲାର କ'ଣ କାହାକୁ ଡରଥାଏ? ମୁଁ ବଞ୍ଚିଥିଲା ଯାଏ ତୋର କେହି କିଛି କରିପାରିବେ ନାହିଁ। ତୁ ନିର୍ଭୟ ରହ।

'ଏ ଘରକୁ ସମସ୍ତେ ଡରନ୍ତି', ଏଇ ପଦକ ଶୁଣିଲାବେଳୁ ଆକାଶଙ୍କୁ ଛନକା ପଶିଛି। ସେ ଭାବି ଚାଲିଛନ୍ତି, "କ'ଣ ତା'ହେଲେ ଏ ଘର? କାହିଁକି ଲୋକଙ୍କର ଏ ଘରକୁ ଡର?"

ସେତିକିବେଳେ ବୟସ୍କାଙ୍କର ବୋହୂ ଆସି ଛିଡ଼ାହେଲେ। ବୃଦ୍ଧା ବୋହୂଙ୍କୁ କହିଲେ- "ଚାହିଁଛୁ କ'ଣ? ମୋର ଚିରା ଧୋବ ଲୁଗାଟା ଆଣେ। ତାକୁ ପୋଡ଼ି ପାଉଁଶ କର। ପାଣି ଗରମ କରି ଏ ଖଣ୍ଡିଆ ଜାଗାଟା ପୋଛିପକା, ପାଉଁଶ ଦେଇ ଏଠି ପଟିଟାଏ ଭିଡ଼ିଦେବା। ତା'ପରେ କ'ଣ କରାଯିବ ଦେଖିବା।"

ଆକାଶ ସେ ବୋହୂଟିକୁ ମନିପର୍ସଟି ଦେଇ କହିଲେ, "ଭଉଣୀ, ଏଇଟି ସମ୍ଭାଳ। ଏଥିରେ ଟଙ୍କା ଅଛି। ପରେ ଦେବ।"

"ତୁ ଟଙ୍କା ଧରି ରାତିରେ ଏକା ଯାଉଥିଲୁ ବାପା? ମାନେ ଏକା! କାହିଁକି ଏମିତି ଜରୁରୀ ଥିଲା? ତୁ' କ'ଣ ଜାଣିନାହୁଁ ଯେ ଟଙ୍କା ଯୋଗୁଁ ଏଠି ପ୍ରାଣ ଯାଉଛି?" କହିଲେ ବୃଦ୍ଧା।

"ମୋ' ମାମା ଶକ୍ତ ବେମାର ମା'। ବାପାଙ୍କଠୁ ଫୋନ୍ ପାଇ ମୁଁ ଘରକୁ ଯାଉଥିଲି। ମୁଁ ପହଞ୍ଚିଲାମାତ୍ରେ ତାଙ୍କୁ ଡାକ୍ତରଖାନା ନେଇଥା'ନ୍ତୁ। ସେ ମରଣ ସହିତ ସଂଗ୍ରାମ କରୁଛି। ମୁଁ ସତ କହୁଛି ମା'। ମୁଁ ତା'ର ଏକମାତ୍ର ସନ୍ତାନ। ମୋ' ବ୍ୟତୀତ ତା'ର ଦେଖାରଖା କରିବାକୁ କେହି ନାହାନ୍ତି", କହିଲେ ଆକାଶ।

ବୃଦ୍ଧା କହିଲେ- ଏଇଟା ଶୁକାର ଘର। ତୁ ଶୁକ ନାଁ ଶୁଣିଛୁ? ତାକୁ ଜାଣିଛୁ? ଇବ୍ରାହିମ୍ ତା' ସାଙ୍ଗ। ସେମାନେ ରାହାଜାନି କରନ୍ତି, ସୁପାରି ନେଇ ମଣିଷ ହାଣନ୍ତି। ତୁ ଏ କଥା ଜାଣିଛୁ? ମୁଁ ତାକୁ ଯେତେ ବୁଝାଉଛି ସେ ରାସ୍ତାରୁ ଚାଲିଆ' ସେ ଶୁଣୁନାହିଁ। ତା' ଗୋଡ଼ ବହୁତ ତଳକୁ ଖସିଯାଇଛି।"

"ମା'!"

"କହିଛି, ଯେଉଁ ଘରକୁ ସମସ୍ତେ ଡରନ୍ତି, ସେଠି ତୁ' ଯେତେବେଳେ ମା' ପାଖରେ, ତୋର ଡର କିଆଁ? ମୁଁ ତୋ' ମାମା କଥା ଭାବୁଛି। ତୋ' ପାଇଁ କିଛି ଗୋଟେ ବ୍ୟବସ୍ଥା କରିବି। ଖୁବ୍‌ଶୀଘ୍ର ମୁଁ ତୋତେ ତୋ' ମାମା ପାଖେ ପହଞ୍ଚାଇବି। ଏଠୁ ତୁମ ଘର କେତେ ବାଟ ବାପା?"

"ସତୁରି କିଲୋମିଟର।"

"ଯିବା। ଯେମିତି ହେଲେ ଯିବା। ତୋ' ମାମାକୁ ତୁ ଡାକ୍ତରଖାନା ନେବୁ। ତୋ' କ୍ଷତଟା ସେତେ ଗୁରୁତର ନୁହେଁ। ତଥାପି ବ୍ୟାଣ୍ଡେଜ୍‌ଟିଏ ଭିଡ଼ିଦେବା।"

ଶାଶୁ ଓ ବୋହୂ ଆକାଶ ସେବାରେ ଲାଗିପଡ଼ିଲେ। କିଛି ସମୟ ପରେ ଶୁକା ଏବଂ ଇବ୍ରାହିମ୍ ସେଠି ପହଞ୍ଚି ଯାହା ଦେଖିଲେ, ସେଥିରେ ସେ ଆଚମ୍ବିତ ହୋଇଗଲେ। ଇଏତ ସେଇ ଲୋକ!

ଆକାଶ ଦୋଦୋ ଚିହ୍ନା ହୋଇ ଭୟରେ ଚମକି ଉଠିଲା। ଏମାନେ ତା'ହେଲେ ଶୁକା ଏବଂ ଇବ୍ରାହିମ୍।

ବୃଦ୍ଧା କହିଲେ- ଶୁକା, ତୋର କର୍ତ୍ତବ୍ୟ କ'ଣ ମୁଁ ଜାଣେନା। ମୁଁ ଗୋଟେ ମା'ର କର୍ତ୍ତବ୍ୟ କରୁଛି। ମୁଁ ଗୋଟେ ମା'। ରକ୍ଷାକର୍ତ୍ତ୍ରୀ।

ଶୁକାର ସ୍ତ୍ରୀ କହିଲା- ଦେଖୁଛ କ'ଣ? ମୁଁ ଗୋଟେ ଭଉଣୀର କର୍ତ୍ତବ୍ୟ କରୁଛି। ସତରେ ଏ ସେବାରେ କେତେ ଆନନ୍ଦ, ତୁମେ ବୁଝିପାରିବ ନାହିଁ। ମୁଁ ସତରେ ବୁଝିପାରୁ ନାହିଁ କୋଉଟା ବଡ଼? ପଇସା ମୋହରେ ରକ୍ତ ନା କାହା ଲୁହ ପାଇଁ ସେବା? ପେଟ ପୋଷା ପାଇଁ କୋଉଟା ଠିକ୍ ରାସ୍ତା? ଦସ୍ୟୁ ରତ୍ନାକର ନା ମହର୍ଷି ବାଲ୍ମୀକି। କୋଉଟା କର୍ତ୍ତବ୍ୟ, କୋଉଟା ଅକର୍ତ୍ତବ୍ୟ? କ'ଣ କରଣୀୟ ଏବଂ କ'ଣ ଅକରଣୀୟ?

ବୃଦ୍ଧା କହିଲେ- କେବଳ ପୁଣ୍ୟବତୀ ମା'ର ଦସ୍ୟୁ ରତ୍ନାକର ପୁତ୍ର ସିନା ବାଲ୍ମୀକି ହେବ। ମୁଁ ତ ହୀନକପାଳୀ, ସେ ଭାଗ୍ୟ ମୋର କାହୁଁ ଆସିବ?

"କ'ଣ କହିଲୁ ମା'?" ପଚାରିଲା ଶୁକା।

ବୃଦ୍ଧା କହିଲେ, "ତୁ ସେଗୁଡ଼ାକ ଆଦୌ ବୁଝିପାରିବୁ ନାହିଁ। ତେବେ ଏତିକି ପଚାରୁଛି, ତା' ମା' ସାଂଘାତିକ ବେମାର। ସେ ଶୀଘ୍ର ପହଞ୍ଚିଲେ ତାକୁ ଡାକ୍ତରଖାନାରେ ଭର୍ତ୍ତି କରିବ। ତୁ ତାକୁ ସାହାଯ୍ୟ କରିପାରିବୁ, ଇଏ ଜୀବନ କଥା।"

"ନା ଟଙ୍କା ଥଳିଟା ନେବ?" କହିଲା ଶୁକାର ସ୍ତ୍ରୀ।

ଆକାଶ କିଂକର୍ତ୍ତବ୍ୟବିମୂଢ଼ ହୋଇ ଶୁଣୁଥିଲା। ଶୁକା ଓ ଇବ୍ରାହିମ୍ ପରସ୍ପରକୁ ଚାହିଁ ରହିଥିଲେ।

ମୋ: ୯୯୩୮୩୪୪୧୩୮

## କବିତା

### ଭଗ୍ନବୀଣାର ସ୍ୱର

ଦୀପିକା ଦାଶ

ପାହାନ୍ତି ସୁନେଲି କିରଣରୁ
ଶିଶିରସିକ୍ତ ରଜନୀ
ମନ ମୋର
ଭିକ୍ଷାଶୀ ବ୍ରାହ୍ମଣ ଭଳି ଘୁରିବୁଲେ
କ୍ଷୁବ୍ଧ ଅଶାନ୍ତ ଅଣାୟତ
କେବେ ମୋବାଇଲର ଫୋନ୍ କଲ୍,
ମେସେଜ ବକ୍ସ, କେବେ
ବାଲ୍‌କୋନୀରୁ ଦୃଶ୍ୟ,
ସାହିର ଅଣଓସାରିଆ ରାସ୍ତା,
ଡାକବାଲାର କଲିଂବେଲ୍,
ତ ପୁଣି କେବେ କୁଆର
କା କା ରଡ଼ିର କର୍କଶ ଶବ୍ଦ ପଛରେ।

ମୁଁ କିନ୍ତୁ ଆହତ କପୋତୀ ଭଳି
ପଡ଼ିରୁହେ ସେମିତି ପୂର୍ବ ସ୍ଥାନରେ,
ଯେଉଁଠି ଦୁହେଁ ଅନେକ ବିନିଦ୍ର ରାତି
ଆଲୁରୁ ବାଲୁରୁ ଗପୁଥିଲେ
ଫିସ୍‌ଫିସ୍ ସ୍ୱରରେ।

ଟେବୁଲ୍ ଡ୍ରରେ ଥିବା ଅଡୁଆ ସୂତାକୁ
ସଜାଡ଼ିବା ଭିତରେ ସ୍ୱପ୍ନ ସଜାଏ
ତୁମକୁ ଉପହାର ଦେବା ଲାଗି
ସ୍ୱେଟର ବୁଣୁ ବୁଣୁ ଆନମନା ହେଇ
ବହୁବାର ଛୁଞ୍ଚିରେ
ଆଙ୍ଗୁଠି ଫୋଡ଼ିପକାଏ।

ମୋ ସ୍ୱନକ୍ଷତ୍ର ଦିବସର
ରାକ୍ଷାସୁଣୀ ରାତ୍ରି
ନିଜ କଳା ପଣତର କାନି ଉଡ଼ାଇ
ବିଦାୟୋନ୍ମୁଖୀ
ତଥାପି ନା ଆସୁଛ ତୁମେ!
ନା ଆସୁଛି ତୁମ ଶୁଭେଚ୍ଛା ବାର୍ତ୍ତା!
ହଁ, ଉପହାର ମାମଲାରେ
ତୁମେ ଜମା କୃପଣ ନୁହଁ।

ଏଇ ଦେଖ!
ସବୁଥର ପରି ଏଥର ବି
ଆଖିରେ ମୋର ଉଛୁଳି ଆସୁଛି,
ତୁହାକୁ ତୁହା
ଅସୀମ ଆବେଗର ଉପହାର।

ତୁମ ପ୍ରେମର ଏକମାତ୍ର ସନ୍ତକ
ଆଉ ମୋ ଭାବପ୍ରବଣତା
ଗଭୀର ଭଲପାଇବାର ଯାହା
ପ୍ରାରମ୍ଭ ମାତ୍ର।

ହଳେ ଭାବବିହ୍ୱଳ ସତୃଷ୍ଣ
ନୟନର କ'ଣ ଅଧିକାର ନାହିଁ
ତୁମ ଆତ୍ମୀୟତାର ସ୍ପର୍ଶ ପାଇଁ?

ଏତିକି ମାଗୁଣି
ଯଦି ଏଇ ଅମଡ଼ା ବାଟକୁ
କେବେ ବାଟବଣା ହୋଇ ମାଡ଼ିଆସ,
ତଥାପି ଏ କ୍ଳାନ୍ତ ପଥୁକୀଟିକୁ
ତୁମକୁ ସଂଖୋଳିବାର
ଅଧିକାର ନିଶ୍ଚୟ ଦେବ
ଏ ଅଙ୍ଗରେ ତୁମ ପଦଧୂଳି
ବୋଳିବାର ଭାଗ୍ୟ ମୋତେ ସମର୍ପିବ
ମୋ ଅନ୍ତରର ଅଭିମାନକୁ
ତୁମ ଆଶୀର୍ବାଦର ହସ୍ତରେ ପୋଛିଦେବ।

ମୋ: ୭୭୩୫୬୯୭୪୪୨

### ଚାରିଟି ଏକପଦୀ

ବିଷ୍ଣୁ ମୋହନ

।।୧।।
ତୁମେ ପ୍ରିୟା ମୋର ପୀରତି କୁସୁମ
କିପରି ଭୁଲିବି କୁହ
ଦେବା ପାଇଁ ମୁହିଁ ସଦା ପ୍ରସ୍ତୁତ
ତୁମ ପାଇଁ ଲହୁ, ଲୁହ।
।।୨।।
ଫୁଲ ପାଖୁଡ଼ାରେ ଭଅଁର ହୋଇ ମୁଁ
ଶୋଷିଅଛି ଯେଉଁ ମହୁ
ସେ' ମହୁର ସ୍ୱାଦ ଅମୃତମୟ
ଛାଡ଼ିପାରେ ତାହା କାହୁଁ!
।।୩।।
ହାତରେ କୁଟିଛି ନାମକୁ ତୁମର
ଅସ୍ମିତା ଯାହା ପାଇଁ
ବିରହର ବେଳା ଏଡ଼ାଇ ଦେଇଛି
ଦୁଃଖ ସେ' ପାଇଁ ନାହିଁ।
।।୪।।
ଲୁହରେ ଧୋଇଛି ଲହୁରେ ଲେଖିଛି
ଅମର ଯାହାର ସତ୍ତା
ଆମ ସମ୍ପର୍କ ପୂତ, ପବିତ୍ର
ଅମ୍ଳାନ ପ୍ରେମ ଗାଥା।

- ଏ/୫୮, କ୍ରିଷ୍ଣା ଗାର୍ଡ଼ନ୍-୨
ଖଣ୍ଡଗିରି, ଭୁବନେଶ୍ୱର-୩୦

## ପୁସ୍ତକ ପରିଚୟ

### ସଜ୍ଜନ ସନାତନ



**ମୁଖ୍ୟ ସମ୍ପାଦକ:** ପ୍ର. ବ୍ରଜମୋହନ ମିଶ୍ର
**ପ୍ରକାଶକ:** ପ୍ର. ସନାତନ ମହାନ୍ତି, ସ୍ମୃତିନ୍ୟାସ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ନିଃଶୁଳ୍କ

୧୯୫୩ରୁ ୧୯୮୫ ଯାଏ ଅର୍ଥନୀତିରେ ଅଧ୍ୟାପନା ସାଙ୍ଗକୁ ଆଜୀବନ ସାହିତ୍ୟ, ସଂସ୍କୃତି ଓ ସମାଜସେବାରେ ରୁଚି ରଖିଥିଲେ ପ୍ରୟାତ ପ୍ରଫେସର ସନାତନ ମହାନ୍ତି। ତାଙ୍କ ଅବର୍ତ୍ତମାନରେ ପ୍ରକାଶ ପାଇଥିବା ଏହି ସ୍ମୃତିଗ୍ରନ୍ଥଟି ବହୁ ବିଶିଷ୍ଟ ଲେଖକଙ୍କ ରଚନାରେ ସମୃଦ୍ଧ, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ପ୍ରାକ୍ତନ ମନ୍ତ୍ରୀ ଭଦ୍ରକର ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ପ୍ର. ଶୈଳେନ୍ଦ୍ର ମହାପାତ୍ର, ସଦାଶିବ ନାୟକ, ରାଧାବିନୋଦ ନାୟକ, ରାମଚନ୍ଦ୍ର ନାୟକ, ଅଧ୍ୟାପକ ବିଶ୍ୱରଞ୍ଜନ, ଦିଗମ୍ବର ମହାନ୍ତି, ଶେଖ୍ ମହମ୍ମଦ ଫାରୁକ୍, ରବିନାରାୟଣ ସେନାପତି, ଗଣେଶ ପ୍ରସାଦ କରଶର୍ମା, ସଦାନନ୍ଦ ଦୀକ୍ଷିତ, ବ୍ରଜମୋହନ ମିଶ୍ର, ଶଶଧର ଦାସ, ବିଜୟ ନାୟକ, ରମେଶ ଦାସ, କ୍ଷୀରୋଦ କୁମାର ସାମଲ, ସବିତା ଆଚାର୍ଯ୍ୟ ଓ ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ। ଏଇ ଲେଖକମାନଙ୍କ ମଧ୍ୟରୁ ଅନେକ ଥିଲେ ସନାତନଙ୍କ ଶିକ୍ଷାଗୁରୁ। ଗୁରୁଙ୍କ ସମ୍ପର୍କରେ ସ୍ୱାମୀ ବିବେକାନନ୍ଦ କହିଛନ୍ତି: "To carry out the commands of the guru without the least hesitation is the secret of success in life and there is no other way to follow." ଏହି ଆଲୋକରେ ସନାତନଙ୍କ ଜୀବନ, ଶିକ୍ଷକତା ଓ ସଂସ୍କୃତି-ସେବାକୁ ଦେଖିଛନ୍ତି ଗ୍ରନ୍ଥର ପ୍ରବୀଣ ଓ ନବୀନ ଲେଖିକାଲେଖକମାନେ। ପରିବାର ପରିଜନଙ୍କ ସ୍ମୃତିଚାରଣ ସାଙ୍ଗକୁ ମହାନ୍ତିଙ୍କ ଜୀବନର ଛାପ ବହନ କରୁଥିବା ବହୁ ରଙ୍ଗିନ୍ ଫଟୋଚିତ୍ର ବହିଟିକୁ ସ୍ମରଣୀୟ କରିଛି।

### ଅନିର୍ବାଚିତ ସ୍ୱପ୍ନ




**କବି:** ରବିପ୍ରିୟ ଦାଶ
**ପ୍ରକାଶକ:** ସମନ୍ୱୟ, ବାଲୁଗାଁ, ଖୋର୍ଦ୍ଧା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ରବିପ୍ରିୟ ଜୀବନବାଦୀ କବି। ଭାଷା ତାଙ୍କର ବୋଲ ମାନେ। ଆଲୋଚ୍ୟ କବିତା ବହିର ପ୍ରଚ୍ଛଦପଟରେ ସ୍ଥାନିତ ଲେଖାଟି ଭିତରେ ଧରାଦିଏ ତାଙ୍କ କବି ଜୀବନ: "ଘଟିଥିବା ଘଟଣା ଅନେକ ସମୟରେ ସ୍ୱପ୍ନ ପାଲଟେ। କିଛିକିଛି ମନେରୁହେ, ଅନେକ ମନେପଡ଼େନି। ଆଖି ଖୋଲି ଦେଖିଥିବା ଅନିର୍ବାଚିତ ସ୍ୱପ୍ନସବୁ ଜୀବନତମାମ ହୃଦୟକୁ ଜାବୁଡ଼ି ଧରିଥା'ନ୍ତି।" କିଏ ଲେଖିଥିବେ ଯାକୁ, ଯଦି ଲେଖି ନ ଥା'ନ୍ତି ନିଜେ ରବିବାବୁ! 'ପ୍ରେମିକାର ହସ୍ତାକ୍ଷର' ଶୀର୍ଷକ କବିତାର ଏକ ଅଂଶ ଏହିପରି: "କେବେକେବେ/ ପଣତରେ/ ଲୁହ ପୋଛିବାର/ ସମୟ ମିଳେ/ ସ୍ମୃତି ଛଳଛଳ/ ପ୍ରତିଶ୍ରୁତିକୁ/ ଜିଇ ରହିବାର/ ଦୀର୍ଘ ରାସ୍ତା ଉପରେ/ ଓହ୍ଲେଇ ଦେଇ/ ଏକ୍‌ଲା ଫେରେ ଜୀବନ।" ବହିଯାକର କବିତାରେ ଜୀବନର ନାନା ବିସ୍ମୟ ଓ ବିଡ଼ମ୍ବନାକୁ କବି ରୂପ ଦେଇଛନ୍ତି ସୂଚନାତ୍ମକ ଭାବେ। କେତେବେଳେ "ଅବିଶ୍ୱାସର ବଳୟ ଭିତରେ/ ଛଟପଟ ହୁଏ/ ହତଭାଗ୍ୟର ମନ" ତ କେତେବେଳେ "ପ୍ରତାରିତ ସମ୍ମୋହନ/ ଛୁଇଁ ପାରେ ନାହିଁ/ ଭଲ ପାଉଥିବା ଆଖି"। ଜୀବନ ତାଙ୍କର ଏକ କାହାଣୀ ପରି ପ୍ରଲମ୍ବିତ ଓ ଅଛିଣ୍ଡା। ଖୁବ୍ କମ୍ ଶବ୍ଦର ବ୍ୟବହାର କରି ଏତେ ସଫଳ କବିତା ଯେ ଲେଖିହୁଏ, ରବିପ୍ରିୟଙ୍କୁ ନ ପଢ଼ିଲେ କ୍ୱଚିତ୍ ବୁଝିହୁଏ। ବହିରେ ଥିବା 'ହସୁଥିବା ଝିଅ', 'ଲୁହରେ ବି ଦେଖାଯାଏ ନଇବଢ଼ି', 'ଓଭରବ୍ରିଜ୍', 'ସକାଳ ଅପେକ୍ଷାରେ', 'ଅଚିହ୍ନା ସହର' ଓ 'ପ୍ରେମିକାର ଗାଁ' ସାଙ୍ଗକୁ ଶୀର୍ଷକ କବିତା 'ଅନିର୍ବାଚିତ ସ୍ୱପ୍ନ' ସମକାଳର କବିମାନଙ୍କ ଧାଡ଼ିରେ ତାଙ୍କୁ ଅଲଗା କରି ଚିହ୍ନେଇ ଦିଏ।

## ବିଡ଼ମ୍ବନା

ଲଘୁ ଗଳ୍ପ

ଅନୁଲିପ୍ତା ମିଶ୍ର

ନେତି ଖୁଡ଼ୀଙ୍କ ବୋହୂର ଝିଅ ହେଇଛି ଶୁଣି କନକ ମାଉସୀ ନାକଟେକିଲେ। ମଲା... ଝିଅଟାଏ ହେଲା କହି ମୁହଁ ଛିଞ୍ଚାଡ଼ିଲେ।

କଥା କ'ଣ କି କନକ ମାଉସୀଙ୍କ ସାନପୁଅର ଛଅ ମାସ ହେଲାଣି ପୁଅଟିଏ ହେଇଛି ଅର୍ଥାତ୍ କନକ ମାଉସୀଙ୍କର ନାତି ହେଇଛି... ଯଦିଓ ମାଉସୀ ଏଯାଏଁ ନାତିର ମୁହଁ ଦେଖିବାର ସୁଯୋଗ ପାଇନାହାନ୍ତି। ଦେଖିବେ ବା କେମିତି?

ପୁଅ, ବୋହୂ ତ ବାହାରେ ରହିଲେ। ବର୍ଷକରେ ଥରେ ଘରକୁ ଆସିବା କଷ୍ଟ। ଅବଶ୍ୟ ମାଉସୀ ନାତି ହେବା ଖୁସିରେ କଲୋନୀସାରା ଲୋକଙ୍କୁ ମିଠା ବାଣ୍ଟିଥିଲେ। ଭାବିଥିଲେ ନାତିର ଏକୋଇଶିଆ ପୂଜା ଖୁବ୍ ଧୁମ୍‌ଧାମ୍‌ରେ କରିବେ। ହେଲେ ପୁଅ, ବୋହୂ ବଡ଼ ହୋଟେଲରେ ଏକୋଇଶିଆ ପାର୍ଟି ଦେବାରୁ ମାଉସୀଙ୍କ ଆଶାଟା ପୂରଣ ହେଇପାରିଲାନି। ମାଉସୀ ବିଚାରି ଗାଁ ମନ୍ଦିରରେ ଭୋଗ ଟିକେ କରି ଦୂରରେ ଥାଇ ନାତିର ଶୁଭ ମନାସିଲେ।

ମାଉସୀଙ୍କ ବଡ଼ପୁଅ ବି ବଡ଼ ଅଫିସର। ସହରରେ ବଡ଼ କୋଠାଘର ଖଣ୍ଡେ କରିଛନ୍ତି। ହେଲେ ସେ ବଡ଼ଘରେ ମାଉସୀଙ୍କ ପାଇଁ ଛୋଟ ବଖରାଟିଏ ହେଇପାରିଲାନି ବୋଲି ମାଉସୀ ଯାହା ବଡ଼ପୁଅ ପାଖରେ ରହିପାରିଲେନି। ଅବଶ୍ୟ ମାଉସୀ ଥରେ ଦୁଇଥର ପୁଅ ପାଖକୁ ଯାଇଛନ୍ତି। କିନ୍ତୁ କେଜାଣି କାହିଁକି ଚାରିଦିନ ପାଇଁ ଯାଇ ଦିନ ଗୋଟାଏ ବି ନ ରହି ଛାଟିପିଟି ହେଇ ପଳେଇଆସନ୍ତି।

କିଛିଦିନ ତଳେ ମାଉସୀଙ୍କର ସାଂଘାତିକ ଦେହ ଖରାପ ହେଲା। ବିଛଣାରୁ ଉଠିଲେନି ମାଉସୀ। ଗାଁ ଲୋକ ଦୁଇପୁଅଙ୍କୁ ଖବର ଦେଲେ। ହେଲେ ପୁଅମାନଙ୍କ ପାଖରେ ସମୟର ଘୋର ଅଭାବ। କେମିତି ଆସିଥାନ୍ତେ ଯେ! ଗାଁ ଲୋକେ ବାଧ ହୋଇ ମାଉସୀଙ୍କ ଝିଅ ପାଖକୁ ଖବର ଦେଲେ।

ମା' ଦେହ ଖରାପ ଶୁଣି ଝିଅ ସାଙ୍ଗେସାଙ୍ଗେ ବସିବା ଜାଗାରୁ ଉଠି ଆସିଲା। ମାଉସୀଙ୍କୁ ଡାକ୍ତର ଦେଖେଇ ଚାରି ପାଞ୍ଚଦିନ ପାଖରେ ରହି ସେବାଯତ୍ନ କଲା। ମାଉସୀ ଝିଅର ସେବା ଶୁଶ୍ରୂଷା ପାଇ ଅଳ୍ପଦିନେ ବିଛଣାରୁ ଉଠିବସିଲେ। ଏବେ ଝିଅ ମାସେ, ଦୁଇମାସରେ ଥରେ ଆସି ବୁଢ଼ୀ ମା'କୁ ଦେଖି ମା'ର ସୁବିଧା ଅସୁବିଧା ବୁଝିଦେଇଯାଏ।

କିନ୍ତୁ ବିଡ଼ମ୍ବନା ଏଇୟା ଯେ, ଆଜି ସକାଳୁ ସକାଳୁ ମାଉସୀ ତାଙ୍କ ଝିଅକୁ ଫୋନ୍ କରି ନାକ ଟେକି, ମୁହଁ ଆମ୍ବିଳା କରି କହୁଥିଲେ, 'ଜାଣିଲୁ, ନେତିଖୁଡ଼ୀ ବୋହୂର ଝିଅଟାଏ ହେଇଛି...।'

ମାଉସୀଙ୍କ କଥାରୁ ଏମିତି ଲାଗୁଥିଲା, ନେତିଖୁଡ଼ୀ ବୋହୂ ଝିଅ ଜନ୍ମ କରିନି ଯେ ଯେମିତି ପାପଟାଏ କରିପକେଇଛି!

ମୋ: ୯୯୩୮୪୦୦୨୦୫

## କାଳକାଳକୁ



"ମଝି ରାତିରେ ଉଠିପଡ଼ି ତମେ ଯାହା ଲେଖ, ତହିଁରେ କିଛି ବଦଳାଇବାର ନ ଥାଏ।"

- ସଲ ବେଲୋ

**ସଲ ବେଲୋଙ୍କ** ଜନ୍ମ ୧୦ ଜୁନ୍ ୧୯୧୫ରେ, କାନାଡ଼ାର ଲେଚିନ୍‌ଠାରେ ଓ ପରଲୋକ ୫ ଏପ୍ରିଲ ୨୦୦୫ରେ ଆମେରିକାର ବ୍ରୁକ୍‌ଲିନ୍‌ରେ। ପୃଥିବୀ ପ୍ରସିଦ୍ଧ ଏହି ଲେଖକଙ୍କର କେତୋଟି ଅତି ଚର୍ଚ୍ଚିତ ବହି ହେଲା- 'Seize the Day' (୧୯୫୬), 'The Victim' (୧୯୪୭), 'Dangling Man' (୧୯୪୪), 'More Die of Heartbreak (୧୯୮୭) ଓ 'The Actual: A Novella' (୧୯୯୭)। ବିଶ୍ୱ ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ମିଳିଛି ପୁଲିଜର୍ ପ୍ରାଇଜ୍, ନୋବେଲ ପୁରସ୍କାର ଓ 'ନ୍ୟାଶନାଲ ମେଡାଲ ଅଫ୍ ଆର୍ଟସ'। ସେ କହନ୍ତି: 'ବିଜନତାକୁ ମୁଁ ଭଲପାଏ, କିନ୍ତୁ ସାଙ୍ଗରେ କେହି ଥିଲେ ଯାଇ ତାକୁ ମୁଁ ତାରିଫ୍ କରିପାରେ।'

## ଭୋକ

ବିଶେଷ ଗଳ୍ପ

ଶରତ କୁମାର ରାଉତ

ଡମନ୍ ଗଣ୍ଡର ଅକାଳ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ମୃତ୍ୟୁ ଅନାହାରଜନିତ କି ସ୍ୱାସ୍ଥ୍ୟ ସମସ୍ୟାଜନିତ କି ଦୁର୍ଘଟଣାଜନିତ, ଏହା ହିଁ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ଥିଲା। ଅନାହାରଜନିତ ମୃତ୍ୟୁ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କିନ୍ତୁ ଜିଲା ପ୍ରଶାସନ ଏହି ଅଭିଯୋଗକୁ ଅସ୍ୱୀକାର କରୁଥିଲା। ତଥାପି ରାଜଧାନୀ ରାଜନୀତି ଚଳଚଞ୍ଚଳ ହୋଇଉଠିଥିଲା। ବିଧାନସଭା ଆଲୋଚନାରେ ଏ ଘଟଣା ପ୍ରମୁଖ ବିଷୟ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ଗୃହ କାର୍ଯ୍ୟକୁ ଅଚଳ କରିଦେଇଥିଲେ। ଶେଷରେ ଏହାର ବାସ୍ତବତା ଅନୁଧ୍ୟାନ ପାଇଁ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାସ୍ଥଳ ପରିଦର୍ଶନ ପାଇଁ ପାଞ୍ଚ ଜଣ ବିଧାୟକଙ୍କୁ ନେଇ ଏକ ଗୃହ କମିଟି ଗଠନ କରାଯାଇଥିଲା।

ଏକ ଦୁର୍ଗମ ଆଦିବାସୀ ଅଞ୍ଚଳରେ ଡମନ୍‌ର ଗାଁ ସିରାଗୁଡ଼ା। ସ୍ତ୍ରୀ ଲଚ୍ଛମା, ତିନି ଝିଅ ଓ ଦୁଇ ପୁଅକୁ ନେଇ ତା'ର ସଂସାର। ମୂଲ ଖଟି ପରିବାର ଚଳାଏ। ଯେଉଁଦିନ ତା' ଦେହ ଖରାପ ରୁହେ କି କାମଧନ୍ଦା ନ ମିଳେ, ସେଦିନ ସେ ଓ ତା' ପରିବାର ଅନାହାରରେ ରୁହନ୍ତି। ସରକାରୀ ସେବା ଓ ସୁବିଧା ସୁଯୋଗ ମିଳିବା ବିଷୟରେ ସେ କିଛି ଜାଣେନା। କେବଳ ଥରେ ସରକାରୀ ବାବୁମାନେ ତା' ପାଖକୁ ଆସିଥିଲେ। ସେମାନଙ୍କୁ ସେ ଶହେ ଟଙ୍କା ଦେଲେ ତା'କୁ ସବୁ ସରକାରୀ ସୁବିଧା ମିଳିବ ବୋଲି ବାବୁମାନେ କହିଥିଲେ। ଏପରିକି ତା'ର ଅବସ୍ଥା ଦେଖି ବାବୁମାନେ ତା' ପାଇଁ ଗୋଟିଏ ସପ୍ତାହ ସମୟ ଦେଇଥିଲେ। ତଥାପି ଡମନ୍ ସେମାନଙ୍କୁ ଶହେ ଟଙ୍କା ଦେଇ ପାରି ନ ଥିଲା ଓ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଗଲା!

ଏବର୍ଷ ଭୟଙ୍କର ମରୁଡ଼ି ଯୋଗୁ ଆଦୌ ଫସଲ ନ ଥିଲା କି କାମଧନ୍ଦା ମିଳୁ ନଥିଲା। ତିନିଦିନ ଧରି ସେ ଓ ତା' ପରିବାର ଅନାହାରରେ ରହିଲେ। ପରଦିନ ଭୋକ ଦାଉରୁ ରକ୍ଷା ପାଇବା ପାଇଁ ତା' ପରିବାରର ସମସ୍ତେ ଆଦିବାସୀ ପରମ୍ପରା ଭଳି କିଛି ଚାକୁଣ୍ଡା ପତ୍ର ସିଝାଇ ଖାଇଲେ। ଆଉ ସକାଳେ ଡମନ୍ ମରି ପଡ଼ିଥିଲା! ଏ ଖବର ଚାରିଆଡ଼େ ପ୍ରଚାରିତ ହେବା ପରେ ଦୁଇ ଦିନ ଧରି ସାମ୍ବାଦିକ, କୁଜି ନେତା ଓ ଜିଲା ତଥା ବ୍ଲକ୍ ପ୍ରଶାସନର ବାବୁମାନେ ସିରାଗୁଡ଼ା ଗାଁକୁ ଆସିବାରେ ଲାଗିଲେ। ସରପଞ୍ଚ ଓ ୱାର୍ଡ଼ ମେମ୍ବର ଡମନ୍ ଘରେ ଡେରା ପକାଇ ରହିଲେ ଓ ଲଚ୍ଛମାକୁ ବୁଝାଶୁଝା କଲେ।

ଡମନ୍ ମୃତ୍ୟୁର ଚତୁର୍ଥ ଦିନରେ ବିଧାୟକ ଦଳର ଗୃହ କମିଟି ସିରାଗୁଡ଼ାରେ ପହଞ୍ଚିଲେ। ନିର୍ଦ୍ଧାରିତ ଔପଚାରିକତା ପରେ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁ ଡମନ୍‌ର ମୃତ୍ୟୁ ହୋଇଥିବା ଜିଲାପାଳ ଗୃହ କମିଟି ପାଖରେ ଦାବି କଲେ। ସେ କହିଲେ ଯେ, ଡମନ୍ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସରକାର ଜାଣନ୍ତି ଓ ତା'କୁ ନିର୍ଦ୍ଧାରିତ ସରକାରୀ ସେବା-ସୁବିଧା ଯୋଗାଇ ଦିଆଯାଇଆସୁଛି!

ସଙ୍ଗେ ସଙ୍ଗେ ଗୃହ କମିଟି ପାଖକୁ ଲଚ୍ଛମାକୁ ଡକାଗଲା। ସେ କାନ୍ଦି କାନ୍ଦି କହିଲା, "ଆମେ ୟା' ଭିତରେ କେବେ ବି ଓପାସ ରହିନାହୁଁ! ଆମକୁ ସବୁ ସରକାରୀ ସୁବିଧା ମିଳେ! ଚାରି ଦିନ ତଳେ ମୋ ଅଣ୍ଡିରାକୁ ଡାଇରିଆ ହେଲା! ଏଏନ୍‌ଏମ୍ ଦିଦି ଆମ ଘରକୁ ଆସି ଦେଖିଲେ, ଆଉ କହିଲେ, "ମୁଁ ଏବେ କିଛି ଔଷଧ ଧରିନି, କାହାକୁ ମୋ' ସାଙ୍ଗରେ ପଠା, ଉପ-ସ୍ୱାସ୍ଥ୍ୟକେନ୍ଦ୍ରରୁ ଓଆର୍‌ଏସ୍ ଏବଂ ଔଷଧ ଦେବି! ଆଉ ସେଦିନ ରାତିରେ ହିଁ ମୋ' ଅଣ୍ଡିରା ମରିଗଲା!"

ୟା' ଭିତରେ କେତେକ ସାମ୍ବାଦିକ ଓ ଅନ୍ୟମାନେ ୱାର୍ଡ଼ ମେମ୍ବରଙ୍କ ସହିତ ତା' ଘର ଭିତରକୁ ଯାଇ ତନଖି କରି ସାରିଥିଲେ ଓ ତା' ପରିବାର ପାଇଁ ଆବଶ୍ୟକତା ଅନୁଯାୟୀ ପନ୍ଦର କୋଡ଼ିଏ ଦିନ ଖାଇବା ଭଳି ଚାଉଳ, ରୋଷେଇ ସାମଗ୍ରୀ ଆଦି ଦେଖିବାକୁ ପାଇଥିଲେ!

କମିଟିର ସୁପାରିସ କ୍ରମେ ଏଏନ୍‌ଏମ୍ ଦିଦିଙ୍କୁ କର୍ତ୍ତବ୍ୟରେ ଅବହେଳା ଯୋଗୁ କାର୍ଯ୍ୟରୁ ବହିଷ୍କାର ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଲେ! ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ସରପଞ୍ଚ, ୱାର୍ଡ଼ ମେମ୍ବର ଓ ସଚେତନଶୀଳ ଲୋକେ ସରକାରୀ ନିଷ୍ପତ୍ତିକୁ ବିରୋଧ କରିବାକୁ ଚାହିଁଥିଲେ ମଧ୍ୟ କିଛି କରିପାରିଲେ ନାହିଁ! ବାଧ୍ୟ ଶିଶୁ ଭଳି ସମସ୍ତେ ଏଇ ନିଷ୍ପତ୍ତିରେ ନିଜ ସମ୍ମତିର ମୋହର ଲଗାଇଦେଲେ। ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରୀ ଶାସନ ବ୍ୟବସ୍ଥା, ଏହାର କାର୍ଯ୍ୟକାରୀ ପ୍ରକ୍ରିୟା ଓ ପରିଣତିକୁ ନେଇ ସେମାନେ ନିଜ ନିଜ ଭିତରେ ଗଭୀର ସମୀକ୍ଷା କରୁଥିଲେ ଓ କ୍ଷୋଭ ପ୍ରକାଶ କରୁଥିଲେ।

ମୋ: ୯୩୩୭୩୬୯୪୪୮



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


Canon
Delighting You Always
PRINT BRILLIANT PHOTOS THAT IMITATE
REAL LIFE
PIXMA 6 COLOUR INK TANK PHOTO PRINTERS
IDEAL FOR HOME, PHOTO & DESIGN STUDIOS
PIXMA G670
PRINT SCAN COPY
MRP ₹ 24 800.00/U incl. of all taxes
₹1.48 PER PRINT**
10.2 X 15.2 cm (4X6) PHOTOS
3800 PRINTS
HIGH PHOTO YIELD*
Also Available
PIXMA G570 PRINT ONLY
MRP ₹ 19 490.00/U incl. of all taxes
SCAN TO EXPLORE
Visit: in.canon | Follow Canon India on
Follow canonindia_official on
Available at Canon PIXMA ZONE : Bhubaneswar-Tanisha e world-8114791595,Cyberian Informatics-9778201990,The gadget zone-9437286332,E mart for you-9437342104, Gupta Distributors- 8328964875
Available at Canon Authorised Resellers: Bhubaneswar-IT care-9338811269,Laptop Gallery-9337363138,Nigama computech-9937017235,IT Clinic-9861147181, IT Rose-9338213147, Time Computer-9938413217,Laser Hospital-9437066882, Mudli Infotech and Services- 8093323624, Swapna Electricals and Electronics- 8908402393, The Computer House- 9438294666
Available at: Amazon & Flipkart
Disclaimer: *Print yield ( Photo size 5.08cm x 10.16cm (4inx6in) is the estimate value based on Canon individual test method using ISO/IEC 29103 chart under ideal print conditions and continuous printing simulation with the replacement set of ink bottle. Mentioned print yield is from the replacement set of 6 ink bottles (GY/C/M/Y/R/BK) and not from the set of ink bottles provided inside the Printer box along with the Printer. Each bottle contains 60 ml of ink. **MRP of each Cyan, Magenta, Yellow, Black, Grey, Red ink bottle is INR 939.00. The print cost (color on 5.08cm x 10.16cm (4inx6in) Canon PP-201) would be - INR 1.48 per print Calculation: Current MRP of all 6 color ink bottles / Yield i.e. (939.00 x 6) / 3800 = INR 1.48263 = INR 1.48. For complete details, please visit https://in.canon/en/consumer/web/terms-and-condtion-for-g-series-printers
25 DELIGHTFUL YEARS IN INDIA

**ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସମାବେଶ**

ପୁରୀ ଅଫିସ- ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ଚାଳିଶି ବାଟିଆ ପଞ୍ଚାୟତସ୍ଥିତ ମା' ଭାଲେଶ୍ୱରୀ ହାଟଠାରେ ଆୟୋଜିତ ରଜ ମହୋତ୍ସବ ଉପଲକ୍ଷେ ସଂକୀର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ୩୦ଟି ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ସର୍ବେଶ୍ୱର ସ୍ୱାଇଁ, ସମ୍ପାଦକ ସତ୍ୟପ୍ରିୟ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ପଲେଇ, ସାଗର ପଲେଇ, ମହେନ୍ଦ୍ର ପ୍ରଧାନ, ମାଗା ବରାଳ, ଧଡେଶ୍ୱର ପାତ୍ର, ମାଧବ ଜେନାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୁରୀ ସଦର ସଂକୀର୍ତ୍ତନ ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରଥଯାତ୍ରା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ସ୍ଥିତି ସମୀକ୍ଷା

- ଲୁହା ବିମ୍ ମରାମତି ବଦଳରେ ଢେରାରେ କାମଚଳା
- ଆଡ଼ପ ଅବଢ଼ାର ଦର ନିର୍ଦ୍ଧାରଣ ପାଇଁ ଦାବି

**ପୁରୀ ଅଫିସ,୧୭।୬:**

ରଥଯାତ୍ରା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରର ସ୍ଥିତି ସମୀକ୍ଷା ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଦଇତାପତି ନିଯୋଗ ଓ ପରିଚାଳନା କମିଟି ସଦସ୍ୟମାନେ ଶୁକ୍ରବାର ଶ୍ରୀଗୁଣ୍ଡିଚା ମନ୍ଦିର ଭିତରକୁ ଯାଇ ବିଭିନ୍ନ କାର୍ଯ୍ୟର ବ୍ୟବସ୍ଥାକୁ ଅନୁଧ୍ୟାନ କରିଛନ୍ତି। ମନ୍ଦିର ଭିତରେ ରୋଷଘର ନିକଟସ୍ଥ ଦକ୍ଷିଣଦ୍ୱାର ଉପରେ ଥିବା ୪ ଲୁହା ବିମ୍ ମଧ୍ୟରୁ ଗୋଟିଏ ପ୍ରାୟତଃ ନଷ୍ଟ ହୋଇଯାଇଛି। ଏହାକୁ ମରାମତି କରିବା ପାଇଁ ବର୍ତ୍ତମାନ ପ୍ରଶାସନ ପାଖରେ ସମୟ ନାହିଁ। ଏଣୁ ଢେରା ଦେଇ ବିମ୍‌କୁ ସୁରକ୍ଷିତ ରଖାଯିବ ଓ ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ସରିଲେ, ମରାମତି କାମ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଶ୍ରୀଗୁଣ୍ଡିଚା ମନ୍ଦିର ରଙ୍ଗ ଓ ମରାମତି କାର୍ଯ୍ୟ ଚାଲିଛି। ସବୁ ମରାମତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଗହଳି ହେବ। କିଭଳି ଭାବେ ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ମିଳିପାରିବ ସେନେଇ ପ୍ରଶାସନିକ ସ୍ତରରେ ଆଲୋଚନା ହେଉଛି। ଦଇତାପତିମାନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି। ରଥ ଯାତ୍ରାରେ ପହଣ୍ଡି, ପାରମାଣିକ ଦର୍ଶନ, ଭକ୍ତଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ମହାପ୍ରସାଦ ବିକ୍ରି ସମ୍ପର୍କରେ ଆଲୋଚନା ହୋଇଛି। ପୋଲିସ ବ୍ୟବସ୍ଥା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ଗୁଣ୍ଡିଚାମନ୍ଦିର ଭିତରେ ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଇ ତିନି ଦିନରେ ଶେଷ ହେବ ବୋଲି ପୁରୀ ଜିଲାପାଳ ସମର୍ଥ ବର୍ମା କହିଛନ୍ତି।

ଦଇତାପତି ରାମକୃଷ୍ଣଦାସ ମହାପାତ୍ର କହିଛନ୍ତି, ଚଳିତବର୍ଷ ଭକ୍ତଙ୍କ ଗହଣରେ ସ୍ନାନପୂର୍ଣ୍ଣିମା ହୋଇଥିବାବେଳେ ଭିଡ଼କୁ ଦେଖି ଶ୍ରୀଗୁଣ୍ଡିଚା ମନ୍ଦିରରେ ହେବାକୁ ଥିବା ଗହଳିକୁ ଅନୁମାନ କରାଯାଇପାରୁଛି। ଶ୍ରଦ୍ଧାଳୁ ଖରାରୁ ରକ୍ଷା ପାଇବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଏକ ଶେଡ୍ ବ୍ୟବସ୍ଥା କରାଯିବ। ଦଇତାପତି ନିଯୋଗ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କାର୍ଯ୍ୟ କରିବେ। ସେନେଇ ବିସ୍ତୃତରେ ଆଲୋଚନା ହୋଇଛି। ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ମହାପ୍ରସାଦ ବିକ୍ରି କେବଳ ଆନନ୍ଦବଜାରରେ ହେବ। ମନଇଚ୍ଛା ପିଣ୍ଡିରେ କିମ୍ବା ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ମହାପ୍ରସାଦ ବିକ୍ରି କରାଯାଇପାରିବ ନାହିଁ। ସେହିଭଳି ପାରମାଣିକ ଦର୍ଶନ ଟିକେଟ୍‌ର ମୂଲ୍ୟ ଅପରିବର୍ତ୍ତିତ ରହିଛି। ସାହାଣମେଲା ଓ ପାରମାଣିକ ଦର୍ଶନ କିଭଳି ସୁପରିଚାଳିତ ହୋଇପାରିବ ସେନେଇ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ସେହିଭଳି ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ବ୍ୟାପକ ପ୍ରସ୍ତୁତି କରାଯିବ। ସିସିଟିଭି ପାଇଁ ସ୍ଥାନ ଚିହ୍ନଟ ହେଉଛି। କେଉଁ ସ୍ଥାନରେ କେତେ ସଂଖ୍ୟକ ପୋଲିସ ଅଧିକାରୀ ଓ କର୍ମଚାରୀ ମୁତୟନ ହେବେ ତାହା ଚୂଡ଼ାନ୍ତ ହେଉଛି। ଅନ୍ୟପକ୍ଷେ ମହାପ୍ରଭୁଙ୍କ ଆଡ଼ପ ମଣ୍ଡପରେ ମହାପ୍ରସାଦ ଦର ଆକାଶଛୁଆଁ ହୋଇଥାଏ। ମହାପ୍ରସାଦର ନିର୍ଦ୍ଦିଷ୍ଟ ଦର ନିର୍ଦ୍ଧାରଣ ହୋଇ ନ ଥିବା ହେତୁ ସେବାୟତମାନେ ମନଇଚ୍ଛା ଦର ନିଅନ୍ତି। ଦୀର୍ଘଦିନ ପରେ ଭକ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଅବଢ଼ା ସେବନ କରିବେ। ଏଣୁ ନିର୍ଦ୍ଦିଷ୍ଟ ଦର ନିର୍ଦ୍ଧାରଣ କରି ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ ଦିଆଯାଉ। ମହାପ୍ରସାଦ ସେବନ ପାଇଁ ଭକ୍ତ ବହୁ ଦୂର ଦୂରାନ୍ତରୁ ଆସୁଛନ୍ତି ବୋଲି ଭାଜପା ଯୁବ ମୋର୍ଚ୍ଚା ପୁରୀ ଜିଲା ସଭାପତି ଜୟନ୍ତ କୁମାର ଦାଶ ଦାବି କରିଛନ୍ତି।



ନୀଳାଦ୍ରି କଲଚରାଲ ଏକାଡେମୀ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ୨୦ତମ ରଜ ମହୋତ୍ସବ ଶୁକ୍ରବାର ଉଦ୍‌ଯାପନ ଅବସରରେ ଏକାଡେମୀ ପକ୍ଷରୁ ପରିବେଷିତ ନାଟକ 'ସିନ୍ଦୂର ହେଲା ସଉତୁଣୀ' ର ଏକ ଦୃଶ୍ୟ।

## ସଂକ୍ଷେପରେ

### ବଟି ମାଗି ୩ ଗିରଫ

ପୁରୀ ଅଫିସ,୧୭।୬- ବଟି ମାଗିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଥାନା ଅନ୍ତର୍ଗତ ପତିତପାବନ ଲେନ୍‌ର କାହ୍ନା ବେହେରା (୨୮)। ପୋଲିସ ଏ ନେଇ ନଂ ୧୭୦/୨୨ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, କାହ୍ନା ବଡଶଙ୍ଖ ନିକଟ ପରିବା ମାର୍କେଟରେ ଥିବା ଦୋକାନୀଙ୍କଠାରୁ ବଟି ମାଗୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେହିପରି ବାସେଳି ସାହି ଥାନା ଅଞ୍ଚଳରେ ବଟି ଆଦାୟ କରିବା ଅଭିଯୋଗରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳିଆପଣ୍ଡା ଥାନା ବଡ଼ିମା ସାହିର ଅଜୟ ପ୍ରଧାନ (୩୬) ଏବଂ ବିଜୟ ପ୍ରଧାନ (୪୨)। ସେମାନଙ୍କ ନିକଟରୁ ଗୋଟିଏ ଛୁରି, ଗୋଟିଏ ଲାଠି ଏବଂ ନଗଦ ୨ହଜାର ୨୦୦ ଟଙ୍କା ଜବତ କରିଛି। ପୋଲିସ ଏ ନେଇ ନଂ. ୧୪୨/୨୨ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ଫାଦର ସ୍କୁଲ ନିକଟରେ ହତିଆର ଦେଖାଇ ବିଭିନ୍ନ ଯାତ୍ରୀବାହୀ ଗାଡିଠାରୁ ବଟି ଆଦାୟ କରୁଥିଲେ।

### ଛତୁ ବିହନ ଉତ୍ପାଦନ ପ୍ରଶିକ୍ଷଣ ଶିବିର

ପିପିଲି,୧୭।୬(ଡି.ଏନ୍.ଏ.): ଜଇସପାଟଣାରେ ଥିବା ରଶ୍ମିରେଖା ଛତୁ ଉତ୍ପାଦନ କେନ୍ଦ୍ର ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆଇସିଆଇସି ଫାଉଣ୍ଡେଶନ (ମୁମ୍ବାଇ)ର ମିଳିତ ଆନୁକୂଲ୍ୟରେ ହୋଇଥିବା ୬ ଦିନିଆ ଛତୁ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ସାମାଜିକ କର୍ମୀ ସୁଦର୍ଶନ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତପନ ଦାଶ ଯୋଗଦେଇଥିଲେ। ଶିବିରରେ କୋରାପୁଟ, କଳାହାଣ୍ଡି, କେନ୍ଦୁଝର, ରାୟଗଡା ଓ କନ୍ଧମାଳରୁ ୧୫ ଜଣ ଯୁବତୀ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ରଶ୍ମିରେଖା ଛତୁ ଫାର୍ମର ନିର୍ଦ୍ଦେଶକ ସଞ୍ଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଗୋବିନ୍ଦ ମହାରଣା ଶିକ୍ଷାଦାନ ଦେଉଥିଲେ। ଯୁବତୀ ଯୁବକଙ୍କୁ ଛତୁ ଚାଷ ଉପରେ ଧାରଣା ଦେବା ସହ ସ୍ୱାବଲମ୍ବୀ ହେବା ପାଇଁ ଅତିଥିମାନେ ଉପଦେଶ ଦେବା ସହ ସେମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

### ପୁନଃ ତଦନ୍ତ ଦାବି କଲେ ପୂର୍ବତନ ବିଧାୟକ

ଗୋପ,୧୭।୬(ଡି.ଏନ୍.ଏ.)- ଗୋପ ବ୍ଲକ ଅଧୀନ ବଉଲାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟର ପୁରୁଣା ଘର ଭଙ୍ଗାକୁ ନେଇ ଉତ୍ତେଜନା ଦେଖାଦେଇଛି। ଗୁରୁବାର ଭଙ୍ଗାଯିବା ବେଳେ ଏହା ବେଆଇନ ବୋଲି କହି ତଦନ୍ତ ଦାବିରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ବସିଥିଲେ। ତେବେ ଶୁକ୍ରବାର ମଧରେ କୌଣସି ନିଷ୍ପତ୍ତି ନିଆ ନ ଯିବାରୁ ପୁଣି ପୂର୍ବତନ ବିଧାୟକ ମଲ୍ଲିକ ପୁନଃ ତଦନ୍ତ ଦାବିନେଇ ବିଡିଓଙ୍କୁ ଜଣାଇଛନ୍ତି। ପ୍ରକାଶ ଯେ, ବଉଲାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟର ପୁରୁଣା ଗୃହକୁ ସରପଞ୍ଚ ସରକାରୀ ନିୟମ ମୁତାବକ ସିଏଫସି ଯୋଜନାରେ ଟଙ୍କା ଖର୍ଚ୍ଚ କରି ଭାଙ୍ଗିବା ପରେ ନୂତନ ଗୃହ ନିର୍ମାଣ କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ପଞ୍ଚାୟତର କେତେଜଣ ବ୍ୟକ୍ତି ଏହାକୁ ବିରୋଧ କରି ବନ୍ଦ କରିବା ପାଇଁ ଗୁରୁବାର ବିଡିଓଙ୍କୁ ଅଭିଯୋଗ ଦେଇଥିଲେ। ବିଡିଓ ଦୀପ୍ତିରାଣୀ ଦାସ ସଙ୍ଗେ ସଙ୍ଗେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ଘଟଣାସ୍ଥଳରେ ପରିସ୍ଥିତି ଉତ୍ତେଜନା ଦେଖାଦେଇଥିଲା। କିନ୍ତୁ ଶୁକ୍ରବାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ପୁନଃ ତଦନ୍ତ ପାଇଁ ଦାବି କରିବାରୁ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ବିଡିଓ କହିଥିଲେ। ଅପରପକ୍ଷେ ପଞ୍ଚାୟତ ଗୃହ ଭଙ୍ଗାକୁ ଉତ୍ତେଜନାକୁ ନେଇ ନୟାହାଟ ଫାଣ୍ଡିରେ ୨ଟି ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି।

# ୩୪ ଅଟୋ, ବସ୍‌କୁ ଜରିମାନା: ୬ ଅଟୋ ସିଜ୍

**କାଗଜପତ୍ର, ଦର ସାରଣୀ ନ ଥିଲେ ଗଡ଼ିବନି ଗାଡ଼ି**

**ପୁରୀ ଅଫିସ,୧୭।୬:**

ପୁରୀ ସହରରେ ପରିବହନ ବିଭାଗର ୩ଟି ଟିମ୍ ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରିଥିଲେ। ଅଟୋ ଓ ବସ୍‌କୁ ମିଶାଇ ୨ଶହ ଯାନବାହନକୁ ଯାଞ୍ଚ କରାଯାଇଥିବା ବେଳେ ୧୪ଟି ଅଟୋକୁ ଫାଇନ୍ କରାଯାଇଛି। ସେହିଭଳି ୬ଟି ଅଟୋକୁ ଆଞ୍ଚଳିକ ପରିବହନ ବିଭାଗ ସିଜ୍ କରିଛି। କାଗଜପତ୍ର ଠିକ ନ କରିବା ପର୍ଯ୍ୟନ୍ତ ରାସ୍ତାରେ ଅଟୋ ଚାଲିପାରିବ ନାହିଁ ବୋଲି ପରିବହନ ବିଭାଗ ସ୍ପଷ୍ଟ କରିଛି। ସେହିଭଳି ୨୦ଟି ବସ୍‌କୁ ୫ଶହରୁ ଊର୍ଦ୍ଧ୍ୱ ଟଙ୍କା ଲେଖାଏ ଜରିମାନା ଦେବାକୁ ପଡ଼ିଛି। ଏମାନେ ବସ୍‌ରେ ଦରସାରଣୀ ଲଗାଇ ନ ଥିଲେ ଓ ଚଢ଼ା ଦରରେ ଯାତ୍ରୀଙ୍କଠାରୁ ଭଡ଼ା ନେଉଥିଲେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ ସ୍ପଷ୍ଟ କରିଛନ୍ତି। ଗାଡ଼ିର କାଗଜପତ୍ର ନ ଥିଲେ ପୁରୀ ସହରରେ ଗାଡ଼ି ଗଡ଼ିପାରିବ ନାହିଁ ବୋଲି ସେ କହିଛନ୍ତି। ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଗମନାଗମନ ସେବା ଦେଉଥିବା ସବୁ ଗାଡ଼ିକୁ କ୍ରମାଗତ ଭାବେ ଚେକିଂ କରାଯିବ। ଦର ସାରଣୀ ଲଗାଇବା ସହ ଠିକ ଭଡ଼ା ନେବେ। ବିମା, ପଲ୍ୟୁଶନ ଭଳି ସମସ୍ତ ଦରକାରୀ କାଗଜପତ୍ର ସାଙ୍ଗରେ ରଖିବେ। ନଚେତ୍ ଜରିମାନା ଆଦାୟ ହେବ। ଉଲ୍ଲେଖଯୋଗ୍ୟ, ରଥଯାତ୍ରା ପାଇଁ ସ୍ନାନଯାତ୍ରାଠାରୁ ବସ୍ ଓ ଅଟୋରେ ଦର ସାରଣୀ ଲଗାଇବା ପାଇଁ ମାଲିକମାନଙ୍କୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ଆଇନତଃ ଦର ସାରଣୀ ଲଗାଇବା ବାଧ୍ୟତାମୂଳକ ହୋଇଥିଲ ମଧ୍ୟ କେହି ଲଗାଇ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଛି। ଏହି ଯାଞ୍ଚରେ ସୁଶାନ୍ତ ପାତ୍ର, ଅମିତ୍ ରଣା ଓ ବାମଦେବ ସାହୁ ପ୍ରମୁଖ ସାମିଲ ଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସ କର୍ମଚାରୀଙ୍କୁ ମଧ୍ୟ ସାଙ୍ଗରେ ରଖାଯାଇଥିଲା।

### ଯୋଗ ଦିବସରେ ଅମୃତ ଉତ୍ସବ

**ପୁରୀ ଅଫିସ,୧୭।୬:**

ଆସନ୍ତା ୨୧ରେ ହେବାକୁ ଥିବା ବିଶ୍ୱ ଯୋଗ ଦିବସ ଉପଲକ୍ଷେ ଘୋଡ଼ା ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ ମହୋତ୍ସବ ସମିତି ପକ୍ଷରୁ ଆଜାଦିକା ୭୫ତମ ଅମୃତ ମହୋତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହା ଉପଲକ୍ଷେ ଭାରତରେ ୭୫ ସ୍ଥାନ ଭିତରୁ ଓଡ଼ିଶାର ତିନୋଟି ସ୍ଥାନକୁ ଚୟନ କରାଯାଇଛି। ସେଥିମଧ୍ୟରେ ପୁରୀ ଜିଲାରୁ ୨ଟି ସ୍ଥାନ– କୋଣାର୍କ ଏବଂ ପୁରୀର ବ୍ଲୁ ଫ୍ଲାଗ ବିଚ୍‌କୁ ଚୟନ କରାଯାଇଛି। ୨୧ ତାରିଖ ଭୋର ୫ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ବ୍ଲୁ ଫ୍ଲାଗ ବିଚ୍‌ରେ ଯୋଗ କାର୍ଯ୍ୟକ୍ରମ ହେବ। ଏଥିରେ ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ନିଷ୍ପତ୍ତି ହୋଇଛି। ଏହି ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ମହେନ୍ଦ୍ର କୁମାର ପାଣ୍ଡେ ଯୋଗ ଦେବେ। ସକାଳ ୬ଟା ୪୦ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ଲାଇଭ୍ ଟେଲିକାଷ୍ଟ ହେବ। ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ, ଏସ୍‌ପିଙ୍କ ସମେତ ଜିଲାର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ପ୍ରସ୍ତୁତି ବୈଠକରେ ଯୋଗ ମହୋତ୍ସବ ସମିତିର ସମ୍ପାଦକ ଦିବାକର ହରିଚନ୍ଦନ, ସଶକ୍ତି ଜାଗରଣ ସେବା ସଂସ୍ଥାନର ସମ୍ପାଦକ ଶରତ ଜୟସିଂ, ଜିଲା କାର୍ଯ୍ୟବାହ ବାମଦେବ ନାୟକ, ସଂଘ ଚାଳକ ମନୋରଞ୍ଜନ ସାହୁ, ପ୍ରାନ୍ତ ସଦ୍‌ଭାବନା ପ୍ରମୁଖ ରାଜକିଶୋର ସାହୁ, ସର୍ବେଶ୍ୱର ବିଶୋଇ, ପ୍ରଫୁଲ୍ଲ କର, ପ୍ରତଞ୍ଜଳି ଯୋଗ ସମିତିର ସଦସ୍ୟ ଅଜୟ ପୃଷ୍ଟି, ଆରତୀ ନାୟକ, ସଂସ୍କାର ଭାରତୀର ବିକାଶ ଦତ୍ତ, ଶିକ୍ଷା ବିକାଶ ସମିତି, ଅଧିବକ୍ତା ପରିଷଦ, ଭାରତ ବିକାଶ ପରିଷଦ ବିଭିନ୍ନ ସଙ୍ଗଠନର ସଦସ୍ୟ ଯୋଗଦେଇଥିଲେ।

## ରଥଖଳାରୁ

# ୩ ରଥରେ ତୃତୀୟ ଭୂଇଁ ସଂଯୋଗ ସମ୍ପୂର୍ଣ୍ଣ



**ପୁରୀ ଅଫିସ,୧୭।୬**

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ତିନିରଥରେ ଗୋଟିଏ ଲେଖାଏ ଆଗଆଣି ଢମକ ବାଡ଼ିଆ ପରେ ତୃତୀୟ ଭୂଇଁ ସଂଯୋଗ ସମ୍ପୂର୍ଣ୍ଣ ହୋଇଛି। ଏହି ତୃତୀୟ ଭୂଇଁ ୪ଟି ଚଉତା ବର୍ଗାକାରରେ ସଂଯୋଗ ହୋଇ ଚାରି କୋଣରେ ୪ଟି ଭୂଇଁ ଗୋଡ଼ ଉଠିଛି। ଏହାପରେ ପ୍ରତି ଗୋଡ଼ ପାର୍ଶ୍ୱରେ ୬ଟି ଲେଖାଏ ଛିଆଣ ସଂଯୋଗ ହୋଇ ତୃତୀୟ ଭୂଇଁ ସମ୍ପୂର୍ଣ୍ଣ ହୋଇଛି। ତୃତୀୟ ଭୂଇଁ ସେଟିଂ ପରେ ବଡ ଧାରା ପୋଟଳ ଉଠିଛି। ଏଥିସହ ତିନିରଥର ପ୍ରଥମ ଭୂଇଁରେ କନକ ମୁଣ୍ଡି ନିର୍ମାଣ ଶେଷ ହୋଇ ବିନ୍ଧ ଖୋଦେଇ ବାକି ରହିଛି। ଏଥିସହ ତିନିରଥର ୪ଟି ଲେଖାଏ ଧ୍ୱଜବତା ନିର୍ମାଣ ସରିଛି। ଏହା ଦୁଆର ବେଢ଼ା ସେଟିଂ ପାଇଁ ଦ୍ୱିତୀୟ ଭୂଇଁ ଶେଣୀରେ ସେଟିଂ କରାଯିବ। ତିନିରଥର ଦୁଆର ବେଢାରେ ଫିଟିଂ ହେବା ପାଇଁ ଗାରେଡି ସହ ମଗର ମୁଖ ପଟା ସଂଯୋଗ ହୋଇଛି। ରୂପକାର ସେବକମାନେ ତିନିରଥ ପାଇଁ ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ତିନିରଥର ଚକ, କୋଣ ଗୁଜ ଆଦିରେ ଧଳା ପ୍ରାଇମର ଦେଇ ରଙ୍ଗ କାର୍ଯ୍ୟ ଆରମ୍ଭ କରିବା ସହ, ରଥ ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ତିନିରଥର ଓଝା ସେବକମାନେ ତୃତୀୟ ଭୂଇଁ ପାଇଁ ଓରାକଣ୍ଟା ସହ ଢମକ କଣ୍ଟା ଯୋଗାଇବା ପରେ ତିନିରଥର ଜଏଣ୍ଟ ସ୍ଥାନଗୁଡ଼ିକରେ ଯଥା ଦଣ୍ଡା, କୋଣଗୁଜରେ ଲୁହା କ୍ଲାମ୍ପ ଫିଟିଂ ଆବଶ୍ୟକ ସ୍ଥାନରେ ନଟ ବୋଲ୍ଟ ଫିଟିଂ କରିବା ସହ ତିନି ରଥର ପୋଟଳ କଣ୍ଟା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ୭୮ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**କାର୍, ବୁଲେଟ୍ ଗାଡ଼ି ଜବତ**

**ବଳଙ୍ଗା/ ପିପିଲି, ୧୭।୬(ଡି.ଏନ୍.ଏ./ସ୍ୱ.ପ୍ର.):**

ଦୁଇଜଣ ବ୍ରାଉନ ସୁଗାର ବେପାରୀଙ୍କୁ ଶୁକ୍ରବାର ବଳଙ୍ଗା ପୋଲିସ ଗିରଫ କରିଛି। ସେମାନେ ହେଲେ ବଳଙ୍ଗା ଥାନା ଅଧୀନ ଗଡପଦନପୁର ଗ୍ରାମର ଚନ୍ଦନ ପାତ୍ର (୩୧) ଓ ପ୍ରଭାତ ସ୍ୱାଇଁ (୩୧)। ସେମାନଙ୍କ ନିକଟରୁ ପ୍ରାୟ ୮ ଲକ୍ଷ ଟଙ୍କା ମୂଲ୍ୟର ୭୮ ଗ୍ରାମ ଓଜନର ବ୍ରାଉନସୁଗାର ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୧୧୨/୨୨ ଏନ୍‌ଡିପିଏସ୍ ଆକ୍ଟ୨୧(ବି) ଓ ୨୯) ରୁଜୁ କରି ତଦନ୍ତ ଚଳାଇଛି। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ବଳଙ୍ଗା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଏହା ଗଣମାଧ୍ୟମଙ୍କୁ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଖବରପାଇ ବଳଙ୍ଗା ଥାନା ଏସ୍‌ଆଇ ବେହେରା ପ୍ରତୀକ ଅନୁପମ ଓ ଏକ ପୋଲିସ ଟିମ୍ ହରିପୁର–ବଳଙ୍ଗା ରାସ୍ତାର ଦକ୍ଷିଣ ରାଉସ ଗ୍ରାମ ନିକଟରେ ଚଢ଼ାଉ କରିଥିଲେ। ଏକ କାର୍ ଭିତରେ ସନ୍ଦେହ ଜନକ ଭାବରେ ଥିବା ଦୁଇଜଣ ବ୍ୟକ୍ତିଙ୍କୁ ପଚରାଉଚରା ଓ ତଲାସି ନେବାରୁ ସେମାନଙ୍କ ନିକଟରୁ ବ୍ରାଉନସୁଗାର, ନଗଦ ୨ ହଜାର ୧୫୦ଟଙ୍କା ଓ ତିନୋଟି ମୋବାଇଲ ଫୋନ୍ ଜବତ କରିଥିଲେ। ଏଥିସହ କାର୍ ଆଗରେ ସୁରକ୍ଷାଦେଇ ଆସୁଥିବା ଏକ ବୁଲେଟ୍‌କୁ ମଧ ଜବତ କରାଯାଇଛି। ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ଦିନରେ ଡ୍ରଗ୍ସ ମାଫିଆଙ୍କ ଉପରେ ଚଢ଼ାଉକୁ ଜୋରଦାର କରାଯିବ ବୋଲି ପିପିଲି ଏସ୍‌ଡିପିଓ ବରାଳ କହିଛନ୍ତି।

# ସରକାରଙ୍କ ବିରୋଧରେ କଂଗ୍ରେସର ବିକ୍ଷୋଭ

**ପୁରୀ ଅଫିସ,୧୭।୬**

କେନ୍ଦ୍ର ସରକାରଙ୍କ ଆକ୍ରୋଶମୂଳକ ରାଜନୀତି ଓ ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତାଙ୍କ ପ୍ରତି ଦିଲ୍ଲୀ ପୋଲିସର ବର୍ବରତା ଏବଂ ରାହୁଲ ଗାନ୍ଧୀଙ୍କୁ ଅନୈତିକ ଭାବେ ଇଡିର ଜେରା ବିରୋଧରେ ଓଡ଼ିଶାରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ର ସରକାରଙ୍କ ନୀତିକୁ ବିରୋଧ କରାଯାଇ ମୋଚିସାହି ଛକସ୍ଥିତ ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ଜାତୀୟସ୍ତରରେ କେନ୍ଦ୍ର ସରକାରଙ୍କ ସମସ୍ତ ଅନୈତିକ କାର୍ଯ୍ୟ ପାଇଁ ନେତା ରାହୁଲ ଗାନ୍ଧୀ ସର୍ବଦା ସ୍ୱର ଉତ୍ତୋଳନ କରିଆସୁଛନ୍ତି। ହେଲେ ପ୍ରତିଶୋଧପରାୟଣ ହୋଇ କେନ୍ଦ୍ର ସରକାର ଇଡି ଜରିଆରେ ମିଛ ମକଦ୍ଦମା କରି ଗାନ୍ଧୀ ପରିବାରକୁ ବଦ୍‌ନାମ କରିବାକୁ ଉଦ୍ୟମ ଚଳାଇଛନ୍ତି। ବିକ୍ଷୋଭରେ ନେତା ଡ. ବିଶ୍ୱରଞ୍ଜନ ମହାନ୍ତି, ଜିଲା ପର୍ଯ୍ୟବେକ୍ଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ସୁଜିତ ମହାପାତ୍ର, ସେବାଦଳ ମୁଖ୍ୟ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଲଲାଟେନ୍ଦୁ ଦାସ, ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରାଜେଶ ମିଶ୍ର ପରିଚାଳନା କରିଥିବାବେଳେ ସୁକାନ୍ତ ପ୍ରଧାନ ସଂଯୋଜନା କରିଥିଲେ।

# ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନିମାପଡ଼ା,୧୭।୬(ଡି.ଏନ୍.ଏ.):**

ନିମାପଡ଼ା ଗୋପବନ୍ଧୁ ସେବାସଂଘ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଏକ ପ୍ରତିମୂର୍ତ୍ତି ନିମାପଡ଼ା ବ୍ଲକ ଛକଠାରେ ଶୁକ୍ରବାର ଉନ୍ମୋଚନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମହାମଞ୍ଚର ଅଧ୍ୟକ୍ଷ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ



ଅତିଥି ଭାବେ ସାମାଜିକ କର୍ମୀ ମମତା ବେହେରା, ଆଦର୍ଶ ଦାଶ, ପ୍ରଚାରକ ସଞ୍ଜୟ ପରିଡ଼ା, ଲିଙ୍ଗରାଜ ବାରିକ୍, ଗୋପବନ୍ଧୁ ସେବାସଂଘର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା, ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ଉପଦେଷ୍ଟା ରାଧାମୋହନ ଦାଶ, ନିମାପଡ଼ା ନୟାସବେରା ୟୁଥ୍ ଟ୍ରଷ୍ଟର ସମ୍ପାଦକ ନିର୍ମଳ ପରିଜା ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ମହାନୀୟତା, ସେବା, ଜୀବନୀ ଉପରେ ଆଲୋକପାତ କରିଥିଲେ। ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମରୁ ଆଙ୍କାମାଳ ଅଣାଯାଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଏହି ଅବସରରେ ପୂର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଏକ ଉନ୍ମୋଚନକାଳୀନ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶିକ୍ଷାବିତ୍, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ସାମାଜିକ କର୍ମୀ, ରାଜନେତା ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୨୦ରୁ ଜାତୀୟସ୍ତରୀୟ ଲୋକମେଳା, କୃଷିମେଳା

**ପୁରୀ ଅଫିସ ୧୭।୬**

ପୁରୀର ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୨୦ତମ ଜାତୀୟ ସ୍ତରୀୟ ଲୋକମେଳା ଓ ୧୩ତମ କୃଷି ମେଳା ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ସ୍ଥାନୀୟ ୟୁଥ ହଷ୍ଟେଲ ପରିସରରେ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଅନୁଷ୍ଠାନର ରାଜେଶ ମହାନ୍ତି, ବଦ୍ରି ମିଶ୍ର, ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ଉପଦେଷ୍ଟା ଭଗବାନ ଜୟସିଂହ, ଶ୍ୟାମ ପ୍ରକାଶ ସେନାପତି, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର ଏବଂ କମିଟିର ଉପାଧ୍ୟକ୍ଷ ବିଶ୍ୱନାଥ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତବର୍ଷ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ସହଭାଗିତାରେ ଲୋକମେଳା ଅନୁଷ୍ଠିତ ହେବ। ପରେ ଶରଧାବାଲିରେ ଏକ ଜାତୀୟସ୍ତରୀୟ କୃଷି ପ୍ରଦର୍ଶନୀ ଆୟୋଜିତ ହେଉଛି। ବିଭିନ୍ନ ପ୍ରତିଷ୍ଠାନ କୃଷିମେଳାରେ ଭାଗ ନେବେ। ଏଥିସହ ଏକ ଜାତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ କୃଷି ଓ ପଶୁ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଯୋଗଦେବେ। ଏହା ୫ଦିନ ଧରି ଚାଲିବ। ସେହିପରି ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଶ୍ରୀ ଶ୍ରୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯିବ। ୩ ଜଣ କୃଷକଙ୍କୁ କୃଷି ସମ୍ମାନ ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସମ୍ମିଳନୀରେ କୁହାଯାଇଛି। କାର୍ଯ୍ୟକ୍ରମରେ ଧରିତ୍ରୀ ସମ୍ପାଦକ ତଥାଗତ ଶତପଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।




ପୁରୀର ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥି।

# ସହାୟତା ଅପେକ୍ଷାରେ ଅବିନାଶଙ୍କ ପରିବାର

- ପୁଅର ଦୁଇ କିଡ୍‌ନୀ ଖରାପ
- ହସ୍ପିଟାଲରେ ଗ୍ରହଣ କରୁନାହାନ୍ତି ସ୍ୱାସ୍ଥ୍ୟ କାର୍ଡ

**ସାକ୍ଷୀଗୋପାଳ,୧୭।୬(ସ୍ୱ.ପ୍ର.)**

ସତ୍ୟବାଦୀ ବ୍ଲକ ବଳରାମପୁରଗଡ଼ ପଞ୍ଚାୟତର ବଳରାମପୁର ଗ୍ରାମର ବାଳକୃଷ୍ଣ ଭୋଇ ଓ ସ୍ତ୍ରୀ ପାର୍ବତୀ ଭୋଇଙ୍କ ଗୋଟିଏ ବୋଲି ପୁଅ ଅବିନାଶ(୧୨)। କିଛିବର୍ଷ ହେଲା ଅବିନାଶଙ୍କ ଦୁଇଟିଯାକ କିଡ୍‌ନୀ ଖରାପ ହୋଇଯାଇଛି। ହେଲେ ଏହାର ଚିକିତ୍ସା ଲାଗି ଲକ୍ଷାଧିକ ଟଙ୍କା ଆବଶ୍ୟକ ଥିବାବେଳେ ଅବିନାଶଙ୍କ ପରିବାରକୁ ଅର୍ଥ ବାଧକ ସାଜିଛି। ଏଥିପାଇଁ କୌଣସି ସହୃଦୟ ବ୍ୟକ୍ତି କିମ୍ବା ସରକାରଙ୍କ ପକ୍ଷରୁ କୌଣସି ସହଯୋଗ ମିଳିଲେ ପୁଅର ଚିକିତ୍ସା କରାଇପାରିବୁ ବୋଲି ଅବିନାଶଙ୍କ ମା'ବାପା ଆଶା ପ୍ରକାଶ କରିଛନ୍ତି।

ଅବିନାଶଙ୍କ ବାପା ବାଳକୃଷ୍ଣ ଦିନମଜୁରିଆ କାର୍ଯ୍ୟକରି ପରିବାର ଚଳାନ୍ତି। ଦେଢ଼ବର୍ଷ ତଳେ ପୁଅର ଦେହ ବାରମ୍ବାର ଅସୁସ୍ଥ ହେବାରୁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କରି ପୁରୀକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ଜାଣିଲେ ଯେ ଅବିନାଶଙ୍କ ଦୁଇଟି କିଡ୍‌ନୀ ଖରାପ ଅଛି। ଏଥିପାଇଁ ଅଧିକ ଚିକିତ୍ସା ଆବଶ୍ୟକ ବୋଲି କହି କଟକ ଶିଶୁ ବିଭାଗକୁ ପଠାଇଥିଲେ। ସେଠାରେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ସମୟ ଚିକିତ୍ସାରେ ଯାହା ଅର୍ଥ ଥିଲା ସରିଯାଇଥିଲା। ତଥାପି ଅଧିକ ଟଙ୍କା ଲାଗିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିବା ପରେ ଅବିନାଶଙ୍କ ବାପା ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା କରାଇବାକୁ କହିଥିଲେ।



ପରିବାର ସହ ଅବିନାଶ ଭୋଇ।

ହେଲେ ଏହି କାର୍ଡ ଏଠାରେ କାମ କରୁନାହିଁ ବୋଲି କହି ହସ୍ପିଟାଲ କର୍ତ୍ତୃପକ୍ଷ ତାହାକୁ ଗ୍ରହଣ କରି ନ ଥିଲେ। ଫଳରେ ଚିକିତ୍ସା ଅଧିକ କରି ନ ପାରି ପୁଅକୁ ଘରକୁ ନେଇଆସିଥିଲେ। ଦୈନିକ ଅବିନାଶଙ୍କ ଚିକିତ୍ସା ପାଇଁ ୧୦ରୁ ୧୨ ହଜାର ଟଙ୍କା ଆବଶ୍ୟକ ହେଉଥିବା ତାଙ୍କ ମା'ବାପା କହିଛନ୍ତି। ସେପଟେ ଅବିନାଶ ସ୍ଥାନୀୟ ଗୁଆଲିଗୋରଡ଼ା ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ଆଗକୁ ଭଲ ପଢ଼ି ଦେଶ ସେବା କରିବା ପାଇଁ ସ୍ୱପ୍ନ ଦେଖିଥିବା ଅବିନାଶ କହିଛନ୍ତି। ଖବର ପାଇ ବଳରାମପୁରଗଡ଼ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ଜେନା ଓ ସାମାଜିକ କର୍ମୀ ସୁଶୀଲ ସାହୁ ଅବିନାଶଙ୍କ ପରିବାରକୁ ଭେଟି ସହଯୋଗ କରିବେ ବୋଲି କହିଛନ୍ତି। ସେହିପରି ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା ଅବିନାଶଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ବୁଝି କିଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ସେଥିପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅବିନାଶଙ୍କୁ ସହଯୋଗ କରିବା ପାଇଁ ମା ପାର୍ବତୀଙ୍କ ମୋବାଇଲ ନମ୍ବର ୯୫୫୬୪୯୫୪୯୮ ଓ ଅନ୍ୟଟି ୮୨୪୯୩୮୬୨୫୬ରେ ଯୋଗାଯୋଗ କରିବା ସହ ଆର୍ଥିକ ସହାୟତା ରାଶି ପଠାଇବା ପାଇଁ ଆକାଉଣ୍ଟ ନଂ.୩୧୫୧୧୨୧୯୮୭୪, ଆଇଏଫ୍‌ଏସ୍‌ସି :ଏସ୍‌ବିଆଇଏନ୍ ୦୦୦୨୧୧୮ ଦେବା ପାଇଁ ଅବିନାଶଙ୍କ ବାପା ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ୧୫ରୁ ଶହେ ଟଙ୍କା ଷ୍ଟାମ୍ପ୍ ମୂଲ୍ୟ ନିଷ୍ପତ୍ତିକୁ ବିରୋଧ

ଭୁବନେଶ୍ୱର,୧୭।୬(ବ୍ୟୁରୋ): ଓକିଲାତି ନାମାରେ ଶହେ ଟଙ୍କାର ଷ୍ଟାମ୍ପ ଲଗାଇବାକୁ ରାଜ୍ୟ ବାର୍ କାଉନ୍ସିଲ ନେଇଥିବା ନିଷ୍ପତ୍ତିକୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଶୁକ୍ରବାର ସଂଘର ଲାଇବ୍ରେରି ହଲ୍‌ଠାରେ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ସଂଘ ପକ୍ଷରୁ କୁହାଯାଇଛି, ରାଜ୍ୟ ଆଇନଜୀବୀ ପରିଷଦ ଓକିଲାତି ନାମାରେ ଲାଗୁଥିବା ଷ୍ଟାମ୍ପର ପରିମାଣ ୧୫ଟଙ୍କାରୁ ଶହେ ଟଙ୍କାକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛି। ବର୍ଦ୍ଧିତ ଷ୍ଟାମ୍ପ ଫି' ରାଜ୍ୟରେ ଓକିଲଙ୍କ କଲ୍ୟାଣ ପାଇଁ ବିନିଯୋଗ ହେବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ଦର୍ଶାଇଛି। ପୂର୍ବରୁ ବାର କାଉନ୍ସିଲ ଏହି ଷ୍ଟାମ୍ପ ବାବଦ ସଂଗୃହୀତ ଟଙ୍କାକୁ ଓକିଲଙ୍କ କଲ୍ୟାଣ ପାଇଁ ଲଗାଇନାହିଁ। ତେଣୁ ଅଧିକ ଟଙ୍କା ଲୋକଙ୍କଠାରୁ ନେଇ ତାହାକୁ ଓକିଲଙ୍କ କଲ୍ୟାଣ ପାଇଁ ବିନିଯୋଗ କରିବା ଯୁକ୍ତି ଆଦୌ ଗ୍ରହଣୀୟ ନୁହେଁ। ରାଜ୍ୟ ଆଇନଜୀବୀ ପରିଷଦରେ ଏବେ କେହି ନିର୍ବାଚିତ ପଦାଧିକାରୀ ନ ଥିବାରୁ ପରିଷଦ ଏଭଳି ନିଷ୍ପତ୍ତି ନେଇପାରିବ ନାହିଁ। ତେଣୁ ଏହାକୁ ବିରୋଧ କରାଯାଇ ସଂଘ ପକ୍ଷରୁ ଏକ ପ୍ରସ୍ତାବ ଗୃହୀତ ହୋଇଥିବା କୁହାଯାଇଛି। ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଓକିଲ ସଂଘର ସଭାପତି ରବିନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, କୋଷାଧ୍ୟକ୍ଷ ଦିବାକର ମିଶ୍ର, ସହ ସମ୍ପାଦକ ରାଜେନ୍ଦ୍ର ଦାସ ଓ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଉପସ୍ଥିତଥିଲେ।

### ବଟି ମାଗି ୩ ଗିରଫ

ପୁରୀ ଅଫିସ,୧୭।୬: ବଟି ମାଗିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଥାନା ଅନ୍ତର୍ଗତ ପତିତପାବନ ଲେନ୍‌ର କାହ୍ନା ବେହେରା (୨୮)। ପୋଲିସ ଏ ନେଇ ନଂ ୧୭୦/୨୨ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, କାହ୍ନା ବଡଶଙ୍ଖ ନିକଟ ପରିବା ମାର୍କେଟରେ ଥିବା ଦୋକାନୀଙ୍କଠାରୁ ବଟି ମାଗୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତକୁ ଗରଫ କରିଥିଲେ। ସେହିପରି ବାସେଳି ସାହି ଥାନା ଅଞ୍ଚଳରେ ବଟି ଆଦାୟ କରିବା ଅଭିଯୋଗରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳିଆପଣ୍ଡା ଥାନା ବଢ଼ିମା ସାହିର ଅଜୟ ପ୍ରଧାନ (୩୬) ଏବଂ ବିଜୟ ପ୍ରଧାନ (୪୨)। ସେମାନଙ୍କ ନିକଟରୁ ଗୋଟିଏ ଛୁରି, ଗୋଟିଏ ଲାଠି ଏବଂ ନଗଦ ୨ହଜାର ୨୦୦ ଟଙ୍କା ଜବତ କରିଛି। ପୋଲିସ ଏ ନେଇ ନଂ. ୧୪୨/୨୨ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ଫାଦର ସ୍କୁଲ ନିକଟରେ ହତିଆର ଦେଖାଇ ବିଭିନ୍ନ ଯାତ୍ରୀବାହୀ ଗାଡିଠାରୁ ବଟି ଆଦାୟ କରୁଥିଲେ।

### ବନ୍ଧୁମିଳନ ଉତ୍ସବ

ବୋଲଗଡ଼,୧୭।୬(ଡି.ଏନ୍.ଏ.): ସ୍ଥାନୀୟ ହରିହର ବିଦ୍ୟାପୀଠ ୨୦୦୨ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅସରଳାର କୁଞ୍ଜବିହାରୀ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ପରେ ଏକାଠି ହୋଇଥିବାରୁ ଖସି ପ୍ରକଟ କରିବା ସହ ଭାବର ଆଦାନପ୍ରଦାନ କରିଥିଲେ। ଏଥିସହ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଉତ୍ସବରେ ଉକ୍ତ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ୨ ନିଶା ବେପାରୀ ଗିରଫ

ପିପିଲି/ବଳଙ୍ଗା,୧୭।୬(ଡି.ଏନ୍.ଏ./ସ୍ୱ.ପ୍ର.): ଦୁଇଜଣ ବ୍ରାଉନ ସୁଗାର ବେପାରୀଙ୍କୁ ଶୁକ୍ରବାର ବଳଙ୍ଗା ପୋଲିସ ଗିରଫ କରିଛି। ସେମାନେ ହେଲେ ବଳଙ୍ଗା ଥାନା ଅଧୀନ ଗଡପଦନପୁର ଗ୍ରାମର ଚନ୍ଦନ ପାତ୍ର ଓ ପ୍ରଭାତ ସ୍ୱାଇଁ। ସେମାନଙ୍କ ନିକଟରୁ ପ୍ରାୟ ୮ ଲକ୍ଷ ଟଙ୍କା ମୂଲ୍ୟର ୭୮ ଗ୍ରାମ ଓଜନର ବ୍ରାଉନସୁଗାର ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୧୧୨/୨୨ ଏନ୍‌ଡିପିଏସ୍ ଆକ୍ଟ୨୧(ବି) ଓ ୨୯) ରୁଜୁ କରି ତଦନ୍ତ ଚଳାଇଛି। ପିପିଲି ଏସ୍‌ଡିପିଓ ଦେବଦତ ବରାଳ ବଳଙ୍ଗା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଏହା ଗଣମାଧମଙ୍କୁ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଖବରପାଇ ବଳଙ୍ଗା ଥାନା ଏସ୍‌ଆଇ ବେହେରା ପ୍ରତୀକ ଅନୁପମ ଓ ଏକ ପୋଲିସ ଟିମ୍ ହରିପୁର-ବଳଙ୍ଗା ରାସ୍ତାର ଦକ୍ଷିଣ ରାଉସ ଗ୍ରାମ ନିକଟରେ ଚଢ଼ାଉ କରିଥିଲେ। ଏକ କାର୍ ଭିତରେ ସନ୍ଦେହ ଜନକ ଭାବରେ ଥିବା ଦୁଇଜଣ ବ୍ୟକ୍ତିଙ୍କୁ ପଚରାଉଚରା ଓ ତଲାସି ନେବାରୁ ସେମାନଙ୍କ ନିକଟରୁ ବ୍ରାଉନସୁଗାର, ୨ ହଜାର ୧୫୦ଟଙ୍କା ଓ ୩ ମୋବାଇଲ ଫୋନ୍ ଜବତ କରିଥିଲେ।

# 'ମହୋତ୍ସବ ପ୍ରତିଭାକୁ ବିକଶିତ କରେ'


ବରୁଣେଇ ରଜ ମହୋତ୍ସବର ଉଦ୍‌ଯାପନୀ ଦିବସରେ ଲୋକଙ୍କ ଭିଡ଼।

ଖୋର୍ଦ୍ଧା ଅଫିସ,୧୭।୬

ରଜ ସଂକ୍ରାନ୍ତିରୁ ଚାଲିଥିବା ବରୁଣେଇ ରଜ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳୀୟ ସଂସ୍କୃତିର ପ୍ରତୀକ ରଜ ହେଉଛି ଓଡ଼ିଶାର ଏକ ଅନନ୍ୟ ପରମ୍ପରା ବୋଲି ଜିଲା ପ୍ରଶାସନ ସହଯୋଗରେ ଖୋର୍ଦ୍ଧାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଦିଶାନ୍ତ ଆନୁକୂଲ୍ୟରେ ବରୁଣେଇ ପାଦଦେଶରେ ଚାଲିଥିବା ୧୪ତମ ରଜ ମହୋତ୍ସବ-୨୦୨୨ର ଉଦ୍‌ଯାପନୀ ସନ୍ଧ୍ୟାରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ଏହା କହିଛନ୍ତି। ମହୋତ୍ସବର ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ପ୍ରଧାନ କହିଥିଲେ, ଆଧୁନିକତା ମଧ୍ୟରେ ରଜ ଉତ୍ସବ ସଂସ୍କୃତି, ପରମ୍ପରା ଆଜି ବି ଉଜ୍ଜୀବିତ ରହିଛି। ଉତ୍କର୍ଷରୁ ଉତ୍କଳ। ଉତ୍କଳୀୟ ସଂସ୍କୃତି, କଳା, ଭାସ୍କର୍ଯ୍ୟ, ନିର୍ମାଣଶୈଳୀ ଅତି ଉଚ୍ଚକୋଟୀର। ସଂସ୍କୃତି ହେଉଛି ଜାତିର ଅସ୍ମିତା। ସଂସ୍କୃତି, ମହୋତ୍ସବ ପ୍ରତିଭାକୁ ବିକଶିତ କରେ। ଆଗାମୀ ଯୁବପିଢ଼ି ଏଥିପ୍ରତି ସଚେତନ ହେବା ଜରୁରୀ। ସେହିପରି ରାଜ୍ୟ ମହିଳା ବିଜୁ ଜନତା ଦଳ ସମ୍ପାଦିକା ଲିଙ୍କନ ସୁବୁଦ୍ଧି ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ରଜ ହେଉଛି ଓଡ଼ିଶାର ମହାନ୍ ପର୍ବ। ଏହା ସଂସ୍କୃତିର ବାର୍ତ୍ତା ବହନ କରିଥାଏ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ରାଜ୍ୟ ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ କାଉନ୍‌ସିଲର, ଖବରଦାତା ଶୁଭ୍ରାଂଶୁ ସାମନ୍ତରାୟ ଓ ପ୍ରଭାତ ପାଣିଗ୍ରାହୀ, ସାମାଜିକ କର୍ମୀ ଲଳିତ ମୋହନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଦିଲୀପ ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହ ଉପସଭାପତି ନିରଞ୍ଜନ ନାୟକ, ସହସମ୍ପାଦକ ସଞ୍ଜୀବ ପରିଡାଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସାଇ ଡ୍ୟାନ୍ସ ଗ୍ରୁପ୍, ଶିଳ୍ପିକା ଡ୍ୟାନ୍ସ ଗ୍ରୁପ୍, ନୀଳଶୈଳ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ। କୁମାର ଧନୁଷ ଓ ସାଥୀ କଳାକାରମାନେ ଭଜନ ପରିବେଷଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମହିଳାମାନେ ଦଳଗତ ଭାବେ ହୁଳହୁଳି ପକାଇଥିଲେ। ଶେଷ ଦିବସରେ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା।

## ମନମୋହିଲା ମଣିପାଲ ନୃତ୍ୟ

ନିରାକାରପୁର,୧୭।୬(ଡି.ଏନ୍.ଏ.)

ମା'ଉଗ୍ରତାରାଙ୍କ ପୀଠରେ ଉଗ୍ରତାରା ପରିଚାଳନା କମିଟି ଓ ପ୍ରଶାସନ ଆନୁକୂଲ୍ୟରେ ବୁଧବାରଠାରୁ ଚାଲିଥିବା ରଜ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଟାଙ୍ଗୀ ତହସିଲଦାର ଶ୍ରୁତି ରଞ୍ଜନ ଶତପଥୀ, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ସାମ୍ବାଦିକ ବଳଭଦ୍ର ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅଂଶୁମାନ ଜେନା ମଞ୍ଚ ପରିଚାଳନା କରିଥିଲେ। ପରେ ଦୟାଲ ସଙ୍ଗୀତ ଏକାଡେମୀ ସୋନପୁର, ନୃତ୍ୟାଶ୍ରୀ ଏକାଡେମୀ ସୋନପୁର, ବାଘନାଚ ମହେନ୍ଦ୍ର ଗ୍ରୁପ ସୋନପୁର, ଶ୍ରୀସାଇ ଡ୍ୟାନ୍ସ ଏକାଡେମୀ ନିରାକାରପୁର, ଜଟଣୀ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଓଡ଼ିଶୀ ପରିବେଷଣ ହୋଇଥିଲା। ସୋନପୁରର ମଣିପାଲ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ତେବେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିଙ୍କୁ ଏଥିରେ ସାମିଲ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ବର୍ଷ ପ୍ରବଳ ଲୋକଙ୍କ ସମାଗମ ହୋଇଥିଲା। ରଜ ସଂକ୍ରାନ୍ତି ସକାଳେ କ୍ଷୀର ସ୍ନାନ କରାଯାଇ ମା'ଙ୍କ ମସ୍ତକରେ ବେଲପତ୍ର ଓ ଫୁଲ ଚଢାଯାଏ। ତୃତୀୟ ଦିନ ଭୂଇଁ ଦିଆଣରେ ସମାନ ନୀତିରେ ଭୋଗ କରାଯାଇଥାଏ। ଚତୁର୍ଥ ଦିନରେ ମହାଲକ୍ଷ୍ମୀ ବୁଡରେ ମା'ଙ୍କୁ ବସୁମତି ସ୍ନାନ କରାଯାଇ ବାଲଭୋଗ ଲାଗି କରାଯାଇଥାଏ। ମଧ୍ୟାହ୍ନରେ ମା'ଙ୍କୁ ଅନ୍ନ, ଡାଲି, ଖଟା, ମାଛ ଭୋଗ ଲାଗି କରାଯାଇଥାଏ। ସନ୍ଧ୍ୟାରେ ଆଳତି ସହ ମା' ବିଶ୍ରାମ ନେଇଥାନ୍ତି ବୋଲି ପୂଜକ ମନୋରଞ୍ଜନ ସାମନ୍ତରାୟ କହିଛନ୍ତି।


ମଣିପାଲ ନୃତ୍ୟ ପରିବେଷଣ କରିଥିବା କଳାକାରମାନେ।

## ବାତ୍ୟା ସତର୍କ ସମ୍ପର୍କିତ କର୍ମଶାଳା

ବାଲିପାଟଣା,୧୭।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ସଭାଗୃହରେ ବାତ୍ୟା ସମୟରେ ସତର୍କତା କିପରି ଅବଲମ୍ବନ କରାଯାଇପାରିବ ସେନେଇ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାତ୍ୟା କିମ୍ବା ବନ୍ୟା ଆସିବା ପୂର୍ବରୁ କିପରି ସଜାଗ ରହି ଲୋକଙ୍କ ଜୀବନ ବଞ୍ଚାଇହେବ, ସରକାରୀ ସହାୟତା ଠିକ୍ ସମୟରେ ଯୋଗାଇ ଦିଆଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ପଞ୍ଚାୟତରେ ଜେନେରେଟର ଖରାପ ରହିଥିବା ବେଳେ ଗରିଆ ବାତ୍ୟା ଆଶ୍ରୟସ୍ଥଳର ଚଉହଦିରେ ମାଟି ନ ପଡ଼ିବାରୁ ଆଶ୍ରୟସ୍ଥଳକୁ ଯାଇ ନ ହେବା, ଆବଶ୍ୟକ ଅନୁଯାୟୀ ସହାୟତା ନ ଆସିବାରୁ ଲୋକଙ୍କ ରୋଶର ଶିକାର ହେଉଥିବା ଉପସ୍ଥିତ ଲାଇନ୍ ବିଭାଗ ଅଧିକାରୀମାନେ କହିଥିଲେ। ଏ ସମସ୍ତ ସମସ୍ୟାକୁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ସମାଧାନ ବ୍ୟବସ୍ଥା କରାଯିବ ବୋଲି ବିଡିଓ ଆଦିକନ୍ଦ ବେହେରା କହିଥିଲେ। ବିଶେଷକରି ବିପର୍ଯ୍ୟୟ ସମୟରେ ପାନୀୟଜଳ, ଖାଦ୍ୟ କିପରି ଠିକ୍ ଭାବେ ଦିଆଯିବ ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ମୃତ୍ୟୁଞ୍ଜୟ ମହାପାତ୍ର, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା, ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ



ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଖୋର୍ଦ୍ଧା ଅଫିସ,୧୭।୬

କେନ୍ଦ୍ର ସରକାରଙ୍କ ଆକ୍ରୋଶମୂଳକ ରାଜନୀତି ଓ ଦିଲ୍ଲୀ ପୋଲିସର ବର୍ବରତା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁସାରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା ଦିଆଯାଇଥିଲା। ଜିଲା ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ପିସିସି ସଭ୍ୟ ଶିଶିର କୁମାର ପରିଡ଼ା, ଜିଲା ମୁଖପାତ୍ର ଅମିତ ମହାନ୍ତି, ବରିଷ୍ଠ ନେତା ପଦ୍ମଚରଣ ରାୟ, ଯୁବନେତା ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ, ଅଶୋକ ମଙ୍ଗରାଜ, ଦ୍ୱାରିକା ମହାନ୍ତି, ପ୍ରଦେଶ କୁମାର ସାହୁ, ପ୍ରଦେଶ ହରିଚନ୍ଦନ, ନୈଶର ଅଲି ଖାଁ, ସୁନୀଲ ରାଉତରାୟ, ସୁଶାନ୍ତ କୁମାର ସେଠୀ, ସୁବାସ ପାତ୍ରଙ୍କ ସମେତ ଏକାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଗତ ବୁଧବାର ଦିଲ୍ଲୀ ପୋଲିସ ଏଆଇସିସି କାର୍ଯ୍ୟାଳୟରେ ପଶି କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀଙ୍କୁ ପିଟିବା ଏବଂ ପଦାଧିକାରୀଙ୍କୁ କାର୍ଯ୍ୟାଳୟ ଭିତରକୁ ନ ଯିବାକୁ ଦେବା ପ୍ରତିବାଦରେ ଏହି ଧାରଣା ଦିଆଯାଇଛି ବୋଲି ପିସିସି ସଭ୍ୟ ପରିଡ଼ା କହିଛନ୍ତି। ବିଧାୟକ ରାଉତରାୟ କହିଥିଲେ, କେନ୍ଦ୍ର ସରକାର ଗତ କିଛିଦିନ ହେବ ରାହୁଲ ଏବଂ ସୋନିଆ ଗାନ୍ଧୀଙ୍କ ବିରୋଧରେ ଆକ୍ରୋଶମୂଳକ ଭାବେ ଅସାମ୍ବିଧାନିକ ଭାବେ କାର୍ଯ୍ୟ କରୁଛନ୍ତି। କଂଗ୍ରେସ ଏହାକୁ ଦୃଢ଼ ନିନ୍ଦା କରୁଛି। ଆଗାମୀ ଦିନରେ ଲୋକେ ଏହାର ଉଚିତ୍ ଜବାବ ଦେବେ ବୋଲି ସେ କହିଛନ୍ତି।

## ସରିଲା ଅସରଳା ରଜ ମହୋତ୍ସବ

ବୋଲଗଡ଼,୧୭।୬(ଡି.ଏନ୍.ଏ.)

ଅସରଳା ଗ୍ରାମରେ ଚାରିଦିନ ଧରି ରଜ ମହୋତ୍ସବ ପାଳିତ ହୋଇଥିବା ବେଳେ ଶୁକ୍ରବାର ଉଦଯାପିତ ହୋଇଯାଇଛି। ତୃତୀୟ ଦିନ ଏହି ଗଣପର୍ବ ଆନନ୍ଦ ଉଲ୍ଲାସ ସହ ପାଳନ କରାଯିବା ସହ ବିମଳାକ୍ଷୀ କ୍ଲବ୍ ପକ୍ଷରୁ ଅପରାହ୍ନରେ ଆୟୋଜିତ ହୋଇଥିଲା ଦଧିବାମନ ଦେବଙ୍କ ପଟୁଆର ବାଘନାଚ, ବୁଢାବୁଢିଆଣୀ ଚଇତିଘୋଡ଼ା ନାଚ, ବୃଷଭ ଲଢେଇ, ସାପସାପୁଆଣୀ ପାଇକ ଆଖଡା ବାଡିଖେଳ ସିଙ୍ଘବାଦ୍ୟ ସହ ଘଣ୍ଟାଘଣ୍ଟି ଶବ୍ଦରେ ବ୍ରାହ୍ମଣ ସାହି ଦିଆଣିପାଟଣା ସାହି ନନ୍ଦ ସାହି ସହ ଗୁମାନସିଂହ ସାହି ପରିକ୍ରମା କରିଥିଲେ। ଏହାକୁ ଦେଖିବାକୁ ପ୍ରବଳ ଲୋକଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମା ବୀଣାପାଣି କ୍ଲବ ପକ୍ଷରୁ ରାତିରେ 'ଏଇଟି ତୋର ଦୋଷ ନା ମୋର ଦୋଷ' ନାଟକ ମଞ୍ଚସ୍ଥ ହୋଇଥିଲା।

## ଟାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୋଲଗଡ଼,୧୭।୬(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମ ଦେଉଳ ପୋଖରୀ ନିକଟ ମା'ତାରିଣୀ ମନ୍ଦିରର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଙ୍ଗୁରିଆ ଗ୍ରାମ ମା'ତାରିଣୀ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ପ୍ରାତଃରେ ମା'ଙ୍କ ଅଧିବାସ ପରେ ପୂଜାପାଠ, ହୋମଯଜ୍ଞ ସହ ମଙ୍ଗଳାସ୍ତୁତି ପଠନ କରାଯାଇଥିଲା। ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ।

## ୨୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ

ଖୋର୍ଦ୍ଧା ଅଫିସ,୧୭।୬



ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ପୋଲିସ, ଏସ୍‌ଟିଏଫ୍ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଯୁବକଙ୍କ ପରେ ଏବେ ମହିଳାମାନେ ଘରେ ରହି ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିରେ ଶୁକ୍ରବାର ଅବକାରୀ ପୋଲିସ ଚଢ଼ାଉ କରି ୨୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଶାନ୍ତି ବ୍ରହ୍ମା(୫୮)। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୬୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟର ଧାରା୨୧(ଏ) ଅନୁଯାୟୀ ଏକ ମାମଲା(ନଂ.୩୫/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ସମ୍ପୃକ୍ତା ମହିଳା ବ୍ରାଉନ୍‌ସୁଗାର ବ୍ରିକି କରୁଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏଥିସହ ସମ୍ପୃକ୍ତା ମହିଳାଙ୍କ ଉପରେ ପୋଲିସର ନଜର ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଇନ୍ସପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ସକାଳେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

## ଜୁଆଆଡ୍ଡାରେ ଚଢ଼ାଉ, ୧୫ ଗିରଫ

ବାଲୁଗାଁ,୧୭।୬(ଡି.ଏନ୍.ଏ.)

ରଜ ଉତ୍ସବ ଅବସରରେ ବାଲୁଗାଁ ଏବଂ ଏହାର ଆଖପାଖ ଅଞ୍ଚଳରେ ତିନି ଦିନ ଧରି ଜୁଆ ଖେଳର ଆସର ଜମିଥିଲା। ଏହାକୁ ରୋକିବା ପାଇଁ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଥାନା ଅଧିକାରୀ ରମାକାନ୍ତ ମହାଲିକ ସଦଳବଳେ ନିମିକ୍ଷେତା, ବେଲପଡା ଓ ଧୂଆଁଳ ଗ୍ରାମରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରିଥିଲେ। ୧୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୮ ହଜାର ଟଙ୍କା ଜବତ ହୋଇଛି। ଏନେଇ ବାଲୁଗାଁ ଥାନାରେ ପୃଥକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଦୋକାନ ଆଜବେଷ୍ଟସ ଭାଙ୍ଗି ନେଇଗଲେ ୭ଲକ୍ଷ ଟଙ୍କାର ମୋବାଇଲ

ବାଲୁଗାଁ,୧୭।୬(ଡି.ଏନ୍.ଏ.)

ବାଲୁଗାଁ ମୁଖ୍ୟ ବଜାର ଗାନ୍ଧୀ ଛକ ସ୍ଥିତ ମୋବାଇଲ ପ୍ଲାଜା ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମୋବାଇଲ ଫୋନ ନେଇଯାଇଛନ୍ତି। ଚୋରି ମୋବାଇଲର ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଦୋକାନ ମାଲିକ ବାଲୁଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଉକ୍ତ ଅଞ୍ଚଳରେ ଗତ କିଛିଦିନ ହେବ ଏକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଉଠିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପ୍ରତିବାଦ କରାଯାଉଛି।

ଖୋର୍ଦ୍ଧା ଅଫିସ,୧୭।୬

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ସମ୍ପର୍କରେ ଏଆଇଏମ୍‌ଆଇଏମ୍ ନେତା ଅସଦୁଦ୍ଦିନ ଓୱେସୀଙ୍କ ବିବାଦୀୟ ମନ୍ତବ୍ୟ ବିରୋଧରେ ସାରା ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଖୋର୍ଦ୍ଧା ଜିଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ହିନ୍ଦୁ ସମାଜ ଭାବାବେଗ ସହ ଜଡ଼ିତ। ମହାପ୍ରଭୁଙ୍କ ପ୍ରତି ଓୱେସୀଙ୍କ ମନ୍ତବ୍ୟ ଭକ୍ତଙ୍କ ଧାର୍ମିକ ଭାବକୁ ଆଘାତ ଦେଇଛି। ଭାରତ ବର୍ଷର ଯେଉଁ ସ୍ଥାନରେ ହିନ୍ଦୁ ସଂଖ୍ୟାଲଘୁ ଅଛନ୍ତି, ସେଠାରେ ହିନ୍ଦୁଙ୍କ ସୁରକ୍ଷା ନିଶ୍ଚିତ କରାଯାଉ। ଦାବିପତ୍ର ପ୍ରଦାନ ବେଳେ ଖୋର୍ଦ୍ଧା ଜିଲା ବିଶ୍ୱ ହିନ୍ଦୁ ପରିଷଦ ଜିଲା ସଭାପତି ଉଦୟନାଥ ସ୍ୱାଇଁ, ଗୁଣନିଧି ମହାପାତ୍ର, ଦିଲୀପ କୁମାର ବସନ୍ତରା, ହୃଷୀକେଶ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ନିର୍ଦ୍ଦେଶ ପରେ ବି ହେଉନି ଉଚ୍ଛେଦ

ଜଟଣୀ,୧୭।୬(ଡି.ଏନ୍.ଏ.)

ଜଟଣୀ ଥାନା ଅନ୍ତର୍ଗତ ବଡ଼ନୂଆଗାଁ ଅଞ୍ଚଳରେ କେତେଜଣ ବ୍ୟକ୍ତି ବେଆଇନ ଭାବେ ସରକାରୀ ଓ ବେସରକାରୀ ଜମି ଜବରଦଖଲ କରିବା ସହ ଘର ନିର୍ମାଣ କରି ବିକ୍ରି କରୁଛନ୍ତି। ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବି ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉନାହିଁ, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ବଡ଼ନୂଆଗାଁ ଶ୍ମଶାନକୁ ଲାଗି ରହିଥିବା ସରକାରୀ ଜମି ଯାହାର ପ୍ଲଟ୍ ନମ୍ବର ୩୦୨, ୧୯୯, ୨୦୭, ୨୦୦, ୨୦୧, ୨୦୨, ୨୬୭, ୨୦୫, ୨୦୬ ଓ ୨୦୭କୁ ଗତ ୧୫ ତାରିଖରେ କେତେଜଣ ବ୍ୟକ୍ତି ସଫା କରିବା ସହିତ ଉକ୍ତ ପ୍ଲଟ୍‌କୁ ଲାଗି ରହିଥିବା ବେସରକାରୀ ପୈତୃକ ଜମିକୁ ଜବରଦଖଲ କରୁଥିଲେ। ଖବର ପାଇ ଜମି ମାଲିକ ତଥା ସାମାଜିକ କର୍ମୀ ପ୍ରଶାନ୍ତ କୁମାର ମହାପାତ୍ର ପହଞ୍ଚି ବିରୋଧ କରିଥିଲେ। ଏ ନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ପ୍ରଫୁଲ୍ଲ ସାହୁଙ୍କ ନିର୍ଦ୍ଦେଶ ମୁତାବକ ଜମି କାଗଜପତ୍ର ନେଇ ଥାନାରେ ହାଜର ହୋଇ ଜମି ମାଲିକ ମହାପାତ୍ର ପକ୍ଷ ରଖିଥିଲେ। ଅନ୍ୟପଟେ ଉକ୍ତ ସରକାରୀ ଜମିକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରି ସେଠାରେ ଜନସାଧାରଣଙ୍କ ପାଇଁ ଉଦ୍ୟାନ, ବ୍ୟାୟାମ ଘର, କଲ୍ୟାଣମଣ୍ଡପ, ଶୌଚାଳୟ ପରି ଜନହିତକର ପ୍ରକଳ୍ପ କରାଗଲେ ରାଜସ୍ୱ ବୃଦ୍ଧି ହେବା ସହ ଜମି ସୁରକ୍ଷିତ ରହିବ ବୋଲି ମହାପାତ୍ର ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଉକ୍ତ ଜବରଦଖଲ ସ୍ଥଳ ପରିଦର୍ଶନ କରିବା ସହ ସେଠାରେ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ମେ' ୩୧ରେ ପ୍ରଶାନ୍ତ କୁମାର ମହାପାତ୍ର, ସନ୍ତୋଷ କୁମାର ହୋତା ପ୍ରମୁଖ ଖୋର୍ଦ୍ଧା ଜିଲାପାଳ, ଆର୍‌ଡିସି ଏବଂ ୫-ଟି ସଚିବଙ୍କ ଅବଗତି ନିମନ୍ତେ ଅଭିଯୋଗପତ୍ର ପ୍ରଦାନ କରିବା ସହ ସରକାରୀ ଜମିକୁ ଜବରଦଖଲମୁକ୍ତ ପାଇଁ ଅନୁରୋଧ କରିଥିଲେ। ଉକ୍ତ ସମୟରେ ଜିଲାପାଳ ଜବରଦଖଲ ଉଚ୍ଛେଦ ପାଇଁ ଜଟଣୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବି ଜବରଦଖଲ ଉଚ୍ଛେଦ କରାଯାଇ ନ ଥିବା ଅଭିଯୋଗକାରୀ ପ୍ରଶାନ୍ତ କହିଛନ୍ତି। ଏ ନେଇ ଜଟଣୀ ତହସିଲଦାର ତପନ ମହାପାତ୍ର କୁହନ୍ତି, କର୍ମଚାରୀ ଅଭାବ ଯୋଗୁ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ହୋଇଛି। ଆଗାମୀ ୪ରୁ ୫ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ କରାଯିବ।


ସରକାରୀ ଜମିରେ ନିର୍ମାଣ ହୋଇଥିବା ବେଆଇନ୍ ଘର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ଜୁନ୍, ୨୦୨୨

## ସାନଭାଇର ୨ ବଖରା ପୋଡ଼ିଦେଲେ ବଡ଼

ସାଲେପୁର,(ଡି.ଏନ୍.ଏ.): ସାଲେପୁର ଥାନା ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତ କାଳିଦହି ଗ୍ରାମରେ ବଡ଼ଭାଇ ନିଆଁ ଲଗାଇଦେବାରୁ ସାନଭାଇଙ୍କ ୨ ବଖରା ପୋଡ଼ିଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଘରର ଆସବାବପତ୍ର ସମେତ ଧାନ, ଚାଉଳ, ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ବଡ଼ଭାଇକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ଏହି ଗ୍ରାମର ଜଣେ ବ୍ୟକ୍ତି ପାରିବାରିକ ଅଶାନ୍ତି କାରଣରୁ ଦୀର୍ଘଦିନ ହେବ ସାନଭାଇ ଓ ବାପାଙ୍କଠାରୁ ଅଲଗା ରହୁଥିଲେ। କୌଣସି କାରଣରୁ ସମ୍ପୃକ୍ତ ବ୍ୟକ୍ତି ଗୁରୁବାର ବିଳମ୍ବିତ ରାତିରେ ସାନଭାଇ ଓ ବାପା ରହୁଥିବା ଘରେ ନିଆଁ ଲଗେଇ ଦେଇଥିଲେ।







ଅଗ୍ନିପଥ ନିଯୁକ୍ତି ଯୋଜନାକୁ ନେଇ ଶୁକ୍ରବାର କଟକ ବାଲିଯାତ୍ରା ପଡିଆ ରିଂରୋଡ୍‌କୁ ଅବରୋଧ କରି ବିକ୍ଷୋଭ କରୁଥିବା ଯୁବକଙ୍କୁ ପୋଲିସ ଘଉଡାଉଛି। ପରେ ପୋଲିସ ଓ ବିକ୍ଷୋଭକାରୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଜଟିଳ ହେବାରୁ ବିକ୍ଷୋଭକାରୀଙ୍କୁ ପୋଲିସ ଲାଠିଚାର୍ଜ କରୁଛି।

## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

**ଚୌଦ୍ୱାର,୧୭।୬(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ନଖରାଠାରେ ଆୟୋଜିତ ତ୍ରିଦିବସୀୟ ବ୍ଲକ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିଥିଲା। ସ୍ଥାନୀୟ ୟୁଥ୍ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, କମାଣ୍ଡାଣ୍ଟ ବିଜୟ କୁମାର ସାହୁ, ସରପଞ୍ଚ ମଧୁଛନ୍ଦା ଉପାଧ୍ୟାୟ, ପବିତ୍ର ମୋହନ ଉପାଧ୍ୟାୟ, ସିଦ୍ଧେଶ୍ୱର ନାୟକ, ବିରଜା ପ୍ରସାଦ ରାଉତ ଓ ସୁରେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ହୋଇଥିବା ଦାମୋଦରପୁର ଟିମ୍, ରନର୍ସଅପ୍ କୁମ୍ଭେଇ ଟିମ୍ ଓ ସେକେଣ୍ଡ ରନର୍ସ ଅପ୍ ନଖରା ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ତ୍ରିଲୋଚନ ସାହୁ ଓ ମନୋଜ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଟକ ବରିଷ୍ଠ ନାଗରିକ ମହାସଭାର ପ୍ରତିଷ୍ଠା ଦିବସ

**କଟକ ଅଫିସ, ୧୭।୬:** କଟକ ବରିଷ୍ଠ ନାଗରିକ ମହାସଭାର ନବମ ପ୍ରତିଷ୍ଠା ଦିବସ କେଶରପୁରସ୍ଥିତ ପଣ୍ଡା ମେଡିକାଲ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫେସର କୃପାସିନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ କହିଥିଲେ, ଯିଏ ଯେଉଁ ପଦବୀ ବା ବ୍ୟବସାୟରେ ଦୀର୍ଘକାଳ ରହି ଅବ୍ୟାହତ ନେଇଛନ୍ତି ସେମାନେ ଅର୍ଜିଥିବା ଅଭିଜ୍ଞତାକୁ ବିନିଯୋଗ କରି ସମାଜ, ପରିବାର ତଥା ଆଗାମୀ ପିଢ଼ିର ଯୁବତୀଯୁବକଙ୍କୁ ଦିଗ୍‌ଦର୍ଶନ ଦେବାକୁ ସେ କହିଥିଲେ। ଡ. ପ୍ରମୋଦ ମହାପାତ୍ରଙ୍କ ପ୍ରସ୍ତାବ ଅନୁସାରେ ଗରିବ, ଅସହାୟ ଏବଂ ବରିଷ୍ଠଙ୍କ କଲ୍ୟାଣ ନିମନ୍ତେ ଏକ ପାଣ୍ଠି ଗଠନ କରାଯାଇଥିଲା। ଝରଣା ମହାପାତ୍ର ତାଙ୍କ ସହଯୋଗୀଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧ ଗୀତ ଗାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ମହାସଭାର ବାର୍ଷିକ ବିବରଣୀ ଏବଂ ଅଡିଟ୍ ହୋଇଥିବା ଆୟବ୍ୟୟର ହିସାବ ପାଠ କରିଥିଲେ। ଏଥିରେ ମହିଳା ସଂଘ ଅଧ୍ୟକ୍ଷା ନମିତା ପଣ୍ଡା, ଡ. ସୁବାସିନୀ ଲେଙ୍କା, ସାବିତ୍ରୀ ଚୌଧୁରୀ, ଉପସଭାପତି ସରୋଜକାନ୍ତ ଚୌଧୁରୀ, ଡ. ସୁନୀଲ କୁମାର ଘୋଷ, ପୂର୍ବତନ ଜିଲାପାଳ ପଦ୍ମନାଭ ସାମଲ ଉପସ୍ଥିତ ଥିଲେ। ଶାନ୍ତିଲତା ସେଠୀ ଧନ୍ୟବାଦ ଦେଇଥିଲେ।

# ଉନ୍ନତୀକରଣ ହେବ ଶୈଳବାଳା କଲେଜ ଭିତ୍ତିଭୂମି

**କଟକ ଅଫିସ,୧୭।୬**

- ୪୮୦୦ ବର୍ଗମିଟର ସ୍ଥାନ ନିରୂପଣ
- ୩.୧୨ କୋଟି ବ୍ୟୟରେ ନିର୍ମାଣ କରାଯିବ ବହୁମୁଖୀ ପ୍ରଶସ୍ତ ହଲ୍
- ଖେଳପଡ଼ିଆ ପାଇଁ ୫ ଏକର ଜମି ଦିଆଯିବ

କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜର ଭିତ୍ତିଭୂମି ଉନ୍ନତୀକରଣ କରାଯିବ। ଏଥିପାଇଁ ୪୮୦୦ ବର୍ଗମିଟର ସ୍ଥାନ ନିରୂପଣ କରାଯାଇଛି ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ କହିଛନ୍ତି। କଟକଚଣ୍ଡୀ ମନ୍ଦିର ଉନ୍ନତୀକରଣ ଯୋଜନା କାର୍ଯ୍ୟକାରୀ କରିବା ସହ ଶୈଳବାଳା କଲେଜର ଭିତ୍ତିଭୂମି ଉନ୍ନୟନ ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସାମଲ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟରେ କହିଥିଲେ। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, କଟକଚଣ୍ଡୀ ମନ୍ଦିର ଉନ୍ନତୀକରଣ ଯୋଜନା ନିମନ୍ତେ ଆବଶ୍ୟକ ହେଉଥିବା ଜମି ରାଜ୍ୟ ସରକାର ଥଇଥାନ ଓ ପୁନର୍ବାସ ପ୍ୟାକେଜ୍‌ରେ ଅନୁମୋଦନ କରିଛନ୍ତି। ଏଥିସହ ଶୈଳବାଳା ମହିଳା କଲେଜର ସମସ୍ତ ଉନ୍ନୟନ କାର୍ଯ୍ୟର ଏକ ନୋଟ୍ ଦେବାକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗର



ବୈଠକରେ ସିଡିଏ ଅଧ୍ୟକ୍ଷ, ଆର୍‌ଡିସି, ଜିଲାପାଳଙ୍କ ସହ ଅନ୍ୟମାନେ।

ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରଭାସ ଚନ୍ଦ୍ର ମାଝିଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବୈଠକରୁ ମିଳିଥିବା ସୂଚନା ମୁତାବକ, ଶୈଳବାଳା ମହିଳା କଲେଜର ଖେଳପଡ଼ିଆ ଓ ଏହାର ଚାରିପଟେ ଡ୍ରେନ୍ ନିର୍ମାଣ ପାଇଁ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ପ୍ରାୟ ୩ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟରେ ଏକ ବହୁମୁଖୀ ପ୍ରଶସ୍ତ ହଲ୍ ନିର୍ମାଣ ହେବ। ଏଥିରେ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ କୋର୍ଟ ନିର୍ମାଣ ସହ ଗ୍ରୀନ୍ ରୁମ୍ ଓ ଶୌଚାଳୟ ବ୍ୟବସ୍ଥା କରାଯିବ। ଅପରପକ୍ଷରେ ଅଡିଟୋରିୟମର ପୁନରୁଦ୍ଧାର ଓ ବୈଦ୍ୟୁତିକ ସରଞ୍ଜାମ ଲଗାଯିବ। ଅଡିଟୋରିୟମରେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫.୫ କୋଟି ଟଙ୍କା ବ୍ୟୟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ କଲେଜର ମୁଖ୍ୟ ଫାଟକ, ଜଳାଶୟ, ପାଚେରି, ଅଞ୍ଚଳ ଆଲୋକୀକରଣ ହେବ। ଶୈଳବାଳା ମହିଳା କଲେଜର ଖେଳପଡ଼ିଆ ନିମନ୍ତେ ବୋଷ ନିକଟରେ ୫ ଏକର ଜମି ଦିଆଯିବ। ଏଥିସହ କଲେଜ ପକ୍ଷରୁ ଦିଆଯାଇଥିବା ୧୪ଟି ବିଷୟକୁ ଗ୍ରହଣ କରାଯାଇ ଆନୁଷଙ୍ଗିକ ଉନ୍ନୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଆର୍‌ଡିସିଙ୍କ ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, କଟକ ସଦର ତହସିଲଦାର ସମ୍ବିତ କୁମାର ଗଡ଼ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳ, ୱାଟ୍‌କୋ ଜିଏମ୍ ଦେବବ୍ରତ ମହାନ୍ତି, ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର, କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ, କଟକଚଣ୍ଡୀ ମନ୍ଦିର ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

## ଯୁବକଙ୍କୁ ଆକ୍ରମଣ

**ସାଲେପୁର,୧୭।୬(ଡି.ଏନ୍.ଏ.)**

ସାଲେପୁର ଥାନା ଅନ୍ତର୍ଗତ ମାଛୁଆତି ଗ୍ରାମ ପଡିଆରେ ଜୁନ୍ ୧୧ରୁ ୧୩ ପର୍ଯ୍ୟନ୍ତ ଯାତ୍ରା ପଡିଥିଲା। ଏହି ସମୟରେ ସେଠାରେ ଏକ ଗଣ୍ଡଗୋଳକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଗୁରୁବାର ବିଳମ୍ବିତ ରାତିରେ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଗ୍ରାମର ରାକେଶ ସ୍ୱାଇଁ ଗୁରୁତର ହୋଇଛନ୍ତି। ଏନେଇ ତାଙ୍କ ମା' ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୮୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏହାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମରେ ଯାତ୍ରା ପଡ଼ିଥିବା ବେଳେ ଉକ୍ତ ଗ୍ରାମର ରାକେଶ ଓ ମନୋଜ କୁମାର ଜେନାଙ୍କ ସହ ଅଜୟ କୁମାର ମଲ୍ଲିକ, ଶମ୍ଭୁ ରାଓ, ସାଙ୍କି ନାୟକ, ରିଙ୍କୁ ମଲ୍ଲିକଙ୍କ ପାଟିତୁଣ୍ଡ ହୋଇଥିଲା। ଉକ୍ତ ଘଟଣାକୁ ପରେ ମନୋଜ ଓ ରାକେଶ ରାତିରେ ଏକ ଭଡାଘରେ ଥିଲାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ସମୟରେ କୌଣସି ପ୍ରକାରେ ମନୋଜ ଖସିଯିବାକୁ ସକ୍ଷମ ହୋଇଥିଲେ।

## ୫ ପିକ୍‌ଅପ୍ ଭ୍ୟାନ୍‌ରୁ ୧୦ ବଳଦ ଉଦ୍ଧାର

**କଟକ ସଦର, ୧୭।୬(ଡି.ଏନ୍.ଏ.)**

୪୨ ମୌଜା ଥାନା ଅଧୀନ ରାଉତ୍ରାପୁର ଗ୍ରାମରେ ଶୁକ୍ରବାର ପୋଲିସ ଚଢ଼ାଉ କରି ବାହାରକୁ ଚାଲାଣ ପାଇଁ ୫ଟି ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ୧୦ଟି ବଳଦ ଜବତ କରିଛି। ଚଢ଼ାଉବେଳେ ଦୁର୍ବୃତ୍ତମାନେ ଖସି ପଳାଇଛନ୍ତି। ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ରେ ବଳଦଗୁଡିକୁ ମୟୂରଭଞ୍ଜ ଚାଲାଣ ପାଇଁ ଦୁର୍ବୃତ୍ତମାନେ ରଖିଥିବା ଥାନାଧିକାରୀ ଅନିତା ସାହୁ ଖବର ପାଇଥିଲେ। ତୁରନ୍ତ ପୋଲିସ ସେଠାରେ ଚଢ଼ାଉ କରି ବଳଦଗୁଡିକ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୦୮/୨୨) ରୁଜୁ ହୋଇଛି। ଜବତ ବଳଦଗୁଡିକୁ କଟକ ନୂଆବଜାରସ୍ଥିତ ଗୋଶାଳାରେ ଛଡାଯାଇଛି।



କଟକ ଅଲିଶାବଜାର ଅଞ୍ଚଳରେ ରଜ ପରେ ଶୁକ୍ରବାର ଜଣେ ମହିଳା ବସୁଧାକୁ ପୂଜାର୍ଚ୍ଚନା କରୁଛନ୍ତି।

## ୨୦ ଲକ୍ଷ ଫେରିପାଇଲେ ଜମାକାରୀ

**କଟକ ସଦର, ୧୭।୬(ଡି.ଏନ୍.ଏ.)**

### ସମବାୟ ମିନିବ୍ୟାଙ୍କ ଅର୍ଥ ତୋସରପାତ ମାମଲା

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତି ଦ୍ୱାରା ପରିଚାଳିତ ସମବାୟ ମିନିବ୍ୟାଙ୍କର ୨୦ ଜଣ ଜମାକାରୀ ଶୁକ୍ରବାର ପ୍ରାୟ ୨୦ ଲକ୍ଷ ଟଙ୍କା ଫେରି ପାଇଛନ୍ତି। ଅନ୍ୟ ଜମାକାରୀଙ୍କ ଅର୍ଥ ପର୍ଯ୍ୟାୟକ୍ରମେ ଫେରସ୍ତ କରିବା ପାଇଁ ରାଜ୍ୟ ସମବାୟ ନିବନ୍ଧକ ସୁଶାନ୍ତ କୁମାର ସେଠୀ ମିନିବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁମତି ଦେଇଛନ୍ତି। ଏହି ଅର୍ଥ ଜମାକାରୀଙ୍କ ଆକାଉଣ୍ଟରେ ରହିବ। ନିକଟରେ ସମବାୟ ଆଇନ ୧୯୬୨ର ଧାରା ୬୫ ଅନୁଯାୟୀ ଉକ୍ତ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ତୋସରପାତ ଘଟଣାର ଅଡିଟ୍ କରାଯାଇଥିଲା। ଏଥିରେ ୧୭୮ ଜଣ ଜମାକାରୀଙ୍କ ଆକାଉଣ୍ଟରୁ ୮୦ ଲକ୍ଷ ଟଙ୍କା ଚଞ୍ଚକତା କରି ଉଠାଇ ନିଆଯାଇଥିବା ଜଣାପଡିଥିଲା। ଅର୍ଥ ତୋସରପାତ ଘଟଣାକୁ ନେଇ ଜମାକାରୀମାନେ ଧାରଣା ଓ ପ୍ରତିବାଦ କରିବା ପରେ ସମବାୟ ବିଭାଗର ଚେତା ପଶିଥିଲା। ଶେଷରେ ମିନିବ୍ୟାଙ୍କର ଲାଭାଂଶରୁ ଜମା ଅର୍ଥ ଫେରାଇବା ପାଇଁ ନିଷ୍ପତ୍ତି ହୋଇଥିଲା ବୋଲି ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଧୀରେନ କୁମାର ଦାଶ କହିଛନ୍ତି। ଉକ୍ତ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ତୋସରପାତ ଘଟଣା ପ୍ରଥମେ ୨୦୨୧ ଅକ୍ଟୋବରରେ ପଦାକୁ ଆସିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବ୍ୟାଙ୍କର କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କ ନାମରେ କନ୍ଦରପୁର ଥାନାରେ ମାମଲା(ନଂ.୨୨୬/୨୧) ରୁଜୁ ହୋଇ ତଦନ୍ତ ଚାଲିଛି। ଇତିମଧ୍ୟରେ ପଟ୍ଟନାୟକ ହାଇକୋର୍ଟରୁ ଜାମିନରେ ଆସିଛନ୍ତି। ଅଡିଟ୍ ରିପୋର୍ଟ ଖୁବ୍‌ଶୀଘ୍ର ଥାନାରେ ଦାଖଲ କରାଯିବ ବୋଲି ଦାଶ ସୂଚନା ଦେଇଛନ୍ତି।

## 'ବାଙ୍କୀର କଳା, ସାହିତ୍ୟକୁ ମହୋତ୍ସବ ସମୃଦ୍ଧ କରିଛି'



ରଜ ମହୋତ୍ସବରେ ମଞ୍ଚାସିନ ଅତିଥିବୃନ୍ଦ।

**ବାଙ୍କୀ,୧୭।୬(ସ୍ୱ.ପ୍ର.)**

### ମା'ରୁଚିକ ବାସିନୀ ରଜ ମହୋତ୍ସବର ୪ର୍ଥ ସନ୍ଧ୍ୟା

ସଂସ୍କୃତି ଜାଗରଣ ପରିଷଦ ବାଙ୍କୀ ଆନୁକୂଲ୍ୟରେ ଆୟୋଜିତ ମା'ରୁଚିକବାସିନୀ ରଜ ମହୋତ୍ସବର ୪ର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ରୁଚିକା ହାଟ ପରିସରରେ ଆୟୋଜିତ ଏହି ମହୋତ୍ସବରେ ଅନୁଷ୍ଠାନର ସଭାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ରଞ୍ଜନ କୁମାର ଜେନା ଯୋଗଦେଇ ବାଙ୍କୀର କଳା ସାହିତ୍ୟ ଓ ସଂସ୍କୃତି ରଜ ମହୋତ୍ସବ ପାଇଁ ସମୃଦ୍ଧ ହୋଇପାରିଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକ, ସମ୍ମାନିତ ଅତିଥି ଭାବେ ବାଙ୍କୀ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ରଣା, କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ସାମାଜିକକର୍ମୀ ନଳିନୀ କୁମାର ରାୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମେହେନ୍ଦି, ଅଳତା ଓ ସଙ୍ଗୀତ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ନକୁଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## 'ଶିକ୍ଷାର ବିକାଶ ପାଇଁ ସରକାର ଯୋଜନା କରିଛନ୍ତି'

**ତିଗିରିଆ/ସାଲେପୁର, ୧୭।୬(ଡି.ଏନ୍.ଏ)**

### ୨ ଅସ୍ଥାୟୀ ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଅର୍ଜୁନସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ ଅସ୍ଥାୟୀ ଆଦର୍ଶ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଶିକ୍ଷାର୍ଥୀଙ୍କ ପାଇଁ ଆଗାମୀ ଦିନରେ ବୈଷୟିକ ଶିକ୍ଷା ଆହରଣ ସହଜ ହେବ ବୋଲି କହିଥିଲେ। ବିଇଓ ପ୍ରିୟରଞ୍ଜନ ହୋତା ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ କୁମାର ସାହୁ, ଜିଲାପରିଷଦ ସଭ୍ୟା ସସ୍ମିତା ରାଉତ, ସଞ୍ଜୟ କୁମାର ମଲ୍ଲିକ ଓ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଳମଣି ରାଉତ ଯୋଗ ଦେଇଥିଲେ । ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ଏଠାରେ ୮୪ ଜଣ ଛାତ୍ରୀଛାତ୍ର ପାଠ ପଢ଼ିବେ ବୋଲି ସୂଚନା ମିଳିଛି। ଅଚଳକୋଟଠାରେ ନୂତନ ବିଦ୍ୟାଳୟ ନିର୍ମାଣ ହେବା ପର୍ଯ୍ୟନ୍ତ ଏଠାରେ ଉକ୍ତ ପିଲାମାନେ ପାଠ ପଢ଼ିବେ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

ସେହିପରି ସାଲେପୁର ହାଇସ୍କୁଲର ଅଡିଟୋରିୟମ ହଲରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ମାର୍ଟ ସ୍କୁଲ ଖୋଲି ଛାତ୍ରୀଛାତ୍ରମାନଙ୍କର ଶିକ୍ଷାର ବିକାଶ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମ ଚନ୍ଦ୍ର ଭୋଇ, ବିଶିଷ୍ଟ ଅତିଥି ସାଲେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ବାଲିସାହି ସରପଞ୍ଚ ପବିତ୍ର କୁମାର ସାମଲ, ଅତିରିକ୍ତ ବିଇଓ ଅଶୋକ କୁମାର ପତି ଓ ସୂର୍ଯ୍ୟକାନ୍ତ ରାଉତ ଯୋଗଦେଇଥିଲେ। ଏଠାରେ ୮୪ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସାଲେପୁର ଆଦର୍ଶ ବିଦ୍ୟାଳୟ ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବାରୁ ଏବେ ଅସ୍ଥାୟୀ ଭାବେ ଏହି ହାଇସ୍କୁଲରେ ପିଲାଙ୍କୁ ପାଠ ପଢ଼ାଯିବ ବୋଲି ସ୍ଥିର କରାଯାଇଛି।

# କଂଗ୍ରେସ କର୍ମୀଙ୍କ ଗିରିଫଦାରିକୁ ବିରୋଧ

**କଟକ ଅଫିସ,୧୭।୬**

ଦିଲ୍ଲୀ ପୋଲିସର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟାଳୟରେ ଚଢାଉ ଓ କଂଗ୍ରେସ କର୍ମୀଙ୍କ ଗିରିଫଦାରିକୁ ବିରୋଧ କରିଛି କଟକ ନଗର କଂଗ୍ରେସ। ଏନେଇ ଦଳ ପକ୍ଷରୁ ସ୍ଥାନୀୟ ବକ୍ସିବଜାରସ୍ଥିତ ଜିପିଓ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାର ଆକ୍ରୋଶମୂଳକ ଓ ହୀନ ରାଜନୀତି କରୁଛନ୍ତି। ନିଜର ଅପାରଗତାରୁ ଦେଶବାସୀଙ୍କ ଦୃଷ୍ଟି ହଟେଇବା ପାଇଁ କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ପୋଲିସକୁ କଂଗ୍ରେସ ନେତୃବୃନ୍ଦଙ୍କ



କଟକ ନଗର କଂଗ୍ରେସ ପକ୍ଷରୁ ଜିପିଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ବିରୋଧରେ ବ୍ୟବହାର କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଦଳୀୟ ନେତା ଅଶୋକ ସାମଲ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ଲିଜା ରାଉତ, ସନ୍ତୋଷ ଭୋଳ, ଶରତ ଚନ୍ଦ୍ର ସେଠୀ, ରଶ୍ମି ରଞ୍ଜନ ମିଶ୍ର, ସୂର୍ଯ୍ୟମଣି ମହାନ୍ତି, ସେକ୍ ସମ୍ମିମଉଲ୍ଲା, କମଳେସ ସାଗର, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।